# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୫/୨୦୧୮ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 15 / 2018 (Career & Appointment) | ★★★★

୪୪ଶ ଭାଗ ୨୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ଶୁଟର ବିଜୟବୀରଙ୍କୁ ସ୍ୱର୍ଣ୍ଣ

ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ଭାରତର ବିଜୟବୀର ସିଦ୍ଧୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

୧୪

୦୨

## ହୃଦୟ ସହ ଭଲପାଏ ଗଣେଶ ଉତ୍ସବ: ସୋନାଲି

ନ୍ୟୁୟର୍କରେ ଚିକିତ୍ସାଧୀନ ତଥା ମେଟାଷ୍ଟାଟିକ୍ କ୍ୟାନ୍ସରରେ ପୀଡିତ ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ଗଣେଶ ପୂଜା ସହ କିପରି ଜଡ଼ିତ ସେ ବିଷୟ ଟୁଇଟର୍‌ରେ ଶେୟାର କରିଛନ୍ତି।



# ମୁହଁ ମୋଡୁଛି କେନ୍ଦ୍ର

ଭୁବନେଶ୍ୱର,୧୪।୯(ବ୍ୟୁରୋ)

ପ୍ରାକୃତିକ ବିପର୍ଯ୍ୟୟ ଘେରରେ ଓଡିଶା। କେତେବେଳେ ବନ୍ୟା ତ ପୁଣି କେତେବେଳେ ବାତ୍ୟା, ମରୁଡ଼ି, ଅଦିନିଆ ବର୍ଷା ରାଜ୍ୟକୁ ବିପର୍ଯ୍ୟୟ ମୁହଁକୁ ଠେଲି ଦେଉଛି। ପ୍ରତିବର୍ଷ କିଛି ନା କିଛି ବିପତ୍ତି ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ଅନେକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଗୋଟିଏ ପଟେ ପ୍ରାକୃତିକ ବିପତ୍ତି ରାଜ୍ୟକୁ ଦୋହଲାଇ ଦେଉଥିବା ବେଳେ ସହାୟତା ବଦଳରେ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଦାଉ ସାଧୁଛି । କେବଳ ପ୍ରାକୃତିକ ବିପତ୍ତି ନୁହେଁ କେନ୍ଦ୍ରୀୟ ଅନୁଦାନରେ ମଧ୍ୟ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି।

**ଓଡ଼ିଶାକୁ ଅଣଦେଖା**

- ବିପତ୍ତି, କେନ୍ଦ୍ରୀୟ ଯୋଜନାରୁ ମିଳୁନାହିଁ ସହାୟତା
- ପିଏମ୍ଏୱାଇ-ଜି, ଏମ୍‌ଜିଏନ୍ଆର୍‌ଇଜିଏସ୍ ବନ୍ଦ ହେବା ଆଶଙ୍କା

ଗତ ୫ ବର୍ଷର କେନ୍ଦ୍ରୀୟ ସହାୟତାକୁ ଦେଖିଲେ ତାହା ଜଳଜଳ ହୋଇ ଦେଖାଯାଉଛି। ଏହି ସମୟ ମଧ୍ୟରେ ରାଜ୍ୟ ବାତ୍ୟା, ବନ୍ୟା, ମରୁଡ଼ି, ଅଦିନିଆ ବର୍ଷା, ରୋଗପୋକ ଆକ୍ରମଣ ଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୩-୧୪ରୁ ୨୦୧୭-୧୮ ମଧ୍ୟରେ ରାଜ୍ୟ ସରକାର ପ୍ରାକୃତିକ ବିପତ୍ତିର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କଠାରୁ ୮,୯୫୪.୬୧ କୋଟି ଟଙ୍କା ସହାୟତା ମାଗିଥିଲେ । କେନ୍ଦ୍ରୀୟ ସହାୟତା ୪ ଭାଗରୁ କମ୍ ମିଳିଛି, ଅର୍ଥାତ ୧୭୫୦.୫୨ କୋଟି ଟଙ୍କା।

୨୦୧୩ ଅକ୍ଟୋବର ୧୨ରେ ଫାଇଲିନ ବାତ୍ୟା ଗଞ୍ଜାମ ଉପକୂଳ ଦେଇ ଓଡିଶାକୁ ପ୍ରବେଶ କରିଥିଲା। ଏଥିରେ ୧୮ଟି ଜିଲାର ୧୭୧ଟି ବ୍ଲକର ୧୮ ହଜାର ୩୭୦ ଗ୍ରାମ ପ୍ରଭାବିତ ହୋଇଥିଲା। ୧୩ ନିୟୁତ ଲୋକ ପ୍ରଭାବିତ ହେବା ସହ ୪୪ ଜଣଙ୍କର ମୃତ୍ୟୁ ଘଟିଥିଲା। ୨ ଲକ୍ଷ ୫୬ ହଜାର ୬୦୦ ଘର ପ୍ରଭାବିତ ହୋଇଥିଲା। ରାଜ୍ୟ ସରକାର ଏହି ବାତ୍ୟାରେ ☞ପୃଷ୍ଠା-୪

## ଜମ୍ମୁ-କଶ୍ମୀରରେ ଦୁର୍ଘଟଣା
# ଖାତକୁ ଖସିଲା ବସ୍: ୧୭ ମୃତ



ଦୁର୍ଘଟଣାଗ୍ରସ୍ତ ବସ୍।

କିସ୍ତୱାର, ୧୪।୯(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ଶୁକ୍ରବାର ଏକ ବସ୍ ଦୁର୍ଘଟଣା ଘଟି ୧୭ ଜଣ ପ୍ରାଣ ହରାଇଛନ୍ତି। ସକାଳେ ମିନିବସ୍‌ଟି କେଶୱାନ ଅଞ୍ଚଳରୁ କିସ୍ତୱାର ଅଭିମୁଖେ ଯାତ୍ରା କରୁଥିଲା। ଥକରାଇ ନିକଟସ୍ଥ ଦନ୍ଦରାନ୍ ଦେଇ ଯାଉଥିବାବେଳେ ଯାନ ଉପରୁ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ତାହା ୩୦୦ ଫୁଟ ଉପରୁ ଖାତକୁ ଖସିପଡ଼ିଥିଲା। ଏହି ଘଟଣାରେ ଅନ୍ୟ ୧୬ ଜଣ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି।

କିସ୍ତୱାର ଜିଲା ବିକାଶ କମିଶନର ଅଙ୍ଗ୍ରେଜ ସିଂ ରାଣାଙ୍କ ସୂଚନା ମୁତାବକ ଦୁର୍ଘଟଣାଗ୍ରସ୍ତ ବସ୍‌ଟି ଚେନାବ୍ ନଦୀକୂଳରେ ପଡ଼ିବା ପରେ ସେନା, ☞ପୃଷ୍ଠା-୪

# ‘ଅଲିଭିଆ ହୋକ୍ସ’କୁ ନେଇ ଚିନ୍ତା

- ସତର୍କତା ଜାରି କଲା କ୍ରାଇମବ୍ରାଞ୍ଚ

କଟକ ଅଫିସ୍, ୧୪।୯

ଅନଲାଇନ ଗେମ୍ ବ୍ଲୁ ହ୍ୱେଲ, ମୋମୋ ଚ୍ୟାଲେଞ୍ଜର ଆତଙ୍କ ପରେ ଆଉ ଏକ ସମସ୍ୟା ସୃଷ୍ଟି କରିଛି ‘ଅଲିଭିଆ ହୋକ୍ସ’। ଏହା ହେଉଛି ଏକ ଛଳନାତ୍ମକ ମେସେଜ୍, ଯାହା ସୋସିଆଲ ମିଡିଆ ‘ହ୍ୱାଟ୍ସ ଆପ୍’ରେ ଆସୁଛି। କିଛି ଅସାମାଜିକ ବ୍ୟକ୍ତି ସୋସିଆଲ ମିଡିଆକୁ ଦୁରୁପଯୋଗ କରି ଯୁବପିଢ଼ିଙ୍କୁ ପ୍ରଥଭ୍ରଷ୍ଟ କରିବା ଲକ୍ଷ୍ୟରେ ଏସବୁ କରୁଛନ୍ତି। ବିଶେଷ କରି ସ୍କୁଲ, କଲେଜ ଯାଉଥିବା ପିଲାମାନଙ୍କୁ ଟାର୍ଗେଟ୍ କରାଯାଉଛି। ପିଲାମାନଙ୍କୁ ଏକ ଅଜଣା ନମ୍ବରରେ ହ୍ୱାଟ୍ସଆପ୍‌ରେ ମେସେଜ୍ ଆସୁଛି। ସେଥିରେ ଜଣେ କେହି ନିଜର ନାମ ‘ଅଲିଭିଆ’ ବୋଲି ଦର୍ଶାଉଛି। ଫୋନ ନମ୍ବର ବଦଳିଥିବା ଏବଂ ନୂଆ ନମ୍ବର ସେଭ୍ କରି ପୁରୁଣା ନମ୍ବର ଡିଲିଟ୍ କରିବାକୁ ଦର୍ଶାଉଛି। ☞ପୃଷ୍ଠା-୪




**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

## ଦୁର୍ନୀତିବିରୋଧୀ ଯୋଗୀ

**ଆଜିର ମନ୍ତବ୍ୟ**

“ ସରକାରୀ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ପାଇଁ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଜୁଲାଇରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ୫.୦୯% ଥିବା ବେଳେ ଅଗଷ୍ଟରେ ଏହା ୪.୫୩%କୁ ହ୍ରାସ ପାଇଛି।

-ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ

# ପାଣି ଭାବି ଡିଜେଲ୍ ପିଇ ବାଳକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ୍,୧୪।୯

ପାଣି ଭାବି ପ୍ଲାଷ୍ଟିକ ବୋତଲରେ ଥିବା ଡିଜେଲ ପିଇ ଦେବାରୁ ଜଣେ ୫ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲା ଶେରଗଡ଼ ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ବାଳକ ହେଲେ କବିସୂର୍ଯ୍ୟନଗର ନିକଟସ୍ଥ ପଥରା ଗ୍ରାମର ଜି.ବିଦ୍ୟାଧର ରେଡ୍ଡୀଙ୍କ ପୁଅ ଅମିତ। ଅମିତ ୩ ଦିନ ତଳେ ରାମକୃଷ୍ଣପୁରସ୍ଥିତ ମାମୁ ଘରକୁ ଯାଇଥିଲେ। ଗୁରୁବାର ପୂର୍ବାହ୍ନରେ ସେ ଜଳଖିଆ ଖାଇସାରି ପାଣି ପିଇବାକୁ ଚାହିଁଥିଲେ। ସେ କାହାକୁ କିଛି ନ ପଚାରି ଘରେ ଏକ ପ୍ଲାଷ୍ଟିକ ବୋତଲରେ ଥିବା ଡିଜେଲକୁ ପାଣି ଭାବି ପିଇ ଦେଇଥିଲେ। କିଛି ସମୟ ପରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ମାମୁଘର ଲୋକେ ☞ପୃଷ୍ଠା-୪

# ଶୀର୍ଷରେ ଦାମ-ବିଷ୍ଣୁ କଳି



ଦାମୋଦର ରାଉତ

- ସୋମନାଥ ହାତରେ ଗୁଲୁଗୁଲା ଖାଉଥିଲେ ବିଷ୍ଣୁ : ଦାମ
- ୧୯୭୪ରେ ଦୁର୍ନୀତିରେ ଫସିଥିଲେ ଦାମ: ବିଷ୍ଣୁ



ବିଷ୍ଣୁ ଚରଣ ଦାସ

ଜଗତ୍‌ସିଂହପୁର ଅଫିସ, ୧୪।୯(ବ୍ୟୁରୋ)

ଜଗତ୍‌ସିଂହପୁର ରାଜନୀତିର ୨ ବରିଷ୍ଠ ନେତା ଡା.ଦାମୋଦର ରାଉତ ଏବଂ ବିଷ୍ଣୁ ଚରଣ ଦାସ। ଏକାଦଳର ହୋଇଥିଲେ ହେଁ ପରସ୍ପର ମଧ୍ୟରେ ଥିବା ରାଜନୈତିକ ବିବାଦ ୨ ଜଣଙ୍କୁ ଚର୍ଚ୍ଚିତ କରିଆସିଛି। ଘଟଣାକ୍ରମରେ ପାରାଦୀପ ବିଧାୟକ ଦାମୋଦର ବିଜେଡିରୁ ବହିଷ୍କୃତ। ଏହା ବିଷ୍ଣୁଙ୍କୁ ସର୍ବାଧିକ ଖୁସି କରିଥିବା ଆଲୋଚନା ହେଉଛି। ସେହି ନ୍ୟାୟରେ ଶୁକ୍ରବାର ଡ. ରାଉତଙ୍କୁ ଜଣେ ଦୁର୍ନୀତିଗ୍ରସ୍ତ ନେତା ଭାବେ ଚିତ୍ରଣ କରିବା ପାଇଁ ବିଷ୍ଣୁ କୌଣସି ସୁଯୋଗ ହାତଛଡା କରିନାହାନ୍ତି। ଗଣମାଧ୍ୟମରେ ଦାମଙ୍କ ସମ୍ପର୍କରେ ପ୍ରତିକ୍ରିୟା ଦେଇ ମନଇଚ୍ଛା ବର୍ଷିଛନ୍ତି। ସେ କହିଛନ୍ତି ଯେ, ଦାମବାବୁଙ୍କ କ୍ୟାରିୟର ଦୁର୍ନୀତିରୁ ଆରମ୍ଭ। ୧୯୭୪ ମସିହାରେ ପ୍ରାଣୀ ଡାକ୍ତର ଥିବାବେଳେ ଦୁର୍ନୀତିରେ ସମ୍ପୃକ୍ତ ଥିଲେ। ଷ୍ଟୋର ଦାୟିତ୍ୱରେ ଥିବା ବେଳେ ସିମେନ୍ ଦୁର୍ନୀତିରେ ଫସିଥିଲେ। ☞ପୃଷ୍ଠା-୪

**ସିବିଏସ୍‌ଇ ଟପ୍ପରଙ୍କୁ ଗଣବଳାତ୍କାର**

........୭........

# ୨ ଭଉଣୀଙ୍କ ସଲିଳ ସମାଧି

ଛେଣ୍ଡିପଦା,୧୪।୯ (ଡି.ଏନ.ଏ.)/(ନି.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଓଗୀ ପଞ୍ଚାୟତ ଲେମ୍ବୁଡଇଳା ଗ୍ରାମ ନିକଟସ୍ଥ ଏକ ନାଳରେ ବୁଡ଼ି ଶୁକ୍ରବାର ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ପୀତାମ୍ବର ସାହୁଙ୍କ ଦୁଇ ଝିଅ ଝୁନୁବାଳା ସାହୁ(୧୪) ଏବଂ ରୁନୁବାଳା ସାହୁ(୧୨)। ଏ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ସକାଳେ ଘର ପାଖ ନାଳକୁ ୨ ଭଉଣୀ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ପାଣିରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲେ। ଜରପଡା ପୋଲିସ ସେଠାରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ନଂ. ୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଝୁନୁବାଳା ଅନ୍ତୁଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଓ ରୁନୁବାଳା ଷଷ୍ଠ ଶ୍ରେଣୀରେ ପଢୁଥିଲେ।


NECC NATIONAL EGG CO-ORDINATION COMMITTEE 14.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 54 | 98 | 108 |
| DKL | 54 | 98 | 108 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 56 | 101 | 111 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers








# ସିବିଏସ୍ଇ ଟପ୍ପରଙ୍କୁ ଗଣବଳାତ୍କାର

ଚଣ୍ଡିଗଡ଼, ୧୪।୯(ପି.ଟି.)

ପଞ୍ଚକୁଲା ରିଜିୟନ୍‌ରେ ସିବିଏସ୍ଇ ପରୀକ୍ଷାରେ ଟପ୍ପର ହୋଇଥିବା ଜଣେ ୧୯ ବର୍ଷୀୟା କଲେଜ ଛାତ୍ରୀ ଗଣବଳାତ୍କାରର ଶିକାର ହୋଇଛନ୍ତି। ହରିୟାଣାର ମହେନ୍ଦରଗଡ଼ ଜିଲା ଅନ୍ତର୍ଗତ କାନିନା ସହରରେ ଘଟିଛି ଏହି ଲଜ୍ଜାଜନକ ଘଟଣା। ଅପହରଣ ପରେ ଯୁବତୀଙ୍କୁ ତିନି ବ୍ୟକ୍ତି ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ଏହି ଘଟଣାରେ ଅଧିକ ଲୋକଙ୍କ ସମ୍ପୃକ୍ତି ରହିଥିବା ପୀଡ଼ିତାଙ୍କ ମା' କହିଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଛି।

ହରିୟାଣା ପୋଲିସ ସୂଚନା ମୁତାବକ, ପାଠପଢ଼ାରେ ଆଗୁଆ ରହି ନିଜ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଥିବା ଛାତ୍ରୀଜଣକ ସାଧାରଣତନ୍ତ୍ର ଦିବସରେ ସମ୍ମାନିତ ହୋଇଥିଲେ। ଗତ ବୁଧବାର ସେ କୋଚିଂ ସେଣ୍ଟରକୁ ଯାଇଥିଲେ। କାନିନା ବସ୍‌ଷ୍ଟପ୍ ନିକଟରେ ଛିଡ଼ା ହୋଇଥିବାବେଳେ ଅଭିଯୁକ୍ତମାନେ ଏକ କାରରେ ଆସି ତାଙ୍କୁ ଅପହରଣ କରିନେଇଥିଲେ। ଝାଗରରେ ଥିବା ଏକ ଫାର୍ମକୁ ନେଇ ତାଙ୍କୁ ଜବରଦସ୍ତି ନିଶାଦ୍ରବ୍ୟ ସେବନ କରାଇବା ପରେ ସେମାନେ ବଳାତ୍କାର କରିଥିଲେ। ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଅନ୍ୟ କେତେଜଣ ମଧ୍ୟ ତାଙ୍କୁ ବଳାତ୍କାର କରିଥିଲେ। ଗଣବଳାତ୍କାର ପରେ ଅଭିଯୁକ୍ତମାନେ ତାଙ୍କୁ ଅଚେତ ଅବସ୍ଥାରେ କାନିନା ବସ୍‌ଷ୍ଟପ୍ ନିକଟରେ ଫିଙ୍ଗିଯାଇଥିଲେ। ପରିବାର ଲୋକେ ଖବର ପାଇବା ପରେ ଝିଅକୁ ସେଠାରୁ ଉଦ୍ଧାର କରି ଆଣିଥିଲେ। ନିକଟସ୍ଥ ଥାନାରେ ଅଭିଯୋଗ କରିବା ପରେ ଜିରୋ ଏଫ୍ଆଇଆର୍ ଦାଏର ହୋଇଛି। ସମସ୍ତ ଅଭିଯୁକ୍ତ ପୀଡ଼ିତାଙ୍କ ଗ୍ରାମର ବାସିନ୍ଦା ଏବଂ ସେମାନଙ୍କ ବୟସ ୨୦ରୁ ୨୫ ବର୍ଷ ହେବ ବୋଲି କାନିନା ଥାନାର ଭାରପ୍ରାପ୍ତ ଅଧିକାରୀ ଇନ୍ସପେକ୍ଟର ଅନିରୁଦ୍ଧ କହିଛନ୍ତି।

**ହରିୟାଣାରେ ଲଜ୍ଜା**
- କୋଚିଂ କ୍ଲାସ୍ ଯିବାବେଳେ ଛାତ୍ରୀଙ୍କୁ ଅପହରଣ
- ନିଶା ଦେଇ ଗଣବଳାତ୍କାର, ୩ ଅଭିଯୁକ୍ତ ଫେରାର
- ଖଟ୍ଟାର ସରକାରଙ୍କୁ ଟାର୍ଗେଟ କଲା କଂଗ୍ରେସ



ପୀଡ଼ିତାଙ୍କ ମା' କହିଛନ୍ତି, ତାଙ୍କ ଝିଅ ସିବିଏସ୍ଇ ବୋର୍ଡ ପରୀକ୍ଷାରେ ଟପ୍ପର ହୋଇ ସମ୍ମାନିତ ହୋଇଛନ୍ତି। କିନ୍ତୁ ଏବେ ଗଣବଳାତ୍କାରର ଶିକାର ହୋଇ ସେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ସେପଟେ ବଳାତ୍କାରୀମାନେ ଖୋଲାରେ ବିଚରଣ କରୁଛନ୍ତି। ସରକାର 'ବେଟି ବଚାଓ-ବେଟି ପଢ଼ାଓ' ସ୍ଲୋଗାନ ଦେଉଛନ୍ତି। କିନ୍ତୁ ଝିଅକୁ ପାଠ ପଢ଼ାଇବାକୁ ଯାଇ ଜଣଙ୍କୁ କ'ଣ ଏଭଳି ମୂଲ୍ୟ ଦେବାକୁ ପଡ଼ିବ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଲଜ୍ଜାଜନକ ଘଟଣାକୁ ନେଇ ରାଜ୍ୟର ଭାଜପା ସରକାରଙ୍କୁ ଟାର୍ଗେଟ କରିଛି କଂଗ୍ରେସ। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ ହରିୟାଣାରେ ଗଣବଳାତ୍କାର ଘଟଣା ସବୁଠୁ ଅଧିକ ଘଟୁଛି। ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାରଙ୍କ ଶାସନ କାଳରେ ରାଜ୍ୟର ଏବେ ଆଉ ଜଣେ ଝିଅଙ୍କୁ ଗଣବଳାତ୍କାର କରାଯାଇଛି ବୋଲି କଂଗ୍ରେସ ନେତା ରଣଦୀପ୍ ସିଂ ସୁର୍ଜେଓ୍ବାଲା କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଅକଥନୀୟ ନିର୍ଯାତନା
## ପୋଲିସ ବାବୁଙ୍କ ପୁଅ ଗିରଫ



ନୂଆଦିଲ୍ଲୀ, ୧୪।୯(ପି.ଟି.): ମହିଳାଙ୍କୁ ଅତି ନୃଶଂସ ଭାବେ ଅସଦାଚରଣ କରିଥିବା ଦିଲ୍ଲୀ ପୋଲିସର ଜଣେ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ଏଏସ୍ଆଇ)ଙ୍କ ପୁଅ ଶୁକ୍ରବାର ଗିରଫ ହୋଇଛନ୍ତି। ବର୍ବର କାଣ୍ଡର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ରୋହିତ କୁମାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ତାଙ୍କ ନାଁରେ ବଳାତ୍କାର ଏବଂ ଧମକ ନେଇ ଦୁଇଟି ପୃଥକ୍ ମାମଲା ହୋଇଛି। ୨୧ ବର୍ଷୀୟ ରୋହିତ୍ ମହିଳାଙ୍କୁ ନିର୍ଯାତନା ଦେଉଥିବାବେଳର ଭିଡିଓ ପ୍ରସାର ହେବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ଦୃଷ୍ଟିଗୋଚରକୁ ଆସିଥିଲା। ଟୁଇଟରରେ ଏହି ଘଟଣାକୁ ସେ ତୀବ୍ର ନିନ୍ଦା କରିଥିଲେ। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କୁ ରାଜନାଥ ନିର୍ଦ୍ଦେଶ ଦେଇଥିଲେ। ରାଜନାଥଙ୍କ ହସ୍ତକ୍ଷେପ ପରେ ଏଏସ୍ଆଇ ଅଶୋକ କୁମାର ତୋମାରଙ୍କ ପୁଅ ରୋହିତ୍‌ଙ୍କୁ ହାତକଡ଼ି ପିନ୍ଧାଗଲା। ତାଙ୍କ ବିରୋଧରେ ଦୁଇ ମହିଳା ବୟାନ ଦେବା ପରେ ମାମଲା ରୁଜୁ ହୋଇଛି।

## ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ନାଁରେ ଗିରଫ ପରୱାନା

ନୂଆଦିଲ୍ଲୀ, ୧୪।୯(ଆଇଏଏନ୍‌ଏସ୍): ବେଆଇନ ବିକ୍ଷୋଭ ପ୍ରଦର୍ଶନ ମାମଲାରେ ମହାରାଷ୍ଟ୍ରର ଏକ କୋର୍ଟ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ନାଁରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ମାମଲାର ଅନ୍ୟ ୧୫ ଅଭିଯୁକ୍ତଙ୍କ ବିରୋଧରେ ମଧ୍ୟ ୱାରେଣ୍ଟ ହୋଇଛି। ନନ୍ଦେଡ୍ ଜିଲା ଅନ୍ତର୍ଗତ ଧର୍ମାବାଦର ବିଚାରବିଭାଗୀୟ ମାଜିଷ୍ଟ୍ରେଟ (ପ୍ରଥମ ଶ୍ରେଣୀ) ଏନ୍.ଆର୍. ଗଜଭିୟେ ଏହି ନିର୍ଦ୍ଦେଶ ଦେଇଛନ୍ତି। ନାଇଡୁଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ସେପ୍ଟେମ୍ବର ୨୧ ସୁଦ୍ଧା କୋର୍ଟରେ ହାଜର କରିବାକୁ ବିଚାରପତି କହିଛନ୍ତି। ତେବେ ଏନ୍‌ବିଡବ୍ଲ୍ୟୁକୁ ତାଙ୍କର ଭୟନାହିଁ ବୋଲି ନାଇଡୁ କହିଛନ୍ତି। ଗୋଦାବରୀ ନଦୀ ଉପରେ ନିର୍ମାଣ ହୋଇଥିବା ବାବ୍‌ଲି ପ୍ରକଳ୍ପକୁ ବିରୋଧ କରି ୨୦୧୦ରେ ବଡ଼ ଧରଣର ବିକ୍ଷୋଭ କରିଥିଲେ ନାଇଡୁ। ସେତେବେଳେ ସେ ଥିଲେ ଅବିଭାଜିତ ଆନ୍ଧ୍ରପ୍ରଦେଶର ବିରୋଧୀ ଦଳ ନେତା। ୪୦ ବିଧାୟକ ଓ ସମର୍ଥକଙ୍କୁ ନେଇ ସେ ମହାରାଷ୍ଟ୍ର ଅଭିମୁଖେ ମାଡ଼ିଯାଇଥିଲେ। ପୋଲିସ ନାଇଡୁ ଓ ଅନ୍ୟମାନଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ମାମଲା ଦାଏର କରିଥିଲା। ଜାମିନ ଆବେଦନ ନ କରି ସୁଦ୍ଧା ସେମାନେ ମୁକୁଳିଯାଇଥିଲେ।

### ■ ଇସ୍ରୋ ତଥ୍ୟ ଲିକ୍ ମାମଲା
## ନାରାୟଣନ୍‌ଙ୍କୁ ମିଳିଲା ନ୍ୟାୟ

**ସୁପ୍ରିମକୋର୍ଟଙ୍କ ରାୟ**
- ବୈଜ୍ଞାନିକଙ୍କ ଗିରଫଦାରି ନିରାଧାର
- ମାନସିକ ନିର୍ଯାତନା ଦେଇଛି କେରଳ ପୋଲିସ
- ମିଳିବ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ
- ପୋଲିସ ବାବୁଙ୍କ ବିରୋଧରେ ହେବ ତଦନ୍ତ



ନୂଆଦିଲ୍ଲୀ, ୧୪।୯(ପି.ଟି.)

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ରେ ଗୁପ୍ତଚରଗିରି କରି ପାକିସ୍ତାନ ଓ ଅନ୍ୟ ରାଷ୍ଟ୍ରକୁ ତଥ୍ୟ ଦେବା ଅଭିଯୋଗରେ ଫସିଥିବା ପୂର୍ବତନ ବୈଜ୍ଞାନିକ ନମ୍ବି ନାରାୟଣନ୍‌ଙ୍କୁ ବଡ଼ଧରଣର ଆଶ୍ୱସ୍ତି ମିଳିଛି। ୧୯୯୪ ତଥ୍ୟ ଲିକ୍ ମାମଲାରେ ନାରାୟଣନ୍‌ଙ୍କ ଗିରଫଦାରି ଅନାବଶ୍ୟକ ଥିଲା ବୋଲି ଶୁକ୍ରବାର ସୁପ୍ରିମକୋର୍ଟ କହିଛନ୍ତି। ଏହି ବୈଜ୍ଞାନିକଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରଧାନବିଚାରପତି ଦୀପକ ମିଶ୍ରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ୭୬ ବର୍ଷୀୟ ନାରାୟଣନ୍‌ଙ୍କୁ କେରଳ ପୋଲିସ୍ ମାନସିକ ନିର୍ଯାତନା ଦେବା ସହ କ୍ରୁର ଆଚରଣ ପ୍ରଦର୍ଶନ କରିଛି। ତେଣୁ ରାଜ୍ୟର ପୋଲିସ ଅଫିସରଙ୍କ ଭୂମିକା ଉପରେ ପ୍ରଶ୍ନ ଉଠୁଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ନାରାୟଣନ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ପୋଲିସ ବାବୁଙ୍କ ବିରୋଧରେ ତଦନ୍ତ ହେବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଗୁପ୍ତଚରଗିରି ମାମଲାରେ ଛନ୍ଦି ହେବା ପରେ ନାରାୟଣନ୍ କେରଳ ପୋଲିସର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ କେରଳ ହାଇକୋର୍ଟ ତାଙ୍କୁ ନିରାଶ କରିଥିଲେ। ପୂର୍ବତନ ଡିଜିପି ସିବି ମାଥ୍ୟୁସ୍ ଏବଂ ଦୁଇ ଅବସରପ୍ରାପ୍ତ ଏସ୍‌ପି କେ.କେ. ଯୋଶୁଆ ଏବଂ ଏସ୍. ବିଜୟନ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ନାହିଁ ବୋଲି ହାଇକୋର୍ଟ କହିଲେ। ତେବେ ଏହି ପୋଲିସ ବାବୁମାନେ ବୈଜ୍ଞାନିକଙ୍କୁ ବେଆଇନ ଭାବେ ଗିରଫ କରିଥିବା ପରେ ସିବିଆଇ କହିଥିଲା। କେରଳ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ନାରାୟଣନ୍ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହପରେ ତଥ୍ୟ ଲିକ୍ ମାମଲାରେ ନାରାୟଣନ୍‌ଙ୍କ ସମ୍ପୃକ୍ତି ଅଭିଯୋଗର ସତ୍ୟତା ଅନୁସନ୍ଧାନ ଲାଗି ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ତିନିଜଣିଆ କମିଟି ଗଠନ କରିଥିଲେ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଡି.କେ. ଜୈନ ଏହାର ଅଧ୍ୟକ୍ଷତା କରୁଥିଲେ। ଉକ୍ତ କମିଟିର ରିପୋର୍ଟକୁ ତର୍ଜମା କରି ଶୁକ୍ରବାର ଖଣ୍ଡପୀଠ ଉପରୋକ୍ତ ରାୟ ଦେବା ସହ ନିର୍ଦ୍ଦୋଷ ନାରାୟଣନ୍‌ଙ୍କୁ ୮ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେବା ଲାଗି କେରଳ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେରଳ ପୋଲିସ ମାମଲାରେ ଫସାଇଥିଲେ ସୁଦ୍ଧା ସୁପ୍ରିମକୋର୍ଟଙ୍କ ରାୟ ପରେ ନାରାୟଣନ୍‌ଙ୍କୁ ନ୍ୟାୟ ମିଳିଛି। ତେଣୁ ରାୟକୁ ସେ ସ୍ୱାଗତ କରିଛନ୍ତି। ଯେଉଁ ଟେକ୍ନୋଲୋଜିକୁ ଚୋରି କରି ପାକିସ୍ତାନକୁ ବିକ୍ରି କରିଥିବା ତାଙ୍କ ନାଁରେ ଅଭିଯୋଗ ହୋଇଥିଲା, ସେତେବେଳେ ତାହାର ଅସ୍ତିତ୍ୱ ନ ଥିଲା। ତଥାପି ମିଛ ମାମଲା ଭିତରକୁ ଟାଣି ତାଙ୍କୁ ଅନେକ ମାନସିକ ନିର୍ଯାତନା ଦିଆଯାଇଛି। ବିଳମ୍ବ ହେଉ ପଛେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବାରୁ ବେଶ୍ ଖୁସି ବୋଲି ନାରାୟଣନ୍ କହିଛନ୍ତି।

## ଯୌତୁକ ନିର୍ଯାତନା: ରାୟରେ ପରିବର୍ତ୍ତନ ଆଣିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୪।୯(ପି.ଟି.)

ଯୌତୁକ ନିର୍ଯାତନା ମାମଲାରେ ବଧୂଙ୍କ ଶ୍ୱଶୁର ଘର ଲୋକଙ୍କୁ ତ୍ୱରିତ୍ ଗିରଫଦାରୀରୁ ରକ୍ଷା କରିବା ଲାଗି ଦେଇଥିବା ରାୟରେ ପରିବର୍ତ୍ତନ ଆଣିଛନ୍ତି ସୁପ୍ରିମକୋର୍ଟ। ଏଣିକି ଯୌତୁକ ନିର୍ଯାତନା ଅଭିଯୋଗ ଆସିଲେ ପୋଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ତେବେ ଅଭିଯୋଗର ସତ୍ୟତା ମଧ୍ୟ ପରଖିବା ପୋଲିସର ଦାୟିତ୍ୱ ବୋଲି କୋର୍ଟ କହିଛନ୍ତି।

ଯୌତୁକ ନିର୍ଯାତନା ଅଭିଯୋଗ ଆସିଲେ ପ୍ରଥମେ ପରିବାର କଲ୍ୟାଣ କମିଟି ତର୍ଜମା କରିବେ ଏବଂ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ସର୍ବୋଚ୍ଚ ଅଦାଲତ ପୂର୍ବରୁ କହିଥିଲେ। କିନ୍ତୁ ଏହା ନିର୍ଯାତନାର ଶିକାର ହେଉଥିବା ବିବାହିତା ମହିଳାଙ୍କ ପାଇଁ ଅଡୁଆ ସୃଷ୍ଟି କରିଥିଲା। ଯୌତୁକ ନିରୋଧୀ ଆଇନକୁ ମଧ୍ୟ ଦୁର୍ବଳ କରିଦେଇଥିଲା। ତେଣୁ ସବୁ ପକ୍ଷକୁ ସମାନ ସୁଯୋଗ ଦେବା ପାଇଁ ପୂର୍ବର ରାୟକୁ ବଦଳାଇବାକୁ ଏକାଧିକ ଆବେଦନ ହୋଇଥିଲା। ଏହାର ଶୁଣାଣି ଶେଷକରି ଏପ୍ରିଲ ୨୩ରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ୍ ଏ.ଏମ୍, ଖାନ୍‌ୱିଲକର ଏବଂ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ରାୟପ୍ରକାଶ କରିଛନ୍ତି। ପୂର୍ବରୁ ଦୁଇ ଜଣିଆ ଖଣ୍ଡପୀଠ ଦେଇଥିବା ରାୟରେ ପରିବର୍ତ୍ତନ ଆଣିଛନ୍ତି ଖଣ୍ଡପୀଠ।



## ରାଫେଲ୍ ଚୁକ୍ତି: ବିରୋଧୀଙ୍କୁ ଚେତାଇଲେ ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ, ୧୪।୯(ପି.ଟି.)

ବହୁକୋଟି ଡଲାର ମୂଲ୍ୟର ରାଫେଲ ଫାଇଟର ଜେଟ୍ କାରବାର ପ୍ରସଙ୍ଗରୁ ବିରୋଧୀ ଦଳ ଦୂରେଇ ରହିବାକୁ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ପରାମର୍ଶ ଦେଇଛନ୍ତି। ଭାରତର ପ୍ରତିରକ୍ଷା ପ୍ରସ୍ତୁତି ସହ ଜଡିତ ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଗୋଳିଆ କରିଦେବା ପରେ ସେମାନେ ଏଥିରେ ଆଉ ସମ୍ପୃକ୍ତ ରହିବା ଉଚିତ ନୁହେଁ ବୋଲି ସୀତାରମଣ କହିଛନ୍ତି।

ଚାଇନା ଓ ପାକିସ୍ତାନ ଷ୍ଟିଲ୍‌ଥ ଫାଇଟର ଜେଟ୍ ସେମାନଙ୍କ ବାୟୁସେନାର ସାମିଲ କରି ନିଜର କ୍ଷମତା ବଢ଼ାଉଥିବା ବେଳେ ବର୍ତ୍ତମାନ ଭାରତ ଦୁଇଟି ସ୍କ୍ୱାଡ୍ରନ୍ ରାଫେଲ୍ ଜେଟ୍ ସଂଗ୍ରହ କରିବା ଜରୁରୀ ହୋଇପଡିଛି। ତେବେ ରାଫେଲ୍ ଜେଟ୍ କିଣିବାରେ ଦୁର୍ନୀତି ହେଉଥିବା ନେଇ କଂଗ୍ରେସ କରୁଥିବା ଅଭିଯୋଗକୁ ସୀଥାରାମନ୍ ଖଣ୍ଡନ କରିଛନ୍ତି। ଏହାଦ୍ୱାରା ବିରୋଧୀ ଦେଶବାସୀଙ୍କୁ ବିପଥଗାମୀ କରାଉଛନ୍ତି ଏବଂ ବାୟୁସେନାର ପ୍ରସ୍ତୁତିକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡିକ ରାଫେଲ୍ ପ୍ରସଙ୍ଗ ଉପରେ ସରକାରଙ୍କୁ କଡା ସମାଲୋଚନା କରିଆସୁଛନ୍ତି। ସେମାନଙ୍କ କହିବା କଥା ଭାରତ ସରକାର ଅତ୍ୟନ୍ତ ଉଚ୍ଚ ଦରରେ ଫ୍ରାନ୍ସ ଠାରୁ ୩୬ଟି ରାଫେଲ୍ ଜେଟ୍ କିଣୁଛନ୍ତି। ୟୁପିଏ ସରକାର ଅମଳରେ ପ୍ରତି ରାଫେଲ ଫାଇଟର ପିଛା ୫୨୬କୋଟି ଦରରେ ୧୨୬ଟି ଜେଟ୍ କିଣିବା ପାଇଁ ଚୁକ୍ତି ଚୂଡାନ୍ତ ହୋଇଥିଲା। କିନ୍ତୁ ବର୍ତ୍ତମାନର ସରକାର ପ୍ରତି ଏୟାରକ୍ରାଫ୍ଟ ୧୬୭୦କୋଟି ଟଙ୍କାରେ କ୍ରୟ କରୁଥିବା ବିରୋଧୀ ଅଭିଯୋଗ କରି ଆସୁଛନ୍ତି।

## ଫୁରସତ

## ମହାତ୍ମାଙ୍କ ଜନ୍ମବାର୍ଷିକୀରେ 'ଦି ଲ୍ୟାଣ୍ଡ ଅଫ୍ ଗାନ୍ଧୀ' ଲୋଗୋ

ନୂଆଦିଲ୍ଲୀ:
ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସ୍ମାରକୀ ସ୍ୱରୂପ ପର୍ଯ୍ୟଟନ ମନ୍ତ୍ରଣାଳୟ 'ଦି ଲ୍ୟାଣ୍ଡ ଅଫ୍ ଗାନ୍ଧୀ' ନାମରେ ଏକ ଲୋଗୋ ଉନ୍ମୋଚନ କରିବାକୁ ଯାଉଛି। ମନ୍ତ୍ରଣାଳୟ ସଚିବ ରଶ୍ମି ବର୍ମାଙ୍କ କହିବାନୁଯାୟୀ, ଅକ୍ଟୋବର ୨, ୨୦୧୮ରୁ ମାର୍ଚ୍ଚ ୩୦, ୨୦୧୯ ମଧ୍ୟରେ ଭାରତରେ ଏବଂ ଭାରତ ବାହାରେ ଗାନ୍ଧୀଙ୍କ ଜୀବନୀ ଉପରେ ବିଭିନ୍ନ ଉତ୍ସବ ପାଳନ କରାଯିବ।

from The Land of Gandhi

## ଚନ୍ଦ୍ରକୁ ଯାତ୍ରା କରିବେ ପର୍ଯ୍ୟଟକ

**ଲସ୍‌ଏଞ୍ଜେଲସ୍:** ପର୍ଯ୍ୟଟକଙ୍କୁ ଚନ୍ଦ୍ରଯାତ୍ରାର ଅନୁଭୂତି ପ୍ରଦାନ ଲାଗି ସ୍ପେସେକ୍ସ କମ୍ପାନୀ ଗୁରୁବାର ଏକ ନୂଆ ଯୋଜନା ଘୋଷଣା କରିଛି। ଏଥିପାଇଁ ଏହାର ବିଗ୍ ଫାଲକନ୍ ରକେଟ୍ (ବିଏଫ୍ଆର) ବ୍ୟବହାର କରାଯିବ। ଏହା ଏକ ବୃହତ୍ ଲଞ୍ଚ୍ ଭେଇକିଲ୍। ମହାକାଶକୁ ଯାତ୍ରୀଙ୍କୁ ପରିବହନ କରିନେବା ଲାଗି ଏହାର ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ମହାକାଶ ଯାତ୍ରା ଲାଗି ଜନସାଧାରଣଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ସ୍ପେସେକ୍ସ ଏଥିପାଇଁ ବିଶ୍ୱର ସର୍ବପ୍ରଥମ ଯାତ୍ରୀବାହୀ ରକେଟ୍ ଲଞ୍ଚ୍ କରିବ। ମହାକାଶ ଯାତ୍ରା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କମ୍ପାନୀ ପକ୍ଷରୁ ଟୁଇଟରରେ ପ୍ରକାଶ କରାଯାଇଛି। ତେବେ ଏ ସମ୍ପର୍କରେ ବିସ୍ତୃତ ବିବରଣୀ ମିଳିପାରିନାହିଁ। ୨୦୧୮ ଶେଷଭାଗରେ ପ୍ରଥମକରି ପୃଥିବୀରୁ ଦୁଇଜଣ ପର୍ଯ୍ୟଟକଙ୍କୁ ଚନ୍ଦ୍ରକୁ ପଠାଇବା ପାଇଁ ସ୍ପେସେକ୍ସ ୨୦୧୭ ଫେବୃୟାରୀରେ ଘୋଷଣା କରିଥିଲା। ଦୁଇ ପର୍ଯ୍ୟଟକଙ୍କ ପରିଚୟ ଏବଂ ସେମାନେ ଏଥିପାଇଁ କେତେ ପାଉଣା ଦେବେ ସେ ବିଷୟ ପ୍ରକାଶ କରାଯାଇ ନାହିଁ। କିନ୍ତୁ ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ସୋମବାର ପ୍ରକାଶ ପାଇବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୧୯୭୨ ଆପୋଲୋ ମିଶନ୍ ପରେ ଏ ଯାଏ ମଣିଷର ପାଦ ଚନ୍ଦ୍ରପୃଷ୍ଠରେ ପଡିନାହିଁ। ଆମେରିକୀୟ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଏବଂ ବଜ୍ ଆଲଡ୍ରିନ୍ ୧୯୬୯ରେ ପ୍ରଥମେ ଚନ୍ଦ୍ରପୃଷ୍ଠରେ ପାଦ ଥାପିଥିଲେ।




## ଇତିହାସର ଆଇନାରେ
### ସେପ୍ଟେମ୍ବର ୧୫ର ପ୍ରମୁଖ ଘଟଣା

୧୯୭୪ ସେପ୍ଟେମ୍ବର ୧୫ରେ ଏୟାର ଭିଏତନାମର ବିମାନ-୭୦୬କୁ ଜଣେ ଆତତାୟୀ ଅପହରଣ କରି ନେଇଥିଲେ। ହାତରେ ଦୁଇଟି ଗ୍ରେନେଡ୍ ଧରି ଆତତାୟୀ ଜଣକ ଉତ୍ତର ଭିଏତନାମାକୁ ବିମାନ ନେବାକୁ ଧମକ ଦେଇଥିଲେ। ତେବେ ଏହା ଅବତରଣ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ଥିବା ୭୫ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା।

୧୯୬୬ ସେପ୍ଟେମ୍ବର ୧୫ରେ ଅଷ୍ଟିନରେ ଥିବା ଟେକ୍ସାସ୍ ବିଶ୍ୱବିଦ୍ୟାଳୟରେ ସ୍ନିପର ଆକ୍ରମଣ ଘଟଣା ନେଇ ଆମେରିକାର ରାଷ୍ଟ୍ରପତି ଲିଣ୍ଡନ ବେଇନ୍ସ ଜନ୍‌ସନ୍ କଂଗ୍ରେସକୁ ବନ୍ଧୁକ ନିୟନ୍ତ୍ରଣ ଆଇନ ଲାଗୁ କରିବା ନେଇ ଚିଠି ଲେଖିଥିଲେ। ଚାର୍ଲି ଯୋସେଫ୍ ହ୍ୱାଇଟମ୍ୟାନ୍ ନାମକ ଜଣେ ଆମେରିକୀୟ ଏହି ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିଲେ। ଏହି ଗୁଳିକାଣ୍ଡରେ ୧୭ ଜଣ ନିହତ ହୋଇଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।
**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୫ | ୨୫.୮ |
| ଚାନ୍ଦବାଲି | ୩୪.୧ | ୨୬.୯ |
| କଟକ | ୩୪.୦ | ୨୫.୫ |
| ପାରାଦ୍ୱୀପ | ୩୩.୮ | ୨୮.୩ |
| ଭୁବନେଶ୍ୱର | ୩୪.୫ | ୨୬.୦ |
| ଗୋପାଳପୁର | ୩୪.୫ | ୨୭.୦ |
| ପୁରୀ | ୩୫.୬ | ୨୭.୪ |
| ଅନୁଗୋଳ | ୩୪.୭ | ୨୩.୬ |
| ବାରିପଦା | ୩୪.୫ | ୨୭.୨ |
| ଝାରସୁଗୁଡ଼ା | ୩୪.୧ | ୨୫.୬ |
| କେନ୍ଦୁଝର | ୩୧.୭ | ୨୪.୨ |
| ସମ୍ବଲପୁର | ୩୪.୮ | ୨୩.୬ |
| ସୁନ୍ଦରଗଡ଼ | ୩୩.୦ | ୨୨.୫ |
| ହୀରାକୁଦ | ୩୪.୬ | ୨୫.୧ |
| ତାଳଚେର | ୩୪.୫ | ୨୬.୦ |
| ଭବାନୀପାଟଣା | --- | ୨୪.୫ |
| ବଲାଙ୍ଗୀର | ୩୪.୩ | ୨୪.୫ |
| କୋରାପୁଟ | ୨୯.୬ | ୨୦.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୩.୫ |
| ମାଲକାନଗିରି | ୩୪.୨ | --- |
| ସୋନପୁର | ୩୫.୦ | ୨୩.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୨୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ହୃଦୟ ସହ ଭଲପାଏ ଗଣେଶ ଉତ୍ସବ



ସୋନାଲି ବେନ୍ଦ୍ରେ

**ମୁମ୍ବାଇ:** ବର୍ତ୍ତମାନ ନ୍ୟୁୟର୍କରେ ଚିକିତ୍ସାଧୀନ ଥିବା ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ମୁମ୍ବାଇରେ ଗଣେଶ ଚତୁର୍ଥୀ ଉତ୍ସବ ପାଳନ କରିବାର ସୁଯୋଗ ହରାଇଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ସେ ମେଟାଷ୍ଟାଟିକ୍ କ୍ୟାନ୍‌ସରରେ ପୀଡିତ ଅଛନ୍ତି। ଗଣେଶ ପୂଜା ତାଙ୍କ ହୃଦୟ ସହ କିପରି ଜଡ଼ିତ ସେ ବିଷୟ ନିଜ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ସେ ତାଙ୍କ ସ୍ୱାମୀ ଗୋଲ୍‌ଡି ବେଲ୍ ଏବଂ ପୁତ୍ର ରଣବୀର ବେଲ୍‌ଙ୍କ ସହିତ ଭଗବାନ୍ ଗଣେଶଙ୍କୁ ପ୍ରାର୍ଥନା କରୁଥିବାର ଫଟୋ ଟୁଇଟରରେ ପୋଷ୍ଟ କରିଛନ୍ତି। 'ଗଣେଶ ଚତୁର୍ଥୀ ସହିତ ମୁଁ ଗଭୀର ଭାବରେ ଜଡ଼ିତ ରହିଆସିଛି। ମୁମ୍ବାଇରେ ଉତ୍ସବ ପାଳନକୁ ହରାଇଛି। କିନ୍ତୁ ଭଗବାନଙ୍କ ଆଶୀର୍ବାଦ ପାଇବା ଭଳି ମନେହେଉଛି।' ଜୀବନ ପ୍ରତି ସୋନାଲିଙ୍କ ସକାରାତ୍ମକ ମନୋଭାବ ଆମକୁ ପ୍ରେରଣା ଦିଏ ଏବଂ ପରିସ୍ଥିତି ଯାହା ହେଉନା କାହିଁକି ହସହସ ମୁହଁରେ ବଞ୍ଚିବା ପାଇଁ ଶିକ୍ଷାଦିଏ। ସୋନାଲିଙ୍କ ପରି ଜଣେ ଅଭିନେତ୍ରୀଙ୍କ ଉତ୍ସାହକୁ ଆମେ ପ୍ରଶଂସା କରିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରୁ। ସୋନାଲିଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ପ୍ରଶଂସକ ଏବଂ ବଲିଉଡ୍ ସହ ଜଡ଼ିତ ବନ୍ଧୁମାନେ ଖୁବ୍ ମ୍ରିୟମାଣ ହୋଇପଡିଛନ୍ତି। ଅନେକ ସେଲିବ୍ରିଟି ତାଙ୍କୁ ସମର୍ଥନ ଜଣାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଟୁଇଟର/ଇନ୍‌ଷ୍ଟାଗ୍ରାମ୍‌ରେ ମେସେଜ୍ ଦେଇଛନ୍ତି। ସୋନାଲି ମଧ୍ୟ ନିୟମିତ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ଅପଡେଟ୍ ଖବର, ଫଟୋ ଏବଂ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରନ୍ତି। ସେ କ୍ୟାନସରରେ ପୀଡିତ ଥାଇ ସୁଦ୍ଧା ନିଜର ଦୃଢ଼ ମନୋବଳ ଯୋଗୁ ଅଟଳ ବ୍ୟକ୍ତିତ୍ୱର ପରିଚୟ ଦିଅନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.








# 'ସୁନ୍ଦରୀ'କୁ ନେଇ ଅଡୁଆ

## ଡବ୍ଲ୍ୟୁଆଇଆଇ ନିଷ୍ପତ୍ତି ନେବ: ମନ୍ତ୍ରୀ

**ଭୁବନେଶ୍ୱର, ୧୪।୯ (ବ୍ୟୁରୋ):** ସାତକୋଶିଆର 'ସୁନ୍ଦରୀ' ବାଘୁଣୀକୁ ନେଇ ଏବେ ଅଡୁଆରେ ରାଜ୍ୟ ସରକାର। ମଣିଷ ମାରିବା ପରେ ବାଘୁଣୀ ସାତକୋଶିଆରେ ରହିବ ନା ମଧ୍ୟପ୍ରଦେଶର ବାନ୍ଧବଗଡ଼ ଅଭୟାରଣ୍ୟକୁ ଫେରିଯିବ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛି ବନ ବିଭାଗ। ଶୁକ୍ରବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି, ବାଘୁଣୀକୁ ଫେରାଇ ଦିଆଯିବ କି ନାହିଁ ତାହା ନିଷ୍ପତ୍ତି ହୋଇନାହିଁ। ବାଘ ବିଷୟରେ ୱାଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ) ନିଷ୍ପତ୍ତି ନିଏ। ତେଣୁ ତାଙ୍କୁ ଆମେ ଜଣାଇଦେଇଛୁ। ଏହାଛଡ଼ା ବାଘୁଣୀ ମଣିଷ ମାରିବା କଥା ଏଯାବତ୍ ସ୍ପଷ୍ଟ ହୋଇପାରି ନାହିଁ। ଆମେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛୁ। ସବିଶେଷ ତଦନ୍ତ ରିପୋର୍ଟ ଆସିବା ପରେ ଏ ସମ୍ପର୍କରେ ଜଣାପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ଏନ୍‌ଟିସିଏ(ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଏସ୍‌ଓପି କହୁଛି ଯେ, ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ ବାଘ ବିଷୟରେ ନିର୍ଣ୍ଣୟ ନେବାର ଅଧିକାର କେବଳ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କର ରହିଛି। ଏସ୍‌ଓପିରେ ଆହୁରି ମଧ୍ୟ ଲେଖାଯାଇଛି ଯେ, ଯଦି ବାଘ ମଣିଷ ମାରିବା ପ୍ରମାଣ ମିଳେ, ତେବେ ତା'କୁ ଆଉ ଜଙ୍ଗଲରେ ଖୋଲା ଛଡ଼ାଯାଇ ପାରିବ ନାହିଁ। ତା'କୁ ଯେକୌଣସି ଅନୁମୋଦିତ ଉପାୟରେ ଧରାଯାଇ ନିକଟ ଚିଡ଼ିଆଖାନାକୁ ହସ୍ତାନ୍ତର କରାଯିବ। ତେଣୁ ନିୟମାନୁସାରେ ଏ କ୍ଷେତ୍ରରେ ସୁନ୍ଦରୀକୁ ନନ୍ଦନକାନନକୁ ପଠାଇବାର ବ୍ୟବସ୍ଥା କରାଯିବା ଉଚିତ। ବାଘୁଣୀକୁ ଧରିବା ପାଇଁ ଇତିମଧ୍ୟରେ ମଧ୍ୟପ୍ରଦେଶରୁ ଏକ ଟିମ୍ ଆସି ଓଡ଼ିଶାରେ ପହଞ୍ଚିଛି। ଟିମ୍ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରି ଧରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।





Exclusive Stores **Bhubaneswar** Esplanade One Mall Rasulgarh | Forum Mart | Janpath Sriya Square Near Domino's | Patia Main Road Pal Heights Mall | **Cuttack** Mata Math Cantonment Road | **Brahmapur** Urban Bank Road | **Jajpur Road** Chorda Bypass | **Rourkela** Opp. Razak Talkies Main Road

**Also available at** Angul **Modi Collection | Nupur** Balasore **Shivam | Shree Roopmandir XL | Srimandir Garments** Bargarh **Piplani Collection | Prakash Store | Saheli** Baripada **Kaluram Durga Prasad Mega Shop | Shubham | Siddharth Dresses** Berhampur **Lohiya Brothers** Betnoti **Kalpana Dresses** Bhadrak **Maa Tarini Paridhan Shree Ashoka Fashion Shop | Sundaram Garments** Bhawanipatna **Puja Cloth Store** Bhuban **Konark Cloth Store | Sri Krishna** Bhubaneswar **Alishan | Amber Kalamandir Fashions | Kalamandir Royale | Maa Tarani Bastralaya | Navyam | Utsav** Binka **Satyam Shivam Sundaram** Birmitrapur **Rangoli Fashion** Bolangir **Apsara Zone | Asha The Collection | Dinesh Collection | Roop International** Boudh **Rambhakt Garments** Champua **Bijay Cloth Store** Chowdwar **Saree Mandir** Cuttack **Amber NX | Jayram Lenka | Landmark | Rajhans | Rajratan** Dharamgarh **L.N.Fabricks** Dhenkanal **Jai Durga** Ghasipura **Deepak Emporium** Jagatsinghpur **Khuntia NX Khuntia Textile** Jaipur **Fashion King** Jajpur **Jayram Lenka | Triveni NX | Triveni Royal** Jarka **Shreeman Shreemati | Shreeman Shreemati NX** Jatni **Jagdamba** Jharsuguda **Anand World | Mundra Fashion Mart** Joda **Rupasree Garment** Junagarh **Poonam Cloth Store** Kakatpur **Style Garment** Kantabanjhi **Tulsi Showroom** Kendrapara **Fashion Mayur** Keonjhar **Dandys Fashion Den | Kanak Garment | Maa Dresses | Yaqeen Garments** Kesinga **Payal Cloth Store | Trimurti** Khariar **Sheetal Collection** Khurda **Satyam** Koraput **Paras Store** Kujang **Hazi Apparel Subhadra** Malkangiri **Banik Brothers | Bhola Nath Bastralaya** Nayagarh **Genious** Paradwip **Khuntia & Khuntia** Patnagarh **Bishal Bazar** Rahama **Shree Bazar** Rajakhariar **Mahavir Fashion | Mohan Cloth Store | S.G.Fashion** Rajnagar **Rajmandir** Raruan **Uttam Cloth Store** Raygada **Suraj & Co** Rourkela **Indera Plaza | Supriya** Sambalpur **Anand World | Jagdamba Menswear** Semiliguda **Patra Cloth Store** Sonepur **New Roop Collection** Soro **Life Style** Talcher **Golap Bastralaya | Jayram Lenka | Saaket**

Also at CENTRAL | max | pantaloons | TRENDS | www.turtleonline.in Follow us on


# ଆନନ୍ଦବଜାରରେ ଭକ୍ତଙ୍କୁ ମାଡ଼



**ତଥାପି ଚେତା ପଶୁନି**

- ବୃଦ୍ଧଙ୍କ ମୁଣ୍ଡକୁ କୁଡୁଆରେ ପିଟିଲେ ବୋଝିଆ
- ମହିଳାଙ୍କ ହାତଙ୍କୁ ଝିଙ୍କିଦେଲେ, ଚୁଡ଼ି ଭାଙ୍ଗିଗଲା

ପୁରୀ ଅଫିସ,୧୪।୯

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ବାରମ୍ବାର ଭକ୍ତଙ୍କୁ ମାଡ଼ ଏବଂ ଅସଦାଚରଣ ଭଳି ସଙ୍ଗିନ ଅଭିଯୋଗ ଉଠିବାରୁ ସର୍ବୋଚ୍ଚ ନ୍ୟାୟାଳୟ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହାର କାର୍ଯ୍ୟକାରିତାକୁ ନେଇ ହଟଚମଟ ଚାଲିଥିବା ବେଳେ ତଥାପି ଶ୍ରୀମନ୍ଦିରରେ ଦୈନନ୍ଦିନ କାର୍ଯ୍ୟରତ କେତେଜଣଙ୍କ ଚେତା ପଶୁନି। ଆଚରଣ ଓ ଉଚ୍ଚାରଣରେ ସେମାନେ ସୁଧାର ଆଣୁନାହାନ୍ତି। ଶୁକ୍ରବାର ପୁଣି ଆନନ୍ଦବଜାରରେ ଭକ୍ତଙ୍କୁ ମାଡ଼ ହୋଇଛି। ଜଣେ ବୋଝିଆ କୁଡୁଆରେ ଜଣେ ବୃଦ୍ଧ ଶ୍ରଦ୍ଧାଳୁଙ୍କ ମୁଣ୍ଡକୁ ପିଟି ଦେଇଥିବା ବେଳେ ମହିଳାଙ୍କ ହାତକୁ ଝିଙ୍କି ଦେଇଛନ୍ତି। ଫଳରେ ତାଙ୍କ ଚୁଡ଼ି ଭାଙ୍ଗିଯାଇଛି। ଏ ନେଇ ସମ୍ପୃକ୍ତା ମହିଳା ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବୋଝିଆ ଫେରାର ହୋଇଯାଇଛନ୍ତି।

ସିଂହଦ୍ୱାର ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି, ଖୋର୍ଦ୍ଧା ବାଣପୁରର ସୁଷମା ବିଶ୍ୱାଳ ସପରିବାର ଶ୍ରୀମନ୍ଦିରକୁ ଆସିଥିଲେ।

ଦର୍ଶନ ସାରି ଅପରାହ୍ନ ପ୍ରାୟ ୨ଟା ବେଳେ ସେମାନେ ଆନନ୍ଦବଜାରରେ ମହାପ୍ରସାଦ କିଣି ଖାଇଥିଲେ। ହାତ ଧୋଇବାକୁ ନେଇ ଅନ୍ୟ ଏକ ମହାପ୍ରସାଦ ଦୋକାନ ଜଗିଥିବା ବୋଝିଆ ସଦର ଥାନା ଅନ୍ତର୍ଗତ ପାଇକସାହିର ସୁମନ୍ତ ବାରିକଙ୍କ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ସେଠାରେ ହାତ ନ ଧୋଇବାକୁ ସୁମନ୍ତ କହିଥିଲେ। ଏହି ଯୁକ୍ତିତର୍କରୁ ସୁମନ୍ତ ସୁଷମାଙ୍କ ବାମହାତକୁ ଝିଙ୍କି ଦେଇଥିଲେ। ସୁଷମାଙ୍କ ଗୋଟିଏ ଚୁଡ଼ି ଭାଙ୍ଗିଯାଇଥିଲା। ପୁଣି କଥା କଟାକଟି ଭିତରେ ସୁମନ୍ତ ସୁଷମାଙ୍କ ବାପା ବ୍ରଜବନ୍ଧୁଙ୍କ ମୁଣ୍ଡକୁ ଏକ ଭଙ୍ଗା କୁଡୁଆରେ ପିଟି ଦେଇଥିଲେ। ବ୍ରଜବନ୍ଧୁଙ୍କ ମୁଣ୍ଡରେ ଆଘାତ ଲାଗିଛି। ଏହାପରେ ସମ୍ପୃକ୍ତ ପରିବାର ସଦସ୍ୟ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ମହାପ୍ରସାଦ ଦୋକାନର ସେଲ୍‌ସମ୍ୟାନ ବିକାଶ ମହାପାତ୍ର ସୁମନ୍ତଙ୍କୁ ସେଠାରୁ ପଠାଇ ଦେଇଥିଲେ। ଶାଖା କାର୍ଯ୍ୟାଳୟର କର୍ମଚାରୀ ପହଞ୍ଚି ଘଟଣା ବିଷୟରେ ବିକାଶଙ୍କୁ ପଚାରିଥିଲେ। ସୁମନ୍ତଙ୍କୁ ବିକାଶ ଖସାଇଦେଇଥିବା ସମ୍ପୃକ୍ତ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ବିକାଶଙ୍କୁ ଥାନାକୁ ଧରି ଆଣିଥିଲା। ଅଭିଯୁକ୍ତ ସୁମନ୍ତଙ୍କୁ ଖସାଇଦେବା ଅଭିଯୋଗରେ ସେଲ୍‌ସମ୍ୟାନ ବିକାଶଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ଦାଶ କହିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୭୬/୧୮) ରୁଜୁ କରାଯାଇଛି। ଅଭିଯୁକ୍ତ ସୁମନ୍ତଙ୍କୁ ଧରିବା ପାଇଁ ଚଢାଉ ଚାଲିଛି ବୋଲି ଆଇଆଇସି କହିଛନ୍ତି।

## ଓଡ଼ିଶାକୁ ମୌସୁମୀ କୃପା

# ସ୍ୱାଭାବିକଠାରୁ ଅଧିକ ହୋଇଛି ବର୍ଷା

**୧୮ରେ ଆଉ ଏକ ଲଘୁଚାପ**

**ଭୁବନେଶ୍ୱର,୧୪।୯(ବ୍ୟୁରୋ):** ଦକ୍ଷିଣ-ପଶ୍ଚିମ ମୌସୁମୀ ଓଡିଶାକୁ କୃପା କରିଛି। ଓଡିଶା ଦେଶର ଏକମାତ୍ର ରାଜ୍ୟ ମୌସୁମୀ ବର୍ଷାର ଭରପୂର ଫାଇଦା ଉଠାଇଛି। ବର୍ଷା ସ୍ୱାଭାବିକ ରହିଛି। ଚାଷ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ହୋଇ ନାହିଁ କିମ୍ବା ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡି ପରିସ୍ଥିତି ଉପୁଜି ନାହିଁ। ସ୍କାଏମେଟ୍ ନାମକ ପାଣିପାଗ ଅନୁମାନକାରୀ ସଂସ୍ଥା ଏଭଳି ସୂଚନା ଦେଇଛି।

ଚଳିତ ବର୍ଷ ମୌସୁମୀ ୧୭ ଦିନ ବିଳମ୍ବରେ ଓଡିଶାକୁ ପ୍ରବେଶ କରିଥିଲା। ଜୁନ ୧୦ ତାରିଖରେ ଏହା ଓଡିଶା ଛୁଇଁବ ବୋଲି ଅନୁମାନ କରାଯାଇଥିଲା। ବିଳମ୍ବ ଯୋଗୁ ଜୁନରେ ୨୭ ପ୍ରତିଶତ ବର୍ଷା କମିଗଲା। ପରବର୍ତ୍ତୀ ସମୟରେ ବଙ୍ଗୋପସାଗରରେ ଲଗାତର ଲଘୁଚାପ ସୃଷ୍ଟି ମୌସୁମୀକୁ ଅଧିକ କ୍ରିୟାଶୀଳ କରି ପାରିଥିଲା। ଫଳରେ ଜୁଲାଇ ଦ୍ୱିତୀୟ ସପ୍ତାହ ବେଳକୁ ବର୍ଷାଭାବ ପରିମାଣ ୧୫ ପ୍ରତିଶତକୁ ଖସି ଆସିଥିଲା। ତେବେ ଏହା ପରଠାରୁ ରାଜ୍ୟରେ କ୍ରମାଗତ ବର୍ଷା ଲାଗି ରହିଥିଲା। ଜୁଲାଇ ୧୭ ତାରିଖ ବେଳକୁ ବର୍ଷା ଅଭାବ ପରିମାଣ ୩ ପ୍ରତିଶତକୁ ଖସି ଯାଇଥିଲା। ଜୁଲାଇ ଶେଷ ବେଳକୁ ବର୍ଷା ପରିମାଣ ବୃଦ୍ଧି ପାଇ ସ୍ୱାଭାବିକଠାରୁ ୬ ପ୍ରତିଶତ ଅଧିକ ହୋଇ ଯାଇଥିଲା।

ଅଗଷ୍ଟରେ ମଧ୍ୟ ମୌସୁମୀ ବର୍ଷା ଭଲ ରହିଥିଲା। ସ୍ୱାଭାବିକ ଠାରୁ ୧୦ ପ୍ରତିଶତ ଅଧିକ ହୋଇଛି। ଜୁନ ପହିଲାରୁ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ରାଜ୍ୟକୁ ସ୍ୱାଭାବିକଠାରୁ ୧୩ ପ୍ରତିଶତ ଅଧିକ ବର୍ଷା ମିଳିଛି। ଏହି ସମୟରେ ସ୍ୱାଭାବିକ ଭାବେ ୧୧୫୫.୫ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୯୨୨.୭ ମିଲିମିଟର । ବଲାଙ୍ଗୀର ଜିଲାରେ କେବଳ ସ୍ୱାଭାବିକ ଠାରୁ ୨୧ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ୨୯ ଜିଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି। ପୁରୀ ଜିଲାରେ ସର୍ବାଧିକ ୬୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି।

ରାଜ୍ୟରେ ଗତ କିଛିଦିନ ହେବ ବର୍ଷା ପରିମାଣ ହ୍ରାସ ପାଇଛି। ମୌସୁମୀ ଦୁର୍ବଳ ରହିଥିବାରୁ ବର୍ଷା କମିଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପାରାଦୀପରେ ସର୍ବାଧିକ ୬୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗୋପାଳପୁର ୦.୯ ଏବଂ କେନ୍ଦୁଝରରେ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନ ଓ ଦକ୍ଷିଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୮ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ସକ୍ରିୟ ହେଲେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ହେବ। ରାଜ୍ୟରେ ଏବେ ସୁଦ୍ଧା ସ୍ୱାଭାବିକ ଠାରୁ ୧୦ ପ୍ରତିଶତ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି।







ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ -ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି-ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି - ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାଗ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। -ଶ୍ରୀଅରବିନ୍ଦ

# ଦୁର୍ନୀତିବିରୋଧୀ ଯୋଗୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦୁର୍ନୀତିବିରୋଧୀ ଅଭିଯାନ ଚଳାଇଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁର୍ନୀତି ମାମଲାରେ ଜଡ଼ିତ ଥିବା ଶତାଧିକ ଆଇଏଏସ୍, ଆଇପିଏସ୍ ଓ ରାଜ୍ୟ ସେବା ଅଫିସରଙ୍କ ରେକର୍ଡ ମାଗିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ତଥା ଆର୍ଥିକ ଅନିୟମିତତା ଅଭିଯୋଗ ଥିବା ଅନ୍ୟୂନ ୩୦୦ ଅଫିସର ଓ କର୍ମଚାରୀ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ସ୍କାନରରେ ଅଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁପ ଚନ୍ଦ୍ର ପାଣ୍ଡେ, ଗୃହ ବିଭାଗର ପ୍ରମୁଖ ସଚିବ ଅରବିନ୍ଦ କୁମାର ଏବଂ ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଯେଉଁସବୁ ଦୁର୍ନୀତି ବର୍ତ୍ତମାନ ଘଟିଛି ଓ ଯେଉଁଗୁଡ଼ିକ ପୂର୍ବତନ ମୁଖ୍ୟମନ୍ତ୍ରୀମାନଙ୍କ ଅମଳରେ ଘଟିଛି, ତାହାର ତଦନ୍ତ କରି ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେଥିପାଇଁ ଯୋଗୀ ଆଦିତ୍ୟନାଥ ବର୍ତ୍ତମାନ ତଥା ପୂର୍ବତନ ଏସ୍‌ପି ଓ ବିଏସ୍‌ପି ଶାସନ ଅମଳରେ ଦାଏର କରାଯାଇଥିବା ମାମଲାଗୁଡ଼ିକର ଫାଇଲ ମାଗିଛନ୍ତି। ଏହା ଜାଣିବା ପରେ ଉତ୍ତରପ୍ରଦେଶର ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ମଧ୍ୟରେ ଦୁଶ୍ଚିନ୍ତା ପ୍ରକାଶ ପାଇଛି।

### କ୍ୟାଡର ଆବଣ୍ଟନ

ଫାଉଣ୍ଡେଶନ କୋର୍ସରେ ପ୍ରଦର୍ଶନ ଭିତ୍ତିରେ ନୂତନ ଆଇଏଏସ୍ ବାବୁମାନଙ୍କୁ କ୍ୟାଡର ଆବଣ୍ଟନ କରାଯିବା ପ୍ରସ୍ତାବକୁ କେନ୍ଦ୍ର ସରକାର ସ୍ଥଗିତ ରଖିଛନ୍ତି। ତେଣୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଗତବର୍ଷ ସିଭିଲ ସର୍ଭିସ ପରୀକ୍ଷା (ସିଏସ୍‌ଇ) ଦେଇଥିବା ୮୪୮ ଜଣ ପ୍ରାର୍ଥୀଙ୍କୁ ବର୍ତ୍ତମାନର ମାନଦଣ୍ଡ ଅନୁସାରେ କ୍ୟାଡର ଆବଣ୍ଟନ କରିଛି। ବିଭିନ୍ନ ସେବାର କ୍ୟାଡର ନିୟନ୍ତ୍ରଣକାରୀ ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ ମତୈକ୍ୟ ପ୍ରତିଷ୍ଠା ହୋଇ ନ ପାରିବାକୁ ଏହାର କାରଣ ଭାବେ ଦର୍ଶାଯାଇଛି। ସେବା ଆବଣ୍ଟନ ମାନଦଣ୍ଡରେ ପରିବର୍ତ୍ତନ ପ୍ରସ୍ତାବ ମଧ୍ୟ ରାଜନୈତିକ ଅଡୁଆ ଭିତରକୁ ଟାଣି ହୋଇଯାଇଛି। ତେବେ ୧୯୭୦ ଦଶକରେ ଡି.ଏସ୍. କୋଠାରୀ କମିଟି ଯେଉଁ ପ୍ରସ୍ତାବ ଦେଇଥିଲେ, ତାହାକୁ ସରକାର ବାତିଲ କରିବାକୁ ଚାହୁଁଛନ୍ତି କି ନା ତାହା ଜଣାପଡ଼ି ନାହିଁ। ବର୍ତ୍ତମାନ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ ନ କରିବା ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା କେବଳ ଚଳିତବର୍ଷ ପାଇଁ। ତାହାଦ୍ୱାରା ୟୁପିଏସ୍‌ସିକୁ ପ୍ରକ୍ରିୟାରେ ସାମିଲ କରିବା ଲାଗି ସରକାରଙ୍କୁ ସମୟ ମିଳିବ। କାରଣ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଲାଗି ସମସ୍ତ ପ୍ରଶାସନିକ ସେବା ପରୀକ୍ଷା ପଦ୍ଧତିରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି।

### ଆଇଏଏସ୍‌ଙ୍କ ପ୍ରଭାବ କମୁଛି

ଜଣେ ଆଇଏଏସ୍ ଅଫିସର ହେବା ମୋଦି ସରକାରରେ ଆଉ କୋଉ ବଡ଼ କଥା ହୋଇ ରହିନାହିଁ। ସରକାର ଯୁଗ୍ମ ସଚିବସ୍ତରୀୟ ପଦବୀ ଲାଗି ଅନ୍ୟ ଭାରତୀୟ ସେବା ଅଫିସରଙ୍କ ଉପରେ ଅଧିକରୁ ଅଧିକ ବିଶ୍ୱାସ କରିବାରେ ଲାଗିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଏ ସରକାର କ୍ଷମତାକୁ ଆସିବା ପରେ ଯୁଗ୍ମ ସଚିବସ୍ତରୀୟ ପଦବୀ ଲାଗି ୨୦୧୪ରେ ୮୭ ଜଣଙ୍କ ନାମ ତାଲିକାଭୁକ୍ତ କରିଥିବା ବେଳେ ଏ ବର୍ଷ ମାତ୍ର ୧୧ ଜଣ ଆଇଏଏସ୍ ଅଫିସରଙ୍କ ନାମ ତାଲିକାରେ ରଖିଛନ୍ତି। ଅନ୍ୟପକ୍ଷରେ ଏ ବର୍ଷ ସରକାର ଉକ୍ତ ପଦଗୁଡ଼ିକ ଲାଗି ୪୫ ଜଣ ଭାରତୀୟ ବନସେବା ଅଧିକାରୀ (ଆଇଏଫ୍‌ଓଏସ୍), ୫୬ ଜଣ ଭାରତୀୟ ରାଜସ୍ୱ ସେବା ଅଧିକାରୀ (ଆଇଆର୍‌ଏସ୍) ଏବଂ ୭୦ ଜଣ ଭାରତୀୟ ପୋଲିସ ସେବା ଅଧିକାରୀ (ଆଇପିଏସ୍)ଙ୍କ ନାମ ତାଲିକାଭୁକ୍ତ କରିଛନ୍ତି। ତା'ହେଲେ କେନ୍ଦ୍ର ସରକାର କ'ଣ କେନ୍ଦ୍ରୀୟ ଡେପୁଟେଶନର ଭୂମିରୂପ ବଦଳାଇ ଦେଇ ଆଇଏଏସ୍ ବାବୁମାନଙ୍କ ପ୍ରଭାବ କ୍ଷୁଣ୍ଣ କରିବାକୁ ଚାହୁଁଛନ୍ତି, ନା ରାଜ୍ୟଗୁଡ଼ିକରୁ ବାବୁମାନେ ଦିଲ୍ଲୀ ଯାଇ ମୋଦି ସରକାରଙ୍କ ଅଧୀନରେ କାମ କରିବାକୁ ଚାହୁଁ ନ ଥିବାରୁ କେନ୍ଦ୍ରରେ ବାବୁମାନଙ୍କର ଅଭାବ ଦୂର କରିବା ପାଇଁ ସରକାର ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ? ତେବେ ଏହା ସତ୍ୟ ଯେ, ବର୍ତ୍ତମାନର ସରକାରଙ୍କ ନୀତି ଅଣ-ଆଇଏଏସ୍ ବାବୁମାନଙ୍କ ଲାଗି ବରଦାନ ସଦୃଶ ହୋଇଛି, କାରଣ ସେମାନେ ଯେଉଁସବୁ ପଦବୀରେ ନିଯୁକ୍ତି ପାଇପାରୁଛନ୍ତି, ସେଥିରେ ଆଗରୁ କେବଳ ଆଇଏଏସ୍ ବାବୁମାନେ ହିଁ ନିଯୁକ୍ତି ପାଉଥିଲେ। ସର୍ବୋପରି ଆଗରୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଲାଗି ନାମ ତାଲିକାଭୁକ୍ତ କରିବାର ଯେଉଁ ନିୟମ ଥିଲା, ତାହା ଆଇଏଏସ୍‌ମାନଙ୍କ ସପକ୍ଷରେ ଯାଉଥିଲା ଏବଂ ସେଥିରେ ଅନ୍ୟମାନେ ପାତରଅନ୍ତରର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଆସୁଥିଲେ। ସମ୍ଭବତଃ ଦକ୍ଷତା ଓ ମେଧା ଯେ କେବଳ ଆଇଏଏସ୍‌ମାନଙ୍କଠାରେ ଅଛି ଓ ଅନ୍ୟମାନଙ୍କଠାରେ ନାହିଁ ବୋଲି ଯେଉଁ ଧାରଣା ରହିଛି ତାହା ଭୁଲ୍ ବୋଲି ମୋଦି ଜଣାଇଦେବାକୁ ଚାହାନ୍ତି। ପୁନଶ୍ଚ ଘରୋଇ କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ଆଣି ଅମଲାତନ୍ତ୍ରର ବରିଷ୍ଠ ପଦପଦବୀରେ ନିଯୁକ୍ତି ଦେବା ବା ପାର୍ଶ୍ୱପ୍ରବେଶର ଯେଉଁ ପରମ୍ପରା ମୋଦି ଆରମ୍ଭ କରିଛନ୍ତି, ତାହା ଆଇଏଏସ୍ ବାବୁମାନଙ୍କ ପାଦତଳୁ ମାଟି ଖସିଯିବା ପରି ଅନୁଭବ ଆଣିବା ଲାଗି ଯଥେଷ୍ଟ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 0 | | | | | | | | | |
| | | | 6 | | 5 | | C | A | | 8 | 1 | | | |
| A | 6 | | 4 | 7 | | | 5 | | | 3 | | E | | 2 |
| | C | 7 | | | | 9 | | B | | | | | | 4 |
| 3 | 0 | | A | 8 | | | 6 | 2 | 4 | | B | | D | 7 |
| | 7 | | | 9 | | B | | | | | | | | |
| | 2 | 0 | | | 6 | | | 9 | | | | | C | |
| | E | C | | | | D | | 4 | | 0 | | | | |
| | 9 | | 2 | E | | | | | 3 | | | 6 | | 8 |
| 1 | | 5 | | 0 | 4 | | | | | 7 | | | A | 9 |
| | D | 4 | 8 | | | | | | | | | 5 | | |
| | | | 5 | | E | | | | | | | 8 | | |
| | | | 1 | | | 0 | | 7 | | | | 2 | E | B |
| 8 | | | | | | | B | D | 6 | C | | | | 1 |
| | | | 7 | | | E | A | 6 | D | B | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | E | D | 4 | C | 3 | 0 | A | 2 | 9 | 8 | 7 | B | 6 | 5 |
| 6 | 5 | A | 0 | D | 7 | B | 8 | 4 | E | C | 2 | 1 | 3 | 9 |
| C | 4 | B | 1 | 2 | A | 3 | 9 | 7 | 5 | 0 | 6 | 8 | E | D |
| 8 | 3 | 0 | 9 | E | 5 | C | 6 | 1 | B | A | D | 7 | 4 | 2 |
| 2 | 9 | 7 | 8 | 6 | B | E | 5 | D | 1 | 3 | 4 | A | 0 | C |
| A | 7 | 1 | 6 | 0 | C | 8 | 3 | 5 | 2 | E | B | D | 9 | 4 |
| 4 | 0 | 5 | D | 3 | 8 | 7 | E | B | C | 9 | A | 6 | 2 | 1 |
| 3 | C | 6 | 7 | 1 | 9 | 2 | D | A | 0 | 4 | 8 | E | 5 | B |
| 9 | D | 2 | A | B | E | 1 | 4 | 6 | 3 | 7 | 5 | C | 8 | 0 |
| E | B | 8 | 2 | 5 | 4 | 9 | C | 0 | D | 6 | 1 | 3 | 7 | A |
| 0 | 8 | E | B | 4 | 6 | 5 | 2 | 3 | A | 1 | C | 9 | D | 7 |
| B | A | 4 | C | 9 | 0 | D | 7 | 8 | 6 | 5 | 3 | 2 | 1 | E |
| 7 | 1 | 9 | 5 | A | D | 6 | B | E | 8 | 2 | 0 | 4 | C | 3 |
| 5 | 6 | C | 3 | 7 | 2 | A | 1 | 9 | 4 | D | E | 0 | B | 8 |
| D | 2 | 3 | E | 8 | 1 | 4 | 0 | C | 7 | B | 9 | 5 | A | 6 |

ଗତକାଲିର ଉତ୍ତର

# ଶିଶୁ ସହଭାଗିତା ନାମକୁ ମାତ୍ର



ରାଜୀବ କର୍ମୀ

ୟୁନିସେଫ୍ ସହିତ ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକ ଲାଗି ଶିଶୁ ସହଭାଗିତା ବର୍ତ୍ତମାନର ଏକ ପ୍ରମୁଖ ବିଷୟ। ୧୯୮୯ରେ ମିଳିତ ଜାତିସଂଘର ଶିଶୁ ଅଧିକାର ସମ୍ପର୍କିତ ସମ୍ମିଳନୀ ପରେ ପରେ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ ଦେଶରେ ଶିଶୁମାନଙ୍କର ସହଭାଗିତାକୁ ବିଶେଷ ଗୁରୁତ୍ୱ ଦିଆଯାଇ ଆସୁଛି, ଯେଉଁଥିରେ ଶିଶୁଙ୍କୁ ପ୍ରଭାବିତ କରୁଥିବା କାର୍ଯ୍ୟକ୍ରମରେ ତାଙ୍କର ଅଂଶଗ୍ରହଣକୁ ଅଧିକାରର ମାନ୍ୟତା ଦିଆଯାଇଛି। ଲକ୍ଷ୍ୟ ରହିଛି- ଉପରୋକ୍ତ ସମ୍ମିଳନୀରେ ସ୍ୱାକ୍ଷର କରିଥିବା ଦେଶସମୂହ ଶିଶୁମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ସୃଷ୍ଟି କରିବେ। ମାତ୍ର ବିଗତ ତିନି ଦଶନ୍ଧି ମଧ୍ୟରେ ଶିଶୁମାନଙ୍କୁ ନିଜସ୍ୱ ମତାମତ ପାଇଁ ସୁଯୋଗ ଦେବାରେ ଆମ ସରକାରମାନେ ବିଫଳ ହୋଇଛନ୍ତି। ଶିଶୁଙ୍କ ମତାମତ ନେଇ ଶିଶୁଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି କରିବା ଦ୍ୱାରା ଶିଶୁଙ୍କ ସମସ୍ୟା ସମାଧାନ ସହଜ ହୋଇଥାଏ। ଶିଶୁ ନିଜର ଆବଶ୍ୟକତା ନିଜେ ହିଁ ବେଶି ଜାଣେ। ଅନେକ ସମୟରେ ବୟସ୍କମାନେ ଶିଶୁର କଥାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଭାବନ୍ତି, ଆମେ ଯାହା କରୁଛୁ ତାହା ପିଲାଙ୍କ ପାଇଁ ଠିକ୍। ଫଳରେ ପରୋକ୍ଷରେ ପିଲାଟିର କ୍ଷତି ହୋଇଥାଏ। ସାମ୍ପ୍ରତିକ ସମାଜରେ ଏହା କେବଳ ପରିବାରର ସମସ୍ୟା ନୁହେଁ ବରଂ ଏକ ବିଶ୍ୱସ୍ତରୀୟ ସମସ୍ୟା।

ଶିଶୁଙ୍କୁ ସହଭାଗିତାର ସୁଯୋଗ ଦେବା, ଦୟା ନୁହେଁ ଅଧିକାର। ଏଣୁ ମିଳିତ ଜାତିସଂଘର ଶିଶୁମାନଙ୍କ ପାଇଁ ଥିବା ଘୋଷଣାନାମାରେ ଶିଶୁମାନଙ୍କ ଅଂଶଗ୍ରହଣ ବା ମତାମତ ଦେବାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଏହାର ଧାରା ୧୨, ୧୩, ୧୪, ୧୫ ଏବଂ ୧୭ରେ ସେମାନଙ୍କର ଅଂଶଗ୍ରହଣ, ସୂଚନା ପାଇବା ଏବଂ ସଙ୍ଗଠନ ତିଆରି କରିବାର ଅଧିକାର ବିଷୟରେ କୁହାଯାଇଛି, ଯେଉଁଥିରେ ଶିଶୁମାନେ ନିଜସ୍ୱ ସଙ୍ଗଠନ ତିଆରି, ପରିଚାଳନା, ତାଙ୍କୁ ପ୍ରଭାବିତ କରୁଥିବା ସୂଚନା ପାଇବା ସହିତ ଏଥିରେ ତାଙ୍କର ମତାମତ ଦେବାର ଅଧିକାର ରହିବ। ଏଥିପାଇଁ ସରକାର ଶିଶୁମାନଙ୍କ ପାଇଁ ନିଷ୍ପତ୍ତି ନେବା ସମୟରେ ବୟସ ଏବଂ ଆବଶ୍ୟକତା ଅନୁସାରେ ସେମାନଙ୍କୁ ମତାମତ ଦେବା ପାଇଁ ସୁଯୋଗ ସୃଷ୍ଟି କରିବେ। ଏହାକୁ ଆୟୁଧ କରି ଉପରୋକ୍ତ ଘୋଷଣାନାମାରେ ସ୍ୱାକ୍ଷର କରିଥିବା ଦେଶମାନେ ନିଜ ନିଜର ଆଇନରେ ପରିବର୍ତ୍ତନ କରୁଛନ୍ତି। ଆମ ଦେଶରେ ଶିଶୁମାନଙ୍କ କଥାକୁ ଶୁଣିବା ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନରେ ସୁଯୋଗ ସୃଷ୍ଟି କରାଯାଇଛି। ଫଳତଃ ବିଦ୍ୟାଳୟରେ ଥିବା ପ୍ରତ୍ୟେକ ଶିକ୍ଷା ପରିଚାଳନା କମିଟିରେ ଶିଶୁମାନଙ୍କୁ ସଦସ୍ୟ ଭାବରେ ସ୍ୱୀକୃତି ଦିଆଯାଇଛି। ଏହାଛଡ଼ା ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାରେ ବିଭିନ୍ନ ସ୍ତରରେ ଥିବା ଶିଶୁ ସୁରକ୍ଷା ସମିତିରେ ଶିଶୁମାନଙ୍କୁ ସଦସ୍ୟ ଭାବରେ ସାମିଲ କରାଯାଇ ତାଙ୍କୁ ମତାମତ ଦେବାର ବ୍ୟବସ୍ଥା କରାଯାଇଛି।

ବିଗତ କିଛି ବର୍ଷର ଅଭିଜ୍ଞତାକୁ ଦେଖିଲେ ସରକାରଙ୍କ ଅପେକ୍ଷା ବେସରକାରୀ ଅନୁଷ୍ଠାନଗୁଡ଼ିକ ଶିଶୁ ସହଭାଗିତାକୁ ଆଗକୁ ନେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଶିଶୁ ଅଂଶଗ୍ରହଣ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏକ ନିରନ୍ତର ପ୍ରକ୍ରିୟା। ଏଥିପାଇଁ ଶିଶୁ ଅଧିକାର ସଂଗଠନଗୁଡ଼ିକ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। ଶିଶୁ ଅଧିକାର କର୍ମୀଙ୍କ ମତରେ ଶିଶୁ ଅଂଶଗ୍ରହଣର ଅର୍ଥ, ସେ ନିଜ ପାଇଁ କରାଯାଉଥିବା କାର୍ଯ୍ୟକ୍ରମର ପ୍ରତ୍ୟେକ ସ୍ତରରେ ଅଂଶଗ୍ରହଣ କରିବ। କାର୍ଯ୍ୟ ଯୋଜନା ପ୍ରସ୍ତୁତି, ରୂପାୟନ ଏବଂ ସମୀକ୍ଷା ସମୟରେ ଶିଶୁଟି ନିଜର ମତାମତ ଦେବ ଏବଂ ବୟସ୍କମାନେ ତାହା ପାଳନ କରିବେ। ଶିଶୁ ସହଭାଗିତାର କେତୋଟି ପରିସୀମା ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ପାଇଛି।

ସମାଜବିଜ୍ଞାନୀ ରୋଜର ହାର୍ଟଙ୍କ ଅନୁସାରେ ଶିଶୁଙ୍କ ସହଭାଗିତାର ସାତୋଟି ସ୍ତର ରହିଛି। ଅନେକ ସମୟରେ ବୟସ୍କମାନେ ଶିଶୁମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟବହାର କରିଥାନ୍ତି। ବୟସ୍କମାନେ ନିଜେ କରନ୍ତି ଅଥଚ ପିଲାମାନେ କରିଛନ୍ତି ବୋଲି ବାହାନା କରନ୍ତି। ଏହା ହେଉଛି ପ୍ରଥମ ସ୍ତର। ଏହା ଭଣ୍ଡେଇବା ଛଡ଼ା ଅନ୍ୟ କିଛି ନୁହେଁ। ବିଭିନ୍ନ କାର୍ଯ୍ୟକ୍ରମରେ ପିଲାମାନେ ଫୁଲତୋଡ଼ା ଅତିଥିମାନଙ୍କୁ ଦେବା କିମ୍ବା ସଭାର ପ୍ରାରମ୍ଭରେ ସଙ୍ଗୀତ ପରିବେଷଣ କରିବା ଆମେ ଦେଖିଥାଉ। ଏଥିରେ ପିଲାମାନଙ୍କର ଭୂମିକା କେବଳ ସେତିକିରେ ସୀମିତ। ସେମାନଙ୍କୁ କେବଳ ସାଜସଜ୍ଜା ପାଇଁ ବ୍ୟବହାର କରାଯାଏ। ଏହା ହେଉଛି ଅଂଶଗ୍ରହଣରେ ଦ୍ୱିତୀୟ ସ୍ତର। ଅନେକ ସମୟରେ ଶିଶୁମାନଙ୍କୁ ବିଭିନ୍ନ ବୈଠକ ଏବଂ କାର୍ଯ୍ୟକ୍ରମରେ ବସିଥିବାର ଆମେ ଦେଖୁ। ମାତ୍ର କାର୍ଯ୍ୟକ୍ରମ ବିଷୟରେ ତାଙ୍କ ପାଖରେ କିଛି ସୂଚନା ନ ଥାଏ। ତାହା ହେଉଛି ତୃତୀୟ ସ୍ତର। ଯାହାକୁ ଆମେ ବୟସ୍କ ପ୍ରାୟୋଜିତ କହି ପାରିବା। ଉଦାହରଣ ସ୍ୱରୂପ, ବେଳେ ବେଳେ ପିଲାମାନଙ୍କୁ କ୍ୟାଣ୍ଡେଲ ରାଲିରେ ଚାଲୁଥିବାର ଆମେ ଦେଖିଥାଉ। ବୟସ୍କମାନଙ୍କ ପ୍ରରୋଚନାରେ ସେମାନେ ଭାଗନିଅନ୍ତି କିନ୍ତୁ ତା' ବିଷୟରେ ବେଶି କିଛି ଜାଣି ନ ଥାନ୍ତି।

ଆଉ କେତେକ କ୍ଷେତ୍ରରେ ବୟସ୍କମାନେ ପିଲାମାନଙ୍କୁ ଜଣାଇ କାମ କରାଇଥାନ୍ତି। ଯେଉଁଥିରେ ସେମାନେ ପିଲାମାନଙ୍କୁ ମାର୍ଗଦର୍ଶନ ଦେଇଥାନ୍ତି। ଏହାହିଁ ଚତୁର୍ଥ ସ୍ତର। ଶିଶୁ ଅଂଶଗ୍ରହଣର ପଞ୍ଚମ ସ୍ତରରେ ଶିଶୁମାନେ ନିଜ ପାଇଁ ହେଉଥିବା କାର୍ଯ୍ୟକ୍ରମରେ ମତାମତ ଦେଇଥାନ୍ତି ଏବଂ ବୟସ୍କମାନେ ତାହାକୁ ପାଳନ କରିଥାନ୍ତି। ଅର୍ଥାତ୍ ଶିଶୁମାନଙ୍କ ସହ ଆଲୋଚନା ଏବଂ ଅନୁମତି ଅନୁସାରେ କାମ ହୋଇଥାଏ। ଷଷ୍ଠ ସ୍ତରରେ ବୟସ୍କ ମାନେ କାମ ଆରମ୍ଭ କରନ୍ତି ଏବଂ ଚୂଡ଼ାନ୍ତ ନିଷ୍ପତ୍ତିକୁ ଶିଶୁମାନଙ୍କୁ ଜଣାଇ ଦିଅନ୍ତି। ଯେଉଁଥିରେ ଶିଶୁମାନଙ୍କର ମତାମତ ଦେବାର ସୁଯୋଗ ନ ଥାଏ। ସପ୍ତମ ସ୍ତରରେ ଶିଶୁ ମାନେ କୌଣସି କାମକୁ ଆରମ୍ଭ କରନ୍ତି ଏବଂ ନିଜର ନିଷ୍ପତ୍ତିକୁ ବୟସ୍କମାନଙ୍କୁ ଜଣାନ୍ତି। ବୟସ୍କମାନେ କେବଳ ଏଥିରେ ସହଯୋଗୀର ଭୂମିକା ନିଅନ୍ତି। ଅଷ୍ଟମ ବା ଶେଷ ସ୍ତର ହେଉଛି ଗୁରୁତ୍ୱପୂର୍ଣ୍ଣ। ଏହି ସ୍ତରରେ ଶିଶୁମାନେ କୌଣସି କାମକୁ ଆରମ୍ଭ କରନ୍ତି, ବୟସ୍କ ମାନଙ୍କୁ ନିଜର ନିଷ୍ପତ୍ତି ଜଣାନ୍ତି ଏବଂ ଉଭୟଙ୍କର ସହଯୋଗରେ କାର୍ଯ୍ୟକ୍ରମ କରାଯାଏ। ଯେଉଁଥିରେ ଶିଶୁମାନେ ବୟସ୍କମାନଙ୍କ ଅଭିଜ୍ଞତାରୁ ଶିଖିବାର ସୁଯୋଗ ପାଆନ୍ତି।

ଶିଶୁ ଅଧିକାରକର୍ମୀଙ୍କ ମତରେ ଅଷ୍ଟମ ସ୍ତର ହେଉଛି ସର୍ବୋତ୍କୃଷ୍ଟ। ଯେଉଁଠାରେ ଶିଶୁ ସହଭାଗିତା ସଫଳ ହେଲା ବୋଲି ଆମେ କହିପାରିବା। ଏହି ଆଧାରରେ ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଜାଣିପାରିବା ଆମ ଶିଶୁମାନଙ୍କ ସହଭାଗିତା କେଉଁ ସ୍ତରରେ ପହଞ୍ଚିଛି। ସରକାର ପିଲାମାନଙ୍କ ସହଭାଗିତା ପାଇଁ ବ୍ୟବସ୍ଥା କରିଥିବା ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିଶୁ ସୁରକ୍ଷା ସମିତି ଆଜି ସ୍ଥାଣୁ। ବିଦ୍ୟାଳୟ ପରିଚାଳନା କମିଟିରେ ଶିଶୁ ଅଂଶଗ୍ରହଣର ସ୍ଥିତି ସମସ୍ତଙ୍କୁ ଜଣା। ଅନେକ କମିଟିରେ ପିଲାମାନଙ୍କୁ ବୈଠକକୁ ଡକାଯାଏ ନାହିଁ। ଆସିଲେ ବି ତାଙ୍କର ଦାୟିତ୍ୱ କେବଳ ଅନ୍ୟ ସଦସ୍ୟଙ୍କୁ ବୈଠକକୁ ଡାକିବା ଭିତରେ ସୀମିତ। ଶତକଡ଼ା ୯୯ ଭାଗରୁ ଅଧିକ ବିଦ୍ୟାଳୟର ସ୍ଥିତି ଏହିପରି। ଶିଶୁ ସୁରକ୍ଷା ସମିତି କଥା ନ କହିଲେ ଭଲ। ପିଲାମାନେ ନିଜେ ଜାଣିନାହାନ୍ତି ସେମାନେ ସଦସ୍ୟ ଅଛନ୍ତି କି ନାହିଁ। ଅଧିକାଂଶ ସ୍ଥାନରେ ଆଜି ପର୍ଯ୍ୟନ୍ତ ଶିଶୁ ସୁରକ୍ଷା ସମିତି ଗଠନ କରାଯାଇ ନାହିଁ। ଏହା କେବଳ ତୃଣମୂଳ ସ୍ତରର ନୁହେଁ, ରାଜ୍ୟ ଏବଂ ଜାତୀୟ ସ୍ତରର ସ୍ଥିତି ମଧ୍ୟ ଏଇଆ।

ବେସରକାରୀ ସ୍ତରରେ ଏହାର ସ୍ଥିତି ଟିକିଏ ଭିନ୍ନ। ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଶିଶୁ ସହଭାଗିତା ଉପରେ ଅନେକ ଉଦାହରଣ ସୃଷ୍ଟି କରିଛନ୍ତି। ନିଜସ୍ୱ ସମ୍ବଳରେ ଶିଶୁ ସଂଗଠନ ତିଆରି, ସେମାନଙ୍କ ତାଲିମ୍, ଶିଶୁ ସାମ୍ବାଦିକତା ସୃଷ୍ଟି, ଶିଶୁମାନଙ୍କ ଦ୍ୱାରା ଶିଶୁ ପତ୍ରିକାର ପ୍ରକାଶନ, ଶିଶୁଙ୍କ ମାଧ୍ୟମରେ ନମୁନା ବିଧାନସଭାର ଆୟୋଜନ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ମାତ୍ର ଏହା କିଛି ଅଞ୍ଚଳରେ ସୀମିତ। ଉଭୟ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନର ମିଳିତ ପ୍ରୟାସରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିବ।

ଶଗଡ଼ା, ବୌଦ୍ଧ, ମୋ-୯୧୭୮୫୪୫୭୯୮

# ଜୀବନ ରକ୍ଷାକାରୀ ଓଜୋନ ସ୍ତର



ବିଭୁପ୍ରସାଦ ମହାପାତ୍ର

କୁହାଯାଏ- "Earth without ozone is like a house without roof." ଆଜିକାଲି ଓଜୋନ୍ ସ୍ତରର କ୍ଷୟ ଏକ ଆତଙ୍କର କାରଣ ହୋଇଛି। ସ୍ୱନାମଧନ୍ୟ ସାହିତ୍ୟିକ, ଜର୍ମାନ୍ ଔପନ୍ୟାସିକ ଓ ଗାଳ୍ପିକ ଫ୍ରାଞ୍ଜ୍ କାଫ୍‌କା(୧୮୮୩-୧୯୨୪)ଙ୍କ ପ୍ରତୀକସ୍ୱରୂପ ମୂଷା ପରି ତଥାକଥିତ ସଭ୍ୟ ଓ ଶିକ୍ଷିତ ମନୁଷ୍ୟର ଅବସ୍ଥା ବି ସଙ୍କଟାପନ୍ନ। ପ୍ରବେଶପଥ ପ୍ରଶସ୍ତ ଥାଇ ଦୁଇ ଉଚ୍ଚା କାନ୍ଥ ମଝିରେ ବିଚରା ମୂଷାଟି ଆନନ୍ଦରେ ଡେଇଁ ଡେଇଁ ଯାଇ ହଠାତ୍ ସମ୍ମୁଖସ୍ଥ ଯନ୍ତାକୁ ଦେଖି ହତବଡେଇ ଯାଇଛି। ପଛକୁ ଫେରିବାର ସୁଯୋଗ ପାଇପାରିନାହିଁ। ଏକବିଂଶ ଶତାବ୍ଦୀର ଅଦୂରଦର୍ଶୀ ତଥା ଆତ୍ମଘୋଷିତ ସଭ୍ୟ ମାନବଙ୍କ ଅବସ୍ଥା ଏହାଠାରୁ କିଛି ଭିନ୍ନ ନୁହେଁ। କେତେ ଆଲୋକବର୍ଷ ଦୂରରେ ଥିବା କାଳ୍ପନିକ ସେପ୍‌ଟାନିଆ ଗ୍ରହରେ ଯଦି ବୁଦ୍ଧିମାନ୍ ପ୍ରାଣୀମାନେ ବିଚରଣ କରୁଥାନ୍ତି, ତେବେ ଆମମାନଙ୍କ ହତାଶାଭାବ ଦେଖି ସେମାନେ ହାସ୍ୟ ସମ୍ବରଣ କରି ରହିପାରୁ ନ ଥିବେ।

ଆଧୁନିକ ବିଜ୍ଞାନ ଯୁଗର ସୁସଂସ୍କୃତ ମନୁଷ୍ୟର ଚିନ୍ତା ଓ ଚେତନାର ପରିପ୍ରକାଶ ହିଁ କାର୍ଯ୍ୟରେ ରୂପାନ୍ତର ହୋଇଥାଏ। ଦାର୍ଶନିକ ଏକ୍‌ହାର୍ଟ ଟୋଲେଙ୍କ ମତରେ- "The pollution of the planet is only an outward reflection of an inner psychic pollution. Millions of unconscious individuals not taking responsibility for their inner space." ଉନ୍ନତ ଓ ସଭ୍ୟ ସମାଜର ସଭ୍ୟତାର ରୂପାନ୍ତର ଘଟିଛି 'ଆତ୍ମଘାତୀ ସଭ୍ୟତା' ରୂପେ। ଭସ୍ମାସୁର ସାଜି 'ଆ ବଳଦ ମୋତେ ବିନ୍ଧ୍' ପରି ନିଜର ଦୁର୍ଗତିକୁ ନିଜ ଆଡକୁ ଟଣାଚାଲିଛି। ଫଳରେ ଓଜୋନ୍ କ୍ଷୟ ପରି ପ୍ରମୁଖ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ଅତିବାଇଗଣୀ ରଶ୍ମି ପରି କେତେକ କ୍ଷତିକାରକ ବିକିରଣ ସୂର୍ଯ୍ୟପୃଷ୍ଠରୁ ନିର୍ଗତ ହୋଇଥାଏ। ପୃଥିବୀପୃଷ୍ଠକୁ ଘେରି ରହିଥିବା ବାୟୁମଣ୍ଡଳ ଉକ୍ତ ରଶ୍ମିକୁ ପ୍ରତିରୋଧ ତଥା ଅବଶୋଷଣ କରି ପୃଥିବୀବାସୀଙ୍କୁ ସମ୍ଭାବ୍ୟ ବିପଦରୁ ରକ୍ଷା କରିଥାଏ। ପୃଥିବୀ ଉପରେ ରହିଥିବା ବାୟୁର ପତଳା ଆସ୍ତରଣକୁ ବାୟୁମଣ୍ଡଳ କୁହାଯାଏ। ପୃଥିବୀ ପୃଷ୍ଠରୁ ପ୍ରାୟ ୯୦୦ କି.ମି. ଉଚ୍ଚତା ଯାଏ ବିଭିନ୍ନ ଅନୁପାତରେ ବିଭିନ୍ନ ଗ୍ୟାସ୍ ଦେଖିବାକୁ ମିଳେ। ଭିନ୍ନ ଭିନ୍ନ ଉଚ୍ଚତା ଅନୁଯାୟୀ ବାୟୁମଣ୍ଡଳର ସ୍ତରକୁ ଭିନ୍ନ ଭିନ୍ନ ନାମକରଣ କରାଯାଇଛି। ଯଥା- କ୍ଷୋଭ ମଣ୍ଡଳ, ସମୋଷ୍ମ ମଣ୍ଡଳ, ମଧ୍ୟ ମଣ୍ଡଳ, ଆୟନ ମଣ୍ଡଳ ଏବଂ ବହିଃମଣ୍ଡଳ। କ୍ଷୋଭ ମଣ୍ଡଳ (ଟ୍ରପୋସ୍ଫିୟର) ସୀମା ପାଖରେ ଓଜୋନ୍ ସ୍ତର ସମୋଷ୍ମ ମଣ୍ଡଳ

### ୧୬/୯ ବିଶ୍ୱ ଓଜୋନ ଦିବସ ଉପଲକ୍ଷେ

(ଷ୍ଟ୍ରାଟୋସ୍ଫିୟର)କୁ କେତେ କି.ମି. ଯାଏ ବ୍ୟାପିଥାଏ। ପୃଥିବୀପୃଷ୍ଠରୁ ଉପରକୁ ୧୫ରୁ ୪୦ କି.ମି. ପର୍ଯ୍ୟନ୍ତ ବ୍ୟାପିଥିବା ଏହି ସ୍ତରକୁ ଜୀବଜଗତର ରକ୍ଷା କବଚ କହିଲେ ଅତ୍ୟୁକ୍ତି ହେବନାହିଁ। ଏହାକୁ ପୃଥିବୀ ମା'ର ପ୍ରାକୃତିକ ପରଦା (Natural sunscreen) ବୋଲି ମଧ୍ୟ କୁହାଯାଏ। ଅମ୍ଳଜାନ (O2)ର ପରିବର୍ତ୍ତିତ ରୂପ ଓଜୋନ୍ (O3) ବାଷ୍ପର ଏକ କଟୁ ଗନ୍ଧ ରହିଥିବାରୁ ଗ୍ରୀକ୍ ଶବ୍ଦ 'Ozein' (Smell) ଅନୁସାରେ ଏହା ନାମିତ ହୋଇଛି। ୩ଟି ଅମ୍ଳଜାନ ପରମାଣୁରେ ଗଠିତ ହୋଇଥିବାରୁ ଜେକ୍ସ ଲୁଇ ସୋରେଟ୍ ନାମକ ବୈଜ୍ଞାନିକ ଏହାର ସଂକେତକୁ 'O3' ଭାବେ ଲେଖିଥିଲେ। ସମୋଷ୍ମ ମଣ୍ଡଳର ତଳଭାଗରେ ଥିବା ଅମ୍ଳଜାନ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର ସମ୍ମୁଖୀନ ହୋଇ ଓଜୋନ୍‌କୁ ରୂପାନ୍ତରିତ ହୁଏ। ପୁନଶ୍ଚ ବିଶ୍ଳେଷିତ ହୋଇ ଅମ୍ଳଜାନରେ ପରିଣତ ହୋଇଥାଏ। ଉଭୟ ପ୍ରକ୍ରିୟା ପ୍ରାକୃତିକ ଉପାୟରେ କ୍ରମାଗତ ଲାଗିରହେ। ଏହିପରି ଭାବେ କ୍ଷତିକାରକ ଅତିବାଇଗଣୀ ରଶ୍ମି ବିଶୋଷିତ ହୋଇଯାଏ ଏବଂ ପୃଥିବୀପୃଷ୍ଠକୁ ଆସିପାରେ ନାହିଁ।

କିନ୍ତୁ କଳକାରଖାନା ଓ ଯାନବାହନ ଇତ୍ୟାଦିରୁ ନିର୍ଗତ ନାନାପ୍ରକାର ବାଷ୍ପ ଏହି ଓଜୋନ୍ ବାଷ୍ପକୁ ନଷ୍ଟ କରୁଛି। ପ୍ରଧାନ ଓଜୋନ୍ କ୍ଷୟକାରୀ ପଦାର୍ଥଗୁଡିକ ହେଲା- କ୍ଲୋରୋଫ୍ଲୋରୋକାର୍ବନ୍ (CFC), ହାଇଡ୍ରୋ କ୍ଲୋରୋଫ୍ଲୋରୋ କାର୍ବନ୍ (HCFC), କାର୍ବନ୍‌ଟେଟ୍ରାକ୍ଲୋରାଇଡ୍ ($CCL_4$), ଟ୍ରାଇକ୍ଲୋରୋ ଇଥେନ୍, ହାଲୋନ୍, ଯବକ୍ଷାରଜାନ ଅକ୍‌ସାଇଡ୍ ଏବଂ ଗନ୍ଧକ ଅକ୍‌ସାଇଡ୍ ଇତ୍ୟାଦି। ଶୀତତାପ ନିୟନ୍ତ୍ରଣ, ରେଫ୍ରିଜରେଟର, ଫୋମ୍ ରବର ଶିଳ୍ପରୁ CFC ଏବଂ ଯାନବାହନ ଓ ଜେଟ୍ ବିମାନରୁ ଗନ୍ଧକ ଅକ୍‌ସାଇଡ୍ ଓ ଯବକ୍ଷାରଜାନ ଅକ୍‌ସାଇଡ୍ ନିର୍ଗତ ହୁଏ।

ଓଜୋନ୍ ସ୍ତରଟି ଧୀରେ ଧୀରେ ପତଳା ହେବା ସହ କେତେକ ସ୍ଥାନରେ ସମ୍ପୂର୍ଣ୍ଣ କ୍ଷୟ ହୋଇଯାଉଛି। ଏହାକୁ ଓଜୋନ୍ ଗର୍ତ୍ତ ବୋଲି କୁହାଯାଏ। 'ନେଚର୍' ପତ୍ରିକାର ମେ' ୧୯୮୫ ସଂଖ୍ୟାରେ ଫାରମ୍ୟାନ୍, ଗାର୍ଡିନର ଏବଂ ଶାଙ୍କଲିନ୍ ପ୍ରଥମେ ଉକ୍ତ ଗର୍ତ୍ତ ବିଷୟରେ ଉଲ୍ଲେଖ କରିଥିଲେ। ଓଜୋନ୍ ସ୍ତରକୁ ରକ୍ଷାକରିବା ନିମନ୍ତେ ୧୯୮୭ ସେପ୍ଟେମ୍ବର ୧୬ରେ କାନାଡାର ମଣ୍ଟ୍ରିଲ ସହରରେ ୨୪ଟି ଦେଶ ଏକ ଚୁକ୍ତି କରିଥିଲେ। ଓଜୋନ୍ କ୍ଷୟ ଫଳରେ ଦେଖାଦେଉଥିବା ଚର୍ମ କର୍କଟ ଓ ଚକ୍ଷୁରୋଗ କମାଇବା, ଓଜୋନ୍ କ୍ଷୟକାରୀ ବାଷ୍ପର ନିର୍ଗମନ କମାଇବା ଏବଂ ଏହାର ବିକଳ୍ପର ସନ୍ଧାନ କରିବା ଏହି ଚୁକ୍ତିର ଅଭିପ୍ରାୟ ଥିଲା। ମିଳିତ ଜାତିସଂଘର ସାଧାରଣ ସଭାର ୪୯/୧୧୪ ପ୍ରସ୍ତାବ (୨୩ ଜାନୁୟାରୀ ୧୯୯୫) ଅନୁସାରେ ସେପ୍ଟେମ୍ବର ୧୬କୁ 'ଅନ୍ତର୍ଜାତୀୟ ଓଜୋନ୍ ଦିବସ' ରୂପେ ପାଳନ କରାଯାଉଛି।

ଭୋଗଡା, ଖୋର୍ଦ୍ଧା, ମୋ-୮୨୭୦୦୮୩୬୫୩

### ଏଇ ଭାରତରେ

'କନ୍ୟା ରତ୍ନ କର ଯତ୍ନ' ସ୍ଲୋଗାନକୁ ଲୋକେ ଭୁଲିଗଲେଣି। ପରିବାରରେ କନ୍ୟାସନ୍ତାନ ଜନ୍ମିଲେ ଆଜିକାଲି ବାପାଙ୍କ ମନ ଫିକା ପଡିଯାଉଛି। ସ୍ଥଳବିଶେଷରେ କନ୍ୟା ସନ୍ତାନକୁ ହତ୍ୟାକରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ନିକଟରେ ଏପରି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ବରେଲିଠାରେ। ପରିବାରରେ ଗୋଟିଏ ସନ୍ତାନ ଜନ୍ମ ହୋଇଥିବାରୁ ମନକୁ ବୁଝେଇ ଚଳିହେଉଥିଲା। କିନ୍ତୁ ଏହାପରେ ଆଉ ଏକ କନ୍ୟାସନ୍ତାନ ଜନ୍ମ ହେବାରୁ ପିତା ପ୍ରଥମ କନ୍ୟାକୁ ଛାତ ଉପରୁ ତଳକୁ ଫୋପାଡି ଦେବା ଘଟଣା ଅତ୍ୟନ୍ତ ଅମାନୁଷିକ। ପୁତ୍ରସନ୍ତାନ ପାଇଁ ଆଶା ରଖିଥିବା ପିତା ଆଉ ଏକ କନ୍ୟାସନ୍ତାନ ଜନ୍ମ ହେବାରୁ ୧୮ ମାସର ପ୍ରଥମ କନ୍ୟାକୁ ଛାତରୁ ତଳକୁ ଫୋପାଡି ଦେଇଥିଲେ। ସିବି ଗଞ୍ଜ୍ ପୋଲିସ ଷ୍ଟେଶନ୍ ଅଧୀନ ପାର୍ଧୋଲି ଗାଁର କାବ୍ୟା ନାମକ ଏହି କନ୍ୟାକୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପିତା ଅରବିନ୍ଦ ଗଙ୍ଗୱାରଙ୍କୁ ଗିରଫ କରାଯାଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ପାଞ୍ଚଦିନ ତଳେ ଅରବିନ୍ଦଙ୍କ ପତ୍ନୀ ଦ୍ୱିତୀୟ ବାର ଝିଅ ଜନ୍ମ କରିବାରୁ ତାଙ୍କ ଘରେ ଉତ୍ତେଜନା ଲାଗି ରହିଥିଲା। ପୁଅ ନ ପାଇ ନିରାଶ ହୋଇପଡ଼ିଥିବା ଅରବିନ୍ଦ ଗୁରୁବାର ଝିଅକୁ ଛାତ ଉପରକୁ ନେଇ ତଳକୁ ଖସାଇଦେଇଥିଲେ। ଏପରି ନିର୍ଦ୍ଦୟ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ନିନ୍ଦା କରିଛନ୍ତି।

### ଚିରନ୍ତନୀ

ଆଜି, ମୋତେ ଛାଡ଼ି ମୁଁ ଯେ ଭୁବନେ ଆସିଛି
ପିଇଛି ସ୍ୱପନ-ସୁଧା
ଘର ଛାଡ଼ି ମୁଁ ଯେ ଘର ସଜାଡ଼ିଛି-
ମୁକତ ମହା ବସୁଧା।
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୫ ସେପ୍ଟେମ୍ବର ୧୯୯୩

- ଆନ୍ତର୍ଜାତିକ ସ୍ତରରେ ଜଙ୍ଗଲର ବିକାଶ, ସଂରକ୍ଷଣ ପାଇଁ ଭାରତ ଓ ବ୍ରିଟେନ ମଧ୍ୟରେ ଏକ ବନୀକରଣ ଚୁକ୍ତି ସ୍ୱାକ୍ଷରିତ।
- ବିହାରରେ ଏକ ବସ୍ ଦୁର୍ଘଟଣାରେ ୪୦ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ଛାଡ଼ପତ୍ର ମାମଲା ଓ ଦ୍ୱିତୀୟ ବିବାହ

ମହାଶୟ,

ପୂର୍ବରୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଛାଡ଼ପତ୍ର ମକଦ୍ଦମା ବିଚାର ଫଇସଲା ନ ହେବା ପର୍ଯ୍ୟନ୍ତ ପୁଅ କିମ୍ବା ଝିଅ ଦ୍ୱିତୀୟ ବିବାହ କରିପାରିବେ ନାହିଁ। ମାତ୍ର ଅଧିକାଂଶ ସ୍ଥଳେ କେସ୍ ଫଇସଲା ହେବା ପାଇଁ ଚାରି କିମ୍ବା ପାଞ୍ଚ ବର୍ଷ ବା ତା'ଠାରୁ ବେଶି ସମୟ ଲାଗିଯାଉଛି। ଫଳରେ ପୁଅ କିମ୍ବା ଝିଅଙ୍କର ଦ୍ୱିତୀୟ ବିବାହ ପାଇଁ ବୟସ ଗଡ଼ିଯାଉଛି ଓ ତା'ଦ୍ୱାରା ବହୁତ ସାମାଜିକ ବିଭ୍ରାଟ ଦେଖାଦେଉଛି। ତେଣୁ ସୁପ୍ରିମ୍‌କୋର୍ଟ ମାମଲା ଫଇସଲା ପାଇଁ ଏକ ସ୍ୱଳ୍ପ ସମୟସୀମା ଧାର୍ଯ୍ୟ କରନ୍ତୁ ଓ ଏହି ସମୟ ମଧ୍ୟରେ ମକଦ୍ଦମା ଫଇସଲା ହେବା ଫଳରେ ବହୁ ଝିଅପୁଅଙ୍କର ଜୀବନଯାତ୍ରା ପୁଣି ଥରେ ସୁଗମ ହୋଇପାରିବ।

ରଘୁନାଥ ସାହୁ, ପୁରୀ

### ଖାଦ୍ୟର ମାନ ଯାଞ୍ଚ କରାଯାଉ

ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଖୁଚୁରା ବ୍ୟବସାୟୀମାନେ ବିକ୍ରୟ କରୁଥିବା ଖାଦ୍ୟର ମାନ ନିୟମିତ ବ୍ୟବଧାନରେ ଯାଞ୍ଚ କରାଯିବା ନିହାତି ଆବଶ୍ୟକ। ଯଦି ଖାଦ୍ୟର ମାନ ଖରାପ ପ୍ରମାଣିତ ହୁଏ, ତେବେ ତାହା ନଷ୍ଟ କରାଯାଇଥାଏ ଏବଂ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରିବାର ସରକାରୀ ନିୟମ ରହିଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଖାଦ୍ୟର ମାନ ନିୟମିତ ବ୍ୟବଧାନରେ ପରଖିବା ସମ୍ଭବପର ହେଉନାହିଁ। ଖାଦ୍ୟ ଇନ୍ସପେକ୍ଟର ଥିଲେ ମଧ୍ୟ ବିଭିନ୍ନ ହୋଟେଲର ତଥା ରାସ୍ତାକଡ଼ ଦୋକାନଗୁଡ଼ିକର ଖାଦ୍ୟ ଯାଞ୍ଚ କରାଯାଉ ନାହିଁ। ବିଭିନ୍ନ ପ୍ୟାକେଟ୍‌ରେ ବିକ୍ରି ହେଉଥିବା ଖାଦ୍ୟର ମାନ ତଥା ତେଲ, ଡାଲି ପ୍ରଭୃତିର ଅପମିଶ୍ରଣ ସମ୍ବନ୍ଧରେ ମଧ୍ୟ ନିୟମିତ ଭାବେ ଯାଞ୍ଚ କରାଯାଉ ନାହିଁ। ତେଣୁ ପ୍ରଚଳିତ ଆଇନ କଡ଼ାକଡ଼ି କରାଗଲେ ଜନସାଧାରଣ ସ୍ୱାସ୍ଥ୍ୟକର ତଥା ରୁଚିକର ଖାଦ୍ୟ ପାଇପାରନ୍ତେ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ଗଧରୁ ମଣିଷ

ଡ. ଛାୟାକାନ୍ତ ବାବୁଙ୍କ ପ୍ରବନ୍ଧ 'ଗଧରୁ ମଣିଷ' ପଢି ମୁଗ୍ଧ ହେଲି। ନିର୍ବାକ୍ ଶିଶୁକୁ ଅ-ଆ ଶିଖେଇ ମାଟିରୁ ସୁନା କରିଥିବା ପ୍ରାଥମିକ ଶିକ୍ଷକକୁ ପ୍ରାୟ ସମସ୍ତେ ହତାଦର କରନ୍ତି। କିନ୍ତୁ ମନେ ରଖିବାକୁ ହେବ ଶଙ୍ଖ ମଲମଲ ତାଜମହଲକୁ ଧରି ରଖିଛି କଳା ମୁଗୁନିପଥରର ମୂଳଦୁଆ। ନିଜ ନାଁ ପଛରେ ଇଂଲିଶ ବର୍ଣ୍ଣମାଳାରୁ ଦି, ଚାରିଟା ଅକ୍ଷର ଲଗାଇ ଆମେ ନିଜକୁ ବଡ଼ ମନେକରୁଛେ। କିନ୍ତୁ ସତରେ ଏସବୁର ପ୍ରମୁଖ ବିନ୍ଧାଣି ଶିକ୍ଷକଟିଏ। ତାଙ୍କର ସମ୍ମାନ ହିଁ ଆମର ସମ୍ମାନ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ବୃକ୍ଷରୋପଣ



କେନ୍ଦ୍ରାପଡା ଅଫିସ, ୧୪।୯: କେନ୍ଦ୍ରାପଡ଼ା ବ୍ଲକ ଓସ୍ତପୁରସ୍ଥିତ ନେତାଜୀ ଆଇଡିଆଲ ପବ୍ଲିକ ସ୍କୁଲ ପକ୍ଷରୁ ଗୁରୁବାର ଗଣେଷ ପୂଜା ଅବସରରେ ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ। ପଧାନ ଶିକ୍ଷୟିତ୍ରୀ ନିବେଦିତା ନାୟକ ଏହି ବୃକ୍ଷରୋପଣ କାର୍ଯ୍ୟରେ ଭାଗ ନେଇ ସମାଜ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ରାଉତ, ନମିତା ବରାଳ, ଅର୍ଚ୍ଚନା ପ୍ରଧାନ, ଜ୍ୟୋତିର୍ମୟୀ ବଳ, ରୂପାଲି ଦାସ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ବିପନ୍ନ ଲୋକଙ୍କୁ ଭେଟିଲେ ଭାଜପା ନେତା

**ମାର୍ଶାଘାଇ, ୧୪।୯(ଡିଏନଏ):** ନିକଟରେ ହୋଇଥିବା ଲଗାଣ ବର୍ଷାରେ ମାର୍ଶାଘାଇ ବ୍ଲକର ବିଭିନ୍ନ ଗ୍ରାମରେ ଅଧିକାଂଶ କଚ୍ଚା ଘର ଭାଙ୍ଗି ପଡିଛି ।ଘରେ ପାଣି ପଶିଯିବାରୁ ବହୁ ଲୋକଙ୍କ ଆସବାବପତ୍ର ନଷ୍ଟ ହୋଇଛି । କେତେକ ଚାଷ ଜମି ପାଣିରେ ବୁଡି ରହିଛି । ଏହି ପରିପ୍ରେକ୍ଷୀରେ ନିକଟରେ ଭାଜପା ଯୁବମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ଉମାକାନ୍ତ ପଟ୍ଟନାୟକ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ବିପନ୍ନ ପରିବାରଙ୍କୁ ଭେଟିବା ସହିତ ଅଭାବ ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ। ତାଙ୍କ ସହିତ କରିଲୋପାଟଣା ସରପଞ୍ଚ ସୁକାନ୍ତ ଦାସ, ଯୁବନେତା ରବିନ୍ଦ୍ର ସାହୁ, ବନ୍ଧକଟାର ଶରତ ମହାନ୍ତି, ବିଶ୍ୱକାନ୍ତ ମହାନ୍ତି ପ୍ରମୁଖ ଯାଇଥିଲେ। ପୂର୍ବତନ ରାଜ୍ୟ ସଭାପତି ପଟ୍ଟନାୟକ ଏହି ବ୍ଲକ ଅନ୍ତର୍ଗତ କରିଲୋପାଟଣା ପଞ୍ଚାୟତର କରିଲୋପାଟଣା,ପଣସୁଆପଡା ଏବଂ ବନ୍ଧକଟା ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ବିପନ୍ନ ପରିବାରଙ୍କୁ ଭେଟିଥିଲେ।

## ସାମାଜିକ କର୍ମୀଙ୍କ ବିୟୋଗରେ ଶୋକ

**ମାର୍ଶାଘାଇ,୧୪।୯(ଡିଏନ୍ଏ):** ମାର୍ଶାଘାଇ ବ୍ଲକ ଅଧୀନ ଗାଁ ମାର୍ଶାଘାଇ ଗ୍ରାମର ସାମାଜିକ କର୍ମୀ ପ୍ରହ୍ଲାଦ ରାଉତ(୮୫)ଙ୍କର ବୁଧବାର ରାତିରେ କଟକଠାରେ ପରଲୋକ ଘଟିଛି । ସ୍ୱର୍ଗତ ପ୍ରହ୍ଲାଦ ଦୀର୍ଘ ଦିନ ହେବ ମୂତ୍ରାଶୟ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ସେ ମାର୍ଶାଘାଇ ରାମାୟଣ ପ୍ରଚାର ସମିତି,ମାର୍ଶାଘାଇ ଦୁର୍ଗାପୂଜା କମିଟି, ନିଗମାନନ୍ଦ ଭକ୍ତ ମଣ୍ଡଳୀ,ମାର୍ଶାଘାଇ ଯଜ୍ଞ କମିଟି ପ୍ରଭୃତିରେ ସକ୍ରିୟ ସଦସ୍ୟ ଥିଲେ । ତାଙ୍କ ବିୟୋଗରେ ମାର୍ଶାଘାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗୁରୁବାର ତାଙ୍କ ମରଶରୀର କଟକରୁ ନିଜ ବାସଭବନ କୁ ଆସିବା ପରେ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କ ବିୟୋଗରେ ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଗାହାଣ ,ସରପଞ୍ଚ ସବିତା ପ୍ରଧାନ,ଯୁବନେତା ସୁବ୍ରତ ପ୍ରଧାନ,ଗୋପବନ୍ଧୁ କ୍ଲବ ସଦସ୍ୟ ଅକ୍ଷୟ ଜେନା,ରାମାୟଣ ପ୍ରଚାର ସମିତି ସଭାପତି ଡା. ସୁନାକର ସାମଲ,ସମ୍ପାଦକ ଅରୁଣ କୁମାର ବେଉରା, ମଧୁସୂଦନ ସାହୁ, ଅନ୍ତର୍ଯ୍ୟାମୀ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

■ବର୍ଷା ଜଳ ନିଷ୍କାସନ ପାଇଁ ଗାଁ ରାସ୍ତାରେ ଗାଡ଼

# ଘରୁ ବାହାରି ପାରୁନାହାନ୍ତି ୭ ପରିବାର

ଡେରାବିଶ,୧୪।୯ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତର ଗଣେଶପୁର ଗ୍ରାମ ଓ କଟକ ଜିଲାର କଟିକଟା ଗ୍ରାମ ମଧ୍ୟରେ ବର୍ଷା ଜଳ ନିଷ୍କାସନ ନେଇ ବିବାଦ ଉପୁଜିଛି। ଉଭୟ ଜିଲାର ସୀମାରେ ଥିବା ଏହି ଗ୍ରାମର ଦ୍ୱୟ ମଧ୍ୟରେ ସୀମା ବିବାଦ ଯୋଗୁ ୭ ଦଳିତ ପରିବାର ଘରୁ ବାହାରିବା ଏକ ପ୍ରକାର ବନ୍ଦ ହୋଇଯାଇଛି। କଟିକଟା ଗ୍ରାମର କେତେଜଣ ଲୋକ ଗଣେଶପୁର ଗ୍ରାମର ଦଳିତ ପରିବାରଙ୍କ ଘର ଆଗ ରାସ୍ତା ତାଡି ଦେଇଥିବା ଦଳିତ ପରିବାର ପକ୍ଷରୁ ଗୁରୁବାର ସଦର ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ଗତ ଲଘୁଚାପ ବର୍ଷାରେ ଗ୍ରାମରେ ବର୍ଷା ପାଣି ଜମି ରହିଥିବା ଯୋଗୁ କଟିକଟା ଗ୍ରାମର କେତେଜଣ ଲୋକ ଗଣେଶପୁର ଗାଁ ରାସ୍ତାକୁ ଜେସିବି ଲଗାଇ ତାଡି ଦେଇଥିଲେ। ଗଣେଶପୁର ଗ୍ରାମର ଦଳିତ ଲୋକଙ୍କ ଘର ଆଗ ରାସ୍ତା ତାଡିବା ନେଇ ସେମାନେ ବିରୋଧ କରିବାରୁ କଟିକଟା ଗ୍ରାମର ଲୋକେ ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଡରାଇବା ସହ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରିଥିଲେ। ତେବେ ଦୀର୍ଘ ୭ଦିନ ହେବ ଘର ଆଗ ରାସ୍ତା ଖୋଳାଯାଇ ଥିବାରୁ ଘରୁ ବାହାରିବା ଅସମ୍ଭବ ହୋଇ ପଡ଼ିଥିବା ବେଳେ ଲୋକମାନେ ଭୟରେ ଘର ଭିତରେ ରହିଥିଲେ। ଏ ସମ୍ପର୍କରେ ଗଣେଶପୁର ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଅନୁପମା ଷଡ଼ଙ୍ଗୀଙ୍କୁ ଅବଗତ କରାଇଥିଲେ ବି ସମସ୍ୟାର ସମାଧାନ ହୋଇପାରିନାହିଁ। ଏ ନେଇ ସେମାନେ ପୂର୍ବରୁ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ କରିଥିଲେ। କାଞ୍ଚନ ପ୍ରଧାନ, ମହେଶ୍ୱର



ଗଣେଶପୁର ଗ୍ରାମର ଦଳିତ ପରିବାରଙ୍କ ଘର ଆଗ ରାସ୍ତାରେ ଗାଡ଼।

**କେନ୍ଦ୍ରାପଡ଼ା-କଟକ ଜିଲା ସୀମା ବିବାଦ**

ବେହେରା, କିଶୋର ଚନ୍ଦ୍ର ବେହେରା, ମଙ୍ଗୁଳି ପଧାନ, ଗୋବିନ୍ଦ ପଧାନ, ଶଙ୍କର ପଧାନ, ପଲେଇ ପଧାନ, ଅଶୋକ କୁମାର ମହାନ୍ତି ଓ କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର କୁମାର ସାମଲଙ୍କୁ ପଚାରିବାରେ ଖୋଳାଯାଇଥିବା ଜାଗା କଟକ ଜିଲା ଅଧୀନରେ ଥିବାରୁ ସେ ଏ ନେଇ ସେଠାକାର ସରପଞ୍ଚଙ୍କୁ ଡାକି ଆପୋସ ସମାଧାନ ପାଇଁ ଉଦ୍ୟମ କରିଥିଲେ। ମାତ୍ର ସେ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ଏ ସମ୍ପର୍କରେ ସଦରଥାନା ଆଇଆଇସିଙ୍କୁ ଜଣାଇଥିବା ଫାଣ୍ଡି ଅଧିକାରୀ ସାମଲ ସୂଚନା ଦେଇଛନ୍ତି। ଅପରପକ୍ଷେ ଖୋଳାଯାଇଥିବା ଗାଡ଼କୁ ତୁରନ୍ତ ବନ୍ଦ କରାଯିବା ନେଇ କଟିକଟା ଗ୍ରାମାବସୀଙ୍କ ସହ ଯୋଗାଯୋଗ ଜାରି ରହିଥିବା ସ୍ଥାନୀୟ ସରପଞ୍ଚ ଷଡଙ୍ଗୀ କହିଛନ୍ତି।

## କୋର ଗ୍ରାମରେ ନୂଆଖାଇ ଭେଟଘାଟ

**କେନ୍ଦ୍ରାପଡ଼ା ଅଫିସ, ୧୪।୯**

କେନ୍ଦ୍ରାପଡା ବ୍ଲକ ଅଧୀନ କୋରୋ ଗ୍ରାମର ସତୀର୍ଥ ଅନୁଷ୍ଠାନ ଓ ଶ୍ରୀ ଜଗନ୍ନାଥ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ନୂଆଖାଇ ଭେଟଘାଟ ଶୁକ୍ରବାର ଆୟୋଜିତ ହୋଇଥିଲା। ଏଥିରେ ସତୀର୍ଥ ସଭାପତି ମନ୍ମଥନାଥ ବରାଳ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଆଇନଜୀବୀ ପ୍ରଦୀପ କୁମାର ଦାଶ, କବି ରାମକୃଷ୍ଣ ଦାସ, ଶୁଭ୍ରାଂଶୁଶେଖର ଦାସ, ନୃସିଂହ ଚରଣ ତ୍ରିପାଠୀ, ବଟକୃଷ୍ଣ ସାମଲ, ଜନାର୍ଦ୍ଦନ ପରିଡ଼ା, ରତ୍ନାକର ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶାକୁ ଉପକୂଳ ଓଡିଶା ସହ ଯୋଡିବା ପାଇଁ ଏଭଳି ଏକ ଅଭିନବ ପ୍ରୟାସ କରାଯାଇ ଥିବାରୁ ଅତିଥିମାନେ ପ୍ରଶଂସା କରିବା ସହ ଏହା ଓଡ଼ିଶାର ସାଂସ୍କୃତିକୁ ସର୍ବବ୍ୟାପି କରିବ ବୋଲି ମତ ଦେଇଥିଲେ। ପୂର୍ବାହ୍ନ ୯ଟା ୩୦ରେ ମା' ସମଲେଇଙ୍କ ଉଦ୍ଦେଶ୍ୟରେ ନବାହ୍ନ ସମର୍ପଣ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ବିମଳ ଚନ୍ଦ୍ର ପରିଡ଼ା ଓ ଶୈଳଜା ସଙ୍କର ସାମଲଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ସଭା ଓ କବିତାପାଠ ଅନୁଷ୍ଠିତ ହାଇଥିଲା। ଏଥିରେ ରାଜୁ ସାମଲ, ସୁନାକର ରାଉତ, ଅପର୍ଣ୍ଣା ସେଠୀ, ମମତା ମହାରଣା, କୈଳାସ ରାଉତ, ମଞ୍ଜୁଲତା ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ। ନାରାୟଣ ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଲୋକନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇଟି ପ୍ରକଳ୍ପର ଶିଳାନ୍ୟାସ



ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଓ ଅନ୍ୟମାନେ।

**ରାଜନଗର, ୧୪।୯(ଡି.ଏନ.ଏ.)**

ପଞ୍ଚାୟତ ପୁନଃଗଠନ ପ୍ରକ୍ରିୟାରେ ନୂତନ ପଞ୍ଚାୟତର ମାନ୍ୟତା ପାଇଥିବା ମହିଁଷାସୁର ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ପାଇଁ ଗୁରୁବାର ଶିଳାନ୍ୟାସ କରାଯାଇଛି। ୩୫ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେବ। ଏଥିସହିତ ରାଜ୍ୟସଭା ଏମ୍‌ପି ବିଷ୍ଣୁ ଦାସଙ୍କ ଅନୁଦାନ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟରେ ମହିଁଷାସୁର ଗ୍ରାମ୍ୟ ରାସ୍ତା ନିର୍ମାଣ ହେବ। ଏହି ପ୍ରକଳ୍ପର ମଧ ଶିଳାନ୍ୟାସ କରାଯାଇଛି। ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଏହି ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀ, ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ନାଥ ସେଠୀ, ମହିଁଷାସୁର ପଞ୍ଚାୟତର ସରପଞ୍ଚ ପ୍ରତିମା ମହାନ୍ତି , ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ନାଏବ ସରପଞ୍ଚ କୌଶିକ ଚରଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଯୁବନେତା ଅଶୋକ କୁମାର ମହାନ୍ତି , ତ୍ରିଲୋଚନ ସାହୁ, ଅକ୍ଷୟ ନାୟକ, ଶଙ୍କର୍ଷଣ ରାଉତ , ଅଶ୍ୱିନୀ ପ୍ରଧାନ, ଛାତ୍ରନେତା ପ୍ରକାଶ ତାଣ୍ଡୁ, ରାଜେନ୍ଦ୍ର ପ୍ରତିହାରୀ, ମହିଁଷାସୁର ପଞ୍ଚାୟତର ସୁଲେଖ ରାଉତ, ନିମାଇଁ ପ୍ରଧାନ, କୃପାସିନ୍ଧୁ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ନବାଗତ ଛାତ୍ରୀଙ୍କୁ ସ୍ୱାଗତ

**କେନ୍ଦ୍ରାପଡା ଅଫିସ, ୧୪।୯**

କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟର ନବାଗତ ଯୁକ୍ତ ୩ ବିଜ୍ଞାନ (ସମ୍ମାନ) ଛାତ୍ରୀଙ୍କୁ ବୁଧବାର ସ୍ୱାଗତ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅଧକ୍ଷା ଡା. ହୀରାମଣି ବେଉରା ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା ପ୍ରମିଳା ରାଣୀ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡା. ସ୍ମୃତିରଞ୍ଜନ ବେହେରା, ଡା. ମନୋରଞ୍ଜନ ମହାନ୍ତି, ଡା. ଗୋଲକ ଚନ୍ଦ୍ର ମହାଭୋଇ, ଡା. ପ୍ରଭାକର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସାମ୍ପ୍ରତିକ ସମୟରେ ବିଜ୍ଞାନର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ମଞ୍ଜୁଶ୍ରୀ ସ୍ୱାଇଁ, ଜ୍ୟୋତ୍ସ୍ନାମୟୀ ମନ୍ତ୍ରୀ, ବ୍ରହ୍ମାନନ୍ଦ ସେଠୀ, ନିବେଦିତା ନାୟକ, ରଞ୍ଜିତ ଦାସ, ସ୍ମୃତିସୁଧା ସ୍ୱାଇଁ, ଲିପିକା ରାଉତ, ବାଗ୍ମୀ ସାମଲ, ସୋନିନମ୍ରତାମୟୀ ମହାପାତ୍ର, ମୋନାଲିସା ସାହୁ, ବର୍ଷାରାଣୀ ଜେନା, ଅର୍ପିତା ପ୍ରିୟଦର୍ଶିନୀ କାନୁନ୍‌ଗୋ ପ୍ରମୁଖ ଅଧ୍ୟାପିକାଅଧ୍ୟାପିକମାନେ ଛାତ୍ରୀମାନଙ୍କ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ସ୍ମୃତିଛନ୍ଦା ସାହୁ, ଅଭିଲିପ୍ସା ଆଚାର୍ଯ୍ୟ, ଗଙ୍ଗୋତ୍ରୀ ନାୟକ, ବୈଶାଖୀ ଦାସ, ଶୁଭଲକ୍ଷ୍ମୀ ବାରିକଙ୍କୁ ମିସ ଫ୍ରେସର୍ସ ଭାବେ ଚୟନ କରାଯାଇଥିଲା।



ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

## ଗଣେଶ ପୂଜା ପାଇଁ ମାର୍ଶାଘାଇ ଉତ୍ସବମୁଖର

ମାର୍ଶାଘାଇ,୧୪।୯(ଡିଏନ୍ଏ)

ଗଣେଶ ପୂଜା ପାଇଁ ମାର୍ଶାଘାଇ ଅଞ୍ଚଳ ଉତ୍ସବମୁଖର ହୋଇପଡିଛି । ବିଭିନ୍ନ ପୂଜାମଣ୍ଡପରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ରଙ୍ଗ ବେରଙ୍ଗର ଆଲୋକମାଳା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଛି। ମାର୍ଶାଘାଇ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ , ଶିଳ୍ପାନୁଷ୍ଠାନ ଓ ଗାଁ ଗହଳିରେ ଶ୍ରୀ ଗଣପତିଙ୍କ ପୂଜା ଗୁରୁବାର ଧୂମଧାମରେ ପାଳିତ ହୋଇଯାଇଛି । ମାର୍ଶାଘାଇ କନିଷ୍ଠ ମହିଳା ମହାବିଦ୍ୟାଳୟ ,ବିଜୁ ପଟ୍ଟନାୟକ କଲେଜ ଅନ୍ତେଇ,କରିଲୋପାଟଣା ମହାବିଦ୍ୟାଳୟ,ଆଖୁଆ କନିଷ୍ଠ ମହାବିଦ୍ୟାଳୟ ,ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ,ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟଗୁଡିକରେ ପୂଜାର୍ଚ୍ଚନା କରାଯାଇଥିଲା । ପୂଜା ଉପଲକ୍ଷେ କେତେକ ସ୍ଥାନରେ ଭଜନ ଓ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସେହିପରି ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ,ସେଣ୍ଟ ଜାଭିୟର ହାଇସ୍କୁଲ, ଡାଫୋଡିଲ୍ ବିଦ୍ୟାଳୟ,ପିଏନ୍ଏସ୍ ଇଞ୍ଜିନିୟରିଙ୍ଗ ବିଦ୍ୟାଳୟ ,ତରିଣୀ ଶିଳ୍ପତାଲିମ କେନ୍ଦ୍ର ,ଜୁଣ ଛକ କୁଷ୍ଟାର କ୍ଲବରେ ଶ୍ରୀଗଣପତିଙ୍କ ପୂଜାର୍ଚ୍ଚନା ଧୂମ୍‌ଧାମରେ ଚାଲିଛି ।

■ ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ଘଟଣା

# କନଷ୍ଟେବଲଙ୍କୁ ନିଲମ୍ବିତ କରା ନଯିବା ନେଇ ପ୍ରଶ୍ନବାଚୀ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା।

**କେନ୍ଦ୍ରାପଡା ଅଫିସ, ୧୪।୯**

ମହାକାଳପଡା ଥାନା ହାଜତରୁ ଫେରାର ଯୁବକ ଅବିନାଶ ପାଇଟାଲ ଓରଫ ମୂଷା(୨୩) ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଥାନା ଅଧିକାରୀ ଶ୍ୟାମଘନ ବେହେରାଙ୍କ ଗିରଫ ଦାବିରେ ଅନଶନକୁ ଶୁକ୍ରବାର ୩ ଦିନ ବିତିଛି। ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ସମେତ ୨୦ ସ୍ୱେଚ୍ଛାସେବୀ ସଂଗଠନ ମୂଷାଙ୍କ ପରିବାର ସଦସ୍ୟଙ୍କ ଅନଶନକୁ ଗତ ଦୁଇ ଦିନ ଧରି ସମର୍ଥନ ଜଣାଇଛନ୍ତି। ତେବେ ଓସାର କଟକ ଜିଲା ସଦସ୍ୟ, ଚୌଦ୍ୱାର କଟକ ବିକାଶ ପରିଷଦର ସଦସ୍ୟ, ଛାତ୍ର କଂଗ୍ରେସ ପ୍ରମୁଖ ଶୁକ୍ରବାରଠାରୁ ଅନଶନରେ ସାମିଲ ହୋଇଛନ୍ତି। ତୁରନ୍ତ ଅଭିଯୁକ୍ତ ଆଇଆଇସି ବେହେରାଙ୍କୁ ଗିରଫ ନ ହେଲେ ଅନଶନକୁ ଅଧିକ ତୀବ୍ର କରିବାକୁ ଚେତାବନୀ ଦିଆଯାଇଛି। ଅପରପକ୍ଷରେ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ମୂଷାର ହାଜତ ମୃତ୍ୟୁକୁ ଆତ୍ମହତ୍ୟାରେ ପରିଣତ ପାଇଁ ସମସ୍ତ ପ୍ରୟାସ ଜାରି ରହିଥିବା ସୂଚନା ମିଳିଛି।

ଅପରପକ୍ଷେ ମୂଷାଙ୍କ ଶବ ମିଳିବାର ଗୋଟିଏ ଦିନ ପରେ କନଷ୍ଟେବଳ ବୁଲୁ ନାୟକ ଥାନାରେ ଦେଇଥିବା ଏତଲା କପି ସାମାଜିକ ଗଣମାଧ୍ୟମରେ ବୁଲିବା ପରେ ଜିଲା ପୋଲିସ ପ୍ରତି ସମାଲୋଚନା ବଢ଼ିବାରେ ଲାଗିଛି। ଉକ୍ତ ଏତଲା କପି ମୁତାବକ, ଗତ ୨୫ ତାରିଖ ରାତିରେ ମୂଷା କନେଷ୍ଟବଳ ବୁଲୁ ନାୟକଙ୍କୁ ଧକ୍କା ମାରି ଖସି ପଳାଇଥିଲେ। ୨୬ ତାରିଖ ସକାଳୁ ମୂଷାଙ୍କ ମୃତ ଦେହ ମିଳିଥିଲା। ମାତ୍ର ଜିଲା ପୋଲିସର ବରିଷ୍ଠ ଅଧିକାରୀମାନେ କନେଷ୍ଟବଳ ବୁଲୁଙ୍କଠାରୁ ଜୋରଜବରଦସ୍ତ ସାଦା କାଗଜରେ ଦସ୍ତଖତ ନେଇଥିବା ବୁଲୁ

**ସୋସିଆଲ ମିଡିଆରେ ବୁଲୁଛି କନଷ୍ଟେବଲଙ୍କ ଏତଲା କପି**

ଗଣମାଧ୍ୟମରେ ବୟାନ ଦେଇଥିଲେ। ଏ ସମ୍ପର୍କରେ ଧାରଣାସ୍ଥଳରେ ଥିବା ଚୌଦ୍ୱାର କଟକ ବିକାଶ ପରିଷଦର ଆବାହକ ବିଶ୍ୱରଞ୍ଜନ ଜେଠୀ କହିଛନ୍ତି ଯେ, ବୁଲୁ ନାୟକଙ୍କ ସାଦା କାଗଜ ଦସ୍ତଖତକୁ ଜିଲା ପୋଲିସ ଏଠାରେ ଏତଲା ପତ୍ରର ରୂପ ଦେଇଛନ୍ତି। ମୂଷା ଜଦି କନେଷ୍ଟବଳକୁ ଧକ୍କା ମାରି ପଳାଇଥିଲେ ବୋଲି ଅଭିଯୋଗ ପତ୍ର ଦିଆଯାଇଥିଲା, ତେବେ ଏ ପର୍ଯ୍ୟନ୍ତ ତାଙ୍କୁ କାହିଁକି ନିଲମ୍ବିତ କରାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ, ମୂଷା ପଳାୟନ ନେଇ ବୁଲୁ ନାୟକଙ୍କ ଅଭିଯୋଗ ଭିତ୍ତିରେ ମାମଲା ମଧ ରୁଜୁ କରାଯାଇନାହିଁ।

## ସ୍ମୃତିଚାରଣ ସଭା

**ରାଜନଗର,୧୪।୯(ଡି.ଏନ.ଏ.)**

ରାଜନଗର ବ୍ଲକ ଅଧୀନ ବାଳିକଣା ଗ୍ରାମର ଶିକ୍ଷକ କାହ୍ନୁଚରଣ ରାଉତ(୭୫)ଙ୍କ ଗତ ୮ ତାରିଖ ଦିନ ପରଲୋକ ହୋଇଯାଇଛି। ରାଉତ ବନ୍ଧପାଟଣା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିଲେ। ତାଙ୍କ ବିୟୋଗରେ ବୁଧବାର ବିଦ୍ୟାଳୟ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷକନେତା ପ୍ରମୋଦ କୁମାର ସେଠୀ ସଭାପତିତ୍ୱ କରିଥିଲେ । ଏହି ସଭାରେ ଶିକ୍ଷାବିତ୍ ବାଇଧର ସ୍ୱାଇଁ, ମହେଶ୍ୱର ସେଠୀ, ସୁକାନ୍ତ କୁମାର ତ୍ରିପାଠୀ, ଗୌରାଙ୍ଗ ଚରଣ ସାହୁ, ଶରତ ଚନ୍ଦ୍ର ରାଉତରାୟ, ପ୍ରେସ କ୍ଲବ ସଭାପତି ଭାସ୍କର ରାଉତରାୟ, ପରିଚାଳନା କମିଟି ସଭାପତି ଫକିର ଚରଣ ସେଠୀ, ମମତା ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ୧୯ରେ ସିଟୁର ଗଣଧାରଣା

କେନ୍ଦ୍ରାପଡ଼ା ଅଫିସ୍, ୧୪।୯

ବିଭିନ୍ନ ଦାବି ଉପସ୍ଥାପନ କରି ଓଡିଶା କନ୍‌ଷ୍ଟ୍ରକସନ ୱାର୍କର୍ସ ୟୁନିୟନ (ସିଟୁ) ପକ୍ଷରୁ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୧୯ରେ ଗଣଧାରଣା ଦିଆଯିବ। ଏଥି ଉପଲକ୍ଷେ ଏକ ଜିଲାସ୍ତରୀୟ ବୈଠକ ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତିକୁ ସାମାଲୋଚନା କରାଯାଇଥିଲା। ଜଗତଜୀବନଦାଶ, ଗୟାଧରଧଳ, ଉମେଶ ଚନ୍ଦ୍ର ସିଂହ, ଧନେଶ୍ୱର ରାଉତ, ଅଜିତ ପରିଡ଼ା ପ୍ରମୁଖ ଶ୍ରମିକନେତା ଏଥିରେ ଯୋଗଦେଇ ଶ୍ରମିକଙ୍କ ପଞ୍ଜୀକରଣ ସାର୍ଟିଫିକେଟ ପ୍ରଦାନ, ବିଭିନ୍ନ ଯୋଜନାର ଅନୁଦାନ ପ୍ରଦାନ ଦାବିକୁ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକନେତା ମାଧବ ଦାସ, ଅର୍ଜୁନ ମଣ୍ଡଳ, ଅର୍ଜୁନ ସାହୁ, ରମେଶ ମଳିକ, ନୃସିଂହ ତରାଇ ପ୍ରମୁଖ ଆଲୋଚନାରେ ମତ ଉପସ୍ଥାପନ କରିଥିଲେ।

## କଳାକାର ଭତ୍ତା ପ୍ରଦାନ ନିମନ୍ତେ ଦକ୍ଷତା ପରୀକ୍ଷା

**ପାଟକୁରା, ୧୪।୯ (ଡି.ଏନ୍.ଏ.)**

ଗରଦ୍ଦପୁର ବ୍ଲକ ଅଧୀନ ୧୮ଟି ପଞ୍ଚାୟତରେ ଥିବା ୪୫୦ ଜଣ କୀର୍ତ୍ତନ କଳାକାରଙ୍କୁ କଳାକାର ଭତ୍ତା ପ୍ରଦାନ ନିମନ୍ତେ ଶୁକ୍ରବାର ଦକ୍ଷତା ପରୀକ୍ଷା କରାଯାଇଥିଲା। ବିଡିଓ ଧରଣୀଧର ବେହେରାଙ୍କ ଅଧକ୍ଷତାରେ ବସିଥିବା ବିଚାରକ ମଣ୍ଡଳୀ କଳାକାରମାନଙ୍କ ଦକ୍ଷତା ପରୀକ୍ଷା କରିଥିଲେ। ବିଚାରକ ମଣ୍ଡଳୀରେ ପ୍ରଜ୍ଞା ପ୍ରିତି ଜ୍ୟାତ୍ସ୍ନା ପଣ୍ଡା, ଶିକ୍ଷାବିତ୍ ପର୍ଶୁରାମ ନାୟକ, ଗାୟକ ଭୁଷଣ ଗୋପବନ୍ଧୁ ନାଥ, ଶଶିଭୁଷଣ ମହାନ୍ତି, ନଳିନୀକାନ୍ତ ସ୍ୱାଇଁ, ନବଘନ ନାୟକ ପ୍ରମୁଖ ଥିଲେ।



ଜଣେ କଳାକାର ବିଚାରକ ମଣ୍ଡଳୀଙ୍କ ଆଗରେ ମୃଦଙ୍ଗ ବଜାଉଛନ୍ତି।

# ଚାଷୀଙ୍କ ସମସ୍ୟା ନେଇ ଭାଜପାର ଖବରଦାତା ସମ୍ମିଳନୀ

**ରାଜନଗର,୧୪।୯(ଡି.ଏନ.ଏ.)**

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଭାଜପା ତରଫରୁ ଗୁରୁବାର ରାଜନଗର ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ କୃଷିଋଣ ଛାଡ, ଚାଷଜମିରୁ ପାଣି ନିଷ୍କାସନ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ବିରୋଧରେ କାର୍ଯ୍ୟାନୁଷ୍ଠାନ, ଲଘୁଚାପ ବର୍ଷାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଦେବାରେ ରାଜ୍ୟ ସରକାରଙ୍କ ବିଫଳତା, ଲୁଣାଘେରି ବନ୍ଧ କାଟି ବେଆଇନ ମାଛ ଧରୁଥିବା ଲୋକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଲଘୁଚାପ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ପ୍ରଭୃତି ପ୍ରସଙ୍ଗ ଉଠାଯାଇଥିଲା । ଚାଷୀଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଭାଜପା ନେତାମାନେ ଦାବି କରିଥିଲେ । ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଧ୍ୟାପକ ଭୁବନ ମୋହନ ଜେନା, ବରିଷ୍ଠ ଭାଜପା ନେତା ତଥା ଦଳର ମୁଖପାତ୍ର ଇଂ. ଜ୍ଞାନଦେବ ବେଉରା ପ୍ରମୁଖ ଯୋଗଦେଇ ରାଜନଗର ଅଞ୍ଚଳର ମୌଳିକ ସମସ୍ୟାକୁ ଉପେକ୍ଷା କରୁଥିବା ୫ଟି ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଏହି ଅବସରରେ ଆସନ୍ତା ୨ ତାରିଖରୁ ଭାଜପା ସତ୍ୟାଗ୍ରହ କରିବ ବୋଲି ସୂଚନା ଦେଇଥିଲେ ।

ଅନ୍ୟପକ୍ଷରେ ଏହି ସମ୍ମିଳନୀରେ କେତେକ ଗଣମାଧ୍ୟମ ପ୍ରତିନିଧି ଉଜ୍ଜ୍ୱଳା ଯୋଜନାରେ ହୋଇଥିବା ଅନିୟମିତତା ନେଇ ଭାଜପା ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେମାନେ ଦର୍ଶାଇଥିଲେ ଯେ, ଗତ ବୁଧବାର ରାଜନଗର ଥାନାରେ ମହୁଲିଆ ପଞ୍ଚାୟତ କଣି ଗ୍ରାମର ଉମେଶ ଚନ୍ଦ୍ର ସ୍ୱାଇଁ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୨୦୧୭ ଅଗଷ୍ଟ ୨୬ ତାରିଖରେ ତାଙ୍କ ପତ୍ନୀ ଶାନ୍ତିଲତା ସ୍ୱାଇଁଙ୍କୁ ଋଣ ମାଧ୍ୟମରେ ଗ୍ୟାସ ସଂଯୋଗ ଦିଆଯାଇଛି। କିନ୍ତୁ ତାଙ୍କ ପତ୍ନୀ ଗ୍ୟାସ ସଂଯୋଗ ପାଇଁ ଆବେଦନ କରିନାହାନ୍ତି କି ସେ ଗ୍ୟାସ ନେଇ ନାହାନ୍ତି । ତେବେ ତାଙ୍କ ପତ୍ନୀଙ୍କ ନାମରେ ଚଞ୍ଚକତା କରାଯାଇ ଗ୍ୟାସ ବିତରକମାନେ ଏହା ଲୁଟ କରିଥିବା ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ଏହାର ଉତ୍ତରରେ କାର୍ଯ୍ୟକାରିଣୀ ସଦସ୍ୟ ଅଧାପକ ଜେନା କହିଥିଲେ ଉଜ୍ଜ୍ୱଳା ଯୋଜନା ପ୍ରଧାନମନ୍ତ୍ରୀଙ୍କ ଏକ ଐତିହାସିକ ପଦକ୍ଷେପ । ପ୍ରଧାନମନ୍ତ୍ରୀଙ୍କୁ ବଦନାମ କରିବା ପାଇଁ ଯେଉଁ ନେତାମାନେ ଷଡଯନ୍ତ୍ର କରିଛନ୍ତି ଏବଂ ଏଥିରେ ବାଧକ ସାଜିଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ।

# ସାନଜରିଆ ନଉଡି ଭେଡାରେ ଧାନ ଫସଲ ନଷ୍ଟ

**ପଟ୍ଟାମୁଣ୍ଡାଇ,୧୪।୯(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତ ନଉଡି ଭେଡାରେ ଧାନଫସଲ ସଂପୂର୍ଣ୍ଣ ଉଜୁଡି ଯାଇଛି । ଗତ ଲଘୁଚାପଜନିତ ଲଗାଣ ବର୍ଷା ଚାଷୀମାନଙ୍କ ମୁହଁରୁ ଆହାର ଛଡାଇ ନେଇଛି । ଏବେ ବି ଏହି ଭେଡାର ଚାଷଜମିରେ ୧ ଫୁଟ ଉଚ୍ଚର ପାଣି ଜମି ରହିଛି । ଦେଶୀ ଧାନ ବଦଳରେ ଚଳିତବର୍ଷ ଚାଷୀମାନେ ଅଧିକ ଅମଳକ୍ଷମ ଧାନ ଚାଷ କରିଥିବା ବେଳେ ଏକ ସପ୍ତାହ ହେଲା ପାଣିରେ ଧାନ ଗଛ ବୁଡି ପଚି ଯିବାକୁ ବସିଛି । ନଉଡି ଭେଡାରେ ଥିବା ଅରଡପଲ୍ଲୀ, ସାନଜରିଆ, ବଡଜରିଆ, ନୟାକୋଟ, ବଡମୋହନପୁର, ବୋଧଗାଁ, ପେରିଜିପୁର, ରାଜପୁର , ମଙ୍ଗରାଜପୁର, କୁସୁନପୁର, ରତନପଡା, ଗଙ୍ଗାରାମପୁର, ବଡପଡା, କାଠିଆପଡା, ମିଞ୍ଜାଉଣି, ବାଇପଦା, ଜିଗରଣ, ନୂଆପଡା ଆଦି ଗ୍ରାମର ହଜାର ହେକ୍ଟରରୁ ଅଧିକ ଜମିର ଧାନ ଫସଲ ପାଣିରେ ବୁଡି ରହିଛି । ଚାଷୀମାନେ ପୁନର୍ବାର ଧାନ ତଳି ସଂଗ୍ରହ କରି ବିଳମ୍ବରେ ଚାଷ କରିବା ଅସମ୍ଭବ ହୋଇ ପଡିଥିବା ବେଳେ ପରିବାର କିପରି ଚଳାଇବେ ସେ ନେଇ ଚାଷୀମାନେ ହତାଶ ହୋଇ ପଡିଛନ୍ତି । ଚାଷ ଜମିର ଫସଲ କ୍ଷୟକ୍ଷତିର ଆକଳନ କରିବା ପାଇଁ କେହି ଯାଇ ନ ଥିବାରୁ ନାଏବ ସରପଞ୍ଚ ସୁରେନ୍ଦ୍ର ପରିଡା, ନିରଞ୍ଜନ ପତି, ବାଦଲ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ହରେକୃଷ୍ଣ ବାରିକ, ସୁନାକର ବେହେରା,ଅକ୍ଷୟ ସ୍ୱାଇଁ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ବଟକୃଷ୍ଣ ଦାସ, ନଟବର ସ୍ୱାଇଁ, ବାବୁଲି କବି, କାଳନ୍ଦୀ ବେହେରା, ପ୍ରଦୀପ ନାୟକ, ବିଭୁତି ଦାସଙ୍କ ସମେତ ଶତାଧିକ ଚାଷୀ ଦୃଢ ଦାବି କରିଛନ୍ତି।



ନଉଡି ଭେଡାରେ ପାଣି ଜମି ରହିଛି।



ମନୁଷ୍ୟ ନିଜେ ନିଜର ଯେତିକି କ୍ଷତି କରେ ଅନ୍ୟମାନେ ତାଙ୍କର ସେତେ କ୍ଷତି କରିପାରନ୍ତି ନାହିଁ।

- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ବଜ୍ରପାତରେ ପୁଅ ମୃତ, ମା'ବାପା ଗୁରୁତର

ପାରାଦୀପ,୧୪।୯(ସ୍ୱ.ପ୍ର.): ପାରାଦୀପ ଥାନା ଅଧୀନ ବାଉରିଆପାଳନ୍ଦା ବସ୍ତିରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତ ଘଟିଛି। ଏଥିରେ ବାଉରିଆପାଳନ୍ଦା ବସ୍ତିର ଜଣେ ୫ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ତାଙ୍କ ମା'ବାପା ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟେରୁ ସୁରେନ୍(୫)। ମା' ରେବତୀଙ୍କ ସହ ସେ ଲୁଗା ଆଣିବାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ଘଟିବାରୁ ମା'ପୁଅ ଗୁରୁତର ହୋଇଥିଲେ। ବାପା ଦଶିଆ ହାଂସଦା ମା'ପୁଅଙ୍କୁ ଉଦ୍ଧାର କରିବାକୁ ଯାଇ ଗୁରୁତର ହୋଇଥିଲେ। ସମସ୍ତେ ଘଟଣାସ୍ଥଳରେ ଗୁରୁତର ହେବାରୁ ବସ୍ତିବାସିନ୍ଦା ସେମାନଙ୍କୁ ଉଦ୍ଧାର କରି ଅଠରବାଙ୍କୀ ସ୍ଥିତି ବିଜୁ ମେମୋରିଆଲ ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ପୁଅ ଟେରୁଙ୍କୁ ମୃତ୍ୟୁ ଘଟିଛି। ମା'ବାପା ଚିକିତ୍ସାଧୀନ ଅଛନ୍ତି।

### ଅଚଳ ନଳକୂପ ସଜାଡିବାକୁ ବିଡିଓଙ୍କୁ ଦାବିପତ୍ର

ନାଉଗାଁ,୧୪।୯(ସ୍ୱ.ପ୍ର.): ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତର ଧୂଆଁପଦା ଗ୍ରାମରେ ଦୀର୍ଘ ୪ ମାସ ହେବ ଅଚଳ ହୋଇପଡିଥିବା ନଳକୂପ ସଜାଡିବା ପାଇଁ ଗ୍ରାମର ଚିତ୍ତରଞ୍ଜନ ସ୍ୱାଇଁ, ରବୀନ୍ଦ୍ର ନାୟକ, ତୁଷାରକାନ୍ତ ସ୍ୱାଇଁ, ମାନସ ସ୍ୱାଇଁ, ତାପସ ନାୟକ ପ୍ରମୁଖ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ ଦୀର୍ଘ ୪ ମାସ ହେବ ଉକ୍ତ ଗ୍ରାମର ସରକାରୀ ନଳକୂପ ଅଚଳ ହୋଇପଡିଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ଏପରିକି ବିଡିଓଙ୍କୁ ପୂର୍ବରୁ ଅଭିଯୋଗ କରାଯାଇଥିଲେ ମଧ ସୁଫଳ ମିଳିନାହିଁ। ଏହି ନଳକୂପ ଉପରେ ୨୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭରଶୀଳ। ନଳକୂପ ଅଚଳ ହୋଇଯାଇଥିବାରୁ ଦୀର୍ଘଦିନ ଧରି ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ବିଡିଓ ବିଜୟ କେତନ ଚୌଧୁରୀଙ୍କୁ ପଚାରିବାରେ ସେ କହିଲେ ଯେ ଗ୍ରାମବାସୀଙ୍କ ଅଭିଯୋଗ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ନିକଟକୁ ପଠାଇ ଦିଆଯାଇଛି। ଯଥା ଶୀଘ୍ର କାର୍ଯ୍ୟ କରାଯିବ।

### ସବୁଜ ମହାନଦୀ ମିଶନ ରଥକୁ ସ୍ୱାଗତ



ରାହାମା,୧୪।୯(ଡି.ଏନ୍.ଏ.): ଜଳବାୟୁ ପରିବର୍ତ୍ତନ ଓ ମହାନଦୀର ଜଳସ୍ତର କମିବାର ମୁଖ୍ୟ କାରଣ ହେଉଛି ସବୁଜ ବୃକ୍ଷ ରାଜିର ଅଭାବ। ନଦୀକୂଳରେ ବ୍ୟାପକ ବୃକ୍ଷ ରୋପଣ କରିବା ଦ୍ୱାରା ପବନର ଗତିକୁ ନିୟନ୍ତ୍ରଣ କରାଯିବା ସହିତ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ମିଳିଥାଏ। ମହାନଦୀ କୂଳରେ ମୃତ୍ତିକା ସଂରକ୍ଷଣ ଓ ସବୁଜ ବଳୟ ସୃଷ୍ଟି କରିବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସବୁଜ ମହାନଦୀ ମିଶନ ରଥ ପରିକ୍ରମା କରାଯାଉଛି। ରାଜନଗର ବନଖଣ୍ଡ ଅଧୀନ କୁଜଙ୍ଗ ବନାଞ୍ଚଳର ବାଲିକଣି, ହଂସୁରା, କାଠକୋଟ, ପଙ୍କପାଳ, ଅଗପାଳ, ବାଗୋଇ, କୁଜଙ୍ଗ, ଭୁତମୁଣ୍ଡାଇ, ନୂଆଗଡ ପଞ୍ଚାୟତରେ ଏହି ରଥ ପରିକ୍ରମା କରିବା ସହିତ ସାଧାରଣ ଲୋକଙ୍କୁ ସଚେତନ କରାଇଛି। ଫଳରେ ଲୋକେ ସବୁଜ ବଳୟ ସୃଷ୍ଟିର ଉପକରଣ ସମ୍ପର୍କରେ ଅବଗତ ହେବା ସହିତ ଏହି ରଥକୁ ଭବ୍ୟ ସ୍ୱାଗତ କରିଥିଲେ।

### ଭାଦ୍ର ସତ୍‌ସଙ୍ଗ ପରିକ୍ରମା

ରାହାମା,୧୪।୯: ତିର୍ତ୍ତୋଲ ବ୍ଲକର ବିଭିନ୍ନ ଅଞ୍ଚଳରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତ୍‌ସଙ୍ଗ ଅନୁଷ୍ଠିତ ହେଉଛି। ଲଥାଙ୍ଗ ସତ୍‌ସଙ୍ଗ କେନ୍ଦ୍ର, ଓକଲା ସତସଙ୍ଗ ବିହାର, ରାଇଗଣ ଉପାସନା କେନ୍ଦ୍ର, ରାହାମା ସତସଙ୍ଗ ବିହାର, ଝଙ୍କଡ଼ ସତସଙ୍ଗ କେନ୍ଦ୍ର, ନୂଆ ପୋଖରି ସତସଙ୍ଗ କେନ୍ଦ୍ର, ମଉଗଜପୁର ସତସଙ୍ଗ ବିହାର ଆନୁକୂଲ୍ୟରେ ବିଭିନ୍ନ ସ୍ଥାନରେ ଏହି ସତସଙ୍ଗ ହେଉଛି। ମଉଗଜପୁର ସତ୍‌ସଙ୍ଗ ଆନୁକୂଲ୍ୟରେ ଧୋୟା ଅଞ୍ଚଳ କନିମୂଳ ପଞ୍ଚାୟତ ଗଇଠିପୁରର ନିରଞ୍ଜନ ସେଠୀଙ୍କ ବାସଭବନରେ ଭାଦ୍ର ସତ୍‌ସଙ୍ଗ ହୋଇଥିଲା। ଏଥିରେ ସତସଙ୍ଗ ବିହାରର ସମ୍ପାଦକ ରତ୍ନାକର ନାୟକ ସଭାପତିତ୍ୱ କରିଥିଲେ। ବାନାମ୍ବର ପୃଷ୍ଟି, ଅଧିର କୁମାର ପରିଡ଼ା, ରଞ୍ଜନ ମଲ୍ଲ, ଫକିର ଚରଣ ଜେନା, ତିର୍ତ୍ତୋଲ ବାର ଆସୋସିଏସନର ଆଇନଜୀବୀ ସରୋଜ କୁମାର ପାଣିଗ୍ରାହୀ, ଟୁକନ ଚରଣ ସେଠୀ ପ୍ରମୁଖ ଯୋଗଦେଇ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟଜୀବନ ସମ୍ପର୍କରେ ଆଲୋଚନା କରିଥିଲେ।

■ ବହିଷ୍କାର ପରେ କୁଜଙ୍ଗ ଗଡ଼ରେ ଦାମ

# ଦଳୀୟ ଟିକେଟ ନୁହେଁ, କର୍ମୀ ବଡ଼

କୁଜଙ୍ଗ,୧୪।୯(ସ୍ୱ.ପ୍ର.)



କୁଜଙ୍ଗଠାରେ ଅନୁଷ୍ଠିତ ସଭାରେ ନିଜ ସମର୍ଥକଙ୍କୁ ଭେଟୁଛନ୍ତି ଦାମ।

ଦୁଇଦିନ ତଳେ ବିଜେଡିରୁ ବହିଷ୍କୃତ ହୋଇଥିବା ବରିଷ୍ଠ ବିଧାୟକ ଦାମୋଦର ରାଉତ ଶୁକ୍ରବାର ସନ୍ଧ୍ୟାରେ କୁଜଙ୍ଗରେ ନିଜ ଅନୁଗତ ଓ କର୍ମୀମାନଙ୍କୁ ଭେଟିଛନ୍ତି। କୁଜଙ୍ଗ ପଞ୍ଚାୟତ ସଭା ଗୃହରେ ବ୍ଲକ୍ ବିଜେଡି ସଭାପତି ଚିତ୍ତ ମିଶ୍ରଙ୍କ ପୌରୋହିତ୍ୟରେ ହୋଇଥିବା ଏକ ସମାବେଶରେ ବିଧାୟକ ରାଉତ ଯୋଗଦେଇ କହିଲେ ଯେ ତାଙ୍କ ପାଇଁ ଦଳୀୟ ଟିକେଟ୍ ବଡ଼ ନୁହେଁ, କର୍ମୀଙ୍କ ସହ ରହି ନିଜ ଅଞ୍ଚଳବାସୀଙ୍କ ସେବା କରିବା ବଡ଼ କଥା। ଲୋକଙ୍କ ସହ ରହି ରାଜ୍ୟରେ ଭ୍ରାଷ୍ଟାଚାର ଓ ଦୁର୍ନୀତିର ମୁଳୋତ୍ପାଟନ ପାଇଁ ସେ ଚେଷ୍ଟା କରିବେ। ଏହି ଅବସରରେ ସେ ଗତ ୯ ବର୍ଷ ତଳେ ରାହାମା ସଭାରେ କରାଯାଇଥିବା ଅପମାନ କଥା ମନେପକାଇଥିଲେ। ସେତେବେଳେ ଯେଉଁ ଢଙ୍ଗରେ ସ୍ୱାଭିମାନ ସମାବେଶ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ତାହା ତାଙ୍କୁ ଆଗକୁ ବଢିବାକୁ ବାଟ ଦେଖାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ପ୍ରତି ପଞ୍ଚାୟତର ଶତାଧିକ ଛାମୁଁଆ କର୍ମୀ ଓ ନେତା ଏହି ସମାବେଶରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଦିନ ଧାର୍ଯ୍ୟ କରି ସମସ୍ତ ଅନୁଗତ ତଥା କର୍ମୀଙ୍କୁ ଡକାଇ ଏକ ମୁକ୍ତସଭା କରିବେ ବୋଲି ଦାମ ସୂଚନା ଦେଇଥିଲେ। ଉକ୍ତ ସଭାରେ କର୍ମୀମାନେ ଯାହା ନିଷ୍ପତ୍ତି ନେବେ ତାହାକୁ ସେ ପାଳନ କରିବେ ବୋଲି କହିଥିଲେ। ସେ ଆହୁରି ମଧ କହିଲେ ଯେ ଏହି ନିର୍ବାଚନମଣ୍ଡଳୀରୁ ତାଙ୍କ ଦଳୀୟ ଟିକେଟ୍ କାଟି ଦେବାଶିଷ ସାମନ୍ତରାୟଙ୍କୁ ଦେବା ପାଇଁ ବହୁ ପୂର୍ବରୁ ଷଡଯନ୍ତ୍ର ହୋଇଥିଲା। ଏହି ଅବସରେ ସେ ନିଜର ଚିରାଚରିତ ଦୁଇ ବିରୋଧୀ ଯୁବନେତାଙ୍କୁ ମଧ୍ୟ ସମାଲୋଚନା କରିଥିଲେ। କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ଉପାଧ୍ୟକ୍ଷ ପୁଷ୍ପଲତା ବେହେରା, ବିଜୁ ଜନତା ଦଳର ବ୍ଲକ ସଭାପତି ଚିତରଞ୍ଜନ ମିଶ୍ର, କୁଜଙ୍ଗ ସରପଞ୍ଚ ଭାରତଭୂଷଣ ନାୟକ, ଗଡ଼ ସରପଞ୍ଚ ମିହିର ରଞ୍ଜନ ସାହୁ, କିଶୋରୀ ପରିଡା, ଅଗପାଳ ସମିତିସଭ୍ୟା ଲକ୍ଷ୍ମୀ ପ୍ରିୟା ବେହେରା, ହଂସୁରା ସରପଞ୍ଚ ସ୍ମୃତିରେଖା ସ୍ୱାଇଁ, ବଣିତୋ ସରପଞ୍ଚ ସଞ୍ଜୟ କୁମାର ଷଡଙ୍ଗୀଙ୍କ ସହ ବହୁ କର୍ମୀ ଓ ଅନୁଗତ ଦାମଙ୍କୁ ନୈତିକ ସମର୍ଥନ ଜଣାଇଥିଲେ। ଏଥିସହ ତାଙ୍କ ରାଜନୈତିକ ଜୀବନର ସାଥି ହୋଇ ରହିବାକୁ ଦୃଢ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ପ୍ରଥମେ ଦାମଙ୍କ ସହ ଦୀର୍ଘଦିନ ରାଜନୀତିରେ ଥିବା ବହୁ କର୍ମୀ ଓ ନେତା ନିଜ ବକ୍ତବ୍ୟରେ ତାଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଦଳ ପଛ, ମା' ମାଟି ଆଗ ବୋଲି କହିଥିଲେ। ଓଡିଶାରେ ହେଉଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଧରେ ବିରୋଧୀ ଦଳ କିଛି କରିପାରୁ ନ ଥିବାବେଳେ ବିଧାୟକ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଅନ୍ୟମାନେ ଅନୁକରଣ କରିବା ପରିବର୍ତ୍ତେ ତାଙ୍କୁ ଦଣ୍ଡ ମିଳିବା କେତେଦୂର ନ୍ୟାୟ ସଂଗତ ବୋଲି ପ୍ରଶ୍ନ ଉଠାଇଥିଲେ। ତେଣୁ ଦାମଙ୍କୁ ନୈତିକ ସମର୍ଥନ ଦେବାର ବେଳ ଆସିଛି ବୋଲି କର୍ମୀମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଡା. ରାଉତ କହିଲେ ଯେ ମୋର କର୍ମୀଙ୍କ ଭାବାବେଗ ଜାଣିବା ହେଉଛି ଏହି ନିର୍ବାଚନମଣ୍ଡଳି ଗସ୍ତର ମୁଖ୍ୟ କାରଣ। ଆଜିର କାର୍ଯ୍ୟକ୍ରମ ତାଙ୍କୁ ଉତ୍ସାହିତ କରିବା ସହ ତାଙ୍କ ମନୋବଳ ବୃଦ୍ଧି କରାଇଛି।

# ପାରାଦୀପରେ ପାଖ ମାଡ଼ିଲେନି ନିଜ ଲୋକ

ପାରାଦୀପ,୧୪।୯(ସ୍ୱ.ପ୍ର.)

■ଆସିଲେନି ବସନ୍ତ, ସୁମନ୍ତ
■୧୬ କାଉନ୍‌ସିଲରଙ୍କ ମଧ୍ୟରୁ ଦେଖାକଲେ ୩ ଜଣ
■ଦାମ ଶାନ୍ତି ସେନାର ବାଇକ୍ ଶୋଭାଯାତ୍ରା

ବିଜେଡିରୁ ବହିଷ୍କାର ହେବା ପରେ ବିଧାୟକ ଦାମୋଦର ରାଉତ ଶୁକ୍ରବାର ସନ୍ଧ୍ୟାରେ ଆସି ନିଜ ନିର୍ବାଚନମଣ୍ଡଳି ପାରାଦୀପରେ ପହଞ୍ଚିଥିଲେ। ଏଠାରେ ସେ ନିଜ ସମର୍ଥକ ଓ ଅନୁଗତଙ୍କୁ ଭେଟି ଯେଉଁ ମନୋବଳ ବୃଦ୍ଧି କରିବାକୁ ଚାହୁଁଥିଲେ, ତାହା ଆଶାନୁରୂପ ହୋଇପାରିନାହିଁ। ତେଣୁ ପାରାଦୀପ ନୂଆ ବଜାରସ୍ଥିତ ବିଜୁ ମେମୋରିଆଲ ଟ୍ରଷ୍ଟ ଘରେ ପହଞ୍ଚିବା ପରେ ଦାମଙ୍କ ମୁଖ ମଣ୍ଡଳ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା। କାରଣ ପାରାଦୀପ ବିଜେଡିର ଛାମୁଆ କର୍ମୀ ତଥା ଦାମଙ୍କ ଅନୁଗତ ଭାବେ ଜଣାଶୁଣା ବହୁ ଲୋକ ଏଠାରେ ଅନୁପସ୍ଥିତ ଥିଲେ। ତେଣୁ ହାତଗଣତି କେତେକ ଲୋକଙ୍କ ସହ ସେ ଭାବବିନିମୟ କରିଥିଲେ। ସୂଚନାଯୋଗ୍ୟ ପାରାଦୀପ ପୌରାଞ୍ଚଳର ବିଜେଡି ସଭାପତି ସୁମନ୍ତ କୁମାର ବିଶ୍ୱାଳ, ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ୧୬ ଜଣ ବିଜେଡି କାଉନ୍‌ସିଲର, ଛାତ୍ର, ଯୁବ, ମହିଳା ବିଜେଡିର କର୍ମକର୍ତ୍ତାମାନେ ସବୁବେଳେ ଦାମଙ୍କ ପାଖେ ପାଖେ ରହୁଥିଲେ। ସେହି କର୍ମୀଙ୍କ ମଧ୍ୟରୁ କେହି ଶୁକ୍ରବାର ଦାମଙ୍କ ପାଖ ମାଡି ନ ଥିଲେ। କେବଳ ଦାମଙ୍କ ସମ୍ପର୍କୀୟ ପୁତୁରା ତଥା ୧୬ ନଂ. ୱାର୍ଡର କାଉନ୍‌ସିଲର ଚିତ୍ତରଞ୍ଜନ ରାଉତରାୟ, ୧୭ନଂ. କାଉନ୍‌ସିଲର ଜଗନ୍ନାଥ ରାଓ ଓ ପୌର ଉପାଧକ୍ଷା ପ୍ରଭାତି ନାୟକ ଉପସ୍ଥିତ ଥିଲେ। ସବୁବେଳେ ଦାମଙ୍କ ପାଖରେ ବସୁଥିବା ପ୍ରଭାତି ଶୁକ୍ରବାର ଆଜି ଏକପାଖିଆ ହୋଇ କିଛି ଦୂରରେ ବସି ସମ୍ମାନ ପୂର୍ବକ ନମସ୍କାର ହୋଇ ଫେରିଥିଲେ। ବିଧାୟକଙ୍କ ପ୍ରତିନିଧି ଉଲ୍ଲାସ ବିଶ୍ୱାଳ, ବିଜେଡି ଯୁବ ନଗର ସଭାପତି ଆଲୋକ ମହାପାତ୍ର ଥିଲେ। ଦାମଙ୍କୁ କର୍ମୀଙ୍କ ଅନୁପସ୍ଥିତି ପ୍ରସଙ୍ଗରେ ପଚାରିବାରେ ସେ କହିଲେ ଯେ ସେମାନେ ସମସ୍ତେ ମୋ ସହ ଅଛନ୍ତି। କୌଣସି କାରଣବସତଃ ବାହାରକୁ ଯାଇଥାଇପାରନ୍ତି। ସେମାନେ ଆସିବେ ବୋଲି ଅପେକ୍ଷାକୃତ ନରମ ସ୍ୱରରେ କହିଥିଲେ ଦାମ। ଏ ସମ୍ପର୍କରେ ନଗର ସଭାପତି ସୁମନ୍ତଙ୍କୁ ପଚାରିବାରେ ସେ କହିଲେ ଦାମବାବୁ ଆସିବା ସମ୍ପର୍କରେ ସେ ଜାଣି ନାହାନ୍ତି। ପୌରାଧକ୍ଷ ବସନ୍ତ ବିଶ୍ୱାଳ ଗଣମାଧମଠାରୁ ଦୂରେଇ ରହିବାକୁ ଫୋନ୍ ବନ୍ଦ କରିଦେଇଛନ୍ତି। ଦାମବାବୁ ବିଗତ ଦିନରେ କର୍ମୀଙ୍କ ମଧ୍ୟରେ ବିଭାଜନ ରାଜନୀତି ଖେଳି ଆସିଛନ୍ତି। ଏହି କ୍ରମରେ ପାରାଦୀପରେ ୪ଟି ବିଜେଡି ସଂଗଠନ ଚାଲୁଛି। ସେଥିରୁ ଦାମଙ୍କର ୩ଟି ଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜିଲା ବିଜେଡି ସଭାପତି ବିଷ୍ଣୁ ଦାସଙ୍କର ଗୋଟିଏ। ଦାମଙ୍କ ୩ ସମାନ୍ତରାଳ ସଂଗଠନର ସିଂହଭାଗ ହେଲା ସୁମନ୍ତ, ବସନ୍ତ ଓ କାଉନ୍‌ସିଲର ଗୋଷ୍ଠୀ। ଅନ୍ୟଟି ହେଲା ଶିଳ୍ପ ସଂସ୍ଥାରେ ସାଂଗଠନିକ ଉପସ୍ଥିତି ଜାହିର କରିବା ପାଇଁ ଗୋଲେଖ ଚନ୍ଦ୍ର ନାୟକଙ୍କ ଗୋଷ୍ଠୀ। ତୃତୀୟଟି ହେଉଛି ଦାମ ଶାନ୍ତି ସେନା, ଯାହାକୁ ତାଙ୍କ ପୁତ୍ର ସମ୍ବିତ ରାଉତରାୟ ତିଆରି କରିଛନ୍ତି। ୩ ଗୋଷ୍ଠୀ ପରସ୍ପର ବିରୋଧୀ ଅଲଗା କାର୍ଯ୍ୟକ୍ରମ କରନ୍ତି। ସବୁ କାର୍ଯ୍ୟକ୍ରମରେ କିନ୍ତୁ ଦାମ ଉପସ୍ଥିତ ଥାଆନ୍ତି। ଶୁକ୍ରବାର ସେ ଏଠାରେ ପହଞ୍ଚିବା ପରେ ଦାମ ଶାନ୍ତି ସେନାର ପ୍ରାୟ ୫୦ ଯୁବକ ତାଙ୍କୁ ଥାନା ଛକରୁ ଟ୍ରଷ୍ଟ ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରାରେ ନେଇଥିଲେ। ଅନ୍ୟ ଏକ ବ୍ୟତିକ୍ରମ ହେଲା ୨୦୧୦ରୁ ଦାମ ନିଜ ପାଖରୁ ଦୂରେଇ ଦେଇଥିବା ପୂର୍ବତନ ନଗର ସଭାପତି ପିଶୋର ପରିଡ଼ା ଆଜି ତାଙ୍କ ପାଖେ ପାଖେ ଥିଲେ। ଦୀର୍ଘବର୍ଷ ପରେ କିଶୋର ଦାମଙ୍କ ପାଖରେ ବସିବା ଚର୍ଚ୍ଚାର ବିଷୟ ହୋଇଛି।



ପାରାଦୀପରେ ଦାମଙ୍କ ସହ ସମର୍ଥକମାନେ।

# ଜାଲ ବିଛାଇଲାଣି ଏସ୍‌ଟିଏଫ୍

ପାରାଦୀପ,୧୪।୯(ସ୍ୱ.ପ୍ର.)

ବିଜେଡିରେ ରହିଥିବାବେଳେ ଅନେକ ବିବାଦୀୟ ମନ୍ତବ୍ୟ ଦେଇ ବିଧାୟକ ଦାମୋଦର ରାଉତ ସରକାରଙ୍କୁ ଅକଳରେ ପକାଉଥିଲେ। ଏପରିକି ବିରୋଧୀ ଦଳ ପକ୍ଷରୁ ରାଜ୍ୟ ସରକାରଙ୍କୁ ଯେତିକି ସମାଲୋଚନା କରାଯାଉ ନ ଥିଲା ତା'ଠାରୁ ଅଧିକ ଗୋହୀ ଖୋଲୁଥିଲେ ଦାମ। ତେଣୁ ଏବେ ଦଳରୁ ବହିଷ୍କାର ହେବା ପରେ ସେ ଅନେକ ଗୁମର ଖୋଲି ବିଜେଡି ପାଇଁ ବିପର୍ଯ୍ୟୟ ସୃଷ୍ଟି କରିବାର ଆଶଙ୍କା ରହିଛି। ତେବେ ସେଭଳି କିଛି ଘଟିବା ପୂର୍ବରୁ ଦାମଙ୍କ ତୁଣ୍ଡରେ ତୁଣ୍ଡି ଭିଡ଼ିବାକୁ ଯୋଜନା ହେଲାଣି। ଅର୍ଥାତ୍ ସର୍ବଦା ନିଜକୁ ସ୍ୱଚ୍ଛ କହି ଅନ୍ୟମାନଙ୍କୁ ଦୁର୍ନୀତିଗ୍ରସ୍ତ କହି ଆସୁଥିବା ଦାମଙ୍କୁ ଏବେ ଏସ୍‌ଟିଏଫ ମାଧମରେ ଲଗାମ ଲଗାଇବାକୁ ଚେଷ୍ଟା କରାଯାଉଛି। ସେଥିପାଇଁ ଏସଟିଏଫ୍ ପକ୍ଷରୁ ସମସ୍ତ ଜାଲ ବିଛା ଯାଉଛି। ନିଜ ରାଜନୈତିକ ଜୀବନରେ ୭ ଥର ବିଧାୟକ ଓ ଅନେକ ଥର ମନ୍ତ୍ରୀ ପଦ ମଣ୍ଡନ କରିଥିବା ଦାମବାବୁଙ୍କ କେଉଁଠି ଭୁଲ୍ ରହିଛି, ତାଙ୍କ ବିଭାଗରେ କେଉଁ ଦୁର୍ନୀତି ହୋଇଥିଲା ଆଦି ସେସବୁ ଯାଞ୍ଚ କରିବାକୁ ପ୍ରସ୍ତୁତି ଚାଲିଛି। ଏ ସମ୍ପର୍କରେ ଏସ୍‌ଟିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ତଥ୍ୟ ଯୋଗାଡ଼ କରୁଥିବା ମଧ ସୂଚନା ମିଳିଲାଣି। ଯଦି ଏହି ଯୋଜନା ସଫଳ ହୁଏ ତେବେ ଦାମଙ୍କ ପାଇଁ ବିପଦ ସୃଷ୍ଟି ହୋଇପାରେ। ସୂଚନା ଅନୁଯାୟୀ, ୮ଦିନ ତଳେ ଗ୍ୟାଙ୍ଗଷ୍ଟର ଟିଟୋ ଲିଙ୍କରେ ପାରାଦୀପରେ ଏସଟିଏଫ୍ ଦାମଙ୍କ ସମ୍ପର୍କରେ ଖୋଳତାଡ଼ କରୁଥିଲା। ଏବେ ସେହି ତଦନ୍ତ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବାକୁଯାଉଛି। ବିଶେଷ କରି ୨୦୧୪ ଫେବୃୟାରୀ ୨୨ରେ ଅଣୁ, କ୍ଷୁଦ ଓ ମଧମ ଉଦ୍ୟୋଗ ମନ୍ତ୍ରୀ ଥିବାବେଳେ ଦାମ ସେହି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ପଦବୀରେ ଥିବା ଅଫିସରଙ୍କ କାର୍ଯ୍ୟାଳୟ ରାଉରକେଲାରୁ ପାରାଦୀପ ଆଣିଥିଲେ। ସେହି ଅଫିସ ମଧୁବନ ହାଉସିଂବୋର୍ଡଠାରେ ଦାମଙ୍କ ପରିବାର ମାଲିକାନାରେ ଥିବା ଘରେ ଚାଲିଥିଲା। ୩ ବର୍ଷ କାଳ ଉକ୍ତ ଅଫିସ ଚାଲିଥିଲେ ମଧ ଜଣେ ହେଲେ ଉଦ୍ୟୋଗୀ ସୃଷ୍ଟି କରିପାରି ନ ଥିଲା। ୨୦୧୭ ମାର୍ଚ୍ଚ ୩୧ରେ ସେହି ଅଫିସ ଚୌଦ୍ୱାରକୁ ସ୍ଥାନାନ୍ତର ହୋଇଥିଲା। ଏହି ସମୟରେ କି ପ୍ରକାର ଆର୍ଥିକ କାରବାର ହୋଇଥିଲା ତାହାର ତଦନ୍ତ କରାଯାଇପାରେ। ସେହିପରି ପୌରାଞ୍ଚଳରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ବଦଳି ତାଲିକାରେ ହୋଇଥିବା କାଗଜପତ୍ର, ଅବକାରୀ ମନ୍ତ୍ରୀ ଥିବାବେଳେ କେତେଜଣଙ୍କୁ ମଦ ଦୋକାନ ପାଇଁ ଲାଇସେନ୍ସ ଦିଆଯାଇଛି ଆଦି ଏସ୍‌ଟିଏଫ୍ ଖୋଳତାଡ କରିବାକୁ ଯାଉଛି। ଇଫ୍‌କୋ, ଏସାର ଷ୍ଟିଲ, ପିପିଏଲରେ ତାଙ୍କ ଆତ୍ମୀୟଙ୍କ ନାଁରେ ଚାଲୁଥିବା ବ୍ୟବସାୟ ସମ୍ପର୍କରେ ମଧ ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ଏତଦ୍‌ବ୍ୟତୀତ ଟିଟୋ ଲିଙ୍କ୍‌ରେ ଜେଲରେ ଥିବା ସଂଗଠନ ନେତା ଓ ଏସଟିଏଫ୍ ଡାକି ପଚରାଉଚରା କରିଥିବା ଲୋକଙ୍କ ବ୍ୟବସାୟ ଉପରେ ପୁଣି ତଦନ୍ତ ଆରମ୍ଭ ହୋଇଛି।

■ ଦାମଙ୍କ ଭୟରେ ହୋଇପାରେ ଏପଟସେପଟ

# ପ୍ରଶାନ୍ତଙ୍କୁ ଜଗତ୍‌ସିଂହପୁର, ବିଷ୍ଣୁଙ୍କୁ ତିର୍ତ୍ତୋଲ

ଜଗତ୍‌ସିଂହପୁର ଅଫିସ, ୧୪।୯



ପ୍ରଶାନ୍ତ ମୁଦୁଲି



ବିଷ୍ଣୁ ଦାସ

■ଦାମଙ୍କୁ ଏସ୍‌ଟିଏଫ୍, ଭିଜିଲାନ୍ସ ଛାଟ
■ମୁଁ ହିରୋ କାର୍ଯ୍ୟକ୍ରମରେ ଯୋଗଦେଲେନି ପ୍ରଶାନ୍ତ

ବିଜେଡିରୁ ବହିଷ୍କାର ହେଲା ପରେ ବରିଷ୍ଠ ନେତା ତଥା ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ନେଇ ରାଜନୈତିକ ଚର୍ଚ୍ଚା ବଢିବାରେ ଲାଗିଛି। ସାରା ରାଜ୍ୟରେ ଏହାକୁ ନେଇ ରାଜନୈତିକ ଉଷ୍ଣତା ପ୍ରକାଶ ପାଇଥିବାବେଳେ ଜଗତ୍‌ସିଂହପୁର ଜିଲା ରାଜନୀତିରେ ଘଡିକେ ଘୋଡା ଛୁଟୁଛି। ଦାମଙ୍କୁ ବାଦ୍‌ଦେଇ ବିଜେଡି ଅଡୁଆରେ ପଡିବା ଆଶଙ୍କା ଥିବାରୁ ତାଙ୍କୁ ବ୍ରେକ୍ ଦେବାକୁ ଦଳ ନୂଆ ରଣନୀତି ଆପଣାଇବା ସମ୍ଭାବନା ରହିଛି। ଦାମବାବୁ ଦୁର୍ନୀତି ବିରୋଧରେ ଗର୍ଜୁଥିବାରୁ ତାଙ୍କ ତୁଣ୍ଡରେ ଲଗାମ ଦେବା ପାଇଁ ବିଜେଡି ସଜ ହେଉଛି। ବିଶେଷକରି ସେ ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଏବଂ ତାଙ୍କର ଅପରାଧିମାନଙ୍କ ସହ ସମ୍ପର୍କ ଥିବା ଦର୍ଶାଇ ଭିଜିଲାନ୍ସ ଓ ଏସ୍‌ଟିଏଫ୍ ଝାମ୍ପ ମାରିବାର ଆଶଙ୍କା କରାଯାଉଛି। ଏଭଳି ଯେବେ ଘଟିବ ତେବେ ଦାମଙ୍କ ରଣନୀତି କଣ ରହିବ ତାହା ସମୟ କହିବ। କିନ୍ତୁ ଦାମବାବୁ ଖୋଲାଖୋଲି ଭାବେ ବାଲିକୁଦା ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଜଗତ୍‌ସିଂହପୁର ବିଧାନସଭା ଆଶନରୁ ଗତଥର ପ୍ରାର୍ଥୀ ହୋଇ ହାରିଥିବା ବିଷ୍ଣୁ ଚରଣ ଦାସଙ୍କୁ ଟାର୍ଗେଟ କରିଥିବାରୁ ତାହା ଏବେ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ହୋଇଛି। ଦାମ କହିଛନ୍ତି ଯେ ମୁଦୁଲି ଓ ଦାସଙ୍କୁ କୌଣସି ପରିସ୍ଥିତିରେ ବିଧାୟକ କରାଇ ଦେବେନି। ଯାହାର ପ୍ରଭାବ ବାଲିକୁଦା-ଏରସମାରେ ପଡିସାରିଲାଣି। ଶୁକ୍ରବାର ଏରସମା ବ୍ଲକ କୋଠିସ୍ଥିତ ଜଗନ୍ନାଥ ମହାବିଦ୍ୟାଳୟରେ ମୁଁ ହିରୋ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଯୋଗଦେବା ପାଇଁ ବିଧାୟକ ମୁଦୁଲିଙ୍କୁ ଡକାଯାଇଥିଲା। କିନ୍ତୁ ସେ ଆସି ନ ଥିଲେ। କାଳେ ଦାମଙ୍କ ସମର୍ଥକମାନେ କିଛି ବିଶୃଙ୍ଖଳା କରିବେ ସେହି ଆଶଙ୍କାରେ ମୁଦୁଲି ଉକ୍ତ କାର୍ଯ୍ୟକ୍ରମକୁ ଯାଇ ନ ଥିବା ଆଲୋଚନା ହେଉଛି। କିନ୍ତୁ ଉକ୍ତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପି, ବିଜେଡି ଏରସମା ବ୍ଲକ ସଭାପତି, ଏରସମା ବ୍ଲକ ଅଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରୁ ସ୍ପଷ୍ଟ ଯେ ଦାମ ଏହି ଦୁଇ ବିଧାନସଭା ଆଶନରେ ବିଜେଡି ଭୋଟ ବିଭାଜନ ପାଇଁ ପୂର୍ଣ୍ଣମାତ୍ରାରେ ଉଦ୍ୟମ କରିବେ। ଏ ପରିସ୍ଥିତିରେ ନେତାଦ୍ୱୟଙ୍କ ସୁରକ୍ଷା ପାଇଁ ବିଜେଡି ଅଣ୍ଟା ଭିଡିପାରେ। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଦଳ ମଧ ନୂଆ ରଣନୀତି ଆପଣାଇବାକୁ ଚେଷ୍ଟା କରୁଛି। ମୁଦୁଲିଙ୍କୁ ଜଗତ୍‌ସିଂହପୁର ଏବଂ ଦାସଙ୍କୁ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ କରିପାରେ। ତିର୍ତ୍ତୋଲ ବିଧାୟିକାଙ୍କୁ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ କରାଯାଇପାରେ। ଏଭଳି ଅନେକ କଥା ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଉଛି।

ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ କହିଲେ ବାଲିକୁଦା ଓ ଏରସମା ବ୍ଲକ ଅଞ୍ଚଳକୁ ବୁଝାଯାଏ। ୨୦୦୯ ନିର୍ବାଚନ ପୂର୍ବରୁ ଏରସମା ବ୍ଲକ, କୁଜଙ୍ଗର ୧୭ ପଞ୍ଚାୟତ ଓ ପାରାଦୀପ ପୌର ପରିଷଦ ଅଞ୍ଚଳକୁ ନେଇ ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀ ଥିଲା। ଦାମଙ୍କ ଘର ଏରସମା ବ୍ଲକ ଅଞ୍ଚଳରେ ହୋଇଥିବା ବେଳେ ସେ ଏହି ନିର୍ବାଚନମଣ୍ଡଳୀରୁ ୫ ଥର ଜିତିଛନ୍ତି। ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ପରେ ସେ ପାରାଦୀପ ବିଧାନସଭା ଆଶନରୁ ପ୍ରାର୍ଥୀ ହୋଇ ଜିତି ଚାଲିଛନ୍ତି। ଯେହେତୁ ଏରସମା ବ୍ଲକଟି ତାଙ୍କର ବର୍ତ୍ତମାନର ନିର୍ବାଚନମଣ୍ଡଳୀରୁ ବାଦ ପଡିଯାଇଛି, ତେଣୁ ଉକ୍ତ ଅଞ୍ଚଳରେ ତାଙ୍କର ଲୋକ ସମ୍ପର୍କ ଆଗଭଳି ନ ଥିଲେ ସୁଦ୍ଧା ଅଛି। ଏରସମା ବ୍ଲକର ପ୍ରତି ପଞ୍ଚାୟତରେ ତାଙ୍କର ଲୋକ ଅଛନ୍ତି। ସେ ଦୃଷ୍ଟିରୁ ଆଗାମୀ ନିର୍ବାଚନରେ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀରେ ତାଙ୍କ ଗୋଟିଚାଳନା କାମ କରିପାରେ। ଅନ୍ୟପକ୍ଷରେ ଦେଖିବାକୁ ଗଲେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି କଂଗ୍ରେସ ଗୋଷ୍ଠୀ କନ୍ଦଳର ଭରପୁର ଫାଇଦା ଉଠାଇ ୨ ଥର ବିଧାୟକ ହେଲେଣି। ୨୦୦୯ ନିର୍ବାଚନ କଥା ଦେଖିଲେ ଜଣାଯାଏ, ବିଜେଡିରୁ ମୁଦୁଲି ଓ କଂଗ୍ରେସରୁ ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରାର୍ଥୀ ହୋଇଥିଲେ। ମୁଦୁଲିଙ୍କୁ ୮୯,୦୪୪ ଓ ସ୍ୱାଇଁଙ୍କ ସପକ୍ଷରେ ୫୭,୬୫୯ ଖଣ୍ଡ ଭୋଟ ଯାଇଥିଲା। ଭାଜପା ପ୍ରାର୍ଥୀ ପ୍ରିୟ ରଞ୍ଜନ ଦାଶଙ୍କୁ ୫,୮୩୨ଖଣ୍ଡ ଭୋଟ ମିଳିଥିଲା। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ମୁଦୁଲି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ସ୍ୱାଇଁଙ୍କୁ ୩୧,୩୮୫ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏହି ବ୍ୟବଧାନ ହାର ୨୦.୩୫% ଥିଲା, ଯାହାକି ଗୁରୁତ୍ୱପୂର୍ଣ୍ଣ। କାରଣ ବିଜେଡି ସପକ୍ଷରେ ୫୭.୭୩%, କଂଗ୍ରେସ ୩୭.୩୮%, ଭାଜପା ଆଡକୁ ୩.୭୮% ଭୋଟ ଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୧୯୯୫, ୨୦୦୦ ଓ ୨୦୦୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ହଠାତ୍ ୨୦୦୯ରେ ହାରି ଯାଇଥିଲେ। ଏହାର କାରଣ ହେଉଛି ସ୍ୱାଇଁଙ୍କୁ ପ୍ରାର୍ଥୀ କରାଯିବାରୁ କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ର ଓ ସାରଦା ଜେନା ସହଯୋଗ କରି ନ ଥିଲେ। ଏପରି କି ମୁଦୁଲିଙ୍କ ଆଡକୁ କଂଗ୍ରେସ ଭୋଟ ଜୁଟାଇବାରେ କେତେଜଣ କଂଗ୍ରେସ ନେତା ଆଗଭର ହେବାରୁ ଦଳର ଏପରି ସ୍ଥିତି ହୋଇଥିଲା। ୨୦୧୪ରେ ମଧ କଂଗ୍ରେସ ଭୋଟ ବିଭାଜନକୁ ଅସ୍ତ୍ର କରି ମୁଦୁଲି ମାତ୍ର ୩୮.୧୨% ଭୋଟ ପାଇ ବିଜୟୀ ହୋଇଥିଲେ। ତାଙ୍କୁ ମିଳିଥିବା ଭୋଟ ହାର ୨୦୦୯ ନିର୍ବାଚନ ତୁଳନାରେ ୧୯.୬୧% କମ ଥିଲା। କାରଣ ଲଲାଟେନ୍ଦୁ ମହାପାତ୍ର କଂଗ୍ରେସର ପ୍ରାର୍ଥୀ ହୋଇଥିବାବେଳେ ସାରଦା ଜେନା ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ଜେନାଙ୍କୁ ୧୩.୧୭% ଅର୍ଥାତ୍ ୨୩,୯୪୮ ଖଣ୍ଡ ମିଳିବା ମୁଦୁଲିଙ୍କୁ ସୁହାଇଥିଲା। ଏସବୁ ନିର୍ବାଚନରେ ଦାମ ଦଳ ବିରୋଧୀ କାର୍ଯ୍ୟ କରି ନ ଥିଲେ, ବରଂ ୨୦୦୯ ନିର୍ବାଚନରେ ମୁଦୁଲିଙ୍କୁ ପ୍ରଥମ ଥର ପାଇଁ ବିଜେଡି ଟିକେଟ୍ କରାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ। କିନ୍ତୁ ପାଖାପାଖି ୧ ବର୍ଷ ହେବ ଦାମ ଓ ମୁଦୁଲିଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା। କାରଣ ଯାହା ଥାଉ ନା କାହିଁକି ନିକଟରେ ଦାମଙ୍କ ବିରୋଧରେ ମୁଦୁଲି ଦଳ ରାଜ୍ୟ ସଭାପତିଙ୍କ ଆଗରେ ଶତାଧିକ ଲୋକ ନେଇ ଫେରାଦ ହୋଇଥିଲେ। ତା'ପରେ ଦାମଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ଏବେ ଦାମଙ୍କୁ ନେଇ ମୁଦୁଲି କିନ୍ତୁ ଚିନ୍ତିତ। କାରଣ ସେ ଜାଣନ୍ତି ଦାମ କିଛି ବି ଏପଟସେପଟ କରିପାରନ୍ତି। ଦଳ ମଧ ଅନୁରୂପ ଚିନ୍ତା କରୁଛି। ତେଣୁ ତାଙ୍କୁ ସୁରକ୍ଷା ଦେବା ପାଇଁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀକୁ ପଠାଯାଇପାରେ। ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଗତଥର ଦଳୀୟ ପ୍ରାର୍ଥୀ ହୋଇ ବିଷ୍ଣୁ ଦାସ ପରାଜିତ ହୋଇଥିଲେ। ଏବେ କଂଗ୍ରେସର ଚିରଞ୍ଜୀବ ବିଶ୍ୱାଳ ଏହି ନିର୍ବାଚନମଣ୍ଡଳୀର ବିଧାୟକ ଅଛନ୍ତି। ଏହି ୪ ବର୍ଷ ଭିତରେ ସେ ଓ ତାଙ୍କ ସାନ ଭାଇ ତଥା ରାଜ୍ୟସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବହୁ ଟଙ୍କାର ଅନୁଦାନ ଦେଇଛନ୍ତି। ଆର୍ଥିକ ସ୍ଥିତିରୁ ଚିରଞ୍ଜୀବ ଶକ୍ତିଶାଳୀ। ଏବେ ସେ ବିରୋଧୀ ଦଳ ଉପନେତା ତଥା ପିସିସି କାର୍ଯ୍ୟକାରୀ ସଭାପତି ଭଳି ଗୁରୁ ଦାୟିତ୍ୱରେ ଅଛନ୍ତି। କୌଣସି ପରିସ୍ଥିତିରେ ୨୦୧୯ ନିର୍ବାଚନରେ ବିଶ୍ୱାଳ ଜିତିବା ପାଇଁ ଚେଷ୍ଟା କରିବେ। ଦାସ ତାଙ୍କ ସହ ମୁକାବିଲା କରି ଜିତିବା କାଠିକର ପାଠ। ତେଣୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବା ନିଶ୍ଚୟ। ଏ ପରିସ୍ଥିତିରେ ଦାମ ନିର୍ବାଚନ ମଣ୍ଡଳୀରେ ବିଜେଡି ବିରୋଧରେ କିଛିଟା ପରିବର୍ତ୍ତନ ଆଣିପାରନ୍ତି। ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଦେଖି ବିଜେଡି ଦାସଙ୍କୁ ତିର୍ତ୍ତୋଲ ବିଧାନସଭାରେ ପ୍ରାର୍ଥୀ କରିପାରେ। କାରଣ ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଏହି ଆଶନଟି ବିଜେଡି ପାଇଁ ସବୁଠୁ ସୁରକ୍ଷିତ। ଏହା ହେଲେ ତିର୍ତ୍ତୋଲ ବିଧାୟିକାଙ୍କୁ ଥଇଥାନ ପାଇଁ ଏମ୍‌ପି ପ୍ରାର୍ଥୀ କରାଯାଇପାରେ। ଏଭଳି ଅନେକ କଳ୍ପନାଜଳ୍ପନା ଚର୍ଚ୍ଚାକୁ ସରଗରମ କରିଛି।

### ସଂକ୍ଷେପରେ



ଏରସମା ବ୍ଲକ ଗୋଡ଼ାସ୍ଥିତ ବୃନ୍ଦାବନ ବିହାରୀ ଜୀଉ ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ପୂଜା ପାଉଥିବା ଶ୍ରୀଗଣେଶ।

## ନଦୀରେ ବୁଡ଼ି ୩ ବର୍ଷର ଶିଶୁ ମୃତ

**ରଘୁନାଥପୁର, ୧୪ ।୯( ଡି.ଏନ.ଏ.):** ରଘୁନାଥପୁର ଥାନା ତଅାଁରା ପଞ୍ଚାୟତସ୍ଥିତ ମୃତ କାଠଯୋଡି ନଦୀରେ ବୁଡି ସ୍ଥାନୀୟ ଅଞ୍ଚଳର ଏକ ୩ ବର୍ଷ ଶିଶୁର ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଅମିୟ ଭଞ୍ଜଙ୍କ ପୁଅ ଚନ୍ଦ୍ରଶେଖର ଓରଫ ସିପୁନ। ସକାଳ ୮ଟାରେ ସିପୁନ୍ ଖେଳୁଥିବା ବେଳେ ଅଜାଣତରେ ଘର ପାର୍ଶ୍ୱରେ ଥିବା ମୃତ କାଠଯୋଡି ନଦୀରେ ଖସି ପଡିଥିଲା। ତେବେ ଘରଲୋକ ଖୋଜାଖୋଜି କରିବା ସମୟରେ ଗୋଡ ବାଜିବାରୁ ସିପୁନ୍‌କୁ ପାଣି ଭିତରୁ ଟେକି ଆଣିଥିଲେ। ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଯାଇଥିଲେ। ସେଠାରେ ଡାକ୍ତର ସିପୁନକୁ ମୃତ ଘୋଷଣା କରିଥିଲେ। ଅମିୟ ମଜୁରି ଲାଗି ପରିବାର ଚଳାଇଥାନ୍ତି। ଦୁଇଟି ପୁଅ ମଧ୍ୟରୁ ସିପୁନ ସାନପୁଅ। ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗାଁ ଲୋକ ଦାବି କରିଛନ୍ତି।

## ପାଇକା ନଦୀରୁ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର

**ତିର୍ତ୍ତୋଲ,୧୪।୯(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅନ୍ତର୍ଗତ ଆମ୍ବେରୀ ପଞ୍ଚାୟତ ଏରେଗାରୀ ନିକଟରୁ ପାଇକା ନଦୀରେ ଭାସୁଥିବା ଏକ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ଯୁବକଙ୍କ ମୁଣ୍ଡ ନ ଥିବାବେଳେ ଡାହାଣ ହାତ କାନ୍ଧ ପାଖରୁ ନଥିବା ଦେଖାଯାଇଛି। ଦେହରେ ଏକ ଜୀନ ପ୍ୟାଣ୍ଟ ଓ ବାଇଗଣୀ ରଙ୍ଗର ସାର୍ଟ ରହିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କୁ କେହି ହତ୍ୟା କରି ନଦୀରେ ଫୋପାଡି ଦେଇଥିବା ପୋଲିସ ସନ୍ଦେହ କରି ତଦନ୍ତ ଆରମ୍ଭ କରିଛି।

## ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ

**ଏରସମା,୧୪।୯(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମପି ଡା. କୁଳମଣି ସାମଲ, ଏରସମା ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ବିଜେଡି ବ୍ଲକ ସଭାପତି ତଥା ଏମପିଙ୍କ ପ୍ରତିନିଧି ପୀତବାସ ଗଛାୟତ, କଲେଜ ଅଧକ୍ଷ ଆଲୋକ କୁମାର ସ୍ୱାଇଁ, ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀ, ଆଇଆଇସି ପ୍ରଶାନ୍ତ କୁମାର ମାଝି, ନଳିନୀ ରଞ୍ଜନ ମନ୍ତ୍ରୀ, ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣଲତା ସେନାପତି, ଗୀତାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳର ବିଭିନ୍ନ ପ୍ରତିଭା ଚିହ୍ନଟ କରି ଉପଯୁକ୍ତ ସଚେତନତା ସୃଷ୍ଟି କରାଯାଇ ପାରିଲେ ସେମାନେ ଦିନେ ଓଡିଶାର ହିରୋ ହୋଇ ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସମିତି ସଭ୍ୟ ଓ ସରପଞ୍ଚଙ୍କ ସହିତ କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ସଞ୍ଜୟ କୁମାର ବିଶ୍ୱାଳ, ଧିରେନ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ



ପରିବାର ସହ ମାମିନା ଭୋଇ



ନିଜ ଘର ଆଗରେ ସ୍ତ୍ରୀ ଓ ପିଲାଙ୍କ ସହ ରାଜେଶ ଭୋଇ

**ବାଲିଆ,୧୪।୯**

ରାଜ୍ୟରେ ବସବାସ କରୁଥିବା ତଫସିଲ ଭୁକ୍ତ ଜାତି ଓ ଜନଜାତିଙ୍କ ଉନ୍ନତି ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ସେଥିପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ମଧ୍ୟ କାମ କରୁଛି। ମାତ୍ର ଏହି ବର୍ଗର ଜାତିଙ୍କ ପାଇଁ ଖର୍ଚ୍ଚ କରାଯାଉଥିବା କୋଟିକୋଟି ଟଙ୍କା କେବଳ କାଗଜ କଲମରେ ସୀମିତ ରହୁଛି। ଫଳରେ ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଭଳି ଦୃଶ୍ୟ ବିରିଡି ବ୍ଲକ ବାଲିଆ ଗୋପୀନାଥପୁରରେ ବାସ

**ମିଳୁନି ପକ୍କାଘର**
- ପ୍ରଶାସନର ଦୃଷ୍ଟି ପଡୁନାହିଁ
- ବଢୁଛି ଦୁର୍ଦ୍ଦଶା
- ପକ୍କାଘର ଯୋଗାଇ ଦେବାକୁ ଦାବି

କରୁଥିବା ସୁକାନ୍ତ ଦାସ, ରାଜେଶ୍ ଭୋଇ ଓ ବ୍ରଜ ଭୋଇଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ରାଜେଶ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଦୁଇଟି ପିଲାଙ୍କୁ ନେଇ ଜରିପକା ଘରେ ଦୀର୍ଘ ଦିନ ହେବ ବାସ କରୁଛନ୍ତି। ମାତ୍ର ସେମାନଙ୍କୁ ପକ୍କାଘର ଖଣ୍ଡେ ମିଳିପାରୁନାହିଁ। ଗ୍ରାମର ୱାର୍ଡସଭ୍ୟ ମାମିନା ଭୋଇ ଓ ତାଙ୍କ ସ୍ୱାମୀ ବ୍ରଜ ଭୋଇ ଦୁଇ ପିଲାଙ୍କୁ ନେଇ ଖଟି ମାଟି ଘରେ ରହୁଥିଲେ। ଲଗାଣ ବର୍ଷାରେ ମାଟି କାନ୍ଥ ଗଳି ପଡିଛି। ତାକୁ ବାଉଁଶ ଡିରା ଦେଇ ରଖାଯାଇଛି। କେତେବେଳେ ତାହା ଭାଙ୍ଗି ପଡ଼ିବ କହି ହେବନାହିଁ। ଏ ସମ୍ପର୍କରେ ସେମାନେ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇନାହିଁ। ତେବେ ସେମାନଙ୍କୁ କିଏ ସାହା ହେବ ବୋଲି ଦୁଃଖର ସହ ଜଣାଇଛନ୍ତି। ସେହିପରି ସୁକାନ୍ତ ରହୁଥିବା ଘର କାନ୍ଥ ବର୍ଷାରେ ଭିଜି ଘର ଭିତରକୁ ଓଜାଡି ହୋଇପଡିଛି। ବର୍ତ୍ତମାନ ସେ ଅନ୍ୟ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ଆର୍ଥିକ ଅବସ୍ଥା ସୁଦୃଢ ନ ଥିବାରୁ ଘର ମରାମତି କରିପାରୁନାହାନ୍ତି। ଏଭଳି ଗାଁରେ ଅନେକ ଗରିବ ଶ୍ରେଣୀର ଲୋକମାନେ ଅସୁବିଧାରେ ରହୁଥିଲେ ମଧ ଜନପ୍ରତିନିଧି କିମ୍ବା ପ୍ରଶାସନର ନଜରକୁ ଆସିପାରୁନାହାନ୍ତି। ଫଳରେ ଏମାନଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବୃଦ୍ଧି ପାଉଛି। ତେଣୁ ପ୍ରଶାସନ ଏମାନଙ୍କ ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପକ୍କାଘର ଯୋଗଇ ଦେବାକୁ ଦାବି ହୋଇଛି।

### ଦିନକର କାହାଣୀ

# ଫୁଟପାଥ୍ ଦେଇଛି ଆଶ୍ରା

**ଜଗତ୍‌ସିଂହପୁର ଅଫିସ,୧୪।୯**

ଜମି, ବାଡ଼ି ନାହିଁ। ଫୁଟପାଥ୍ ଦେଇଛି ଆଶ୍ରା। ସେଠାରେ ମୁଣ୍ଡ ଗୁଞ୍ଜିବାକୁ ଚାଳି ଘର ଖଣ୍ଡେ କରିଛନ୍ତି। ଜଗତ୍‌ସିଂହପୁର ସହରରେ ରହୁଥିଲେ ସୁଦ୍ଧା ବିଦ୍ୟୁତ ଆଲୁଅ ତାଙ୍କ ପାଇଁ ସାତସପନ। ଏବେ ବି ଡିବି ଆଲୁଅ ତାଙ୍କର ଭରସା। ୩ ପ୍ରାଣୀ ସିନା କଷ୍ଟେମଷ୍ଟେ ଫୁଟ୍‌ପାଥରେ ମୁଣ୍ଡ ଗୁଞ୍ଜି ଦେଉଛନ୍ତି, ହେଲେ ବଞ୍ଚିବାକୁ ଖାଦ୍ୟ, ପିନ୍ଧିବାକୁ ପୋଷାକ ଆସିବ କେଉଁଠୁ। ଏଭିତରେ ଯୁବାବସ୍ଥାରେ ଦୃଷ୍ଟିଶକ୍ତି ଚାଲିଯିବା ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି। ତଥାପି ସେ ହାରିନାହାନ୍ତି। ଜୀବନ ଯୁଦ୍ଧରେ ଏଭଳି ସଂଘର୍ଷ ଜାରି ରଖିଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ସ୍ଥାନୀୟ ବାଗସାହି ରାସ୍ତା ପାର୍ଶ୍ୱ ଫୁଟପାଥ୍‌ରେ ବାସ କରୁଥିବା ସୁବାସ ଚନ୍ଦ୍ର ସେଠୀ(୩୭)। ଜନ୍ମରୁ ଦୃଷ୍ଟି ଶକ୍ତି ଠିକ ଥିଲେ ସୁଦ୍ଧା ଆବଶ୍ୟକ ଚିକିତ୍ସା ଅଭାବରୁ ଧୀରେ ଧୀରେ ସେ ଦୃଷ୍ଟି ଶକ୍ତି ହରାଇବସିଛନ୍ତି। ତଥାପି ନିଜ ଜ୍ଞାନ କୌଶଳରେ ତିଆରି କରୁଛନ୍ତି ଫିନାଇଲ ଓ ବ୍ଲିଚିଂ। ଆଉ ସେହି ଫିନାଇଲ ଓ ବ୍ଲିଚିଂ ଟାଉନ ହଲ ପାର୍ଶ୍ୱରେ ଏକ କେବିନ୍‌ରେ ବିକ୍ରି କରୁଛନ୍ତି। ସେଥିରୁ ଯାହା ଦି ପଇସା ମିଳୁଛି, ସେଥିରେ ପରିବାର ଚଳୁଛି। ତେବେ ଏ ସବୁ କାର୍ଯ୍ୟରେ ପ୍ରମୁଖ ଭୂମିକା ନିଭାଉଛନ୍ତି ସ୍ତ୍ରୀ ସଞ୍ଜୁକ୍ତା(୩୦)। ସୁବାସଙ୍କ ଘର ଜଗତ୍‌ସିଂହପୁର ପଳାଶୋଳରେ। ପ୍ରାୟ ୧୨ ବର୍ଷ ତଳେ ସେ ସଞ୍ଜୁକ୍ତାଙ୍କୁ ବିବାହ କରିଥିଲେ। ସେତେବେଳେ ଆଖି ଖରାପ ଥିଲେ ସୁଦ୍ଧା ଦିଶୁଥିଲା। ତେଣୁ ରୋଜଗାର ପାଇଁ ଫିନାଇଲ ତିଆରି କରିବାକୁ ଚେଷ୍ଟା କରି ସଫଳ ହୋଇଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଅଛି। ତା'ର ନାଁ ଦେଇଛନ୍ତି ସାଇପ୍ରେମ। ପୁତ୍ର ଜନ୍ମ ହେବା ପରେ ସେ ଓ ତାଙ୍କ ସ୍ତ୍ରୀ ବହୁତ ଖୁସି ହୋଇଯାଇଥିଲେ। ମନରେ ଅନେକ ସ୍ୱପ୍ନ ଉଙ୍କି ମାରିଥିଲା। ପୁଅ ବଡ଼ ହେବ ଓ ପାଠ ପଢି ଚାକିରି କରିବ। ବାର୍ଦ୍ଧକ୍ୟ ସମୟରେ ଆଶା ବାଡି ସାଜି ଦୁଃଖ ଦୂର କରିବ। କିନ୍ତୁ ତାଙ୍କର ଏହି ସ୍ୱପ୍ନ ପୂରଣ ହୋଇପାରିଲା ନାହିଁ। କାରଣ ପୁଅଟି ମାନସିକସ୍ତରରେ ଅସୁସ୍ଥ। ତା'ପାଇଁ ପ୍ରତି ମାସରେ ୧ହଜାର ଟଙ୍କାର ଔଷଧ ଖର୍ଚ୍ଚ ହେଉଛି।

ଇତିମଧ୍ୟରେ ପୁଅକୁ ୧୧ବର୍ଷ ହୋଇଗଲାଣି। ଡାକ୍ତର କହୁଛନ୍ତି ଜୀବନସାରା ଔଷଧ ସେବନ କରିବାକୁ ପଡିବ। ପ୍ରତି ମାସରେ ପୁଅ ପାଇଁ ଏତେ ଟଙ୍କାର ଔଷଧ କିଣିବା ସୁବାସଙ୍କ ପାଇଁ ସମ୍ଭବ ହେଉନି। ଔଷଧ ସରିଗଲେ ପୁଅର ଅବସ୍ଥା ଅଧିକ ଖରାପ ହେଉଛି। ସୁବାସ ଦୃଷ୍ଟିଶକ୍ତି ହରାଇବା ଓ ପୁଅର ମାନସିକ ସ୍ଥିତି ଭଲ ନ ରହିବା ଫଳରେ ସଞ୍ଜୁକ୍ତାଙ୍କ ଉପରେ ସବୁ ବୋଝ ପଡିଯାଇଛି। ଫିନାଇଲ ଓ ବ୍ଲିଚିଂ ତିଆରିର ସମସ୍ତ ଦାୟିତ୍ୱ ତାଙ୍କ ଉପରେ। ଏଥିସହ ସ୍ୱାମୀଙ୍କ ହାତ ଧରି ଦୋକାନ ପର୍ଯ୍ୟନ୍ତ ନେଉଛନ୍ତି। ପୁଣି ଘର କାମ ଓ ପୁଅର ଦାୟିତ୍ୱ। ରାଶନ କାର୍ଡ ଥିବାରୁ ମାସିକ ୧୫ କିଲୋଗ୍ରାମ ଚାଉଳ ମିଳୁଛି। ନିଜର ଦିନକର କାହାଣୀ କହିବାକୁ ଯାଇ ସୁବାସ କହିଛନ୍ତି ଯେ ପ୍ରତ୍ୟହ ସକାଳ ୫ଟାରେ ସେମାନେ ଉଠନ୍ତି। ନିତ୍ୟକର୍ମ ସାରି ଯାହା କିଛି ଜଳଖିଆ କରନ୍ତି। ସକାଳ ପାଖାପାଖି ୯ଟାରେ ଦୋକାନ ଖୋଲି ଅପରାହ୍ନ ୧ଟା ପର୍ଯ୍ୟନ୍ତ ସେଠାରେ ରୁହନ୍ତି। ପରେ ଦୋକାନ ବନ୍ଦ କରି ଘରକୁ ଆସନ୍ତି। ଖାଇପିଇ କିଛି ସମୟ ବିଶ୍ରାମ ନିଅନ୍ତି। ଅପରାହ୍ନ ୪ଟାରେ ଉଠି ପୁଣି ଦୋକାନକୁ ଯାଆନ୍ତି। ସନ୍ଧ୍ୟା ୭ଟାରେ ଫେରି କିଛି ସମୟ ଅନ୍ୟାନ୍ୟ କାମ କରନ୍ତି। ଏହା ପରେ ରାତିରେ ଖାଇସାରି ଶୋଇଯାଆନ୍ତି। ଘରେ ଡିବି ଓ ଲଣ୍ଠନ ଅଛି। କଣ୍ଟ୍ରୋଲ ଦୋକାନରୁ ଯେଉଁ କିରୋସିନ ମିଳେ ତାହା ମାସକ ପର୍ଯ୍ୟନ୍ତ ଚାଲିଯାଏ।



ସ୍ତ୍ରୀ ଓ ପୁଅ ସହ ସୁବାସ।

### କେନ୍ଦ୍ରାପଡ଼ାରେ ଉଜ୍ଜ୍ୱଳା ହିତାଧିକାରୀ ଚୟନରେ ଅନିୟମିତତା ପ୍ରସଙ୍ଗ

## ତଦନ୍ତ କରିବାକୁ କମିଟି ଗଠନ କଲେ ୩ତୈଳ କମ୍ପାନୀ

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

କେନ୍ଦ୍ରାପଡା ଜିଲାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀ ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିଥିଲା। ଏନେଇ ଚର୍ଚ୍ଚା ଜୋର୍ ଧରିବା ପରେ ଏଥିରେ ସମ୍ପୃକ୍ତ ଡିଷ୍ଟ୍ରିବ୍ୟୁଟରଙ୍କୁ ନିଲମ୍ବିତ କରାଯାଇଛି। ଏହାସହ ଘଟଣାର ତଦନ୍ତ କରିବା ପାଇଁ ଇଣ୍ଡିଆନ ଅଏଲ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରାପଡା ଜିଲାର ଡିଷ୍ଟ୍ରିବ୍ୟୁଟର ଏମ/ଏସ ରାଜନଗର ଇଣ୍ଡେନ, ଅଯୋଗ୍ୟ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ବିତରଣ ଦେଇଥିବା ଜଣାପଡିବା ପରେ ଇଣ୍ଡିଆନ ଅଏଲ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ଏହି ଡିଷ୍ଟ୍ରିବ୍ୟୁଟରଙ୍କ ବିରୋଧରେ ତଦନ୍ତ କରିବା ଲାଗି ୩ ତୈଳ କମ୍ପାନୀ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବାଲାଗି ଉକ୍ତ କମିଟିକୁ ଅଏଲ କମ୍ପାନୀ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଗ୍ରାହକମାନଙ୍କୁ ସେବା ଯୋଗାଇଦେବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିବା ତୈଳ ବିପଣନ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଆଞ୍ଚଳିକ ସୁରକ୍ଷା ସମିତିର ସମାବେଶ ଆଜି

**କୁଜଙ୍ଗ,୧୪।୯(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍‌ର ଭୁତମୁଣ୍ଡାଇଠାରେ ସୁପରସ୍ପେଶିଆଲିଟି ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ ପ୍ରତିଷ୍ଠା ଦାବିରେ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଶନିବାର ଏଠାରେ ବିରାଟ ସମାବେଶ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ମର୍ମରେ ବିଭିନ୍ନ ଗ୍ରାମରୁ ପ୍ରାୟ ୧୦ ହଜାର ପୁରୁଷ ଓ ମହିଳା ଯୋଗଦେବାକୁ ଥିବା ବେଳେ ଦିନ ୧୦ ଟାରେ ଏକ ବିରାଟ ଶୋଭାଯାତ୍ରା ବାହାରିବ। କୁଜଙ୍ଗ ବ୍ଲକ୍ ପଡିଆରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମିତିର ଆବାହକ ରଘୁନାଥ ସାହୁ, ସହ ଆବାହକ ଦୁଷ୍ମନ୍ତ ମାଝୀ, ଶ୍ରମିକନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସାମାଜିକ କର୍ମୀ ଶ୍ରୀବଲ୍ଲଭ କର, ସଞ୍ଜୟ ସ୍ୱାଇଁ, ସଞ୍ଜୟ ବେହେରା, ବାବୁରାମ ଚୌଧୁରୀ, ବିଶିଷ୍ଟ ନାରୀନେତ୍ରୀ ଜାନକୀ ମହାରଥା, ଦେବବାଳା ମହାପାତ୍ର, ଜମିହରା କୃଷକ ଏକତା ମଞ୍ଚର ନେତା ସୁବାସ ମହାପାତ୍ର, ଜିନ୍ମୟୀ ସାହାଣୀ ପ୍ରମୁଖଙ୍କ ସହ ବହୁ ବ୍ୟକ୍ତି, ସାମାଜିକ କର୍ମୀ, ଜନପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଜୟଦୁର୍ଗା ପୂଜା କମିଟିର ପ୍ରସ୍ତୁତି ବୈଠକ

**ବାଲିକୁଦା,୧୪।୯(ସ୍ୱ.ପ୍ର.)**

ବାଲିକୁଦା ବସଷ୍ଟାଣ୍ଡ ଜୟଦୁର୍ଗା ପୂଜା କମିଟିର ପ୍ରସ୍ତୁତି ବୈଠକ ଅଧିଷ୍ଠାତ୍ରୀ ଦେବୀ ମା' ଥାନପତିଙ୍କ ପୀଠରେ ଶନିବାର ଅନୁଷ୍ଠିତ ହୋଇଛି। କମିଟିର ସଭାପତି ଅମୀୟ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଗୌରାଙ୍ଗ ଚରଣ ଦାସ ପୂର୍ବ ବର୍ଷର ପୂଜାର ଆୟବ୍ୟୟ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ସୁମନ୍ତ ସାହୁ, ଉପଦେଷ୍ଟା ଝାଟୁ ସାହୁ ଚଳିତ ବର୍ଷ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ରାଧୁ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଅଭିନ ଚନ୍ଦ୍ର ଲେଙ୍କା, ଖୁରମ୍ ଖାଁ, ସୁରେନ୍ଦ୍ର ସାହୁ, ଅଭୟ ବାରିକ, ସରୋଜ ବିଶ୍ୱାଳ, ମିଟୁ ମୁଦୁଲି, ଦିଲୀପ ସାହୁ, ଚଣ୍ଡୀ ପ୍ରସାଦ, ସପନ କୁମାର ମହାପାତ୍ର, ପ୍ରଫୁଲ୍ଲ ଦାସ ପ୍ରମୁଖ ଯୋଗଦେଇ ପୂଜାକୁ ସରସ ସୁନ୍ଦର କରିବା ପାଇଁ ମତ ଦେଇଥିଲେ।

## ବଜ୍ରପାତରେ ଯୁବକ ଆହତ

**ବାଲିକୁଦା,୧୪।୯(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ବରମୁଣ୍ଡଳି ପଞ୍ଚାୟତର ବଘେଇପୁର ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ ନିମା ପରିଡାଙ୍କ ପୁତ୍ର ସୋନୁ। ପିଲାମାନଙ୍କ ସହିତ ମନ୍ଦିର ବେଢାରେ ସେ ବସିଥିଲେ। ଏହି ସମୟରେ ମନ୍ଦିର ନିକଟରେ ବଜ୍ରପାତ ହେବାରୁ ସୋନୁ ସଂଜ୍ଞାହୀନ ହୋଇ ପଡିଯାଇଥିଲେ। ତାଙ୍କୁ ସାଙ୍ଗମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

## ଗୋରେଖନାଥ କୃଷକ ମହାସଂଘର ପ୍ରତିଭା ଚୟନ

**ରଘୁନାଥପୁର, ୧୪ ।୯( ଡି.ଏନ.ଏ.)**



ଉତ୍ସବରେ ଉପସ୍ଥିତ ଅତିଥିମାନେ।

କୃଷି ଭିତ୍ତିକ ପର୍ବ ନୂଆଖାଇ ଉପଲକ୍ଷେ ରଘୁନାଥପୁର ବ୍ଲକ ରେତୁଆ ନୂଆଗଡସ୍ଥିତ ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ଶୁକ୍ରବାର ପ୍ରତିଭା ଚୟନ ଉତ୍ସବ ୨୦୧୮–୧୯ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମହାସଂଘ ପକ୍ଷରୁ ୧୬ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଇଂରାଜୀ ଓ ଓଡ଼ିଆ ବକ୍ତୃତା ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୮୧ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ଡା. ଫକୀର ଚରଣ ଦାସ, ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ ଡ. ବିଜୟ କୁମାର ସାହୁ, ଡ. କାର୍ତ୍ତିକ ଚନ୍ଦ୍ର ସାହୁ, କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ର, ଏସବିଆଇ ରିଜିଓନାଲ ମ୍ୟାନେଜର ଚନ୍ଦ୍ରଶେଖର ସାମନ୍ତରାୟ, ରାଜେଶ କୁମାର ସାହୁ ଓ ପ୍ରତିଭା ଚୟନ ଉତ୍ସବର ସମ୍ପାଦିକା ଗୀତା ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ ଜଣ ବ୍ୟକ୍ତିଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ। ଲିଭ ଆଣ୍ଡ ଲିଭର ସମ୍ପାଦକ କ୍ଷେତ୍ରମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାସଂଘର ସମ୍ପାଦକ ସୁଧୀର ରଞ୍ଜନ ବାରିକ ଧନ୍ୟବାଦ ଦେଇ ସଭା ଶେଷ କରିଥିଲେ। ସୀତାଂଶୁ ଜେନା, ନରେଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ

**ବାଲିଆ,୧୪।୯**

ବିରିଡ଼ି ବ୍ଲକ ଛକଠାରେ ହେବାକୁ ଥିବା ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ବିରିଡି ବଜାର ବଣିକ ସଂଘ ସଭାପତି ମନୋରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ସଭ୍ୟମାନେ ସଂକୀର୍ତ୍ତନମଣ୍ଡଳୀ ସହ ବଜାରର ଉତ୍ତର ପାର୍ଶ୍ୱରେ ପ୍ରବାହିତ ବାଲି ଚତୁରୀ ହଂସୁଆ ନଦୀ ନିକଟରୁ ପୂଜାର୍ଚ୍ଚନା କରି ମାଟି ଅନୁକୂଳ କରିଥିଲେ। ସମ୍ପାଦକ ଟଙ୍କଧର ପଶାୟତ, କୋଷାଧକ୍ଷ ବିଠଲ ପଶାୟତ, ସଭ୍ୟ ବାସୁଦେବ ବେହେରା, ବଳରାମ ସାହୁ, ଆଶୁତୋଷ ସାହୁ, ବିଷ୍ଣୁ ସାହୁ, ସୁଭେନ୍ଦୁ ମହାନ୍ତି ଓ ଉଦ୍ଧବ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋପୀ ନନା ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାଭାବେ ସୁରେସ ନାୟକ ଦାୟିତ୍ୱ ତୁଲାଇଥିଲେ।

# ଦୁର୍ଘଟଣାରେ ଢିଙ୍କିଆ ସରପଞ୍ଚଙ୍କ ପୁଅ ମୃତ

**କୁଜଙ୍ଗ,୧୪।୯(ସ୍ୱ.ପ୍ର.)**

ଗୁରୁବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଢିଙ୍କିଆର ପୂର୍ବତନ ସରପଞ୍ଚ ସ୍ୱର୍ଗତ ବସନ୍ତ ନାୟକ ତଥା ବର୍ତ୍ତମାନର ସରପଞ୍ଚ ସଲୀଳା ନାୟକଙ୍କ ପୁତ୍ର ସୁବ୍ରତ(୧୮)ଙ୍କ ମୃତ୍ୟୁ ଘଟିଛି। ସୁବ୍ରତ କୁଜଙ୍ଗ ବାଲିତୁଠ ରାସ୍ତାର ବିଜିପୁର ଓମ୍‌ଫେଡ୍ ପାଖରେ ବାଇକ୍ ଯୋଗେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଗରୁତର ଅବସ୍ଥାରେ ପ୍ରଥମେ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ପୂର୍ବତନ ସମିତିସଭ୍ୟ କିଶୋର ପରିଡ଼ା, ଟଲନ ମହାନ୍ତି, ରଞ୍ଜନ ବର୍ଦ୍ଧନ, ପ୍ରଫୁଲ୍ଲ ମହାନ୍ତି, ଅରୁଣ ବେହେରା, ଭାଇ ସାଶ୍ୱତ ନାୟକ, ସମରେନ୍ଦ୍ର ନାୟକ, ବଡ ବାପା ଦେବଦତ୍ତ ନାୟକ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ପରଲୋକରେ କଂଗ୍ରେସ ନେତା ସାରଦା ଜେନା, ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର, ନାରୀନେତ୍ରୀ ମନୋରମା ଖଟୁଆ, ତମିଲ ପ୍ରଧାନ, ଅରୁଣ ପରିଡା ଓ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।







ଆସନ୍ତା ୧୭ ରୁ ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଳିତ ହେବାକୁ ଥିବାବେଳେ ଏଥିପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ତୋରଣ ନିର୍ମାଣ କରାଯାଉଛି।

## ସଂକ୍ଷେପରେ

### ତେଲେଙ୍ଗାନା କଂଗ୍ରେସର ସ୍କ୍ରିନିଂ କମିଟି ଅଧ୍ୟକ୍ଷ ହେଲେ ଭକ୍ତ ଦାସ



**ଭୁବନେଶ୍ୱର, ୧୪।୯(ବ୍ୟୁରୋ):** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ତେଲେଙ୍ଗାନା ସ୍କ୍ରିନିଂ କମିଟି ସଦସ୍ୟ ଭାବେ ୩ଜଣଙ୍କୁ ନିଯୁକ୍ତ କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡିଶାର ବରିଷ୍ଠ ନେତା ଭକ୍ତଚରଣ ଦାସଙ୍କୁ ନିଯୁକ୍ତ କରାଯାଇଛି। ନିଯୁକ୍ତି ପାଇଥିବା ଅନ୍ୟ ଦୁଇଜଣ ସଦସ୍ୟ ହେଉଛନ୍ତି, ଶର୍ମିଷ୍ଠା ମୁଖାର୍ଜୀ ଏବଂ ଜ୍ୟୋଥିମାନି ସେନିମାଲାଇ। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ଅଶୋକ ଗେହଲଟ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

# ଭଡାଘରୁ ମହିଳା ଡାକ୍ତରଙ୍କ ମୃତଦେହ ଜବତ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)



■ ପାଖରେ ପଡ଼ିଥିଲା ସିରିଞ୍ଜ, ମେଡିସିନ
■ ହତ୍ୟା ଅଭିଯୋଗ ଆଣିଲେ ପରିବାର

ମନସ୍ୱିନୀଙ୍କ ଫାଇଲ ଫଟୋ

ଚନ୍ଦ୍ରଶେଖରପୁର ଥାନା ଶ୍ରୀବିହାର ଅଞ୍ଚଳରେ ଥିବା ଏକ ଭଡାଘରୁ ପୋଲିସ ଜଣେ ମହିଳା ଡାକ୍ତରଙ୍କ ମୃତଦେହକୁ ଜବତ କରିଛି। ସେ ହେଲେ ବରଗଡ ଜିଲା ମେଲଛାମୁଣ୍ଡା ଅଞ୍ଚଳର ମନସ୍ୱିନୀ ବାରିକ(୩୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା(୬୪/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତଦେହ ନିକଟରୁ ପୋଲିସ ଏକ ସିରିଞ୍ଜ, ମେଡିସିନ ଏବଂ ଏକ ଡାଏରୀ ଜବତ କରିଛି। ମନସ୍ୱିନୀ ସିରିଞ୍ଜ ଦ୍ୱାରା ବିଷ ଇଞ୍ଜେକ୍ସନ ନେଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅନ୍ୟପଟେ ମନସ୍ୱିନୀଙ୍କ ଆତ୍ମହତ୍ୟାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେମାନେ ଅଭିଯୋଗ କରିଛନ୍ତି। ମନସ୍ୱିନୀଙ୍କ ବାପା ସୂର୍ଯ୍ୟମଣି ନାୟକ କହିଛନ୍ତି, ତାଙ୍କ ଝିଅ ମାନସିକ ସ୍ତରରେ ବେଶ୍ ସୁଦୃଢ଼। ସେ ଆତ୍ମହତ୍ୟା କରିବାର ପ୍ରଶ୍ନ ଉଠୁନାହିଁ। ପୋଲିସ ଏହାର ଠିକ୍ ତଦନ୍ତ କଲେ ପ୍ରକୃତ ଘଟଣା ପଦାକୁ ଆସିବ।

ସୂଚନା ଅନୁଯାୟୀ, ମନସ୍ୱିନୀ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ସହଯୋଗୀ ଡାକ୍ତରଭାବେ ଜେନେରାଲ ଆଇସିୟୁ ବିଭାଗରେ କାର୍ଯ୍ୟ କରୁଥିଲେ। ସେ ଗତ କିଛିଦିନ ହେବ ଶ୍ରୀବିହାର ଅଞ୍ଚଳରେ ଘର ଭଡା ନେଇ ଭାଇଙ୍କ ସହ ରହୁଥିଲେ। ନୂଆଖାଇ ପାଇଁ ତାଙ୍କ ଭାଇ ଘରକୁ ଯାଇଥିବାବେଳେ ସେ ଏଠାରେ ଏକା ଥିଲେ। ଗୁରୁବାର ରାତି ପ୍ରାୟ ୧୨ଟାରେ ତାଙ୍କ ଭାଇ ମନସ୍ୱିନୀଙ୍କୁ ଫୋନ କରିଥିଲେ। ହେଲେ ସେ ଫୋନ୍‌ର ଉତ୍ତର ଦେଇ ନ ଥିଲେ। ବାରମ୍ବାର ଫୋନ କରିବା ସତ୍ତ୍ୱେ ସେ ନ ଉଠାଇବାରୁ ଭାଇଙ୍କର ସନ୍ଦେହ ହୋଇଥିଲା। ସେ ତାଙ୍କ ବନ୍ଧୁଙ୍କୁ ଭଡ଼ାଘରକୁ ପଠାଇ କ'ଣ ହୋଇଛି ଦେଖିବା ପାଇଁ କହିଥିଲେ। ୩ଜଣ ବନ୍ଧୁ ସେଠାକୁ ଯିବା ପରେ ମନସ୍ୱିନୀ ଥିବା ରୁମ୍‌ର ଭିତରପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ସେମାନେ କବାଟ ବାଡେଇଥିଲେ ମଧ୍ୟ ସେ ଖୋଲି ନ ଥିଲେ। ଶେଷରେ ସେମାନେ କବାଟ ଭାଙ୍ଗି ଦେଇଥିଲେ। ଖଟ ଉପରେ ମନସ୍ୱିନୀ ନିସ୍ତେଜ ଅବସ୍ଥାରେ ପଡିଥିଲେ। ନିକଟରେ ଏକ ସିରିଞ୍ଜ ଓ ମେଡିସିନ ପଡିଥିଲା। ତାଙ୍କୁ ସେମାନେ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେତେଜଣ ପଡୋଶୀଙ୍କ କହିବା ଅନୁଯାୟୀ, ବିଳମ୍ବିତ ରାତି ପର୍ଯ୍ୟନ୍ତ ମନସ୍ୱିନୀ କାହା ସହ ଫୋନ୍‌ରେ ଝଗଡା କରୁଥିବା ଶୁଣିଥିଲେ। ବାରମ୍ବାର ସେ କହୁଥିଲେ ତମେ ମୋ କଥା ରଖିବ କି ନାହିଁ। ତେଣୁ ହସ୍ପିଟାଲରେ କିଛି ସମସ୍ୟା ହୋଇଥିବା ଭାବିଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରର ବାହାର ଲାଇଟ୍ ଜଳିବା ସହ ବାହାର କବାଟ ଖୋଲା ରହିଥିଲା। ଏହା ଏକ ଆତ୍ମହତ୍ୟା ବୋଲି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଦୀପକ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, କଟକରେ ଡାକ୍ତରୀ ପଢିବା ସମୟରେ ମନସ୍ୱିନୀ ଜଣେ ଡାକ୍ତରଙ୍କୁ ଭଲପାଇ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ୨୦୧୭ ଡିସେମ୍ବରରେ ସେମାନେ ଅଲଗା ହୋଇଯାଇଥିଲେ।

# ୧୦ ଜିଲାର ୯୬ ଗାଁକୁ ନେଇ ଲାଗି ରହିଛି ସୀମା ବିବାଦ

ଭୁବନେଶ୍ୱର,୧୪।୯(ବ୍ୟୁରୋ)

■ କେବଳ କୋଟିଆକୁ ଗୁରୁତ୍ୱ
■ ସମାଧାନ ପାଇଁ ଆନ୍ତରିକତା ଅଭାବ

ରାଜ୍ୟର ୧୦ଟି ଜିଲାର ୯୬ଟି ଗ୍ରାମର ପଡୋଶୀ ରାଜ୍ୟ ସହ ସୀମା ବିବାଦ ରହିଛି। କୋରାପୁଟ କୋଟିଆ ଘଟଣା ଜୋର ଧରିବା ପରେ ଏପରି ତଥ୍ୟ ସାମ୍ନାକୁ ଆସିଛି। କୋଟିଆ ବିବାଦରେ ଅପଦସ୍ଥ ହୋଇଥିବା ରାଜସ୍ୱ ବିଭାଗ ଯେନତେନ ପ୍ରକାରେ କୋଟିଆରେ କାର୍ଯ୍ୟ ଜାରି ରଖିଛି। ହେଲେ ଦୀର୍ଘଦିନ ଧରି ବିବାଦରେ ଥିବା ଶହେ ପାଖାପାଖି ଗାଁର ସୀମା ବିବାଦ ସମାଧାନ ପାଇଁ ଆଖିଦୃଶିଆ ସମାଧାନ ପନ୍ଥା ଗ୍ରହଣ କରୁ ନ ଥିବା ମନେ ହେଉଛି।

ରାଜସ୍ୱ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ କୋରାପୁଟ ଜିଲାର କୋଟିଆକୁ ବାଦ୍ ଦେଇ ଅନ୍ୟ ୨୦ଟି ଗାଁ ସହ ସୀମା ବିବାଦ ରହିଛି। ଉକ୍ତ ଗ୍ରାମଗୁଡିକ ହେଉଛି–ଗଞ୍ଜେଇପଦର, ପୋନିକି, ସିଥିଭିଲିସା, ରଣାସିଙ୍ଗା, ସାମାଓଗଡା, ନଳୀଭଲସା, ଅର୍ଜୁ ଭଲସା, ତାଡିଭଲସା, ଭୋଲିପଦର, ତଳସେମ୍ଭି, ଉପରସେମ୍ଭି, ବରଣପାଦ୍ୟୁ, କାହ୍ନାଡୋରା, ଶାଳୀପଗୁଡା, ହରମଣ୍ଡି ଗାଁ, ମହିପାଣି, ହାଟସୁନାରୀ, ଫଗୁ ସୁନାରୀ, ଡୋଲି ଆମ୍ବ ଏବଂ ମଦାକର। ଏହାଛଡା ବୋରାମୁଥା ଓ ଏହାର ୧୨ଟି ପଡା ଗ୍ରାମକୁ ନେଇ ସୀମା ବିବାଦ ରହିଛି। ସେହିପରି ଗଞ୍ଜାମ ଜିଲାର ପୁରିଆସାହି, ସୁନ୍ଦରାବାଡ, କୁଳାସାହି, ଗଉଡୁଣୀ, ଶାସନ ସମେତ ଗାଁଗୁଡିକର ଆନ୍ଧ୍ର ସହ ମିଳିତ ସ୍କେଚରେ ଆନ୍ଧ୍ର ରାଜ୍ୟ ଅଧିକାରୀଙ୍କ ଦସ୍ତଖତ ହୋଇଥିବାରୁ ସୀମା ବିବାଦ ଜାରି ରହିଛି। ବିଭିନ୍ନ ସମୟରେ ପଡୋଶୀ ରାଜ୍ୟର ଅସହଯୋଗ ପାଇଁ ଯୁଗ୍ମ ତଦନ୍ତ ବାକି ରହିଛି। ଗଜପତି ଜିଲାର ୧୬ଟି ଗାଁ ସୀମା ବିବାଦରେ ରହିଛି। ରାୟଗଡାର ୫ଟି ଗାଁର ସୀମା ବିବାଦୀୟ ବୋଲି ରାଜସ୍ୱ ବିଭାଗ ସ୍ୱୀକାର କରିଛି। ହେଲେ ଆରଡିସି ପାଖରେ ଏନେଇ ତଥ୍ୟ ନାହିଁ।

ଆନ୍ଧ୍ର ପରି ପଡୋଶୀ ପଶ୍ଚିମବଙ୍ଗ ସହ ମଧ୍ୟ ସୀମା ବିବାଦ ରହିଛି। ସାହାବାଜପୁର, ଶଙ୍ଖଭଙ୍ଗା, ବିଳାସପୁର, ମାଙ୍କଡିଆ, ଶଙ୍ଖମେଦି ଏବଂ ଉଦୟପୁର ଅଞ୍ଚଳଗୁଡିକର ପଶ୍ଚିମବଙ୍ଗ ସହ ବିବାଦ ଲାଗି ରହିଛି। ମୟୂରଭଞ୍ଜ ଜିଲାର ହାତୀବାରି, କଖାରୁସୁଲ, ହାଣ୍ଡିଭଙ୍ଗା, ଉଗୁଡାକଟା, ପୁରୁଣାପାଣି, ଭୁରୁଷାପାଣି, ନୂଆମାଳିଆ ଏବଂ ବାଙ୍କ ନଳା ଗ୍ରାମର ସୀମା ବିବାଦ ଲାଗି ରହିଛି। ପଡୋଶୀ ଝାଡଖଣ୍ଡ ସହ ମୟୂରଭଞ୍ଜ ଜିଲାର ୨ଟି ଗ୍ରାମର ସୀମା ବିବାଦ ରହିଛି। କେନ୍ଦୁଝର ଜିଲାର ଚମ୍ପୁଆ, କଙ୍କଡାପାଟ, ଜଗନ୍ନାଥପୁର, ଲିମିଚୁର, ପୁରୁଷୋତ୍ତମପୁର ଗ୍ରାମର ଝାଡଖଣ୍ଡ ସହ ସୀମା ବିବାଦ ରହିଛି। ଅନୁରୂପ ଭାବେ ବୁଢାପାହାଡ, ଚୋପଡିହ, ଲଙ୍ଗଳକଣ୍ଟା, ମହୁପଦା ଏବଂ କୋରଡା ପ୍ରଭୃତି ଗାଁର ଝାଡଖଣ୍ଡ ସହ ସୀମା ବିବାଦ ରହିଛି। ମହାନଦୀକୁ ନେଇ ଛତିଶଗଡ ସହ ବିବାଦ ଜୋର ଧରିଛି, ସମାନ ଭାବେ ଛତିଶଗଡ ସହ ସୀମା ବିବାଦ ମଧ୍ୟ କିଛି କମ୍ ନୁହେଁ। ରାଜସ୍ୱ ବିଭାଗୀୟ ତଥ୍ୟ ଅନୁଯାୟୀ ନବରଙ୍ଗପୁର ଜିଲା ଭାସ୍କେଲ ନଦୀର ଗତି ପରିବର୍ତ୍ତନ ହେତୁ ଘାଟବାସୁଲି, ଉଦୟପୁର ଅଞ୍ଚଳରେ ସୀମା ବିବାଦ ରହିଛି। ଓଡେଣ୍ଡା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଆନ୍ତଃରାଜ୍ୟ ସୀମାଖୁଣ୍ଟ ଉପୁଡା ଯାଇ ନାଳ ଖୋଳିବା ଯୋଗୁ ସୀମା ବିବାଦ ସୃଷ୍ଟି ହୋଇଛି। ଝାରସୁଗୁଡା ଝାରଙ୍ଗାଠାରେ ପଡୋଶୀ ଛତିଶଗଡ ଖାତ ଖୋଳିବା ପରେ ସୀମା ବିବାଦ ଦେଖାଦେଇଛି।

ସୀମା ବିବାଦଗୁଡିକର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ମନ୍ତ୍ରୀ ମହେଶ୍ୱର ମହାନ୍ତି ବିଧାନସଭାରେ ଉତ୍ତର ମଧ୍ୟ ରଖିଥିଲେ। ଉତ୍ତରରେ ସେ କହିଛନ୍ତି ଯେ, ବିବାଦର ସମାଧାନ ପାଇଁ ୨ଟି ମାମଲା ରହିଛି। ସୁପ୍ରିମକୋର୍ଟଙ୍କ ଆଦେଶକ୍ରମେ ସ୍ଥିତାବସ୍ଥା ଜାରି ରହିଛି। ନିକଟରେ ସୀମା ବିବାଦ ସଂକ୍ରାନ୍ତରେ ବୈଠକ ହୋଇଥିଲେ ମଧ୍ୟ କେବଳ କୋଟିଆ ସମ୍ପର୍କିତ ବିଷୟରେ ଆଲୋଚନାକୁ ଗୁରୁତ୍ୱ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ଷଢେଇକଳା, ଖରସୁଆଁ ବିବାଦ ଆଜି ବି ଓଡ଼ିଶାଙ୍କୁ ବ୍ୟଥିତ କରେ। ସେହି ନ୍ୟାୟରେ ଯଦି ସୀମା ବିବାଦଗୁଡିକର ସମାଧାନ ନ ହୁଏ, ତେବେ ରାଜ୍ୟର ଅନେକ ଗାଁ ଆଇନର ଦସ୍ତାବିଜ୍‌ରେ ହଜିଯିବ। ସେଠାକାର ଲୋକେ ଓଡ଼ିଆ କହୁଥିବେ, ଯାନିଯାତ୍ରା ପାଳୁଥିବେ ହେଲେ ପ୍ରଶାସନିକ ଅପାରଗତା କାରଣରୁ ସେମାନେ ଓଡ଼ିଶାର ବୋଲି ଦାବି କରି ପାରୁ ନ ଥିବେ।

# ବିଜୁ ଯୁବ ବାହିନୀଙ୍କୁ ଦଳୀୟ ଭିତ୍ତିରେ ବ୍ୟବହାର କରୁଛି ବିଜେଡି: ନିରଞ୍ଜନ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)



■ ନିରଞ୍ଜନବାବୁ ଜଣେ ଅଭ୍ୟାସଗତ ଅଭିଯୋଗକାରୀ: ମାଝି

ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀକୁ ନେଇ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଲଗାତର ଅଭିଯୋଗ ଉଠାଯାଉଛି। ନିକଟରେ ଶାସକ ଦଳର ଦୁଇ ଜଣ ବିଧାୟକ ବିଜୁ ଯୁବ ବାହିନୀକୁ ଦଳୀୟ ଭିତ୍ତିରେ ନିୟୋଜିତ କରୁଥିବା ଭାଜପା ଅଭିଯୋଗ ଆଣିଥିଲା। କଂଗ୍ରେସ ମଧ୍ୟ ଶୁକ୍ରବାର ସମାନ ଅଭିଯୋଗ ଆଣିଛି। ଏହାସହ ଏହି ଯୋଜନାରେ ଆଦିବାସୀ ଓ ହରିଜନମାନଙ୍କୁ ଉପେକ୍ଷା କରାଯାଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ ଉଠାଇଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି ଯେ, ବିଜୁବାବୁଙ୍କ ନାଁକୁ ବିକ୍ରି କରି ବିଜେଡି ଫାଇଦା ଉଠାଇବାର ପ୍ରୟାସ କରୁଛି। ଏହା ବିଜୁବାବୁଙ୍କ ପ୍ରତି ଅସମ୍ମାନ। ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀ ଦ୍ୱାରା ଓଡିଶାର ଯୁବକମାନଙ୍କୁ ପ୍ରତାରିତ କରାଯାଉଛି। ବିଜେଡି ନିଜର ଦଳୀୟ କାର୍ଯ୍ୟରେ ନିୟୋଜିତ କରିବା ଲାଗି ବିଜୁ ଯୁବ ବାହିନୀ ଗଠନ କରିଛି। ସରକାରୀସ୍ତରରେ ୧ଲକ୍ଷ ୮୦ହଜାର ପଦବୀ ଖାଲି ରହିଛି। ଏହାକୁ ସରକାର ପୂରଣ କରୁ ନାହାନ୍ତି। ବିଜୁ ଯୁବ ବାହିନୀ ନାମରେ ଓଡିଶା ଯୁବକଙ୍କୁ ପ୍ରଲୋଭନ ଦେଖାଇ ସେମାନଙ୍କୁ ଜିଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ ବିଜେଡି କାର୍ଯ୍ୟରେ ନିୟୋଜିତ କରୁଛି। ୩ବର୍ଷ ପାଇଁ ସରକାର ୮ହଜାର ଯୁବକଙ୍କୁ ଏହି ଯୋଜନାରେ ନିୟୋଜିତ କରିବେ। ଏଥିରୁ ହଜାରେ ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି। ଲୋକମାନଙ୍କ ଅର୍ଥକୁ ଦଳୀୟ ଭିତ୍ତିରେ ଖର୍ଚ୍ଚ କରାଯାଉଛି। ସବୁଠାରୁ ବଡ କଥା ହେଉଛି ଏହି ଯୋଜନାରେ ସଂରକ୍ଷଣ ବ୍ୟବସ୍ଥା ନାହିଁ। ରାଜ୍ୟରେ ୪୦ପ୍ରତିଶତ ଆଦିବାସୀ ଓ ହରିଜନ ଅଛନ୍ତି। ସେମାନଙ୍କ ଉନ୍ନତି ଓ ବିକାଶ ପାଇଁ ସାରା ଦେଶ ଚିନ୍ତିତ ଥିବାବେଳେ ରାଜ୍ୟ ସରକାର ଭିନ୍ନ ରାସ୍ତାରେ ଯାଉଛନ୍ତି। ଏହି ବିଜୁ ଯୁବ ବାହିନୀ ଯୋଜନାରେ ୪୦ପ୍ରତିଶତ ଆଦିବାସୀ ଓ ହରିଜନ ଯୁବକଙ୍କୁ ସରକାର ଉପେକ୍ଷା କରିଛନ୍ତି। ଏହି ଯୋଜନାରେ ସରକାର ୩ବର୍ଷରେ ୪୬୦କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ବ୍ୟୟ ବରାଦ କରିଛନ୍ତି। ଚଳିତବର୍ଷ ପାଇଁ ୧୫୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ହେଲେ ଏହି ଅର୍ଥ ବିଜେଡି ନିଜର ରାଜନୈତିକ ସ୍ୱାର୍ଥରେ ବ୍ୟବହାର କରୁଛି। ଅନ୍ୟପଟେ ଆଦିବାସୀ ଓ ହରିଜନଙ୍କୁ ଏ ଯୋଜନାରେ ସାମିଲ କରି ନାହିଁ। ଏନେଇ ଏସ୍‌ସି/ଏସ୍‌ଟି କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏ ବାବଦରେ ୧୫ଦିନ ମଧ୍ୟରେ ଉତ୍ତର ଦେବାକୁ କମିଶନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଦିଆଯାଇଛି ବୋଲି ସେ କହିଛନ୍ତି। ଏହାଦ୍ୱାରା ରାଜ୍ୟ ସରକାର ସମ୍ବିଧାନର ଧାରା ୩୩୮କୁ ଉଲ୍ଲଂଘନ କରିଥିବା ନିରଞ୍ଜନ ଅଭିଯୋଗ ଉଠାଇଛନ୍ତି।

ରାଜ୍ୟ ଅନୁସୂଚିତଜାତି ଓ ଜନଜାତି ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି ଯେ, ବିଜୁ ଯୁବ ବାହିନୀରେ ରାଜ୍ୟ ସରକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେଉନାହାନ୍ତି। ଯେଉଁମାନେ ଅନ୍‌ଲାଇନ ଜରିଆରେ ଆବେଦନ କରିବେ ସେମାନଙ୍କୁ ବିଜୁ ଯୁବ ବାହିନୀରେ ନିୟୋଜିତ କରାଯିବ। ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବା ନ ହେବା ନେଇ କୌଣସି ବ୍ୟବସ୍ଥା ନାହିଁ। ରାଜ୍ୟର ଆଦିବାସୀ, ହରିଜନଙ୍କ ଉନ୍ନତି ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁତ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଜୁ ଯୁବ ବାହିନୀରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରା ନ ଯିବା ନେଇ ଏସ୍‌ସି/ଏସ୍‌ଟି କମିଶନ ଦେଇଥିବା ଚିଠି ଆମ ପାଖରେ ପହଞ୍ଚି ନାହିଁ। କମିଶନଙ୍କ ଚିଠି ମିଳିବା ପରେ ତାକୁ ଅନୁଧ୍ୟାନ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ବିଜୁ ଯୁବ ବାହିନୀକୁ କୌଣସି ପ୍ରକାରେ ଦଳୀୟ ଭିତ୍ତିରେ ନିୟୋଜିତ କରାଯାଉ ନାହିଁ। ନିରଞ୍ଜନବାବୁ ଜଣେ ଅଭ୍ୟାସଗତ ଅଭିଯୋଗକାରୀ ବୋଲି ମାଝି କହିଛନ୍ତି।

## ଡେଙ୍ଗୁରେ ଜଣେ ମୃତ,ଜଣେ ଆକ୍ରାନ୍ତ

ଜେକେପୁର ୧୪।୯ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଜେକେପୁରର ଜଣେ ମହିଳାଙ୍କ ଶୁକ୍ରବାର ଡେ଼ଙ୍ଗୁରେ ମୃତ୍ୟୁ ହୋଇଛି। ସେ ହେଲେ ସୁଧୀର ମହାନ୍ତିଙ୍କ ପତ୍ନୀ ଉର୍ମିଳା ମହାନ୍ତି(୪୯)। ଜେକେପୁର କାଳିଦାଶ ଲାଇନ୍‌ରେ ରହୁଥିବା ଉର୍ମିଳା ଡେ଼ଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏଏମ୍ଏସରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି । ସେହିଭଳି ସ୍ଥାନୀୟ ଗୁରୁଜୀନଗରରେ ରହୁଥିବା ଜଣେ ନବମ ଶ୍ରେଣୀ ଛାତ୍ର ସମ୍ବିତ୍ କୁମାର ରାଉତ ଡେ଼ଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି । ସେ ବିଶାଖାପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶତାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନାହିଁ। ସରକାରଙ୍କ ତରଫରୁ ନାମକୁ ମାତ୍ର ମାଇକ୍ ଦ୍ୱାରା ପ୍ରଚାର କରାଯାଉଛି । ହେଲେ ଏହାର କୌଣସି ସୁଫଳ ମିଳୁପାରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷ୍ମୀନାରାୟଣ ପୃଷ୍ଟୀଙ୍କୁ ପଚାରିବାରୁ, ଏ ସମ୍ପର୍କରେ କୌଣସି ଖବର ମୋ ପାଖରେ ନାହିଁ। ଆପଣଙ୍କଠାରୁ ଜାଣିବାକୁ ପାଇଲି। ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।


**PARADIP PORT TRUST**

**e-TCN No.EM/IOHP-70/2018**

Name of the work **"Replacement of Wagon Tippler-150"**. Estimated cost: **Rs. 15,81,69,375/-**. Last Date & Time of Submission of bid: **dt. 28.09.2018 up to 16.00 Hrs.** Refer our website for details, **https://eprocure.gov.in/eprocure/app.**

**Executive Engineer ( M)**
**Iron Ore Handling Plant**

PPT/PR/328/18-19 Dt.14.09.2018


# ଦାମ ଉଠାଇଥିବା ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ: ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ (ବାମରୁ ଦ୍ୱିତୀୟ)ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି।

**ଭୁବନେଶ୍ୱର, ୧୪।୯(ବ୍ୟୁରୋ):** ବିଜେଡିରୁ ବହିଷ୍କୃତ ବରିଷ୍ଠ ନେତା ଦାମୋଦର ରାଉତ ବିଭିନ୍ନ ବିଭାଗର ଦୁର୍ନୀତି ଅଭିଯୋଗ ଆଣିଥିଲେ। ଚାରା ଦୁର୍ନୀତି, ସମବାୟ ଘୋଟାଲା ଏବଂ ଓମ୍‌ଫେଡ୍ ଦୁର୍ନୀତି ଉଠାଇ ଦାମ ବାରମ୍ବାର ରାଜ୍ୟ ସରକାରଙ୍କୁ କାଠଗଡ଼ାରେ ଠିଆ କରିଥିଲେ, ଏହାକୁ ନେଇ ଏବେ ବିରୋଧୀ ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ଦାମବାବୁ ଆଣିଥିବା ଦୁର୍ନୀତି ଅଭିଯୋଗଗୁଡିକର ସିବିଆଇ ତଦନ୍ତ କରାଇବା ଲାଗି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଅପରପକ୍ଷରେ ବିଜେଡି ଏହାର କଡା ପ୍ରତିକ୍ରିୟା ପ୍ରକାଶ କରିଛି। କଂଗ୍ରେସ ମଧ୍ୟ ଏହାକୁ ସମାଲୋଚନା କରାଯାଇଛି। ଅପରପକ୍ଷରେ ବିଜେଡି ଏହାର କଡା ପ୍ରତିକ୍ରିୟା ପ୍ରକାଶ କରିଛି।

ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱଚ୍ଛତାର ଡିଣ୍ଡିମ ପିଟୁଛନ୍ତି, ମାତ୍ର ସେ ନିଜେ ଦୁର୍ନୀତିରେ ବୁଡି ରହିଛନ୍ତି। ରାଜ୍ୟରେ ହୋଇଥିବା ଚାରା, ଓମ୍‌ଫେଡ ଏବଂ ସମବାୟ ମହାଦୁର୍ନୀତି ସରକାରଙ୍କ ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ମୁଖ୍ୟମନ୍ତ୍ରୀଙ୍କର ଯଦି ସତ୍‌ସାହସ ଅଛି ତେବେ ଏସବୁ ଦୁର୍ନୀତିର ତଦନ୍ତ ସିବିଆଇକୁ ଦିଅନ୍ତୁ। ଯଦି ମୁଖ୍ୟମନ୍ତ୍ରୀ ସିବିଆଇ ତଦନ୍ତର ନିର୍ଦ୍ଦେଶ ନ ଦିଅନ୍ତି ତେବେ ଏହା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ଏବଂ ଆଇନର ଆଶ୍ରୟ ମଧ୍ୟ ନିଆଯିବ। ସମବାୟରେ ୭ଶହ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରି ସେ ନେଇ ପଦୁଟିଏ କହିଲେ ନାହିଁ। ବିଭିନ୍ନ ପ୍ରସଙ୍ଗରେ ଖାଲି କମିଶନ ବସାଇଥାଆନ୍ତି, କିନ୍ତୁ ଫଳ ଶୂନ ହେଉଛି। ଦାମ ରାଉତ ଉଠାଇଥିବା ଦୁର୍ନୀତି ପ୍ରସଙ୍ଗକୁ ବିଧାନସଭାରେ କୃଷିମନ୍ତ୍ରୀ ସ୍ୱୀକାର କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ଏନେଇ କିଛି କହି ନାହାନ୍ତି। ରାଜ୍ୟବାସୀଙ୍କ ମନକୁ ଏହିସବୁ ପ୍ରସଙ୍ଗ ଆନ୍ଦୋଳିତ କରୁଛି, ତେଣୁ ମୁଖ୍ୟମନ୍ତ୍ରୀ ଏହାର ଜବାବ୍ ରଖିବା ସହ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପୀତାମ୍ବର ଦାବି କରିଛନ୍ତି।

ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଦାମ ବାବୁ ଯେଉଁସବୁ ଦୁର୍ନୀତି ପ୍ରସଙ୍ଗ ଉଠାଇଛନ୍ତି ତାକୁ ବିଧାନସଭାରେ ମନ୍ତ୍ରୀମାନେ ସ୍ୱୀକାର କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଘଟଣାକୁ ହାସ୍ୟାସ୍ପଦ କହିବା ରାଜ୍ୟବାସୀଙ୍କ ପାଇଁ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଭାଜପା ଉଠାଇଥିବା ଦାବି ଉପରେ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ଯେଉଁ ଦୁର୍ନୀତି ପ୍ରସଙ୍ଗ ଉଠିଛି ସେସବୁର ତଦନ୍ତ ନିଶ୍ଚିତ ହେବ। ମୁଖ୍ୟମନ୍ତ୍ରୀ କେବେହେଲେ ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତି ନାହିଁ ବୋଲି ରାଜ୍ୟବାସୀ ଭଲ ଭାବେ ଜାଣିଛନ୍ତି। ରାଜ୍ୟ ସରକାରଙ୍କୁ ଭାଜପାର ସାର୍ଟିଫିକେଟର ଆବଶ୍ୟକତା ନାହିଁ। ସେମାନେ କେବଳ କ୍ଷମତା ଦଖଲ ପାଇଁ ଦିନରେ ସ୍ୱପ୍ନ ଦେଖୁଛନ୍ତି। ମୁଖ୍ୟମନ୍ତ୍ରୀ ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନେବାର ବହୁତ ନଜିର ରହିଥିବା ସେ କହିଛନ୍ତି।


**idco** Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.**
Tender Call Notice No. EST- 38 / 2018 -19 / 19042 Dt. 11.09.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding: From | Availability of Tender on-Line for Bidding: To |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Entry Gate of Government College of Engineering at Keonjhar | CGM (Civil), IDCO, IDCO Tower, Janpath, Bhubaneswar | Bid ID. No. Civil - EST - E - 38/ 2018-19 | 06 (Six) Calendar Months | Rs.86,35,326.00 | 18.00 Hours of 18.09.2018 | 17.00 Hours of 03.10.2018 |

Further details can be seen from the e-procurement portal. **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
**Chief General Manager (Civil), I/C**
**IDCO, Bhubaneswar**



**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No.18 of 2018-19**

01. Name of the Work :- Execution of different civil works in the district of Balangir. (Refer DTCN available in the website :-tendersorissa.gov.in)
02. Total No of work :- 09 Nos.
03. Estimated Cost :- Rs. 52.22 Lakh to Rs. 288.56 Lakh
04. Eligible Class of Contractor :- "B & A Class " Contractor
05. Period of Completion :- 06 Months to 12 Months (Refer DTCN available in the website :- tendersorissa.gov.in)
06. Other Details

| Procurement Officer | Bid Identification No. | Availability of tender online for bidding: From | Availability of tender online for bidding: To |
|---|---|---|---|
| Executive Engineer, RWSS Division, Balangir | 18 of 2017-18 | Dt. 17.09.2018 at. 10.00 hrs | Dt. 03.10.2018 upto 17.00 hrs |

Further details can be seen from the website **www.tendersorissa.gov.in**.
Corrigendum, if any, will be uploaded in website only.

**Sd./- Executive Enginner**
**RWS&S Division, Balangir**

25033/11/0014/1819

No.757-O



**ଭୁବନେଶ୍ୱର ମହାନଗର ନିଗମ**

ସଂଖ୍ୟା.୩୦୬୬୬ ତା.୧୩.୦୯.୨୦୧୮

**ବିଜ୍ଞାପନ**

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ଦୋକାନ ମାଲିକ ଏବଂ ବ୍ୟବସାୟ ପ୍ରତିଷ୍ଠାନମାନେ ନିଜ ପ୍ରତିଷ୍ଠାନର ନାମକୁ ସ୍ପଷ୍ଟ ଓଡିଆରେ ଲେଖି ପ୍ରତିଷ୍ଠାନ ସମ୍ମୁଖରେ ଫଳକ ମାରିବାକୁ ଜଣାଇଦିଆଯାଉଅଛି । ଆବଶ୍ୟକ ସ୍ଥଳେ ଓଡିଆ ସହିତ ଅନ୍ୟ ଭାଷାର ଫଳକ ମଧ୍ୟ ମାରିପାରିବେ । ଏହା ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୀତ **"ଓଡିଶା ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ (ସଂଶୋଧନ) ଆଇନ୍ ୨୦୧୮"** ଭିତ୍ତିରେ କରାଯାଇଛି,ଯାହାକି ଓଡିଶା ସରକାରଙ୍କ ରାଜପତ୍ର ସଂଖ୍ୟା – ୮୨୪ ରେ ୩୦ ମଇ ୨୦୧୮ ରେ ପ୍ରକାଶିତ ହୋଇଛି ।

ତେଣୁ ବିଏମ୍‌ସି ସୀମା ଭିତିରେ ଥିବା ପ୍ରତ୍ୟେକ ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ପ୍ରତିଷ୍ଠାନର ନାମକୁ ସ୍ପଷ୍ଟ ଭାବେ ଓଡିଆରେ ଲେଖି ଏହି ବିଜ୍ଞାପନ ପ୍ରକାଶିତ ହେବାର **୧୫ ଦିନ** ମଧ୍ୟରେ ଲଗାନ୍ତୁ । ଏଥିରେ କୌଣସି ପ୍ରକାର ତ୍ରୁଟି ପରିଲିକ୍ଷିତ ହେଲେ ପ୍ରଥମ ଥର ତ୍ରୁଟି ପାଇଁ ଆର୍ଥିକ ଜୋରିମାନା ଅନ୍ୟୁନ ୧୦୦୦ଟଙ୍କା ଆଦାୟ କରାଯିବ ଏବଂ ଏହି ପରିମାଣକୁ ୫୦୦୦ଟଙ୍କା ଯାଏଁ ବୃଦ୍ଧି କରାଯାଇପାରିବ । ଦ୍ୱିତୀୟ ଥର ଓ ପରବର୍ତ୍ତି ପରିଲିକ୍ଷିତ ତ୍ରୁଟି ପାଇଁ ଆର୍ଥିକ ଜୋରିମାନା ଅନ୍ୟୁନ ୨୦୦୦ ଟଙ୍କା ଆଦାୟ କରାଯିବ, ଯାହାକୁ ୨୫୦୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ ।

କମିଶନର
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି– ଏକ ସୁନ୍ଦର ଭୁବନେଶ୍ୱର ପାଇଁ



**GOVT. OF ODISHA** No.496-A
**OFFICE OF THE ENGINEER-IN-CHIEF**
**WATER RESOURCES**
**ODISHA, BHUBANESWAR**

**'E' PROCUREMENT NOTICE NO.CELMB 33 OF 2018-19**

1. Name of the work : Raising & strengthening with slope protection work by providing launching apron & packing of Jharling Belanga saline embankment from RD 00 to 29.100 Km (working RD 00 to 8.00 Km) under NABARD Assistance RIDF-XXIV.
2. Amount put to Tender : Rs.28,95,37,059.00
3. Bid Document Cost : Rs.10,000.00 (online)
4. E.M.D : Rs.28,95,400.00 (online)
5. Class of Contractor : Super Class
6. Period of Completion : 24 calendar months (730 Days)
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding: From | Availability of Tender On- line for bidding: To | Date of Opening of Technical Bid (Cover-I) |
|---|---|---|---|---|
| Chief Engineer FC & Basin Manager, LMB, Bhubaneswar | CELMB NMPD 07 OF 2018-19 | 17.09.2018 10.00hrs | 06.10.2018 17.00hrs | 09.10.2018 11.00 hrs |

8. E-MAIL ID : CELMBBBSR@YAHOO.CO.IN
FURTHER DETAIL CONDITIONS CAN BE SEEN FROM THE GOVT. WEBSITE WWW.TENDERSORISSA.GOV.IN.

**Chief Engineer, FC & Basin Manager**
**Lower Mahanadi Basin**

32252/11/0041/1819

$ Dollar 71.84 (34)
Sensex 372.68 38,090.64 | Nifty 145.30 11,515.20 | Gold ₹200 31,400.00 | Silver ₹250 37,650.00



ବିଶ୍ୱ ବାଣିଜ୍ୟ ସଂଗଠନରେ ସଂସ୍କାର ଆଣିବା ଲାଗି ଭାରତ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡିକ ସହିତ ମିଳିତ ହୋଇ କାର୍ଯ୍ୟ କରିବ।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ



ଆଧାରକୁ ସୁରକ୍ଷିତ ରଖିବା ଲାଗି ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ପକ୍ଷରୁ ବହୁବିଧ ସୁରକ୍ଷା ବ୍ୟବସ୍ଥା କରାଯାଇଛି।
– ଅଜୟ ଭୂଷଣ ପାଣ୍ଡେ, ସିଇଓ, ୟୁଆଇଡିଏଆଇ

## ସଂକ୍ଷେପରେ

### ସେନସେକ୍ସ ୩୮ ହଜାର ଟପିଲା



**ମୁମ୍ବାଇ,୧୪-୯:** ବିଏସ୍ଇ ସେନସେକ୍ସ ଶୁକ୍ରବାର ୩୮ ହଜାର ପଏଣ୍ଟ ଟପିଛି। ଟଙ୍କାର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ଓ ବର୍ଦ୍ଧିତ ତେଲ ଦର ସଂକ୍ରାନ୍ତରେ ଏନ୍‌ଡିଏ ସରକାର ପଦକ୍ଷେପ ନେବାକୁ ଯାଉଥିବାରୁ ଶୁକ୍ରବାର ଦେଶର ଷ୍ଟକ୍ ବଜାରରେ ଏହାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୩୭୨.୬୮ ପଏଣ୍ଟ ବୃଦ୍ଧି ସହ ୩୮,୦୯୦.୫୪ ରେ ବନ୍ଦ ହୋଇଛି। ସେହିପରି ନିଫ୍ଟିରେ ୧୪୫.୩୦ ପଏଣ୍ଟ ବୃଦ୍ଧି ପରିଲକ୍ଷିତ ହୋଇଥିଲା ଏବଂ କାରବାର ଶେଷ ବେଳକୁ ଏହା ୧୧,୫୧୫.୨୦ରେ ପହଞ୍ଚିଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ଏବଂ ଟ୍ରେଡ ୱାରକୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ କଥାବାର୍ତ୍ତା ଆରମ୍ଭ ହେବାକୁ ଯାଉଥିବାରୁ ଏହାର ପ୍ରଭାବ ମଧ୍ୟ ସକାରାତ୍ମକ ରହିଥିଲା।

### ଟଙ୍କାରେ ୩୪ ପଇସା ଉନ୍ନତି

**ମୁମ୍ବାଇ,୧୪-୯:** ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ୩୪ ପଇସା ଉନ୍ନତି ହୋଇଛି। ଏହା ଦିନର କାରବାର ଶେଷ ବେଳକୁ ୭୧.୮୪ରେ ପହଞ୍ଚିଛି। ଆର୍ଥିକ କ୍ଷେତ୍ରରେ ଅନେକ ସକାରାତ୍ମକ ସୂଚନା ଆସିବାରୁ ଟଙ୍କା ମୂଲ୍ୟରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଦିନର କାରବାର ବେଳେ ଏହା ଏକ ସମୟରେ ୭୧.୫୩ରେ ପହଞ୍ଚି ଯାଇଥିଲା। ରପ୍ତାନିକାରୀ ଏବଂ ବ୍ୟାଙ୍କଗୁଡିକ ପକ୍ଷରୁ ବ୍ୟାପକ ମାତ୍ରାରେ ଡଲାର ବିକ୍ରି ଯୋଗୁ ଟଙ୍କା ଦୃଢ଼ ହୋଇଥିଲା। ଆମେରିକାରେ ମୁଦ୍ରାସ୍ଫୀତି ବଢ଼ିବା କାରଣରୁ ସୁଧ ହାର ବୃଦ୍ଧିର ସମ୍ଭାବନା ହ୍ରାସ ପାଇବା ମଧ୍ୟ ଡଲାର ଚାହିଦାକୁ ହ୍ରାସ କରିଥିଲା। ଟଙ୍କାର ମୂଲ୍ୟ ସର୍ବକାଳୀନ ରେକର୍ଡ ଛୁଇଁ ୭୨.୯୧ରେ ପହଞ୍ଚିବା ପରେ ବୁଧବାର ୭୨.୧୮ରେ ବନ୍ଦ ହୋଇଥିଲା।

### ମ୍ୟାନେଜରଙ୍କୁ ଅଧିକ ପାରିଶ୍ରମିକ ପ୍ରଦାନ
### ସରକାରଙ୍କ ଅନୁମତି ନେବେନି ପବ୍ଲିକ୍ ଲିମିଟେଡ କମ୍ପାନୀ

**ନୂଆଦିଲ୍ଲୀ,୧୪-୯:** ମ୍ୟାନେଜର ସ୍ତରରେ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ଦରମା ଦେବା ବେଳେ ପବ୍ଲିକ୍ ଲିମିଟେଡ କମ୍ପାନୀଙ୍କୁ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ନେବାକୁ ପଡୁଥିଲା। କିନ୍ତୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଏବେ କମ୍ପାନୀ ଆଇନ ୨୦୧୩ରେ ଥିବା ନିୟମ କୋହଳ କରିଛନ୍ତି। ଏଣିକି ମ୍ୟାନେଜର ସ୍ତରରେ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ବେତନ ଦେବା ଲାଗି ସରକାରଙ୍କ ଅନୁମତି ନେବାକୁ ପଡିବନି। ତେବେ ପ୍ରାଇଭେଟ କମ୍ପାନୀ ପାଇଁ ଏହା ଲାଗୁ ହେବ ନାହିଁ। ଉକ୍ତ ଆଇନାନୁଯାୟୀ ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଥିବା କମ୍ପାନୀକୁ ପବ୍ଲିକ୍ ଲିମିଟେଡ କମ୍ପାନୀ ଭାବେ କୁହାଯିବ। ଉଭୟ ପବ୍ଲିକ ଏବଂ ପ୍ରାଇଭେଟ ଲିମିଟେଡ କମ୍ପାନୀ ଆଇନ ଅନୁଯାୟୀ ନିୟମରେ ବନ୍ଧା। ସେମାନେ ଏକ ନିର୍ଦ୍ଦିଷ୍ଟ ସୀମା ପରେ ମ୍ୟାନେଜରଙ୍କ ବେତନ ଓ ଭତ୍ତା ବୃଦ୍ଧି କରିପାରିବେ ନାହିଁ। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ଏବେ ୭୦ ହଜାର ପବ୍ଲିକ ଲିମିଟେଡ କମ୍ପାନୀ ସକ୍ରିୟ ରହିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଛି ଯେ, ମ୍ୟାନେଜରମାନଙ୍କୁ କମ୍ପାନୀର ନେଟ୍ ଲାଭର ୧୧ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ବେତନ ଦେଇହେବ। ଏଥିପାଇଁ ସ୍ୱତନ୍ତ୍ର ପ୍ରସ୍ତାବ ମାଧ୍ୟମରେ ଶେୟାର ଧାରକଙ୍କଠାରୁ ଅନୁମୋଦନ ନେବାକୁ ହେବ। ତେବେ ବ୍ୟାଙ୍କ, ଆର୍ଥିକ ସଂସ୍ଥା ଅଥବା ନନ୍ କନଭର୍ଟିବୁଲ ଡିବେଞ୍ଚର ଧାରକଙ୍କୁ ଋଣ ପ୍ରଦାନ କରାଯାଇ ନ ଥିଲେ ସେ କ୍ଷେତ୍ରରେ ଶେୟାରଧାରକଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ ପୂର୍ବରୁ ସରକାରଙ୍କଠାରୁ ଅନୁମତି ନେବାକୁ ପଡିବ। କେନ୍ଦ୍ର ସରକାର ଇଜ୍ ଅଫ୍ ଡୁଇଂ ବିଜନେସ, ମିନିମମ୍ ଗଭର୍ନମେଣ୍ଟ-ମ୍ୟାକ୍ସିମମ୍ ଗଭର୍ନାନ୍ସ ଉପରେ ଜୋର୍ ଦେଉଛନ୍ତି। ଏହି କାରଣରୁ ନିୟମ ମାନି ଚଳୁଥିବା ପବ୍ଲିକ ଲିମିଟେଡ କମ୍ପାନୀଙ୍କ କାର୍ଯ୍ୟରେ ସରକାର ଅଯଥା ହସ୍ତକ୍ଷେପ କରିବାକୁ ଚାହାନ୍ତି ନାହିଁ। ଏହି ବିଜ୍ଞପ୍ତି ଜାରି ପରେ ମନ୍ତ୍ରଣାଳୟରେ ଅନୁମତି ଅପେକ୍ଷାରେ ଥିବା ସମସ୍ତ ଆବେଦନ ସ୍ୱତଃ କାର୍ଯ୍ୟକାରୀ ହୋଇଯିବ। ଏହାଦ୍ୱାରା ପବ୍ଲିକ ଲିମିଟେଡ କମ୍ପାନୀଗୁଡିକ ମ୍ୟାନେଜରମାନଙ୍କୁ ଅଧିକ ଭତ୍ତା ଆଦି ଦେଇପାରିବେ।

## ମାଲ୍ୟାଙ୍କୁ ଋଣ ପ୍ରଦାନ
# ଅଧିକ ଖୋଳତାଡ଼ କରୁଛି ସିବିଆଇ

**ନୂଆଦିଲ୍ଲୀ,୧୪-୯**

ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ କିଙ୍ଗଫିଶର ଏୟାର ଲାଇନ୍ସକୁ ଋଣ ପ୍ରଦାନରେ ହାତ ଥିବା ନେଇ ଅର୍ଥ ମନ୍ତ୍ରଣାଳୟର ଅଧିକାରୀଙ୍କ ଉପରେ ଏବେ ସିବିଆଇର ନଜର ପଡିଛି। କେଉଁ ଅଧିକାରୀମାନେ ମାଲ୍ୟାଙ୍କୁ ଋଣ ପ୍ରଦାନରେ ସହଯୋଗ କରିଥିଲେ ସେମାନଙ୍କୁ ଖୋଜି ବାହାର କରିବାକୁ ସିବିଆଇ ଏବେ ଅଣ୍ଟା ଭିଡିଛି। ଏହି ମାମଲାରେ ସିବିଆଇ ଏବେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିବାକୁ ବିଚାର କରୁଛି। ଉକ୍ତ ମାମଲାରେ ସିବିଆଇ ଏବେ ଅଧିକ ଖୋଳତାଡ ଆରମ୍ଭ କରିଛି। ଅର୍ଥ ମନ୍ତ୍ରଣାଳୟରୁ ଫାଇଲ ମଗାଇ ସିବିଆଇ ଏଗୁଡିକର ତନ୍ନ ତନ୍ନ ଯାଞ୍ଚ ଆରମ୍ଭ କରିଛି। ମାଲ୍ୟାଙ୍କ ବାସଭବନରୁ ଉଦ୍ଧାର ହୋଇଥିବା ଚିଠିପତ୍ର ଓ ଇ-ମେଲ ଆଦି ଏବଂ ଫାଇଲରୁ ମିଳିଥିବା ତଥ୍ୟକୁ ମିଳାଇବା ପରେ ଅର୍ଥ ମନ୍ତ୍ରଣାଳୟର ବହୁ ଅଧିକାରୀ ଏଥିରେ ସମ୍ପୃକ୍ତ ଅଛନ୍ତି ବୋଲି ସିବିଆଇର ସନ୍ଦେହ ଦୃଢ଼ୀଭୂତ ହୋଇଛି। ମାଲ୍ୟା ଓ କମ୍ପାନୀ ପରାମର୍ଶଦାତା ବିଶେଷ କରି ଏ.କେ.ରବି ନେଦୁନଗଡି, ହରିଶ ଭାଟ୍ ଏବଂ ଏ.ରଘୁନାଥନଙ୍କ ମଧ୍ୟରେ ହୋଇଥିବା ଚିଠିପତ୍ର ଓ ଇ-ମେଲ୍‌ର ଆଦାନ ପ୍ରଦାନ କାଗଜପତ୍ରକୁ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଜବତ କରିଥିଲା। ତତ୍କାଳୀନ ଯୁଗ୍ମ ସଚିବ(ବ୍ୟାଙ୍କିଙ୍ଗ) ଅମିତାଭ ବର୍ମାଙ୍କ ଭୂମିକାକୁ ନେଇ ସିବିଆଇ ଏବେ ଅଧିକ ଖୋଳତାଡ ଆରମ୍ଭ କରିଛି। ୨୦୦୮ରୁ ୨୦୧୩ ମଧ୍ୟରେ ମାଲ୍ୟା ସଂକ୍ରାନ୍ତରେ ପିଏମ୍‌ଓ, ଅର୍ଥ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟ ମଧ୍ୟରେ ହୋଇଥିବା ଚିଠିର ଆଦାନପ୍ରଦାନକୁ ମଧ୍ୟ ସିବିଆଇ ପରୀକ୍ଷା କରି ଦେଖୁଛି। ଏସ୍‌ବିଆଇ ବ୍ୟାଙ୍କ ପକ୍ଷରୁ ମାଲ୍ୟାଙ୍କୁ ୨୦୦୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ତନ୍ମଧ୍ୟରେ ୫୦୦ କୋଟି ଟଙ୍କା ଅମିତାଭଙ୍କ କଥାରେ ହୋଇଥିବା ଇ-ମେଲରୁ ସ୍ପଷ୍ଟ ହୋଇଛି।

### କିଛି ଅଧିକାରୀ ଗିରଫ ହେବେ



### କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରିନି ଏସ୍‌ବିଆଇ

**ନୂଆଦିଲ୍ଲୀ,୧୪-୯:** ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଏସ୍‌ବିଆଇ ବିଳମ୍ବ କରିନାହିଁ ବୋଲି ଶୁକ୍ରବାର କହିଛି। ସେ ବିଦେଶ ପଳାଇବା ପରେ ମୁଖ୍ୟ ଋଣପ୍ରଦାନକାରୀ ବ୍ୟାଙ୍କ ସୁପ୍ରିମକୋର୍ଟରେ ଆବେଦନ କରିଥିଲା ବୋଲି ମିଡିଆ ରିପୋର୍ଟ ପ୍ରକାଶ ପାଇବା ପରେ ବ୍ୟାଙ୍କ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ମାଲ୍ୟା ୨୦୧୬ ମାର୍ଚ୍ଚ ୨ରେ ଦେଶ ଛାଡିଥିବା ବେଳେ ଏସ୍‌ବିଆଇ ସମେତ ଅନ୍ୟ ବ୍ୟାଙ୍କମାନେ ଏହାର ୪ ଦିନ ପରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ମାଲ୍ୟା ଏବଂ କିଙ୍ଗଫିଶର ଏୟାର ଲାଇନ୍ସରୁ ଋଣ ଆଦାୟ କରିବାକୁ ଏସ୍‌ବିଆଇ ପଦକ୍ଷେପ ନେଉଛି ବୋଲି ଜାରି ବିବୃତିରେ କହିଛି।

### ମାଲ୍ୟାଙ୍କ ପଳାୟନରେ ପ୍ରଧାନମନ୍ତ୍ରୀଙ୍କ ହାତ: ରାହୁଲ

ମଦ ବ୍ୟବସାୟୀ ବିଜୟ ମାଲ୍ୟା ଲଣ୍ଡନ ପଳାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସିଧାସଳଖ ହାତ ରହିଥିବା କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଟୁଇଟ୍ ଜରିଆରେ ଅଭିଯୋଗ କରିଛନ୍ତି। ସିବିଆଇ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ରିପୋର୍ଟ କରୁଥିବାରୁ ତାଙ୍କ ନିର୍ଦ୍ଦେଶରେ ଲୁକ୍‌ଆଉଟ୍ ନୋଟିସକୁ ଦୁର୍ବଳ କରିଥିଲା। ଫଳରେ ମାଲ୍ୟା ଖସିଯିବାରେ ସଫଳ ହୋଇଥିଲେ।

## ଭାରତ ସମେତ ସମସ୍ତ ଦେଶକୁ ଆମେରିକାର ଚେତାବନୀ
# ନିଜ ରିସ୍କରେ ଇରାନରୁ ତେଲ କିଣିବ

**ନୂଆଦିଲ୍ଲୀ,୧୪-୯**



ପରମାଣୁ ଚୁକ୍ତିରୁ ଓହରିବା ପରେ ଇରାନ ବିରୋଧରେ ଆମେରିକା କଟକଣା ଲାଗୁ କରିଛି। ନଭେମ୍ବର ୪ରୁ ଏହା ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇଯିବ। ଇରାନ ବିରୋଧରେ କଟକଣାକୁ ଦୃଢ଼ତାର ସହ ଲାଗୁ କରାଯିବ ବୋଲି ଆମେରିକା କହିଛି।

ଆମେରିକା କଂଗ୍ରେସରେ ହାଜର ହୋଇ ସହାୟକ ବୈଦେଶିକ ମନ୍ତ୍ରୀ ତଥା ପ୍ରବାସୀ ଭାରତୀୟ ମନୀଷା ସିଂ କହିଛନ୍ତି ଯେ, ଇରାନ ବିରୋଧରେ ତାଙ୍କ ଦେଶ ଦୃଢ଼ତାର ସହ କଟକଣାକୁ ଲାଗୁ କରିବ। ଏଥିରେ ଯେଉଁ ଦେଶ ଆମେରିକାକୁ ସମର୍ଥନ ନ କରିବ ସେ ଦେଶ ବିରୋଧରେ ମଧ୍ୟ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାରତ ସମେତ ସମସ୍ତ ଦେଶକୁ କଟକଣା ପାଳନ କରିବାକୁ ଅନୁରୋଧ କରାଯାଇଛି। ଇରାନ ସହ ଯଦି ସେମାନେ ତେଲ କାରବାର କରନ୍ତି ସେଥିପାଇଁ ସେମାନେ ନିଜେ ଦାୟୀ ହେବେ। ନିଜ ରିସ୍କରେ ସେମାନେ ଇରାନ ସହ କାରବାର ଜାରି ରଖିବେ। ଆମେରିକା ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବ। କଟକଣାର ପ୍ରଭାବ ଯେ କେତେ ସୁଦୂରପ୍ରସାରୀ ତାହା ଆମେ ଇରାନକୁ ଜଣାଇ ଦେବାକୁ ଚାହୁଁ ବୋଲି ମନୀଷା କହିଛନ୍ତି। ଇରାନ ପ୍ରସଙ୍ଗରେ ଆମେରିକାର ମନୋଭାବ ଅଧିକ ଦୃଢ଼ ହେଉଛି। ତେବେ କଟକଣା କୋହଳ କରିବାକୁ ଲବି ଚଳାଇଥିବା ଭାରତ ଇତିମଧ୍ୟରେ ଇରାନରୁ ତେଲ କିଣିବା କମାଇ ଚାଲିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସେପ୍ଟେମ୍ବର ଓ ଅକ୍ଟୋବର ପାଇଁ ଇରାନରୁ ତେଲ କ୍ରୟ ପରିମାଣକୁ ଅଧା କରିବା ଲାଗି ତୈଳ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଇରାନରୁ ଭାରତ ସର୍ବାଧିକ ପରିମାଣ ତେଲ କିଣିଥିବା ବେଳେ ସେପ୍ଟେମ୍ବର ଓ ଅକ୍ଟୋବରରେ ୧୨ ମିଲିୟନ ବ୍ୟାରେଲ ତେଲ କିଣିବାକୁ ନିଷ୍ପତ୍ତି ନିଆଯାଇଛି।

## ଅଗଷ୍ଟରେ ରପ୍ତାନି ୧୯.୨୧ ପ୍ରତିଶତ ବୃଦ୍ଧି

**ନୂଆଦିଲ୍ଲୀ,୧୪-୯**

ଅଗଷ୍ଟରେ ଦେଶର ରପ୍ତାନି ୩ ମାସର ସର୍ବାଧିକ ଅଭିବୃଦ୍ଧି ହାସଲ କରି ୨୭.୮୪ ବିଲିୟନ ଡଲାରରେ ପହଞ୍ଚିଛି, ଯାହା କି ପୂର୍ବ ବର୍ଷର ଏହି ସମୟଠାରୁ ୧୯.୨୧% ଅଧିକ। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ ଅଗଷ୍ଟରେ ପେଟ୍ରୋଲିୟମ ସାମଗ୍ରୀ, ଇଞ୍ଜିନିୟରିଂ, ଫାର୍ମା ଏବଂ ଜେମ୍ସ ଓ ଜୁଏଲେରୀ ରପ୍ତାନି ଅଧିକ ହୋଇଥିଲା। ରପ୍ତାନି ବଢ଼ିଥିଲେ ହେଁ ଆମଦାନୀ ମଧ୍ୟ ଅନୁରୂପ ଭାବେ ବଢ଼ିଛି। ଅଗଷ୍ଟରେ ଆମଦାନୀ ୨୫.୪୧ ହାରରେ ବଢି ୪୫.୨୪ ବିଲିୟନ ଡଲାରରେ ପହଞ୍ଚିଛି। ରପ୍ତାନି ବୃଦ୍ଧି ପାଇବା କାରଣରୁ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୧୭.୩୯ ବିଲିୟନ ଡଲାରକୁ ହ୍ରାସ ପାଇଛି। ଗତ ବର୍ଷ ଏହି ସମୟରେ ନିଅଣ୍ଟ ପରିମାଣ ୧୨.୭୨ ବିଲିୟନ ଡଲାର ଥିଲା। ଜୁଲାଇରେ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୫ ବର୍ଷର ସର୍ବାଧିକ ସ୍ତର ୧୮.୦୨ ବିଲିୟନ ଡଲାରରେ ପହଞ୍ଚି ଯାଇଥିଲା। ଆଲୋଚ୍ୟ ମାସରେ ଦେଶର ସୁନା ଆମଦାନୀ ୯୨.୬୨ ପ୍ରତିଶତକୁ ବୃଦ୍ଧି ପାଇ ୩.୬୪ ବିଲିୟନ ଡଲାର ହୋଇଛି।

## ୪୦ଟ୍ରେନରୁ ଫ୍ଲେକ୍ସି ଫେୟାର ପ୍ରତ୍ୟାହାର

**ନୂଆଦିଲ୍ଲୀ,୧୪-୯**

### ଯାତ୍ରୀ ଭଡା କମିବ



ରେଳଯାତ୍ରୀଙ୍କ ଲାଗି ଖୁସିଖବର। ଭାରତୀୟ ରେଲୱେ ୪୦ଟି ପ୍ରିମିୟମ ଟ୍ରେନରୁ ଫ୍ଲେକ୍ସି ଫେୟାର ପ୍ରାଇସିଂ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। କେବଳ ଏତିକି ନୁହେଁ ଅବଶିଷ୍ଟ ୧୦୨ ପ୍ରିମିୟମ ଟ୍ରେନ ଯାତ୍ରୀଙ୍କଠାରୁ ଶେଷ ମୁହୂର୍ତ୍ତରେ ବୁକିଂ ବେଳେ ଭଡାରେ ୫୦% ଡିସ୍‌କାଉଣ୍ଟ ଦେବାକୁ ରେଲୱେ ଯୋଜନା ପ୍ରସ୍ତୁତ କରୁଛି। ଫଳରେ ଯାତ୍ରୀ ମାନେ କମ୍ ଭଡା ଗଣିବେ। ଏବେ ୬୦% ବୁକିଂ ହୋଇ ନ ଥିବା ଟ୍ରେନରେ ଯାତ୍ରୀଙ୍କଠାରୁ ଗ୍ରେଡ ଭିତ୍ତିରେ ଡିସ୍‌କାଉଣ୍ଟ ନେବାର ବ୍ୟବସ୍ଥା ରହିଛି। ୨୦% ଡିସକାଉଣ୍ଟ ମିଳୁଥିବା ଏହି ଯୋଜନାକୁ ୨୦୧୬ ସେପ୍ଟେମ୍ବର ୯ରେ ୪୪ ରାଜଧାନୀ, ୪୬ ଶତାବ୍ଦୀ ଏବଂ ୫୨ ଦୁରନ୍ତୋ ପ୍ରିମିୟମ ଟ୍ରେନରେ ଲାଗୁ କରାଯାଇଥିଲା। ରାଜଧାନୀ ଓ ଶତାବ୍ଦୀ ସମ୍ପୂର୍ଣ୍ଣ ଏସି ଟ୍ରେନ ହୋଇଥିବା ବେଳେ ଦୁରନ୍ତୋରେ ଉଭୟ ଏସି ଓ ସାଧାରଣ କୋଚ୍ ରହିଛି। ରେଳ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି, ୫୦% ବ୍ୟବହାର ହେଉ ନ ଥିବା ରୁଟ୍‌ରେ ଏହି ଫ୍ଲେକ୍ସି ଫେୟାର ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯିବ। ନିକଟରେ ସିଏଜି ତାଙ୍କର ସଦ୍ୟତମ ରିପୋର୍ଟରେ ଦର୍ଶାଇଥିଲେ ଯେ, ଫ୍ଲେକ୍ସିଫେୟାର ସ୍କିମ୍ ଯୋଗୁ ବିମାନଠାରୁ ଟ୍ରେନ ଯାତ୍ରା ମହଙ୍ଗା ହୋଇଛି। କେବଳ ଏତିକି ନୁହେଁ ରାଜଧାନୀ, ଶତାବ୍ଦୀ ଓ ଦୁରନ୍ତୋ ଏକ୍ସପ୍ରେସ ଭଳି ଟ୍ରେନରେ ୨ ଏସିର ୧୭% ଏବଂ ୩ ଏସିର ୫% ସିଟ୍ ଖାଲି ରହୁଛି। ଶତାବ୍ଦୀ ଟ୍ରେନରେ ଖାଲି ଥିବା ସିଟ୍ ସଂଖ୍ୟା ପ୍ରାୟ ୨୫% ବୋଲି ରିପୋର୍ଟରେ ଦର୍ଶାଯାଇଛି। ରେଲୱେ ୩ ଏସି ଯୋଗୁ ଭଲ ରୋଜଗାର କରୁଥିଲା। ଫ୍ଲେକ୍ସିଫେୟାର ଲାଗୁ ହେବା ପରେ ୨୦୧୬ ସେପ୍ଟେମ୍ବର ୯ରୁ ୨୦୧୭ ଜୁଲାଇ ୩୧ ମଧ୍ୟରେ ପ୍ରାୟ ୭ ଲକ୍ଷ ଯାତ୍ରୀ ଟ୍ରେନ ଯାତ୍ରାରୁ ଦୂରେଇ ଗଲେ ବୋଲି ଏଥିରେ ଦର୍ଶାଯାଇଥିଲା। ରେଲୱେ ଅଧିକାରୀ କହିଛନ୍ତି ଯେ, ଯାତ୍ରୀମାନଙ୍କୁ ରେଳଯାତ୍ରା ପ୍ରତି ଆକର୍ଷିତ କରିବା ଲକ୍ଷ୍ୟରେ ରେଲୱେ ପକ୍ଷରୁ ନୂତନ ବ୍ୟବସ୍ଥା ଆପଣାଯିବ। ଏହାଦ୍ୱାରା ଉଭୟ ଜାତୀୟ ପରିବହନକାରୀ ଓ ଯାତ୍ରୀ ଉପକୃତ ହେବେ।

## ଦେଶର ସଡ଼କରେ ଦୌଡିବ ବିଦେଶୀ କାର୍, ବାଇକ
# ନିୟମ କୋହଳ କଲେ ସରକାର

**ନୂଆଦିଲ୍ଲୀ,୧୪-୯**



ଏବେ ଦେଶରେ ବିଦେଶୀ କାର୍ ଓ ବାଇକ ଆଣିବା ସହଜ ହୋଇଛି। କେନ୍ଦ୍ର ସରକାର ଏଥିଲାଗି ନିୟମ କୋହଳ କରିଛନ୍ତି। ସଡ଼କ ପରିବହନ ମନ୍ତ୍ରଣାଳୟ ବିଦେଶୀ କାର୍ ଓ ବାଇକ ଆମଦାନୀରେ ଥିବା ବାଧାକୁ ଦୂର କରିଛନ୍ତି। ସରକାରଙ୍କ ପ୍ରଣୀତ ନୀତି ଅନୁଯାୟୀ ଏଣିକି ଅଟୋମୋବାଇଲ ନିର୍ମାତା କାର୍ ଅଥବା ବାଇକର ୨୫୦୦ ୟୁନିଟ ଭାରତ ଆଣିପାରିବେ। ସେହିପରି ଭାରି ବାହନ ନିର୍ମାଣକାରୀ କମ୍ପାନୀ ୫୦୦ ବସ୍ ଅଥବା ଟ୍ରକ ଆମଦାନୀ କରିପାରିବେ। ତେବେ ଏହି ସମସ୍ତ ବାହନରେ ଡାହାଣ ପାଖରେ ଷ୍ଟିଅରିଂ କଣ୍ଟ୍ରୋଲ ରହିବା ଆବଶ୍ୟକ ବୋଲି ସରକାର ସର୍ତ୍ତ ରଖିଛନ୍ତି। ଡାଇରେକ୍ଟର ଜେନେରାଲ ଅଫ୍ ଫରେନ୍ ଟ୍ରେଡ(ଡିଜିଏଫ୍‌ଟି) ପକ୍ଷରୁ ପ୍ରଣୀତ ନୀତି ଅନୁଯାୟୀ ୪୦ ହଜାର ଡଲାର( ୨୮ ଲକ୍ଷ ଟଙ୍କା)ପର୍ଯ୍ୟନ୍ତ ମୂଲ୍ୟର ବାହନ ଆମଦାନୀ କରିହେବ। ସେହିପରି ୮୦୦ସିସିରୁ ଅଧିକର ବାଇକ ଦେଶକୁ ଆଣି ହେବ। ତେବେ ଏହି ବାହନ ଉପରେ ଆମଦାନୀ ଶୁଳ୍କ ଏବଂ ଅନ୍ୟ ଡ୍ୟୁଟି ଲାଗୁ ହେବ। ସେହିପରି ୟୁରୋପ, ଜାପାନ ଓ ଅନ୍ୟ କେତେକ ରାଷ୍ଟ୍ର ଦ୍ୱାରା ଧାର୍ଯ୍ୟ ଅନ୍ତଃରାଷ୍ଟ୍ରୀୟ ମାନଦଣ୍ଡ ଆଧାରରେ ଦେଶରେ ଏହି ସମସ୍ତ ବିଦେଶୀ ବାହନର ପଞ୍ଜୀକରଣ କରାଯିବ। କେନ୍ଦ୍ରୀୟ ମୋଟର ଭେହିକିଲ୍ସ ନିୟମକୁ ଆଧାର କରି ଡିଜିଏଫ୍‌ଟି ପକ୍ଷରୁ ନିୟମ ପ୍ରଣୟନ କରାଯାଇଛି। ଏହାଦ୍ୱାରା ବିଦେଶୀ କାର୍, ବସ୍,ଟ୍ରକ ଓ ବାଇକ୍ ସ୍ୱଦେଶ ଆମଦାନୀ କରିବା ସହଜ ହେବ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ଏହାଦ୍ୱାରା ବିଦେଶରୁ ଇଲେକ୍ଟ୍ରିକ ଗାଡି ଆଣିବା ସହଜ ହେବ। ଫଳରେ ବିଦେଶୀ କମ୍ପାନୀ ମାନେ ଦେଶରେ ସେମାନଙ୍କ କାରଖାନା ପ୍ରତିଷ୍ଠା କରିପାରିବେ।

# ଭୁବନେଶ୍ୱରରେ ମାର୍କସ୍ ଆଣ୍ଡ ସ୍ପେନସର୍‌ର ପ୍ରଥମ ଷ୍ଟୋର

**ଭୁବନେଶ୍ୱର,୧୪-୯(ବ୍ୟୁରୋ)**



ଆଇକନିକ ବ୍ରିଟିଶ ରିଟେଲର ମାର୍କସ ଆଣ୍ଡ ସ୍ପେନସର(ଏମ୍ ଆଣ୍ଡ ଏସ୍) ଭୁବନେଶ୍ୱରର ଏସ୍‌ପ୍ଲାନେଡ ୱାନ ମଲ୍‌ଠାରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଛି। ଏହାକୁ କମ୍ପାନୀର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଜେମ୍ସ ମନ୍‌ସନ୍ ଏବଂ ବଲିଉଡ ଅଭିନେତ୍ରୀ ଦିଶା ପଟାନୀ ଉନ୍ମୋଚନ କରିଥିଲେ। ୬,୭୦୦ ବର୍ଗଫୁଟ ସ୍ଥାନରେ ଏହି ନୂଆ ଷ୍ଟୋର ଖୋଲିଛି। ଏଠାରେ ମାର୍କ ଆଣ୍ଡ ସ୍ପେନସରର ଗୁଣାବତ୍ତ ବିଶିଷ୍ଟ ପୁରୁଷ ଓ ମହିଳା ପୋଷାକ, କିଡସୱେର, ଲିଞ୍ଜରୀ ଭଳି ଅନ୍ୟାନ୍ୟ କଲେକ୍ସନ ଉପଲବ୍ଧ ହେବ। ଏହାର ଅତ୍ୟାଧୁନିକ କଲେକ୍ସନ ରେଞ୍ଜ ତଥା ମହିଳାଙ୍କ ପୋଷାକରେ ଏକ ପ୍ରିଣ୍ଟେଟ ଟି-ସାର୍ଟ ୫୯୯ ଟଙ୍କାରୁ ଆରମ୍ଭ। ପୁରୁଷ ବର୍ଗରେ ଟି-ସାର୍ଟର ପ୍ରାରମ୍ଭିକ ମୂଲ୍ୟ ୯୯୯ ଟଙ୍କା, କିଡସ ବର୍ଗରେ ଟପ୍‌ର ପ୍ରାରମ୍ଭିକ ମୂଲ୍ୟ ୩୯୯ ଟଙ୍କା। ବିୟୁଟି ପ୍ରଡକ୍ଟ ସହ ମହିଳାଙ୍କ ଲାଗି ବିସ୍ତୃତ ରେଞ୍ଜର ସାର୍ଟୱେର, ଡେନିମ, ଆଉଟୱେର ଭଳି ଅନ୍ୟାନ୍ୟ କଲେକ୍ସନ ରହିଛି।

## ୧୩୨୦ କୋଟି ଅସୁଲ ଲାଗି ପିଏନ୍‌ବି ୨୧ ଏନ୍‌ପିଏ ଖାତା ବିକିବ

**ନୂଆଦିଲ୍ଲୀ,୧୪-୯**

ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ୧୩୨୦ କୋଟି ଟଙ୍କାର ଅନାଦାୟ ଋଣ ଫେରି ପାଇବା ଲାଗି ୨୧ ଆକାଉଣ୍ଟକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି। ବ୍ୟାଙ୍କ ପକ୍ଷରୁ ଏଥିଲାଗି ନିଲାମ ଆହ୍ୱାନ କରିଛି। ବ୍ୟାଙ୍କର ଅନାଦାୟ ଋଣ ସମ୍ଭାଳୁଥିବା ବିଭାଗ ଶସ୍ତ୍ର(ଷ୍ଟ୍ରେଷ୍ଟଡ ଆସେଟ୍ସ ଟାର୍ଗେଟେଡ ରିଜଲ୍ୟୁଶନ ଆକ୍ସନ) ଏଦିଗରେ ପଦକ୍ଷେପ ନେଇଛି। ପିଏନ୍‌ବି ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଛି ଯେ, ବ୍ୟାଙ୍କ ପକ୍ଷରୁ ଏନ୍‌ପିଏ ଖାତାକୁ ସମ୍ପତ୍ତି ପୁନର୍ଗଠନ କମ୍ପାନୀ(ଏଆର୍‌ସି), ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ, ଆର୍ଥିକ ସଂସ୍ଥାକୁ ବିକ୍ରି କରାଯିବ। ଏହା ନିୟାମକଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ତଥା ବ୍ୟାଙ୍କର ନିର୍ଦ୍ଧାରିତ ନିୟମ ଅନୁଯାୟୀ କରାଯିବ। ଚଳିତ ମାସ ୨୦ରେ ଇ-ଅକ୍ସନ ମାଧ୍ୟମରେ ଚୂଡାନ୍ତ ନିଲାମ ହେବ। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ସୁଦ୍ଧା ପିଏନ୍‌ବି ୭୭୦୦ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିଛି। ଏହି ସମୟରେ ବ୍ୟାଙ୍କର ବ୍ୟାଡ୍ ଲୋନ୍ ପରିମାଣ ୮୨,୮୮୮କୋଟି ଟଙ୍କା ରହିଛି।

# ହିରୋର ବ୍ରାଣ୍ଡ୍ ଆମ୍ବାସାଡର ହେଲେ ବିରାଟ କୋହଲି



**ଭୁବନେଶ୍ୱର,୧୪-୯**

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ୍ ନିକଟରେ ଏହାର ଏକ୍ସଟ୍ରିମ୍ ୨୦୦ଆର୍ ମଡେଲ୍‌କୁ ବଜାର ପ୍ରବେଶ କରାଇଛି। ଏଥି ସହିତ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲିଙ୍କୁ ଏହାର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଘୋଷଣା କରିଛି। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ହିରୋ ପକ୍ଷରୁ କ୍ୟାମ୍ପେନ୍ ମଧ୍ୟ ପ୍ରସାର କରାଯାଇଛି। ଏ ସମ୍ପର୍କରେ ହିରୋ ମୋଟୋକର୍ପ ଏମ୍‌ଡି ତଥା ସିଇଓ ପୱନ ମୁଞ୍ଜାଲ କହିଛନ୍ତି, ବିରାଟ କୋହଲି ବିଶ୍ୱସ୍ତରରେ ଜଣେ ପ୍ରସିଦ୍ଧ କ୍ରିକେଟ୍ ତାରକା ହୋଇଥିବା ବେଳେ ସେ ହିରୋର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଏହାର ମୂଲ୍ୟବୋଧକୁ ସମୃଦ୍ଧ କରିପାରିବେ। ସେହିପରି ବିରାଟ୍ କୋହଲି କହିଛନ୍ତି, ମତେ ହିରୋ ମୋଟୋକର୍ପ ଏହି ସୁଯୋଗ ଦେଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି।



“ ସ୍ପ୍ରିଣ୍ଟ୍ କିଙ୍ଗ୍‌ରୁ ଫୁଟବଲ ଖେଳାଳି ବନିଥିବା ଉଷେନ ବୋଲ୍ଟଙ୍କୁ ଯଦି ଡିଫେନ୍ସରେ ଖେଳାଯାଏ ସେଥିରୁ ଫାଇଦା ମିଳିପାରିବ ।

–ଭିସେଣ୍ଟ ଡେଲ୍ ବୋସ୍କ, ସ୍ପେନ ଫୁଟ୍‌ବଲ କୋଚ୍



“ ଜଣେ ଖେଳାଳି ହିସାବରେ ସର୍ଦ୍ଦାର ସିଂଙ୍କ ନିକଟରେ ରହିଥିବା ଗୁଣ ଓ ଉତ୍ସର୍ଗୀକୃତ ମନୋଭାବ ତାଙ୍କୁ ଖେଳର ଜଣେ ଆମ୍ବାସାଡର ଭାବେ ଗଢ଼ିତୋଳିଛି ।

–ରାଜିନ୍ଦର ସିଂ, ହକି ଇଣ୍ଡିଆ ସଭାପତି

## ସଂକ୍ଷେପରେ

### ଭାରତ-ମାଳଦ୍ୱୀପ ଫାଇନାଲ ଆଜି

ଢାକା, ୧୪।୯ (ପି.ଟି.): ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) କପ୍‌ର ଫାଇନାଲ ମ୍ୟାଚ ଶନିବାର ୭ଥର ଚାମ୍ପିୟନ ଭାରତ ଏବଂ ମାଲେସିଆ ମଧ୍ୟରେ ଖେଳାଯିବ। ଅପରାଜେୟ ଭାରତ ଫେଭରାଇଟ୍ ଦଳ ଭାବେ ପଡ଼ିଆକୁ ଓହ୍ଲାଇବ। ଭାରତୀୟ ଦଳରେ ଜଣକୁ ଛାଡ଼ିଦେଲେ ଅନ୍ୟମାନେ ୨୩ ବର୍ଷରୁ କମ୍ ଖେଳାଳି। ଗ୍ରୁପ୍ ପର୍ଯ୍ୟାୟରେ ଏହି ଦଳ ଶ୍ରୀଲଙ୍କା (୨-୦) ଏବଂ ଶନିବାରର ପ୍ରତିଦ୍ୱନ୍ଦ୍ୱୀ ମାଳଦ୍ୱୀପ (୨-୦) ପରାସ୍ତ କରି ସାରିଥିବାବେଳେ ସେମିଫାଇନାଲରେ ପାକିସ୍ତାନ (୩-୧)କୁ ହରାଇ ଦେଇଥିଲା। ଟୁର୍ଣ୍ଣାମେଣ୍ଟର ଏହା ହେଉଛି ୧୨ତମ ସଂସ୍କରଣ। ଗତଥରର ଚାମ୍ପିୟନ ଭାରତ ପଛକୁ ପଛ ତୃତୀୟ ଏବଂ ମୋଟ ଉପରେ ୮ମ ସଫଳତା ହାସଲ ଲକ୍ଷ୍ୟରେ ରହିଛି। ମାଳଦ୍ୱୀପ ଗତ ତିନୋଟି ସଂସ୍କରଣରେ ଫାଇନାଲ ଖେଳି ନାହିଁ। ପ୍ରତିଟି ଥର ସେମିଫାଇନାଲରେ ପରାସ୍ତ ହୋଇଛି। ଅନ୍ୟପକ୍ଷରେ ଏହି ଦଳ ୨୦୦୩ ବ୍ୟତୀତ ଅନ୍ୟ ୧୧ଟି ସଂସ୍କରଣ ଫାଇନାଲ ଖେଳିଛି। ଶେଷଥର ୨୦୦୯ରେ ସ୍ଥାନୀୟ ବଙ୍ଗବନ୍ଧୁ ଷ୍ଟାଡିୟମରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଭାରତ ଓ ମାଳଦ୍ୱୀପ ପରସ୍ପରକୁ ଭେଟିଥିଲେ। ଅତିରିକ୍ତ ସମୟ ଖେଳ ସତ୍ତ୍ୱେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଭାରତ ପେନାଲ୍ଟି ଶୁଟ୍ ଆଉଟ ଜରିଆରେ ଫାଇନାଲ ମ୍ୟାଚ ଜିତିଥିଲା। ମାଳଦ୍ୱୀପକୁ ଯଦିଓ ଗ୍ରୁପ୍ ପର୍ଯ୍ୟାୟରେ ସଂଘର୍ଷ କରିବାକୁ ପଡ଼ିଥିଲା, ଏହି ଦଳକୁ ହେୟଜ୍ଞାନ କରିବା ଉଚିତ୍ ହେବନାହିଁ। ମାଳଦ୍ୱୀପ ସେମିଫାଇନାଲରେ ନେପାଳକୁ ୩-୦ ଗୋଲରେ ପରାସ୍ତ କରିଛି। ଫାଇନାଲ ମ୍ୟାଚ ଟାଇବ୍ରେକର ପର୍ଯ୍ୟାୟକୁ ଯାଉ ବୋଲି ଭାରତୀୟ ଦଳର କୋଚ୍ ଷ୍ଟିଫେନ୍ କନଷ୍ଟାଣ୍ଟିନ ଚାହୁ ନାହାନ୍ତି। ଖେଳାଳିମାନଙ୍କୁ ସେ କହିଛନ୍ତି, ଶନିବାର ମ୍ୟାଚରେ ଭଲ ଖେଳିଲେ ସମ୍ପୃକ୍ତ ଖେଳାଳିଙ୍କୁ ଏସିଆନ କପ୍ ପାଇଁ ଭାରତୀୟ ଦଳରେ ସୁଯୋଗ ମିଳିବ। ପାକିସ୍ତାନ ବିପକ୍ଷ ମ୍ୟାଚରେ ଦୁଇଟି ଗୋଲ ସ୍କୋର କରିଥିବା ମନଭୀର ସିଂଙ୍କ ଉପରେ ସମସ୍ତଙ୍କ ନଜର ରହିବ।

### ନେତୃତ୍ୱ ଛାଡ଼ିବା କାରଣ ସ୍ପଷ୍ଟ କଲେ ଧୋନୀ

ନୂଆଦିଲ୍ଲୀ,୧୪।୯: ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦେଢ଼ ବର୍ଷ ପୂର୍ବେ ଦିନିକିଆ ଓ ଟି୨୦ ଦଳରେ ନେତୃତ୍ୱ ତ୍ୟାଗ କରିଥିଲେ। ଏହାର କାରଣ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍ଏଫ୍) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ସ୍ପଷ୍ଟ କରିଛନ୍ତି। ଆଗାମୀ ୨୦୧୯ ବିଶ୍ୱକପ୍ ପୂର୍ବରୁ ବିରାଟ କୋହଲିଙ୍କୁ ଦଳ ଗଠନ କରିବା ଲାଗି ଯଥେଷ୍ଟ ସମୟ ପ୍ରଦାନ କରିବା ପାଇଁ ସେ ଚାହୁଁଥିଲେ। ‘‘ଅଧିନାୟକ ପଦରୁ ଇସ୍ତଫା ଦେଇଥିଲି, କାରଣ ମୁଁ ଚାହୁଁଥିଲି ପରବର୍ତ୍ତୀ ଅଧିନାୟକ (କୋହଲି)ଙ୍କୁ ୨୦୧୯ ବିଶ୍ୱକପ୍ ପୂର୍ବରୁ ଦଳ ଗଠନ କରିବା ପାଇଁ ଅଧିକ ସମୟ ମିଳୁ। ଏକ ଶକ୍ତିଶାଳୀ ଦଳ ଗଠନ ଓ ଖେଳାଳି ଚୟନ କରିବା ପାଇଁ ନୂଆ ଅଧିନାୟକଙ୍କୁ ଆବଶ୍ୟକ ସମୟ ଦେବା ଦରକାର। ମୋ ମତରେ ଠିକ୍ ସମୟରେ ହିଁ ମୁଁ ନେତୃତ୍ୱ ଛାଡ଼ିଛି’’ ବୋଲି ୨୦୧୧ ବିଶ୍ୱକପ୍ ଚାମ୍ପିୟନ ଅଧିନାୟକ ଧୋନୀ କହିଛନ୍ତି। ଉଲ୍ଲେଖଥାଉ କି, ଧୋନୀ ୨୦୧୪ ଡିସେମ୍ବରରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ଏହାପରେ ୨୦୧୭ ଜାନୁୟାରୀରେ ସେ ଦିନିକିଆ ଓ ଟି୨୦ ଦଳର ନେତୃତ୍ୱ ତ୍ୟାଗ କରିଥିଲେ।

# ବାଂଲାଦେଶ-ଶ୍ରୀଲଙ୍କା ଉଦ୍‌ଘାଟନୀ ମ୍ୟାଚ୍

**ଏସିଆ କପ୍ ଆଜିଠାରୁ**

ଦୁବାଇ, ୧୪।୯(ପି.ଟି.)

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଏସିଆ ମହାଦେଶର ସର୍ବବୃହତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏସିଆ କପ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ଟୁର୍ଣ୍ଣାମେଣ୍ଟ ବିଶେଷ ଗୁରୁତ୍ୱ ବହନ କରୁଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଂଲାଦେଶ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ। ଭାରତ ଓ ପାକିସ୍ତାନ ମୁକାବିଲା ଉପରେ ସାରା ବିଶ୍ୱର ନଜର ରହିଛି। ତେବେ ଟୁର୍ଣ୍ଣାମେଣ୍ଟରେ ଏହି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅତିକମ୍‌ରେ ଦୁଇଥର ଭେଟିବା ନିଶ୍ଚିତ ମନେହେଉଛି। ଗ୍ରୁପ୍ ପର୍ଯ୍ୟାୟରେ ଓ ପରେ ସୁପର-୪ ପର୍ଯ୍ୟାୟରେ ଦୁଇ ଦଳ ଭେଟିବାର ଯଥେଷ୍ଟ ସମ୍ଭାବନା ରହିଛି। ପୁଣି ଯଦି ଫାଇନାଲକୁ ଉଠନ୍ତି ଦେବେ ତୃତୀୟଥର ପାଇଁ ଦୁଇ ଦଳ ୨୮ ତାରିଖ ଦିନ ଖେଳାଯିବାକୁ ଥିବା ଫାଇନାଲରେ ମୁହାଁମୁହିଁ ହେବେ।

ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଭାରତ ଚାପରେ କିଭଳି ପ୍ରଦର୍ଶନ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ସଦ୍ୟ ସମାପ୍ତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାରତ ୪-୧ରେ ପରାସ୍ତ ହେବା ସହ ଇଂଲଣ୍ଡ ଗସ୍ତର ସମାପ୍ତି ଘଟିଥିଲା। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ତାଙ୍କୁ ବିଶ୍ରାମ ଦିଆଯାଇଛି। ୧୮ ତାରିଖ ମଙ୍ଗଳବାର ହଂକଂ ବିପକ୍ଷରୁ ଭାରତ ଅଭିଯାନ ଆରମ୍ଭ କରିବ। ଏହା ପରଦିନ ବୁଧବାର ପାକିସ୍ତାନକୁ ଭାରତ ଭେଟିବ। ଦିନିକିଆ ଫର୍ମାଟରେ ଜଣେ ବିଶ୍ୱସ୍ତରୀୟ ଖେଳାଳି ହୋଇଥିଲେ ମଧ୍ୟ ଅଧିନାୟକ ହିସାବରେ ରୋହିତ ଶର୍ମା ପରୀକ୍ଷା ସମ୍ମୁଖୀନ ହେବେ। ଗତ ଡିସେମ୍ବରରେ ସେ ଶ୍ରୀଲଙ୍କା ବିପକ୍ଷରେ ଭାରତର ନେତୃତ୍ୱ ନେଇ ସଫଳ ହୋଇଥିଲେ। କିନ୍ତୁ ସେତେବେଳେ ଶ୍ରୀଲଙ୍କା ଅପେକ୍ଷାକୃତ ଦୁର୍ବଳ ଥିଲା। ପାକିସ୍ତାନ ବିପକ୍ଷରେ ଭାରତ କିଭଳି ପ୍ରଦର୍ଶନ କରୁଛି ତାହା ଦେଖିବାକୁ ବାକି ରହିଲା। ପାକିସ୍ତାନ ଦଳରେ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ମହମ୍ମଦ ଆମୀର, ଜଣେ ପ୍ରତିଭାସମ୍ପର୍ନ୍ନ ଅଲରାଉଣ୍ଡର ହାସନ ଅଲୀ, ଜଣେ ଉଚ୍ଚକୋଟୀର ଓପନର ଫକାର ଜମାନ ଓ ବାବର ଆଜମ ଓ ହାରିସ୍ ସୋହେଲଙ୍କ ଭଳି ପ୍ରତିଭା ସମ୍ପର୍ନ୍ନ ବ୍ୟାଟ୍ସମ୍ୟାନ ରହିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଏକ ଦୃଢ ମିଡିଲ ଅର୍ଡର ସ୍ଥାପନ କରିବା ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ପାଇଁ ଏକ ଠିକ୍ ବ୍ୟାଟିଂ ପୋଜିଶନ ବାହର କରିବା ହେଉଛି ଭାରତର ମୁଖ୍ୟ କାର୍ଯ୍ୟ।

ଗତକିଛି ବର୍ଷ ମଧ୍ୟରେ ବାଂଲାଦେଶ ଏସିଆ କପ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ଟି୨୦ ଫର୍ମାଟରେ ଖେଳାଯାଇଥିବା ଗତ ସଂସ୍କରଣରେ ବାଂଲାଦେଶ ଘରୋଇ ପରିବେଶରେ ଦମ୍ ଦେଖାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ୨୦୧୨ ସଂସ୍କରଣରେ ବାଂଲାଦେଶ ୫୦ ଓଭର ଫର୍ମାଟରେ ମଧ୍ୟ ଫାଇନାଲ ଖେଳିଥିଲା। ମାଶ୍ରାଫି ମୋର୍ତ୍ତାଜାଙ୍କ ନେତୃତ୍ୱରେ ବାଂଲାଦେଶ ଏଥର ମଧ୍ୟ ଭଲ ଖେଳିବ ବୋଲି ଆଶା କରାଯାଉଛି। ବାଂଲାଦେଶ ଦଳରେ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି।

ବିଭିନ୍ନ କାରଣରୁ ଶ୍ରୀଲଙ୍କା ଦଳରେ ଏକାଧିକ ସମସ୍ୟା ଥିବା ଭଳି ମନେ ହେଉଛି। ଦଳ ଏବେ ପରିବର୍ତ୍ତନର ପର୍ଯ୍ୟାୟ ଦେଇ ଗତି କରୁଛି। ତେବେ ଦୀର୍ଘ ସମୟ ହେବ ଶ୍ରୀଲଙ୍କା ଏହି ପର୍ଯ୍ୟାୟ ପାର କରିପାରି ନାହିଁ। ଦଳରେ ଆଞ୍ଜେଲୋ ମାଥ୍ୟୁସ୍, ଥିସାରା ପେରେରା, ଉପୁଲ ଥରଙ୍ଗାଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କ ସମେତ ଅକିଳ ଧନଞ୍ଜୟ, ଦସୁନ ଶନକା ଓ କାସୁନ ରଜିଥାଙ୍କ ଭଳି ଯୁବ ପ୍ରତିଭାସମ୍ପର୍ନ୍ନ ଖେଳାଳି ରହିଛନ୍ତି। ସ୍ଥିର ପ୍ରଦର୍ଶନ ଉପରେ ଶ୍ରୀଲଙ୍କା ଧ୍ୟାନ ଦେବା ଆଶା କରାଯାଉଛି। ଆଫଗାନିସ୍ତାନ ଦଳରେ ଟି୨୦ ସୁପରଷ୍ଟାର ରସିଦ ଖାଁ, ମହମ୍ମଦ ଶାହଜାଦଙ୍କ ଭଳି ଖେଳାଳି ରହିଛନ୍ତି ଓ ଏହି ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ସେହିପରି ଭାରତୀୟ ବାଂଶୋଦ୍ଭବ ଅଂଶୁମାନ ରଥଙ୍କ ନେତୃତ୍ୱରେ ହଂକଂ ପଡିଆକୁ ଓହ୍ଲାଇବ। ହଂକଂ ଦଳରେ ସେମି ପ୍ରଫେଶନାଲ କ୍ରିକେଟର ରହିଛନ୍ତି। ବାହାରୁ ଆସିଥିବା ଖେଳାଳିମାନେ ହଂକଂ ଦଳରେ ସାମିଲ ହୋଇଛନ୍ତି। ଅତିକମ୍‌ରେ ବିଜୟୀ ନ ହେଲେ ମଧ୍ୟ ସବୁ ଦଳକୁ ଟକ୍କର ଦେବା ଲକ୍ଷ୍ୟରେ ହଂକଂ ରହିଛି।

**ବାଂଲାଦେଶ ଦଳ:** ମଶ୍ରାଫି ମୋର୍ତ୍ତାଜା (ଅଧିନାୟକ), ତାମିମ ଇକବାଲ, ଲିଟନ କୁମାର ଦାସ, ମୁସଫିକର ରହିମ, ମହମୁଦୁଲ୍ଲା ରିୟାଦ, ମୋମିନୁଲ ହକ୍, ଅରିଫୁଲ ହକ୍, ମହମ୍ମଦ ମିଥୁନ, ମୁସ୍ତାଫିଜୁର ରହମାନ, ରୁବେଲ ହୋସେନ, ମେହିଦି ହାସନ ମିର୍ଜା,ମୋସାଡେକ ହୋସେନ, ନାଜମୁଲ ଇସ୍ଲାମ, ନାଜମୁଲ ହୋସେନ ଶାଣ୍ଟୋ ଓ ଅବୁ ହାଇଦର ରୋନୀ।

**ଶ୍ରୀଲଙ୍କା ଦଳ:** ଆଞ୍ଜେଲୋ ମାଥ୍ୟୁସ୍ (ଅଧିନାୟକ), କୁଶାଲ ପେରେରା, କୁଶାଲ ମେଣ୍ଡିସ୍, ଉପୁଲ ଥରଙ୍ଗା, ଥିସାରା ପେରେରା, ନିରୋଶାନ ଡିକ୍‌ୱେଲା, ଧନଞ୍ଜୟ ଡି ସିଲଭା, ଦସୁନ ସନକା, କାସୁନ ରଜିଥା, ଅକିଳ ଧନଞ୍ଜୟ, ଅମିଲା ଅପୋନ୍ସୋ, ଲସିଥ ମାଲିଙ୍ଗା, ଦୁଷ୍ମନ୍ତ ଚାମିରା, ଦିଲରୁୱାନ ପେରେରା ଓ ଶେହାନ ଜୟସୁରିୟା।




ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଅଂଶଗ୍ରହଣକାରୀ ଦଳର ଅଧିନାୟକମାନେ।

## ‘ବୋଲ୍ଟ ଡିଫେନ୍ସରେ ଖେଳିପାରିବେ’

ସିଡ୍‌ନୀ,୧୪।୯(ଏଏଫ୍‌ପି)

ପେସାଦାର ଫୁଟ୍‌ବଲର ହେବାର ସ୍ୱପ୍ନ ପୂରା କରୁଥିବା କିଙ୍ଗ୍ ସ୍ପ୍ରିଣ୍ଟର ଉସେନ ବୋଲ୍ଟ ଏବେ ଅଷ୍ଟ୍ରେଲିଆର ଏକ କ୍ଲବରେ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କ କ୍ଲବକୁ ପୂର୍ବତନ ବିଶ୍ୱକପ୍ ଚାମ୍ପିୟନ ସ୍ପେନ ଦଳର କୋଚ୍ ଭିସେଣ୍ଟ ଡେଲ ବୋସ୍କ ଉପଦେଶ ଦେଇଛନ୍ତି। ଭିସେଣ୍ଟଙ୍କ ଅନୁଯାୟୀ, ବୋଲ୍ଟଙ୍କୁ ଡିଫେନ୍ସ ଭାଗରେ ଖେଳାଇବା ଉଚିତ ହେବ। ୩୨ ବର୍ଷୀୟ ବୋଲ୍ଟ ଏବେ ନିଜ ସ୍ୱପ୍ନ ପୂରା କରିପାରିବେ। ତାଙ୍କ ନିକଟରେ ବେଗ ଅଛି, ଯାହାକି ଜଣେ ଭଲ ଫୁଟ୍‌ବଲର ହେବା ଲାଗି ନିହାତି ଆବଶ୍ୟକ। କିନ୍ତୁ ସେ ଫରୱାର୍ଡରେ ଖେଳିବା ପରିବର୍ତ୍ତେ ଡିଫେନ୍ସ ଖେଳିଲେ ଭଲ ହେବ। ଜାମାଇକାନ ସୁପରଷ୍ଟାର ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ କ୍ଲବ ସହ ନିର୍ଦ୍ଦିଷ୍ଟ ସମୟ ଲାଗି ପ୍ରଶିକ୍ଷଣ ନେବା ପାଇଁ ଚୁକ୍ତି କରିଛନ୍ତି। ୮ ଥର ଅଲିମ୍ପିକ୍ ଚାମ୍ପିୟନ ନିକଟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ସବ୍‌ଷ୍ଟିଚ୍ୟୁଟ ଖେଳାଳି ଭାବେ ସେ ୨୦ ମିନିଟ୍ ପାଇଁ ପଡ଼ିଆରେ ନିଜର ଦକ୍ଷତା ଦେଖାଇବା ଲାଗି ସୁଯୋଗ ପାଇଥିଲେ। ଏଥିରେ ସେ ଅଳ୍ପକେ ଗୋଲ୍ ସ୍କୋର କରିବାରୁ ବଞ୍ଚିତ ହୋଇଥିଲେ। ଗତ ବର୍ଷ ଆଥ୍‌ଲେଟିକ୍ସରୁ ଅବସର ନେବା ପରେ ବୋଲ୍ଟ ପେସାଦାର ଫୁଟ୍‌ବଲର ହେବା ଲାଗି ଜର୍ମାନୀ, ଦକ୍ଷିଣ କୋରିଆ ଓ ନରୱେ ଭଳି କ୍ଲବ ସହ ଯୋଗାଯୋଗ କରିଥିଲେ। ମାତ୍ର ସେଠାରେ ତାଙ୍କୁ ସୁଯୋଗ ମିଳି ନ ଥିଲା। ‘‘୩୨ ବର୍ଷ ବୟସରେ ଫୁଟ୍‌ବଲ ଖେଳିବା ଆରମ୍ଭ କରିବା ସାଧାରଣ କଥା ନୁହେଁ।



ସିବିଏସ୍‌ଇ କ୍ଲଷ୍ଟର– ୨ ଟେବୁଲ୍ ଟେନିସ୍ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଅବସରରେ ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

## ସିବିଏସ୍‌ଇ କ୍ଲଷ୍ଟର– ୨ ଟେବୁଲ୍ ଟେନିସ୍ ଆରମ୍ଭ

ଭୁବନେଶ୍ୱର, ୧୪।୯(ସ୍ପୋର୍ଟ୍ସ ବ୍ୟୁରୋ)

ବିକାଶ ଆବାସିକ ବିଦ୍ୟାଳୟ ପରିସରରେ ସିବିଏସ୍‌ଇ କ୍ଲଷ୍ଟର– ୨ ଟେବୁଲ୍ ଟେନିସ୍ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ୩ ରାଜ୍ୟ ଓଡିଶା, ପଶ୍ଚିମବଙ୍ଗ ଓ ଛତିଶଗଡର ୪୨ଟି ସ୍କୁଲ୍‌ରୁ ୧୦୬ଟି ଟିମ୍‌ରେ ୨୪୯ ଛାତ୍ରୀ ଛାତ୍ର ଭାଗ ନେଇଛନ୍ତି। ପ୍ରତିଯୋଗିତା ମୁଖ୍ୟତଃ ୧୪, ୧୭ ଓ ୧୯ବର୍ଷରୁ କମ୍ ବୟସ ବର୍ଗରେ ଅନୁଷ୍ଠିତ ହେଉଛି। ଥଙ୍ଗୋଲେଟ୍ ମାଟେ (ଆରଓ, ସିବିଏସ୍‌ଇ, ଭୁବନେଶ୍ୱର) ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ରୂପେ ଯୋଗଦେଇ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଶିକ୍ଷାବିଭାଗ ନିର୍ଦ୍ଦେଶକ ଭି.ଶ୍ରୀନିବାସ ବିକାଶ ଶିକ୍ଷାନୁଷ୍ଠାନର ପତାକା ଉତ୍ତୋଳନ କରିଥିଲେ। ସି.ଏଚ୍. ସୁନୀଲ୍ ପିଲାଇ, ପର୍ଯ୍ୟବେକ୍ଷକ ସିବିଏସ୍‌ଇ, ଭୁବନେଶ୍ୱର ଡିନ୍ ପୀତାମ୍ବର ଦାସ, ବିଜୟାଲକ୍ଷ୍ମୀ ଦାସ, ପ୍ରଧାନ ଅଧକ୍ଷା, ଭିଆରଏସ୍, ଖଣ୍ଡଗିରି, ଆର୍. ବିଜୟ କୁମାର, ପ୍ରଧାନ ଅଧକ୍ଷ, ଭିଏଚ୍‌ଜି, ଭୁବନେଶ୍ୱର, ଉପ ପ୍ରଧାନ ଅଧକ୍ଷ ଶିବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବିୟାଠାରୁ ହାରିଲା ଭାରତ

ନୂଆଦିଲ୍ଲୀ, ୧୪।୯ (ପି.ଟି.)

ସର୍ବିୟାର ୧୯ ବର୍ଷରୁ କମ୍ ଫୁଟ୍‌ବଲ ଦଳ ବିପକ୍ଷ ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତର ୧୯ ବର୍ଷରୁ କମ୍ ଦଳ ପରାଜୟ ବରଣ କରିଛି। ଏହି ମ୍ୟାଚ ସର୍ବୀୟ ସହର ଷ୍ଟାରା ପାଜାଭାଠାରେ ଖେଳାଯାଇଥିଲା। ଘରୋଇ ଦଳ ପକ୍ଷରୁ ବୋସିକ୍ ରାଡିଜୋଭ୍ (୩୦ତମ ମିନିଟ) ଓ ଆଲେକ୍‌ଜାଣ୍ଡର କୋଷ୍ଟିକ୍ (୮୨ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଆସନ୍ତା ବର୍ଷ ଖେଳାଯିବାକୁଥିବା ୧୯ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତିର ଏକ ଅଂଶ ବିଶେଷ ସ୍ୱରୂପ ଭାରତୀୟ ଦଳ ୟୁରୋପ ଟୁର୍‌ରେ ଯାଇଛି। ଭାରତର ୧୯ ବର୍ଷରୁ କମ୍ ଫୁଟ୍‌ବଲ ଦଳ ସର୍ବିୟା ୧୯ ବର୍ଷରୁ କମ୍ ଦଳ ସହିତ ଏହାର ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଏହି ଭେନ୍ୟୁରେ ଆସନ୍ତା ୧୭ ତାରିଖରେ ଖେଳିବ।

## ସ୍କୁଲ୍ସ ଓପନ ଚେସ୍: ଶାଶ୍ୱତ ଚାମ୍ପିୟନ

ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି)

ପୁରୁଣା ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ କ୍ଲବ ଆନୁକୂଲ୍ୟରେ କୈଳାସ ସଦନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ୪ର୍ଥ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ରେ ଭୁବନେଶ୍ୱର ସେଣ୍ଟ ଜୋସେଫ୍ସ ହାଇସ୍କୁଲର ଶାଶ୍ୱତ ସାହୁ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୬ ପଏଣ୍ଟ ପାଇଛନ୍ତି। ଅନ୍ୟ ଦୁଇ ପ୍ରତିଯୋଗୀ ପ୍ରଭାଂଶୁ ଦାସ ଓ ପ୍ରତ୍ୟୁଷ ମହାପାତ୍ର ମଧ୍ୟ ୬ ପଏଣ୍ଟ ଲେଖାଏ ପାଇଥିଲେ ହେଁ ବୁକୋଲ୍‌ଜରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓମ୍ ଆଦିତ୍ୟ ଖାଡ଼ଙ୍ଗା(୫.୫), ଅବିନାଶ ଆଚାର୍ଯ୍ୟ, ମିକୁନ ମିଶ୍ର, ଶୁଭମ୍ ଜ୍ୟୋତି ସାହୁ, ମହାବୀର ପାତ୍ର(ସମସ୍ତେ ୫ ପଏଣ୍ଟ ଲେଖାଏ), ଆଦର୍ଶ ଅନୁଭବ, ଅମ୍ରିତ ଶତପଥୀ, ଅଭିଜିତ ବିଶ୍ୱାଳ(୪.୫ ପଏଣ୍ଟ ଲେଖାଏ), ରୁକ୍ମଣ ସାହୁ, ଆସିତ୍ୟ ମହାନ୍ତି, ଦେବାଂଶୀ ଷଡ଼ଙ୍ଗୀ ଓ ଶୁଭସୁନ୍ଦର ବେହେରା(୪ ପଏଣ୍ଟ ଲେଖାଏ) ଶୀର୍ଷ ୧୫ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ଏହା ବ୍ୟତୀତ ୮ ଓ ୧୦ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୫ ଜଣ ବାଳିକା ବର୍ଗର ୪ ଏବଂ ୧୨ ଓ ୧୪ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୪ ଜଣ ଖେଳାଳିଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆ ଯାଇଥିଲା। ମେୟର ଅନନ୍ତ ନାରାୟଣ ଜେନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଲିଙ୍ଗରାଜ କ୍ଲବର ସମ୍ପାଦକ ଅଜୟ କୁମାର ଦାଶ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ ପାଲ୍, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର ଓ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ବିଜୟବୀରଙ୍କୁ ସ୍ୱର୍ଣ୍ଣ

ଚାଙ୍ଗୱାନ(କୋରିଆ), ୧୪।୯(ପି.ଟି.)

ଚଳିତ ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍ଏସ୍ଏଫ୍) ବିଶ୍ୱକପ୍‌ରେ ଭାରତୀୟ ଶୁଟରମାନଙ୍କର ଚମତ୍କାର ପ୍ରଦର୍ଶନ ଜାରି ରହିଛି। ସିନିୟର ଅପେକ୍ଷା ଜୁନିୟର ଶୁଟରମାନେ ଅଧିକ ସଫଳତା ଆଣିଛନ୍ତି। ବିଜୟବୀର ସିଦ୍ଧୁ ୨୫ ମି. ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ଦଳଗତ ଇଭେଣ୍ଟରେ ମଧ୍ୟ ଭାରତ ଶୀର୍ଷ ସଫଳତା ପାଇଛି। ଏହାବାଦ୍ ସିନିୟର ବିଭାଗରେ ଗୁରପ୍ରୀତ ସିଂ ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ଶୁଟରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ପଦକ ତାଲିକାରେ ଭାରତ ୧୧ ସ୍ୱର୍ଣ୍ଣ ସହ ୩ୟ ସ୍ଥାନରେ ରହିଛି। ଭାରତ ଏ ପର୍ଯ୍ୟନ୍ତ ମୋଟ ୨୭ ପଦକ ଜିତିଛି। ଏହା ଟୁର୍ଣ୍ଣାମେଣ୍ଟ ଇତିହାସରେ ଭାରତୀୟ ଶୁଟରଙ୍କ ସଫଳତମ ପ୍ରଦର୍ଶନ।

ଜୁନିୟର ୨୫ ମି. ଷ୍ଟାଣ୍ଡାର୍ଡ ଯୋଗ୍ୟତା ପର୍ଯ୍ୟାୟରେ ସିଦ୍ଧୁ ୪ର୍ଥ ସ୍ଥାନ ହାସଲ କରି ପଦକ ରାଉଣ୍ଡରେ ପ୍ରବେଶ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେ ସର୍ବାଧିକ ୫୭୨ ସ୍କୋର କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କ ପଛକୁ କୋରିଆନ ଲି ଗୁନହେୟୋକ (୫୭୦) ଓ ଚାଇନର ହାଓଜିଏ ଝୁ (୫୬୫) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟ ଭାରତୀୟ ଶୁଟର ଆଦର୍ଶ ସିଂ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ରହିଛନ୍ତି। ଦଳଗତ ଇଭେଣ୍ଟରେ ସିଦ୍ଧୁ, ରାଜକାନ୍ୱର ସିଂ ସାନ୍ଧୁ ଓ ଆଦର୍ଶ ସିଂଙ୍କୁ ନେଇ ଗଠିତ ଭାରତୀୟ ଦଳ ପୋଡିୟମ୍‌ରେ ଶୀର୍ଷସ୍ଥାନ ଅଧିକାର କରିଛି। ତିନି ଭାରତୀୟ ଶୁଟର ମିଳିତ ୧୬୯୫ସ୍କୋର କରିଥିବାବେଳେ କୋରିଆ (୧୬୯୩) ଓ ଚେକ ଗଣତନ୍ତ୍ର (୧୬୭୪) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ସିନିୟର ପ୍ରତିଯୋଗିତାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଗୁରପ୍ରୀତ ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ୫୭୯ ସ୍କୋର କରି ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। ଅନ୍ୟପକ୍ଷରେ ସିନିୟର ଦଳଗତ ଇଭେଣ୍ଟରେ ଭାରତ ୪ର୍ଥ ସ୍ଥାନରେ ରହିଛି।

# ଭାରତ- ପାକିସ୍ତାନ ମ୍ୟାଚ୍ ଉପରେ ନଜର

ମାହେଲା ଜୟବର୍ଦ୍ଧନେ

ଏସିଆ କପ୍ ଏହି ମହାଦେଶରେ କ୍ରିକେଟର ଉନ୍ନତିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ଗୁରୁତ୍ୱ ଆହୁରି ବଢିଯାଇଛି। କାରଣ ପଞ୍ଚମ କ୍ରିକେଟ ପାୱାର ହାଉସ୍ ଭାବେ ଏବେ ଏହି ଅଞ୍ଚଳରେ ଆଫଗାନିସ୍ତାନ ଉଭା ହୋଇଛି। ଏକ ଦକ୍ଷ ତଥା ପ୍ରତିଭା ସମ୍ପନ୍ନ ଦଳ ଭାବେ ଆଫଗାନିସ୍ତାନ ଅନ୍ୟ ଦଳଗୁଡିକ ପ୍ରତି ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି।

ଏହି ଟୁର୍ଣ୍ଣାମେଣ୍ଟରେ ନୂଆ ପ୍ରତିଭା ଚିହ୍ନଟ ଓ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପୁଣି ଏହା ନୂଆ ପ୍ରତିଭା ମଧ୍ୟ ଲୋକଲୋଚନକୁ ଆଣିବାରେ ସଫଳ ହୋଇଛି। ୨୦୦୯ରେ ପାକିସ୍ତାନରେ ବିସ୍ମୟ ସ୍ପିନର ଅଜନ୍ତା ମେଣ୍ଡିସ୍ ନିଜର ନିଆରା ଶୈଳୀରେ ପ୍ରତିପକ୍ଷ ଦଳକୁ ବେଶ୍ ସମସ୍ୟାରେ ପକାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥର ମଧ୍ୟ କେତେକ ନୂଆ ତାରକା ଉଭା ହେବେ ବୋଲି ମୋର ବିଶ୍ୱାସ ରହିଛି। ୨୦୧୯ ବିଶ୍ୱକପ ଆୟୋଜନ ହେବାକୁ ଆଉ ବେଶି ଦିନ ନ ଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ଦେଶଗୁଡିକ ନୂଆ ପ୍ରତିଭା ସୃଷ୍ଟି କରିବାରେ ଶେଷ ସୁଯୋଗ ହାସଲ କରିବେ।

ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମ୍ୟାଚ ଏହି ଟୁର୍ଣ୍ଣାମେଣ୍ଟରେ ସୁବବେଳେ ମୁଖ୍ୟ ଆକର୍ଷଣ ସାଜିଥାଏ। ଏଥର ମଧ୍ୟ ଏକ ରୋମାଞ୍ଚକ ମୁକାବିଲା ଦେଖିବାକୁ ମିଳିବ। ବୁଧବାର ଏହି ଦୁଇ କ୍ରିକେଟ ପାୱାର ହାଉସ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଲକ୍ଷ ଲକ୍ଷ ପ୍ରଶଂସକ ଏହି ହାଇଭୋଲ୍ଟେଜ ମ୍ୟାଚ୍ ଦେଖିବାକୁ ବ୍ୟଗ୍ର ଅଛନ୍ତି। ଉଭୟ ଭାରତ ଓ ପାକିସ୍ତାନ ଫେଭରାଇଟ ବିବେଚିତ ହେଉଛନ୍ତି। ତେବେ ବିଦେଶରେ କୌଣସି ଦଳ ବେଶ୍ ପ୍ରଭାବ ବିସ୍ତାର କରିବାର ଦେଖାଯାଇ ନାହିଁ। ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଦଳରେ ଏକାଧିକ ମ୍ୟାଚ୍ ୱିନର ରହିଛନ୍ତି ଓ ଦଳ ବେଶ୍ ସନ୍ତୁଳିତ ମନେ ହେଉଛି।

ପାକିସ୍ତାନ ନିକଟରେ ଏକ୍ସ– ପାକ୍ଟର ବା ସ୍ୱତନ୍ତ୍ର ଗୁଣ ରହିଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳିବାରେ ପାକିସ୍ତାନ ଅଭିଜ୍ଞତା ଦୃଷ୍ଟିକୋଣରୁ ସମସ୍ତଙ୍କ ଆଗରେ ରହିବ। ଗତ ଏକ ଦଶନ୍ଧି ହେବ ପାକିସ୍ତାନ ପାଇଁ ଦ୍ୱିତୀୟ ଘର ସାବ୍ୟସ୍ତ ହୋଇଛି। ତେବେ ଏହା ପାକିସ୍ତାନ ପାଇଁ ସେତେଟା ଲାଭଦାୟକ ସାବ୍ୟସ୍ତ ହେବ ନାହିଁ। କାରଣ ୟୁଏଇର ଜଳବାୟୁ ତଥା ପରିସ୍ଥିତିରେ ଭାଗ ନେଉଥିବା ଅନ୍ୟଦେଶଗୁଡିକ ସହ ଯଥେଷ୍ଟ ସମାନତା ରହିଛି। ପାକିସ୍ତାନ ପୂର୍ବପରି ନିଜର ଦ୍ରୁତ ବୋଲରମାନଙ୍କ ଉପରେ ନିର୍ଭର କରିବ। ମିକ ଆର୍ଥରଙ୍କ ନେତୃତ୍ୱରେ ପାକିସ୍ତାନ ଦଳ ପୂରା ଲୟରେ ଥିବା ପରି ମନେ ହେଉଛି। ପୁଣି ଦଳର ଫିଲ୍ଡିଂରେ ଜବରଦସ୍ତ ଉନ୍ନତି ପରିଲକ୍ଷିତ ହୋଇଛି।

ଶ୍ରୀଲଙ୍କା ଦଳରେ ମଧ୍ୟ ପ୍ରତିଭା ସମ୍ପନ୍ନ ଖେଳାଳିମାନେ ରହିଛନ୍ତି। ଅଭିଜ୍ଞ ଲସିଥ ମାଲିଙ୍ଗା ମଧ୍ୟ ବହୁଦିନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଓ ସଫଳତା ହାସଲ କରିବାକୁ ସେ ବେଶ୍ ବ୍ୟଗ୍ର ଅଛନ୍ତି। ଦଳଗତ ପ୍ରଦର୍ଶନ କଲେ ଶ୍ରୀଲଙ୍କା ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିପାରିବ। ତେବେ ଦିନେଶ ଚାଣ୍ଡିମଲ ଓ ଦନୁଷ୍କା ଗୁଣଥିଲକା ଏହି ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ଫଳରେ ଶ୍ରୀଲଙ୍କାକୁ ଝଟ୍‌କା ଲାଗିଛି।

ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ନିଦାହାସ ଟ୍ରଫିରେ ବାଂଲାଦେଶ ବେଶ୍ ଚମତ୍କାର ପ୍ରଦର୍ଶନ କରିଥିଲା ଓ ସବୁ ଦଳକୁ ପରାସ୍ତ କରିବାର କ୍ଷମତା ରଖୁଛି ବୋଲି ପ୍ରମାଣ କରିଛି। ଏବେ ବାଂଲାଦେଶ ବେଶ୍ ଅଭିଜ୍ଞତା ହାସଲ କରିଛି। ଆଶାନୁରୂପ ପ୍ରଦର୍ଶନ କରିପାରିଲେ ବାଂଲାଦେଶ ଅନ୍ୟ ଦଳଗୁଡିକୁ ଚକ୍‌ମା ଦେଇପାରିବ ବୋଲି କୁହାଯାଇପାରେ। ଗତ ଦୁଇ ବର୍ଷ ହେବ ଆଫଗାନିସ୍ତାନ ଖେଳାଳିମାନେ ଆନ୍ତର୍ଜାତିକ କ୍ରିକେଟରେ ବେଶ୍ ପରିପକ୍ୱତା ପ୍ରଦର୍ଶନ କରିଛନ୍ତି। ଏହି ଦଳରେ କେତେଜଣ ମ୍ୟାଚ୍ ୱିନର ସ୍ପିନର ରହିଛନ୍ତି। ତେଣୁ ଆଫଗାନିସ୍ତାନକୁ ଏହି ଟୁର୍ଣ୍ଣାମେଣ୍ଟରେ ହେୟ ମଣି ହେବ ନାହିଁ।

କୋହଲିଙ୍କ ଅନୁପସ୍ଥିତି ଦଳ ପାଇଁ ଏକ ବଡ଼ କ୍ଷତି ବୋଲି କୁହାଯାଇପାରେ। ଟିମ ଇଣ୍ଡିଆ ପାଇଁ କୋହଲି ଫ୍ୟାକ୍ଟର କେତେ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତଙ୍କୁ ଜଣା। ତେବେ ଟିମ ଇଣ୍ଡିଆ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତା ତାଙ୍କୁ ବିଶ୍ରାମ ଦେବା ନିଷ୍ପତ୍ତିକୁ ସ୍ୱାଗତ କରାଯିବା ଉଚିତ୍। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ କୋହଲିଙ୍କ ଭଳି ଜଣେ କ୍ରିକେଟରଙ୍କ ପାଇଁ ବିଶ୍ରାମ ନିହାତି ଜରୁରୀ। **(ଗେମ୍ ପ୍ଲାନ୍)**

#WhatDrivesYou
EXIDE

“ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଏହି ଦଳର ଅନ୍ୟ କୌଣସି ଖେଳାଳି ଅପେକ୍ଷା ସାମ କୁରାନ ଆମ ଦଳ ପାଇଁ ସବୁଠାରୁ ବଡ଼ ବିପଦର କାରଣ ହୋଇଥିଲେ ।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ କୋଚ୍



“ଏସିଆନ ଗେମ୍ସ ହେପ୍ଟାଥଲନ ସ୍ୱର୍ଣ୍ଣ ବିଜୟିନୀ ସ୍ୱପ୍ନା ବର୍ମନଙ୍କ କହିବା ଅନୁସାରେ ତାଙ୍କ ଲାଗି ଆଡିଡାସ କମ୍ପାନର ଜୋତା ବରାଦ କରାଯାଇଛି ।
–ନୀଲମ କାପୁର, ସାଇ ମହାନିର୍ଦ୍ଦେଶିକା



## ସଂକ୍ଷେପରେ

### ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଆରମ୍ଭ



ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି): ପଟିଆସ୍ଥିତ ୬ ପକେଟ୍ସ କ୍ଲବ ଆନୁକୂଲ୍ୟରେ ସର୍ବପ୍ରଥମ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ୭ ଫ୍ରେମ୍ ବିଶିଷ୍ଟ ଲିଗ୍ ପର୍ଯ୍ୟାୟର ପ୍ରଥମ ଦିବସରେ ଜଗଦୀଶ ମହାନ୍ତି ୪-୦ରେ ଚନ୍ଦ୍ର ମହାନ୍ତିଙ୍କୁ, ଶାରଦା ବେହେରା ୪-୦ରେ କରଣ ଆରୋରାଙ୍କୁ, ତରୁଣ ପଟନାଏକ ୪-୨ରେ ଗୁଡ୍‌ୱିନ କୁଲୁଙ୍କୁ ପରାସ୍ତ କରିଛନ୍ତି। ତରୁଣ ଏକଦା ୦-୨ରେ ପଛୁଆ ଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ୪-୨ ଫ୍ରେମ୍‌ରେ ଜିତିଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଜିତୁ ମହାପାତ୍ରଙ୍କ ବିପକ୍ଷରେ ଶୁଭ୍ରଜିତ ୱାକ୍‌ଓଭର ପାଇଥିବାବେଳେ ବିରାଜ ଦାସ ୪-୩ରେ ଉଭାସ ମହାପାତ୍ରଙ୍କୁ, ମାନସ ବେଉରା ୪-୧ରେ ରବି ରାଜଙ୍କୁ, ଜ୍ଞାନ ଦାସ ୪-୧ରେ ଚେତନ ଆନନ୍ଦଙ୍କୁ ଏବଂ ସୁମନ ପଟ୍ଟନାଏକ ୪-୦ ଫ୍ରେମ୍‌ରେ ଅନୁରାଗ ସାମନ୍ତଙ୍କୁ ପରାସ୍ତ କରିଛନ୍ତି।

### ବିଜୟ୍ ହଜାରେ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

କଟକ ଅଫିସ,୧୪।୯: ବିଜୟ୍ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଶୁକ୍ରବାର ୧୫ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେଉଥିବା ବେଳେ ୨୦ ତାରିଖରେ ଦିଲ୍ଲୀଠାରେ ମ୍ୟାଚ୍ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ । ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଗତ ୬ ତାରିଖରୁ ସମ୍ଭାବ୍ୟ ୨୦ ଜଣିଆ ଦଳକୁ ନେଇ ଅଭ୍ୟାସ ଜାରି ରହିଥିଲା। ଚୂଡ଼ାନ୍ତ ୧୫ ଜଣିଆ ଦଳରେ ୪ଜଣ ନୂଆ ଖେଳାଳି ସ୍ଥାନ ପାଇଛନ୍ତି । ଏମାନେ ହେଲେ ରଘୁନାଥ ମଲ୍ଲ, ରାଜେଶ ମହାନ୍ତି, ପ୍ରୀତ କନୱର ସିଂ ଚୌହାନ ଓ ପପୁ ରାୟ । ରାଜେଶ ମହାନ୍ତି ସମ୍ଭାବ୍ୟ ୨୦ ଜଣିଆ ଦଳରେ ରହିବା ପରେ ପରବର୍ତ୍ତୀ ସମୟରେ ତାଙ୍କ ବଦଳରେ ଆଶୁତୋଷ ଦାସଙ୍କୁ ନିଆଯାଇଥିଲା । ରାଜେଶ ୧୯ବର୍ଷରୁ କମ୍ ଏସିଆ କପ୍‌ରେ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ବିଜୟ୍ ହଜାରେ ଟ୍ରଫିରେ ତାଙ୍କ ଖେଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ପ୍ରଥମ ୩ଟି ମ୍ୟାଚ୍ ନିମନ୍ତେ ସେ ଖେଳିବାର ସୁଯୋଗ ରହିଥିବାରୁ ତାଙ୍କୁ ଦଳରେ ନିଆଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି ସୂଚନା ଦେଇଛନ୍ତି। ପ୍ରଥମ ୩ଟି ମ୍ୟାଚ୍ ନିମନ୍ତେ ଏହି ୧୫ ଜଣିଆ ଦଳ ଘୋଷଣା ହୋଇଥିବା ବେଳେ ଅଧିନାୟକ ଭାର ଗୋବିନ୍ଦ ପୋଦ୍ଦାର ବଜାୟ ରଖିଛନ୍ତି । ଦଳ ୧୭ ତାରିଖରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବ।

**ଓଡ଼ିଶା ଦଳ:** ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ରାଜେଶ ଧୂପର, ଅନୁରାଗ ଷଡ଼ଙ୍ଗୀ, ରଘୁନାଥ ମଲ୍ଲ, ବିପ୍ଳବ ସାମନ୍ତରାୟ, ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା (ଉଇକେଟ କିପର), ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ରଞ୍ଜନ ବେହେରା, ଅଭିଷେକ ରାଉତ, ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି, ପପୁ ରାୟ, ପ୍ରୀତ କନୱର ସିଂ ଚୌହାନ। କୋଚ୍:ରଶ୍ମିରଞ୍ଜନ ପରିଡ଼ା, ଫିଜିଓ: ଶୁଭକାନ୍ତ ସାହୁ, ଟ୍ରେନର: ମନୋଜ କୁମାର ବିଶ୍ୱାଳ, ମ୍ୟାନେଜର: ବିକାଶ ପ୍ରଧାନ।

### ଷ୍ଟେଇନଙ୍କ ପ୍ରତ୍ୟାବର୍ତ୍ତନ

ଜୋହାନ୍ସବର୍ଗ,୧୪।୯: ଘାତକ ପେସର ଡେଲ ଷ୍ଟେଇନଙ୍କୁ ଜିମ୍ବାୱେ ବିପକ୍ଷରେ ହେବାକୁ ଥିବା ଦିନିକିଆ ସିରିଜ୍ ଲାଗି ଘୋଷିତ ୧୬ ଜଣିଆ ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ପାଇଛନ୍ତି। ଫଳରେ ପ୍ରାୟ ଦୁଇବର୍ଷ ପରେ ଷ୍ଟେଇନ ଅନ୍ତର୍ଜାତୀୟ ଦିନିକିଆକୁ ଫେରିଛନ୍ତି। ସେ ଆହତ ସମସ୍ୟା ଲାଗି ଚୟନ ପାଇଁ ଉପଲବ୍ଧ ନ ଥିଲେ। ଦଳର ଆଗଧାଡ଼ିର ସ୍ପିନର ଇମ୍ରାନ ତାହିରଙ୍କୁ ଦଳରେ ଜାଗା ମିଳିଛି। ତାଙ୍କୁ ଶ୍ରୀଲଙ୍କା ଗସ୍ତରୁ ବିଶ୍ରାମ ଦିଆଯାଇଥିଲା। ଅନ୍ୟପକ୍ଷରେ କ୍ୱିଣ୍ଟନ ଡିକକ୍ ଓ ଡେଭିଡ ମିଲରଙ୍କ ଭଳି ନିୟମିତ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି।

# ସେମିଫାଇନାଲ, ଫାଇନାଲ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ୍‌ର ଉଷ୍ମତା କ୍ରମେ ବଢ଼ିବାରେ ଲାଗିଛି। ପ୍ରତିଯୋଗିତା ଆରମ୍ଭ ପାଇଁ ଆଉ ମାତ୍ର ୭୫ଦିନ ସମୟ ରହିଛି। କଳିଙ୍ଗ ଷ୍ଟାଡିୟମରେ ଏହାର ଆୟୋଜନ ପାଇଁ ଭୁବନେଶ୍ୱର ପ୍ରସ୍ତୁତ ହେଉଥିବାବେଳେ ଆୟୋଜକଙ୍କ ପକ୍ଷରୁ ସେମିଫାଇନାଲ ଓ ଫାଇନାଲ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) ଓ ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। ବିଶ୍ୱକପର ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ।

ଗତ ମେ’ ମାସରେ ପୁଲ୍ ମ୍ୟାଚ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ଯାହାକି ଏବେ ମଧ୍ୟ ଚାଲୁ ରହିଛି। ପୁଲ୍ ମ୍ୟାଚ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଏବଂ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୦୦ ଟଙ୍କା ଲେଖାଏ ରହିଛି। ମାତ୍ର ପ୍ରତିଯୋଗିତା ଆରମ୍ଭ ପାଇଁ ଆଉ ୭୫ ଦିନ ସମୟ ଥିବାରୁ ବିଶ୍ୱର ହକିପ୍ରେମୀମାନେ ଯେପରି ସହଜରେ ଟିକେଟ କିଣି ପାରିବେ ତାହାକୁ ଦୃଷ୍ଟିରେ ରଖି ନକ୍‌ଆଉଟ୍ ପର୍ଯ୍ୟାୟ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଏହା ମଧ୍ୟରେ ସେମିଫାଇନାଲ, ଫାଇନାଲ ଏବଂ ୩ୟ ଓ ୪ର୍ଥ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ ସାମିଲ। ସେମିଫାଇନାଲ ଓ ଫାଇନାଲ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୫୦ ଟଙ୍କା ରହିଛି। ସେହିପରି ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଟିକେଟ ଗୁଡ଼ିକ http://in.ticketgenie.in/buytickets/hockey-world-cup-୨୦୧୮ ରେ ଉପଲବ୍ଧ। ୨୮ ତାରିଖରେ ପ୍ରଥମ ଦିବସ ମ୍ୟାଚ ପାଇଁ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରଥମ ଦିନର ସମସ୍ତ ଅନ୍‌ଲାଇନ୍ ଟିକେଟ ବିକ୍ରି ହୋଇ ସାରିଥିବା ଏହାର ପ୍ରମାଣ।

ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳକୁ ୪ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍ ପର୍ଯ୍ୟାୟରେ ପ୍ରତି ଦଳ ୩ଟି ଲେଖାଏ ମ୍ୟାଚ ଖେଳିବାର ସୁଯୋଗ ପାଇବେ। ନଭେମ୍ବର ୨୮ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ୧୨ ଦିନଧରି ପୁଲ୍ ମ୍ୟାଚ ଖେଳାଯିବ। ପ୍ରତିପୁଲ୍‌ର ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଅବଶିଷ୍ଟ ୪ଟି ସ୍ଥାନ ପାଇଁ ଡିସେମ୍ବର ୧୦ ଓ ୧୧ରେ ୪ଟି କ୍ରସ୍ ଓଭର ମ୍ୟାଚ ଖେଳାଯିବ। ନକ୍‌ଆଉଟ୍ ମ୍ୟାଚ ୧୨ ତାରିଖରୁ ଆରମ୍ଭ ହେବ। ୧୨ ଓ ୧୩ ତାରିଖରେ କ୍ୱାର୍ଟର ଫାଇନାଲ, ୧୫ରେ ସେମିଫାଇନାଲ ଏବଂ ୧୬ରେ ୩ୟ/୪ର୍ଥ ସ୍ଥାନ ପାଇଁ କ୍ଲାସିଫିକେଶନ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବିଶ୍ୱକପରେ ୧୯ ଦିନ ମଧ୍ୟରେ ମୋଟ ୩୬ଟି ମ୍ୟାଚ ଖେଳାଯିବ। ବିଶ୍ୱର ୩ ନମ୍ବର ବେଲଜିୟମ ଓ ୧୧ ନମ୍ବର କାନାଡ଼ା ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ସେହିଦିନ ଆୟୋଜକ ତଥା ବିଶ୍ୱର ୫ ନମ୍ବର ଦଳ ଭାରତ ମଧ୍ୟ ୧୫ ନମ୍ବର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

ନକ୍‌ଆଉଟ୍ ପର୍ଯ୍ୟାୟ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ କରି ଖୁସି ଜାହିର କରିଛନ୍ତି ହକି ଇଣ୍ଡିଆ ସଭାପତି ରାଜିନ୍ଦର ସିଂ। ‘‘ଭୁବନେଶ୍ୱରରେ ଓଡ଼ିଶା ହକି ବିଶ୍ୱକପ ପୂର୍ବରୁ ପୂରା ଦେଶରେ ହକି ମାହୋଲ ସୃଷ୍ଟି ଆମର ଲକ୍ଷ୍ୟ। ଦର୍ଶକମାନେ ଯେପରି କଳିଙ୍ଗ ଷ୍ଟାଡିୟମରେ ସେମାନଙ୍କର ପ୍ରିୟ ଦଳର ମ୍ୟାଚ ଦେଖିବାକୁ ସହଜରେ ଟିକେଟ ପାଇ ପାରିବେ ତାହାକୁ ଦୃଷ୍ଟିରେ ରଖି ଆମେ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ କରି ଦେଇଛୁ। ୭୫ ଦିନ ପୂର୍ବରୁ ନକ୍‌ଆଉଟ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭର ଉଦ୍ଦେଶ୍ୟ ହେଉଛି ଖେଳାଳିଙ୍କ ପରିବାର, ବନ୍ଧୁ ଏବଂ ପ୍ରଶଂସକମାନେ ଭୁବନେଶ୍ୱର ଟ୍ରିପ୍ ପାଇଁ ଯୋଜନା କରିବାକୁ ପର୍ଯ୍ୟାପ୍ତ ସମୟ ପାଇପାରିବେ। ଟିକେଟର ମୂଲ୍ୟ ମଧ୍ୟ ବହୁତ କମ୍ ରଖା ଯାଇଛି। ଫଳରେ ହକିକୁ ଭଲ ପାଉଥିବା ଦର୍ଶକମାନେ ଷ୍ଟାଡିୟମରେ ଉପସ୍ଥିତ ରହି ଶ୍ରେଷ୍ଠ ଖେଳାଳିମାନଙ୍କ ଆକ୍ସନକୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇପାରିବେ’’ ବୋଲି ରାଜିନ୍ଦର ପ୍ରକାଶ କରିଛନ୍ତି।





ପି.ଆର ଶ୍ରୀଜେଶ, ବୀରେନ୍ଦ୍ର ଲାକ୍ରା, କୋଚ୍ ହରେନ୍ଦ୍ର ସିଂ ଫାଇନାଲ ମ୍ୟାଚର ଟିକେଟ ଦେଖାଉଛନ୍ତି।

### ରୋଡ୍ ଶୋ’

ODISHA HOCKEY MEN'S WORLD CUP BHUBANESWAR 2018

ହକି ବିଶ୍ୱକପ ପ୍ରତି ସଚେତନତା ଏବଂ ଏହାପ୍ରତି ଅଧିକରୁ ଅଧିକ ଲୋକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଦେଶର ୧୭ଟି ସହରରେ ରୋଡ୍ ଶୋ’ କରାଯିବାର ଯୋଜନା ରହିଛି। ଏହା ମଧ୍ୟରେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦପରି ମେଟ୍ରୋପଲିଟାନ ସହର ଅନ୍ତର୍ଭୁକ୍ତ।

### ଅନ୍‌ଲାଇନ୍ ଟିକେଟ ମୂଲ୍ୟ

**ପୁଲ୍ ପର୍ଯ୍ୟାୟ**
- ଇଷ୍ଟ ଷ୍ଟାଣ୍ଡ ୨୦୦ ଟଙ୍କା
- ନର୍ଥ ଷ୍ଟାଣ୍ଡ ୧୦୦ ଟଙ୍କା
- ସାଉଥ୍ ଷ୍ଟାଣ୍ଡ ୧୦୦ ଟଙ୍କା

**ନକ୍‌ଆଉଟ ପର୍ଯ୍ୟାୟ**
- ଇଷ୍ଟ ଷ୍ଟାଣ୍ଡ ୨୫୦ ଟଙ୍କା
- ନର୍ଥ ଷ୍ଟାଣ୍ଡ ୧୫୦ ଟଙ୍କା
- ସାଉଥ୍ ଷ୍ଟାଣ୍ଡ ୧୫୦ ଟଙ୍କା

## ସର୍ଦ୍ଦାରଙ୍କୁ ହକି ଇଣ୍ଡିଆର ଶୁଭେଚ୍ଛା



ନୂଆଦିଲ୍ଲୀ,୧୪।୯(ପି.ଟି.)

ନିକଟରେ ଅନ୍ତର୍ଜାତୀୟ ହକିରୁ ଅବସର ନେଇଥିବା ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂଙ୍କୁ ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ଶୁକ୍ରବାର ଶୁଭେଚ୍ଛା ଦିଆଯାଇଛି। ସର୍ଦ୍ଦାର ଦୀର୍ଘ ୧୨ ବର୍ଷର କ୍ୟାରିୟରକୁ ଅନ୍ତ କରିଛନ୍ତି। ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱକପ୍ ଲାଗି ଘୋଷିତ ସମ୍ଭାବିତ ଦଳରୁ ବାଦ୍ ପଡ଼ିବା ପରେ ଏ ନିଷ୍ପତ୍ତି ନେଇଛନ୍ତି। ‘‘ଖରାପ ଓ ଭଲ ସମୟରେ ମଧ୍ୟ ଦୃଢ଼ ଇଚ୍ଛାଶକ୍ତିର ଉଦାହରଣ ପାଲଟିଥିଲେ। ଜଣେ ଖେଳାଳି ଭାବେ ଦଳ ପ୍ରତି ଯୋଗଦାନ ତାଙ୍କୁ ହକିର ଏକ ସଚ୍ଚୋଟ ଦୂତ ବୋଲି ଦର୍ଶାଉଛି। ସେ ଯୁବ ଖେଳାଳିଙ୍କୁ ନିଜ ପ୍ରଦର୍ଶନ ଓ ନେତୃତ୍ୱ ନେବାର ଦକ୍ଷତା ଦ୍ୱାରା ପ୍ରେରିତ କରିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ୨୦୧୪ ଏସିଆନ୍ ଗେମ୍ସ ଟାଇଟଲ ଜିତିଥିଲା। ତାଙ୍କ ସମୟରେ ଦଳର ର୍‍ୟାଙ୍କିଙ୍ଗ୍‌ରେ ଭାରତର ଉନ୍ନତି ଆସିଛି। ତାଙ୍କର ଏହି ସଫଳତା ଲାଗି ଏଚ୍‌ଆଇ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି ଏବଂ ତାଙ୍କ ଭବିଷ୍ୟତ ଲାଗି ଶୁଭ କାମନା ଦିଆଯାଉଛି’’ ବୋଲି ଏଚ୍‌ଆଇ ସଭାପତି ରାଜିନ୍ଦର ସିଂ କହିଛନ୍ତି। ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସର୍ଦ୍ଦାର ଅବସର ସମ୍ପର୍କରେ ଘୋଷଣା କରିଛନ୍ତି। ଉଲ୍ଲେଖଥାଉ କି, ପୂର୍ବତନ ଅଧିନାୟକଙ୍କ ପ୍ରତିନିଧିତ୍ୱରେ ଦଳ ବହୁ ସଫଳତା ପାଇଥିଲା। ଏଥିରେ ୨୦୧୦ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ, ୨୦୦୭ ଓ ୨୦୧୭ ଏସିଆ କପ୍ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ (୨୦୧୩), ୨୦୧୪ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ରହିଛି।

## ଜାପାନ ଓପନ: କିଡାମ୍ବି ଆଉଟ୍

ଟୋକିଓ,୧୪।୯(ପି.ଟି.)

ଭାରତୀୟ ପୁରୁଷ ସିଙ୍ଗଲ୍ସ ଖେଳାଳି କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ୭ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଜାପାନ ଓପନର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ତାଙ୍କ ପରାଜୟ ସହ ଚଳିତ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀକାନ୍ତ ୨୧-୧୯, ୧୬-୨୧, ୧୮-୨୧ ଗେମ୍‌ରେ କୋରିଆର ଲି ଡାଙ୍ଗ କେଉନଙ୍କଠାରୁ ପରାସ୍ତ ହୋଇଛନ୍ତି। ମୁକାବିଲାରେ ଉଭୟ ଶଟଲର ଏକ ଘଣ୍ଟା ୨୦ ମିନିଟ୍ ଧରି ଲଢ଼େଇ କରିଥିଲେ। ପ୍ରଥମ ଗେମ୍‌କୁ ଜିତିବା ସତ୍ତ୍ୱେ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଶ୍ରୀକାନ୍ତ ପରବର୍ତ୍ତୀ ଦୁଇ ଗେମ୍‌ରେ ପରାଜିତ ହୋଇଥିଲେ। ଏଥିପୂର୍ବରୁ ସେ ପ୍ରି-କ୍ୱାର୍ଟର ରାଉଣ୍ଡରେ ଏସିଆନ ଗେମ୍ସ ଫାଇନାଲରେ ହଂକଂର ୱଙ୍ଗ ୱିଙ୍ଗ କି ଭିନସେଣ୍ଟଙ୍କ ଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଥିଲେ। ଏହା ବ୍ୟତୀତ ମନୁ ଅତ୍ରି ଓ ବି. ସୁମିତ ରେଡ୍ଡୀଙ୍କ ପୁରୁଷ ଡବଲ୍ସ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଏମାନଙ୍କ ଭଳି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପୂର୍ବରୁ ପରାଜିତ ହୋଇଥିଲେ।

## ଜୁନିୟର ଦଳରେ ପୁଅର ଚୟନ ଲାଗି ଇଞ୍ଜାମାମଙ୍କ ହସ୍ତକ୍ଷେପ

କରାଚୀ,୧୪।୯

ପୂର୍ବତନ ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ତଥା ବର୍ତ୍ତମାନ ଜାତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ପଦରେ ଥିବା ଇଞ୍ଜାମାମ ଉଲ ହକଙ୍କ ନାମରେ ଜୁନିୟର ଚୟନ କମିଟି କାର୍ଯ୍ୟକାରିତାରେ ହସ୍ତକ୍ଷେପ ଅଭିଯୋଗ ହୋଇଛି। ତାଙ୍କ ପୁଅ ଇବ୍‌ତିସାମ ଉଲ ହକଙ୍କୁ ଜାତୀୟ ଜୁନିୟର ଦଳରେ ସାମିଲ କରିବା ଲାଗି ସେ ଚୟନକର୍ତ୍ତା ବାସିତ ଅଲିଙ୍କ ଉପରେ ଚାପ ପକାଉଛନ୍ତି। ଏ ନେଇ ଜୁନିୟର ଦଳର ଚୟନ କମିଟି ମୁଖ୍ୟ ଅବ୍‌ଦୁଲ କାଦିର ଦାବି କରିଛନ୍ତି। ଉଲ୍ଲେଖଥାଉ କି, ଇଞ୍ଜାମାମ, ଅଲି ଓ କାଦିର ଏକ ସମୟରେ ପାକିସ୍ତାନ ପାଇଁ ଖେଳୁଥିଲେ। ତେବେ ଉଭୟ ଇଞ୍ଜାମାମ ଓ ଅଲି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏପରି କି ପୂର୍ବତନ ଅଧିନାୟକ ଟୁଇଟରରେ ଲେଖିଛନ୍ତି, ମୋ ବିରୋଧରେ କରାଯାଇଥିବା ଅଭିଯୋଗ ଭିତ୍ତିହୀନ ଏବଂ ଏଥିରେ କୌଣସି ସତ୍ୟତା ନାହିଁ। ମୁଁ ଏହି ଘଟଣାକୁ ଗମ୍ଭୀରତା ସହ ନେଉଛି। ଏ ସମ୍ପର୍କରେ ପିସିବି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ।



**ଭୁବନେଶ୍ୱରରେ ଆସନ୍ତା ୧୬ରୁ ହେବାକୁ ଯାଉଥିବା ହକି କ୍ୟାମ୍ପ ପାଇଁ ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଆ ଖେଳାଳି ନାହାନ୍ତି। ଏଥିରେ ସ୍ୱାଭାବିକଭାବେ ଓଡ଼ିଶାର ହକି ମହଲ ବିସ୍ମିତ, ଆଶ୍ଚର୍ଯ୍ୟ ହୋଇଛନ୍ତି ଓଡ଼ିଶାର କିମ୍ବଦନ୍ତୀ ଖେଳାଳି ଏବଂ ହକି ବିଶେଷଜ୍ଞ।**

# ଓଡ଼ିଶା ହକି ମହଲ ବିସ୍ମିତ

ହକି ବିଶ୍ୱକପ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା ସରକାର ବର୍ତ୍ତମାନ ହକି ଦଳର ପ୍ରାୟୋଜକ। ହକି ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଫଳରେ ଓଡ଼ିଶାରେ ଏବେ ହକିର ଏକ ଭିନ୍ନ ମାହୋଲ ସୃଷ୍ଟି ହେବାକୁ ଯାଉଛି। ମାତ୍ର ଭୁବନେଶ୍ୱରରେ ଆସନ୍ତା ୧୬ରୁ ହେବାକୁ ଯାଉଥିବା ହକି କ୍ୟାମ୍ପ ପାଇଁ ବୁଧବାର ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଶା ଖେଳାଳି ନାହାନ୍ତି। ଜାତୀୟ କ୍ୟାମ୍ପ ଅକ୍ଟୋବର ୧୪ରେ ଶେଷ ହେବ। ଏହାର ୪ ଦିନପରେ ମୁସ୍କାଟଠାରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବ। ତେଣୁ ଏହି କ୍ୟାମ୍ପରୁ ଖେଳାଳି ମନୋନୟନ ହେବାର ଥିବାରୁ ଚାମ୍ପିୟନ୍ସ ଟ୍ରଫିରେ କୌଣସି ଓଡ଼ିଆ ଖେଳାଳି ନ ଖେଳିବା ସ୍ପଷ୍ଟ ହୋଇଛି। ଏଥିରେ ସ୍ୱାଭାବିକଭାବେ ଓଡ଼ିଶାର ହକି ମହଲ ବିସ୍ମିତ, ଆଶ୍ଚର୍ଯ୍ୟ ହୋଇଛନ୍ତି ଓଡ଼ିଶାର କିମ୍ବଦନ୍ତୀ ଖେଳାଳି ଏବଂ ହକି ବିଶେଷଜ୍ଞ। ନିକଟରେ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳରେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଥିଲେ। ବୀରେନ୍ଦ୍ର ଆହତ ସମସ୍ୟା ମଧ୍ୟଦେଇ ଗତି କରୁଥିଲେ ହେଁ ହକି ବିଶ୍ୱକପ ପାଇଁ କ୍ୟାମ୍ପରେ ରହିବାର ଦାବିଦାର। ସେହିପରି ଅମିତ ଏବଂ ଦୀପସାନ ତିର୍କୀଙ୍କୁ କାହିଁକି ସ୍ଥାନ ମିଳିଲା ନାହିଁ ତା’ର କାରଣ ମଧ୍ୟ ଅସ୍ପଷ୍ଟ। ତେବେ ପରବର୍ତ୍ତୀ କ୍ୟାମ୍ପପାଇଁ ଓଡ଼ିଶା ଖେଳାଳିଙ୍କୁ ଡାକରା ମିଳିବ ବୋଲି ଓଡ଼ିଶାର ପୂର୍ବତନ ଖେଳାଳି ଓ ହକି ବିଶାରଦମାନେ ଆଶା ରଖିଛନ୍ତି ।

**ଆଶ୍ଚର୍ଯ୍ୟ କରିଛି**

ଆଗକୁ ହକି ବିଶ୍ୱକପ ଆସୁଛି। ଘରୋଇ ପରିବେଶରେ ଏହା ଆୟୋଜିତ ହେବାକୁ ଯାଉଥିବାରୁ ଏହାକୁ ନେଇ ଆମେ ସମସ୍ତେ ବେଶ୍ ଉତ୍ସାହିତ । ତେଣୁ କ୍ୟାମ୍ପରେ ଓଡ଼ିଆ ଖେଳାଳି ରହିବେ ବୋଲି ଆମେ ଭାବୁଥିଲୁ। ତେବେ ଦଳ ପାଇଁ ଯାହା ଭଲ ହେବ ଏବଂ ଉତ୍ତମ କମ୍ବିନେଶନ ଯେପରି ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ସମ୍ଭବତଃ କୋର୍ ଖେଳାଳି ଚୟନ କରାଯାଇଛି। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି କୋଚ୍ ହରେନ୍ଦ୍ର ସିଂ ଏପରି ନିଷ୍ପତ୍ତି ନେଇଥିବେ। ତେବେ ବ୍ୟକ୍ତିଗତଭାବେ କହିଲେ ଏପରି ରଣନୀତିରେ ମୁଁ ନିଜେ ଆଶ୍ଚର୍ଯ୍ୟ ହୋଇଛି। ବୀରେନ୍ଦ୍ର ଲାକ୍ରା ଆହତ ସମସ୍ୟାରେ ଥିବାରୁ ସମ୍ଭବତଃ ଏହି ତାଲିକାରେ ରହିପାରି ନାହାନ୍ତି। ଓଡ଼ିଶା ସରକାର ହକିକୁ ପ୍ରୋତ୍ସାହନ ପାଇଁ ବହୁତ କିଛି କରୁଛନ୍ତି। ତେଣୁ ସ୍ୱାଭାବିକଭାବେ ଓଡ଼ିଶା ଲୋକଙ୍କର ହକି ପ୍ରତି ଚିନ୍ତାଧାରା ବଦଳି ଯାଇଛି। ଏବେ ଚୟନକର୍ତ୍ତାଙ୍କ ନିଷ୍ପତ୍ତି ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ହୋଇଛି। ଓଡ଼ିଶା ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି ବୋଲି ମୁଁ ଭାବିଥିଲି। ଭବିଷ୍ୟତରେ ଯେଉଁ କ୍ୟାମ୍ପ ହେବ ସେଥିପାଇଁ ହକି ଇଣ୍ଡିଆ ପକ୍ଷରୁ ଓଡ଼ିଆ ଖେଳାଳିଙ୍କୁ ଡାକରା ମିଳିବା ନେଇ ମୁଁ ଆଶା ରଖିଛି ବୋଲି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।



**ଦଳର ପ୍ରଦର୍ଶନ ପ୍ରଭାବିତ ହେବ**

ଏଥିରେ କେବଳ ମୁଁ ନୁହେଁ ଓଡ଼ିଶାର ହକିପ୍ରେମୀମାନେ ଆଶ୍ଚର୍ଯ୍ୟ ହେବାର ଅନେକ କାରଣ ରହିଛି। ବୀରେନ୍ଦ୍ର ଆହତ ସମସ୍ୟାରେ ଥିଲେ ହେଁ କ୍ୟାମ୍ପରେ ରହିବାରେ କୌଣସି ଅସୁବିଧା ନ ଥିଲା। ଏସିଆନ ଗେମ୍ସରେ ଯଦି ଦେଖାଯାଏ ତେବେ ଅମିତ ରୋହିଦାସ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଶର୍ଟ କର୍ନରରେ ଆମର ଦୁର୍ବଳତା ରହିଛି। ଅମିତ ଜଣେ ଶର୍ଟ କର୍ନର ସ୍ପେଶାଲିଷ୍ଟ। ସେ ଗୋଲ ମଧ୍ୟ ଦେଇଛନ୍ତି। ଦିଲୀପ ତିର୍କୀଙ୍କ ପରେ ସେ ଜଣେ ଶ୍ରେଷ୍ଠ ଡିଫେଣ୍ଡରଭାବେ ପରିଗଣିତ ହେଉଛନ୍ତି। ଏହା ବ୍ୟତୀତ ସେ ଆବଶ୍ୟକସ୍ଥଳେ ଆକ୍ରମଣାତ୍ମକ ଭୂମିକା ମଧ୍ୟ ନେଇଥାନ୍ତି, ଯାହାକି ଜଣେ ଡିଫେଣ୍ଡରଙ୍କର ବିରଳ କ୍ୱାଲିଟି ବୋଲି କୁହାଯାଇ ପାରିବ। ସବୁଠାରୁ ଆଶ୍ଚର୍ଯ୍ୟ ହେଲା ତାଙ୍କୁ ମଧ୍ୟ କ୍ୟାମ୍ପରେ ନେଇ ନାହାନ୍ତି। ବାକି ରହିଲେ ଦୀପସାନ ତିର୍କୀ ଓ ନୀଲମ ସଞ୍ଜୀପ୍ ଖେସ। ଜୁନିୟର ବିଶ୍ୱକପରେ ଦୀପସାନ ପ୍ରଦର୍ଶନକୁ ଯେତେ ପ୍ରଶଂସା କଲେ କମ୍ ହେବ। ତେଣୁ ତାଙ୍କୁ ଅତିକମ୍‌ରେ କ୍ୟାମ୍ପକୁ ନିଆଯିବା ଉଚିତ। କୋଚ୍ ହରେନ୍ଦ୍ର ସିଂ ଦୂରଦୃଷ୍ଟି ରଖି ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ମୁଁ ଭାବିପାରୁନି। ପରୋକ୍ଷରେ କହିବାକୁ ଗଲେ ଯଦି ଏପରି ଦଳ ଚୟନ ହୁଏ ତେବେ ଏହା ଭାରତୀୟ ଦଳର ପ୍ରଦର୍ଶନ ଉପରେ ଖରାପ ପ୍ରଭାବ ପକାଇବ ବୋଲି ପୂର୍ବତନ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପ୍ରକାଶ କରିଛନ୍ତି।

**ଦୁର୍ଭାଗ୍ୟଜନକ**

ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ କ୍ୟାମ୍ପରେ ସ୍ଥାନ ନ ପାଇବା ଦୁର୍ଭାଗ୍ୟଜନକ । ବୀରେନ୍ଦ୍ର ଆହତ ସମସ୍ୟାରେ ଯଦିଓ ଅଛନ୍ତି ତେବେ ଅନ୍ୟ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ନିହାତି ନିଆଯିବାର ଥିଲା। ଏସିଆନ ଗେମ୍ସରେ ରଣନୀତି ଫେଲ୍ ମାରିଥିବାରୁ ପରୀକ୍ଷା ସ୍ୱରୂପ ସମ୍ଭବତଃ ଏପରି କରାଯାଉଛି। ଏହା ଚୂଡ଼ାନ୍ତ ଦଳ ନୁହେଁ, ଓଡ଼ିଶା ଖେଳାଳିଙ୍କୁ ଦକ୍ଷତା ପ୍ରତିପାଦନ ପାଇଁ ହକି ଇଣ୍ଡିଆ ନିଶ୍ଚିତ କ୍ୟାମ୍ପରେ ସ୍ଥାନ ଦେବ ବୋଲି ଆଶା ରଖିଛନ୍ତି ଅଲିମ୍ପିଆନ ଲାଜରୁସ ବାର୍ଲା।





**ଓଡ଼ିଶାରେ ପ୍ରତିଭା ଭରପୂର**



ମୋତେ ଏହି ନିଷ୍ପତ୍ତି ଆଶ୍ଚର୍ଯ୍ୟ କରିଛି। ଏସିଆନ ଗେମ୍ସରେ ବ୍ରୋଞ୍ଜ ବିଜୟୀ ଦଳର ସଦସ୍ୟଙ୍କ ମଧ୍ୟରୁ କିପରି କିଛି ଖେଳାଳିଙ୍କୁ କ୍ୟାମ୍ପରୁ ବାହାର କରାଯିବ ? ଓଡ଼ିଶାରେ ହକି ପ୍ରତିଭାର ଅଭାବ ନାହିଁ। ଆମ ପାଖରେ ଦୀପସାନ ତିର୍କୀ, ଆନନ୍ଦ ଲାକ୍ରା, ନୀଲମ ସଞ୍ଜୀପ୍ ଖେସ୍, ଶିଳାନନ୍ଦ ଲାକ୍ରା ଏବଂ ଆହୁରି ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି ବୋଲି ଅଲିମ୍ପିଆନ ପ୍ରବୋଧ ତିର୍କୀ ପ୍ରକାଶ କରିଛନ୍ତି।

ପ୍ରସ୍ତୁତି: ତପନ ସ୍ୱାଇଁ



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

■ କେନ୍ଦ୍ରାପଡ଼ାରେ ଦେଶାନ୍ତର ନୋଟିସ୍ ମାମଲା

# ଭୋଟରତାଲିକାରୁ ବାଦ୍ ପଡ଼ିଲେ ୧୩୭ ବାଂଲାଦେଶୀ

**କେନ୍ଦ୍ରାପଡ଼ା ଅଫିସ୍, ୧୪।୯**

କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶ ମୁଖ୍ୟ ସମସ୍ୟା ହୋଇରହିଛି। ଜିଲାରେ ପ୍ରାୟ ୭୦ ହଜାର ବାଂଲାଦେଶୀ ବସବାସ କରୁଥିବା ଏକ ବେସରକାରୀ ସଂସ୍ଥା ତରଫରୁ ଆକଳନ ହୋଇଥିଲା। ତେବେ ୨୦୦୫ରେ ଦେଶାନ୍ତର ନୋଟିସ ପାଇଥିବା ମହାକାଳପଡ଼ାର ୧୫୫୧ ଜଣ, ପଟ୍ଟାମୁଣ୍ଡାଇରେ ୯୦ ଜଣ ଓ ରାଜନଗରରେ ୩୦ ଜଣ ଏବେ ବି ଏଠାରେ ଅବସ୍ଥାନ କରୁଛନ୍ତି। ଏହି ନୋଟିସ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ମୋଟ ୧୩୭ ଜଣଙ୍କର ଭୋଟର ତାଲିକାରେ ନାମ ଥିବା ଜିଲା ପ୍ରଶାସନ ପକ୍ଷରୁ ଦର୍ଶାଯାଇଛି। ଏଥିସହ ଚଳିତ ତାଲିକା ସଂଶୋଧନ ପ୍ରକ୍ରିୟାରେ ସେମାନଙ୍କ ନାମ ଏହି ତାଲିକାରୁ ବାଦ ଦିଆଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି ଯେ, ମହାକାଳପଡ଼ା ବ୍ଲକ ଅଞ୍ଚଳର ଏହି ଲୋକମାନଙ୍କ ନାମ ଭୋଟର ତାଲିକାରେ ଥିବା ଅଭିଯୋଗ ହୋଇଥିଲା। ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ୧୩୭ଜଣଙ୍କୁ ଭୋଟର ତାଲିକାରୁ ବାଦ ଦିଆଯାଇଛି। ଏହି ବ୍ୟକ୍ତିଙ୍କୁ ସେମାନଙ୍କ ଜମି ରେକର୍ଡପତ୍ର, ଜନ୍ମ ପ୍ରମାଣପତ୍ର ଓ ଅନ୍ୟାନ୍ୟ ପ୍ରମାଣପତ୍ର ମଗା ଯାଇଥିବା ବେଳେ ସେମାନେ ଏହି କାଗଜପତ୍ର ଦାଖଲ କରିପାରି ନ ଥିଲେ। ଅପରପକ୍ଷରେ ଏହାକୁ ନେଇ ଉଚ୍ଚ ନ୍ୟାୟାଳୟରେ ଏକ ମକଦ୍ଦମା ହୋଇଥିବା ପିତାପାଟ ଗ୍ରାମର ଦୀପକ ମଣ୍ଡଳ (୬୦) କହିଛନ୍ତି। ସେ କହିଛନ୍ତି ଯେ, ଆମର ଜନ୍ମ ଏହି ଗ୍ରାମରେ। ତେବେ ୨୦୦୫ରେ ଆମକୁ ଦେଶାନ୍ତର ପାଇଁ ନୋଟିସ ମିଳିଥିଲା। ଏହି ନୋଟିସ ପାଇବା ପରେ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛୁ। ସେହିପରି ହରିଆବାଙ୍କ ଗ୍ରାମର ଅସିତ ମିର୍ଦ୍ଧା (୫୨) କୁହନ୍ତି ଯେ, ଆମର ଜେଜେବାପା ୧୯୪୮ ମସିହାରେ ପୂର୍ବ ପାକିସ୍ତାନ (ବାଂଲାଦେଶ)ରୁ ଆସି ଏହି ସମୁଦ୍ରକୂଳିଆ ଗ୍ରାମରେ ବସବାସ କରିଥିଲେ। ୩ ପୁରୁଷ ଧରି ଏଠାରେ ରହି ଆସୁଥିବା ବେଳେ ୨୦୦୫ରେ ଆମକୁ ଦେଶାନ୍ତର ପାଇଁ ନୋଟିସ ମିଳିଥିଲା। ଏଥିପାଇଁ ୨୦୧୬ରେ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାଏର କରିବା ସହ ଏଠାରେ ରହିବା ପାଇଁ ଅନୁମତି ମାଗିଛୁ। ମାମଲା ଏବେ କୋର୍ଟରେ ଚାଲିଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୫ରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂଚନା ଦେଇଥିଲେ ଯେ, ରାଜ୍ୟରେ ମୋଟ ୩,୯୮୭ ବାଂଲାଦେଶୀ ବେଆଇନ ଭାବରେ ବସବାସ କରୁଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧୬୪୯ ଜଣ ରହୁଥିବା ବେଳେ ଜଗତସିଂହପୁର ଜିଲାରେ ୧୧୧୨, ମାଲକାନଗିରିରେ ୬୫୫, ଭଦ୍ରକରେ ୩୧୩, ବାଲେଶ୍ୱରରେ ୧୫୦, ବରଗଡ଼ ଓ ନବରଙ୍ଗପୁର ଜିଲାରେ ମୋଟ ୧୦୮ଜଣ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି।

# ବେଙ୍ଗୀ ନଦୀବନ୍ଧ ୧୦୦ଫୁଟ ଧସିଲା



ନାଉବାଙ୍କ-ଗହୀରାପାଳ ବନ୍ଧ ରାସ୍ତା ଧସି ଯାଇଛି।



ପଧାନପଡ଼ା ନିକଟରେ ନଦୀବନ୍ଧ ରାସ୍ତାରେ ଫାଟ।

**ରାଜକନିକା, ୧୪।୯ (ଡି.ଏନ୍.ଏ.)**

ବେଙ୍ଗୀ ନଦୀର ନାଉବାଙ୍କ-ଗହୀରାପାଳ ବନ୍ଧ ରାସ୍ତା ରାଜକନିକା ବ୍ଲକ ପଧାନପଡ଼ା ନିକଟରେ ୧୦୦ଫୁଟ ଧସି ଯାଇଛି। ଯାଜପୁର ଜିଲା ବିଞ୍ଝାରପୁର ଜଳସମ୍ପଦ ସବ୍‌ଡିଭିଜନ ଅଧୀନରେ ଥିବା ଏହି ନଦୀ ବନ୍ଧରେ ଥିବା କେତେକ ଗଛ ମଧ୍ୟ ନଦୀରେ ପଡିଯାଇଛି। ବୈତରଣୀ ନଦୀରେ ବନ୍ୟାଜଳ ଭରପୂର ହୋଇ ରହିଥିବାରୁ ଏଠାରେ ଘାଇ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଥିପାଇଁ ପଧାନପଡା ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାର ଏଭଳି ଅବସ୍ଥା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଏହି ନଦୀବନ୍ଧର ବାମପାର୍ଶ୍ୱରେ ଏକ ବିରାଟ ଫାଟ ସୃଷ୍ଟି ହୋଇଛି। ତେଣୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଞ୍ଝାରପୁର ସହକାରୀ ଯନ୍ତ୍ରୀଙ୍କ ନିକଟରେ ପଧାନପଡ଼ା ଗ୍ରାମବାସୀ ଦାବି କରିଛନ୍ତି।

# ପୋଖରୀରେ ବୁଡ଼ି ଛାତ୍ରୀ ମୃତ

**ପାଟକୁରା, ୧୪।୯ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ଅଧୀନ ଛକନାସ୍ଥିତ ଶାରଳା ଏକାଡେମୀର ଜନୈକା ଅଷ୍ଟମ ଶ୍ରେଣୀ ଛାତ୍ରୀ ଶୁକ୍ରବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଭଗବାନପୁର ପଞ୍ଚାୟତ ଜୟପୁର ଗ୍ରାମର ଚନ୍ଦ୍ରମଣି ମଲ୍ଲିକଙ୍କ ଝିଅ ଜୟଶ୍ରୀ(୧୪)। ପ୍ରକାଶ ଯେ, ସକାଳ ୯ଟା ବେଳେ ଜୟଶ୍ରୀ ସାଙ୍ଗମାନଙ୍କ ସହ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କ ସହ ଗାଧୋଉଥିବା ଅନ୍ୟ ପିଲାମାନଙ୍କ ପାଟି ଶୁଣି ଗ୍ରାମବାସୀ ଜୟଶ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।








ଭୁଲ ସେଇମାନଙ୍କ ଦ୍ୱାରା ହୋଇଥାଏ, ଯେଉଁମାନେ କିଛି କରିବାର ଉଦ୍ୟମ କରିଥାନ୍ତି, କିନ୍ତୁ ଅଳସୁଆମାନେ କେବଳ ଅନ୍ୟର ଭୁଲ ଖୋଜିବାରେ ଜୀବନ କଟାଇ ଦିଅନ୍ତି।

- ଚାଣକ୍ୟ



## ସଂକ୍ଷେପରେ

### ଶିଳାନ୍ୟାସକୁ ନେଇ ପୌରାଧ୍ୟକ୍ଷା, କାଉନସିଲରଙ୍କ ମଧ୍ୟରେ ବିବାଦ

**ଯାଜପୁରରୋଡ,୧୪।୯(ନି.ପ୍ର.):** ବ୍ୟାସନଗର ପୌର ପରିଷଦର ୧୨ ନଂ. ୱାର୍ଡରେ ଉନ୍ନତି ଯୋଜନା ପାଇଁ ୪ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୧୨ ନଂ. ୱାର୍ଡ କାଉନସିଲର ଉଷାରାଣୀ ସାମଲ ଗୁରୁବାର ଉନ୍ନତି ଯୋଜନାରେ ଅନ୍ତର୍ଭୁକ୍ତ ଏକ ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସକୁ ନେଇ ପୌର ପରିଷଦ ଅଧ୍ୟକ୍ଷା ଓ କାଉନସିଲରଙ୍କ ମଧ୍ୟରେ ବିବାଦ ଉପୁଜିଛି। ଅଗଷ୍ଟ ୨୧ ତାରିଖରେ ପୌରାଧ୍ୟକ୍ଷା ସବିତା ରାଉତ, ବିଧାୟକ ଆକାଶ ଦାସ ନାୟକ, ଉପନଗରପାଳ ସୁବାସ ବଳ ପ୍ରମୁଖ ଉକ୍ତ ରାସ୍ତାର ଶିଳାନ୍ୟାସ କରିଥିଲେ ବୋଲି ପୌରାଧ୍ୟକ୍ଷା କହିଛନ୍ତି। ଏହି ଶିଳାନ୍ୟାସ ଘଟଣା ସୋସିଆଲ ମିଡିଆରେ ଭାଇରାଲ୍ ହେବାପରେ ଠିକାଦାରଙ୍କ ଉପରେ ଚାପ ପକାଇ ଗୁରୁବାର ରାସ୍ତା କାମ ବନ୍ଦ କରାଯାଇଥିଲା। ପୌରାଧ୍ୟକ୍ଷା ରାଉତ ଶୁକ୍ରବାର ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତା କାର୍ଯ୍ୟ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ପୌରାଧ୍ୟକ୍ଷାଙ୍କୁ ପଚାରିବାରେ, ଗତ ୨୧ ତାରିଖରେ ରାସ୍ତା ଶିଳାନ୍ୟାସ ହୋଇଥିଲା। ୧୩ ତାରିଖରେ ପୁନଶ୍ଚ ଉକ୍ତ ରାସ୍ତାର ଶିଳାନ୍ୟାସ କରିବା କେତେଦୂର ଆଇନସମ୍ମତ ବୋଲି ପ୍ରଶ୍ନ କରିଥିଲେ।

### ବଜ୍ରପାତରେ ୨ ଗାଈ ମୃତ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୪।୯(ଡି.ଏନ.ଏ/ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତର ଝରକୁଳଠାରେ ବଜ୍ରପାତରେ ଶୁକ୍ରବାର ଦୁଇ ଗାଈଙ୍କର ମୃତ୍ୟୁ ହୋଇଛି। ଅପରାହ୍ନ ୧ଟାରେ ବର୍ଷା ସାଙ୍ଗକୁ ବିଜୁଳି ଓ ଘଡଘଡି ମାରିବାରୁ ଝରକୁଳ ଗ୍ରାମର ଲକ୍ଷ୍ମୀଧର ପାଢୀ ଓ ଦାମୋଦର ସାହୁଙ୍କ ଦୁଇ ଗାଈଙ୍କର ମୃତ୍ୟୁ ହୋଇଛି।

### ମଦ ଜବତ, ବେପାରୀ ଗିରଫ

**କଳିଙ୍ଗନଗର,୧୪।୯(ଡି.ଏନ୍.ଏ):** ଦାନଗଦି ଫାଣ୍ଡି ଅର୍ନ୍ତଗତ ମାରୁଟିକର ଗ୍ରାମରେ ଦେଶି ଚୋରା ମଦ ଜବତ କରାଯିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ କଳିଙ୍ଗ ଦଳେଇ(୪୫)। ସେ ଦୀର୍ଘଦିନ ଧରି ଚୋରା ମଦ ବ୍ୟବସାୟ ଚଳାଇ ଆସୁଥିଲେ। ସ୍ଥାନୀୟ ସ୍ୱୟଂସେବକ ଗୋଷ୍ଠୀର ମହିଳା କଳିଙ୍ଗଙ୍କୁ ଅଟକ ରଖି ଅବକାରୀ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ଅବକାରୀ ବିଭାଗ ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲା। ଦାନଗଦୀ ପୋଲିସ ଖବର ପାଇ ଶୁକ୍ରବାର ଭୋରୁ କଳିଙ୍ଗଙ୍କୁ ନିଜ ହେପାଜତକୁ ନେବା ସହ ତାଙ୍କ ନିକଟରୁ ୩୦ଲିଟର ଦେଶୀ ମଦ ଜବତ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (୨୩୦/୧୮) ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛି।

### ମୃତ ଟାଟା କର୍ମଚାରୀଙ୍କ ପରିବାରକୁ ସହାୟତା ଘୋଷଣା

**କଳିଙ୍ଗନଗର,୧୪।୯(ଡି.ଏନ୍.ଏ):** କଳିଙ୍ଗନଗରସ୍ଥିତ ଟାଟା କାରାଖାନାରେ କାମ କରୁଥିବା ଚକ୍ରଧର ପାଢୀ (୩୪)ଙ୍କର ଗୁରୁବାର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କାରଖାନା କର୍ତ୍ତୃପକ୍ଷ ଶୁକ୍ରବାର ସହାୟତା ଘୋଷଣା କରିଛନ୍ତି। କାରାଖାନା କର୍ତ୍ତୃପକ୍ଷ ଚକ୍ରଧରଙ୍କ ପରିବାର ସହ ଆଲୋଚନା କରି ୧୨ଲକ୍ଷ ଟଙ୍କାର ସହୟତା ରାଶି ସହ ୨୦ହଜାର ଟଙ୍କା ଶବ ସଂସ୍କାର ପାଇଁ ଘୋଷଣା କରିଥିଲେ। ଏହା ବ୍ୟତିତ ଚକ୍ରଧରଙ୍କ ସ୍ତ୍ରୀ, ପୁଅ, ବାପା ଓ ମା'ଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦିଆଯିବା ସହିତ ବେସିକ ଡିଏ ତାଙ୍କ ସ୍ତ୍ରୀଙ୍କୁ ୬୦ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ ମିଳିବ ଏବଂ ଚକ୍ରଧରଙ୍କ କଟିଥିବା ସମସ୍ତ ଟଙ୍କା ମଧ ମିଳିବ। ତାଙ୍କ ପୁଅକୁ ବିନା ମୂଲ୍ୟରେ ପାଠ ପଢିବା ପଇଁ ସହାୟତା କରାଯିବ ବୋଲି କାରାଖାନା କର୍ତ୍ତୃପକ୍ଷ କହିଥିଲେ। ଟାଟା କରାଖାନାର ପଲିସି ଅନୁସାରେ ମୃତ କର୍ମଚାରୀଙ୍କ ପରିବାରକୁ ସବୁ ପ୍ରକାର ସହୟତା ପ୍ରଦାନ କରାଯିବ ବୋଲି କାରଖାନା କର୍ତ୍ତୃପକ୍ଷ କହିଥିଲେ। ଚକ୍ରଧରଙ୍କ ସ୍ତ୍ରୀ ଟାଟା କରାଖାନାରେ ଚାକିରି ଦାବି କରୁଥିଲେ ମଧ କାରଖାନା କର୍ତ୍ତୃପକ୍ଷ ଏହାକୁ ଗ୍ରହଣ କରି ନ ଥିଲେ। ଏଣୁ କାରାଖାନାର ସମସ୍ତ କର୍ମଚାରୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଯେ, ଚକ୍ରଧରଙ୍କ ଘର କେନ୍ଦୁଝର ଜିଲା ଆନନ୍ଦପୁରରେ। ସେ ଗତ ୩ବର୍ଷ ହେବ ଟାଟା କାରାଖାନାର ଅପରେଶନ ଏବଂ ମେଣ୍ଟେନାନ୍ସ ବିଭାଗର ଆସିଷ୍ଟାଣ୍ଟ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ଚକ୍ରଧର କାମ କରୁଥିବା ବେଳେ ସନ୍ଧ୍ୟାରେ ହଠାତ୍ ତଳେ ପଡିଯାଇଥିଲେ। ସହକର୍ମୀମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

■ ବନ୍ଦ ହେବାକୁ ବସିଲାଣି ହସ୍ତଶିଳ୍ପ

# କୌଳିକ ବୃତ୍ତିରୁ ଫେରାଉଛନ୍ତି ମୁହଁ

**ଯାଜପୁରରୋଡ,୧୪।୯(ନି.ପ୍ର.)**

■ ୫୬ ଶାଳ ପରିବର୍ତ୍ତେ ରହିଛି ମାତ୍ର ୭

■ ୧୨ ବର୍ଷ ହେବ ସ୍ଥାଣୁ ପାଲଟିଛି ପିତ୍ତଳ, କଂସା ଓ ଆଲୁମିନିୟମ ସୋସାଇଟି

■ କଞ୍ଚାମାଲ୍ ଅଭାବ ଓ ଜିନିଷ ବିକ୍ରିରେ ସମସ୍ୟା

ରାଜ୍ୟ ସରକାର ହସ୍ତଶିଳ୍ପକୁ ଅଗ୍ରାଧିକାର ଦେବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଏହା ଲୋକଙ୍କ ନିକଟରେ ପହଞ୍ଚି ପାରିନାହିଁ। ଏହାର ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା ଯାଜପୁରରୋଡ ଥାନା ଅଧୀନ ଲକ୍ଷ୍ମୀନଗର ଗ୍ରାମରେ ଏହି ଯୋଜନା ଫଳବତୀ ହୋଇ ନ ଥିବା ଦେଖିବାକୁ ମିଳିଛି। କୌଳିକ ବୃତ୍ତିକୁ ପାଥେୟ କରି ଜୀବିକା ନିର୍ବାହ କରୁଥିବା କୁଟୀର ଶିଳ୍ପୀ ଏବେ ଅନ୍ୟ ପନ୍ଥା ଧରିଲେଣି। ଏହି ଗ୍ରାମରେ କଂସାରି ସଂପ୍ରଦାୟର ଲୋକେ ବାସ କରନ୍ତି। କଂସାବାସନ ଗଢିବା ତାଙ୍କର କୌଳିକ ବୃତ୍ତି। କଂସା ପିତ୍ତଳ ପାଇଁ ଲକ୍ଷ୍ମୀନଗର ରାଜ୍ୟରେ ନାଁ କରିଥିଲା। ୧୧୭ କଂସାରି ପରିବାର ବାସ କରୁଥିବାବେଳେ ପୂର୍ବରୁ ୫୬ଟି କଂସା ତିଆରି କାରଖାନା ବା ଶାଳ ଥିଲା। ଏବେ ମାତ୍ର ୭ ଶାଳ ରହିଛି। କାଠ, କୋଇଲାର ଅଭାବ, କଞ୍ଚାମାଲ ଦର ବୃଦ୍ଧି ଯୋଗୁ କଂସାରିମାନେ କଂସାବାସନ ଗଢିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି କଂସାରି ପରିବାରକୁ ନେଇ ଲକ୍ଷ୍ମୀନଗର ପିତ୍ତଳ କଂସା ଓ ଆଲୁମିନିୟମ ସୋସାଇଟି ନାମରେ ଏକ ସମବାୟ ସମିତି ଗଠନ କରାଯାଇଥିଲା। ବାର ବର୍ଷ ହେବ ଏହି ସୋସାଇଟି ସ୍ଥାଣୁ ପାଲଟିଯାଇଛି। ନାମକୁ ମାତ୍ର ସଭାପତି, ସମ୍ପାଦକ ରହିଛନ୍ତି। କଂସାରୀମାନେ କଂସା ଜିନିଷ ନିର୍ମାଣ କରି ସୋସାଇଟି ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ରି କରିଥାନ୍ତି। କିନ୍ତୁ ସୋସାଇଟି ବନ୍ଦ ହେବା ଯୋଗୁ ସେମାନେ ମାଲ୍ ବିକ୍ରି କରି ନ ପାରି କ୍ଷତି ସହୁଛନ୍ତି। କଞ୍ଚାମାଲ୍ ଅଭାବ ଓ ଜିନିଷ ବିକ୍ରିରେ ସମସ୍ୟା କୌଳିକ ବୃତ୍ତି ଛାଡ଼ିବାକୁ ବାଧ୍ୟ କରିଛି। କାଠ, କୋଇଲା ନ ମିଳିବା ଫଳରେ ଶାଳଗୁଡ଼ିକ ବନ୍ଦ ହୋଇଗଲାଣି। ଶାଳଗୁଡ଼ିକୁ ଚଳାଇବା ପାଇଁ କଂସାରିଙ୍କୁ ବିଦ୍ୟୁତ ଉପକରଣ ଯୋଗାଇ ଦିଆଯାଉନାହିଁ। କଂସାରି ପରିବାର ଏବେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ଏ ସମ୍ପର୍କରେ ସୋସାଇଟିର ସମ୍ପାଦକ ବଟକୃଷ୍ଣ ସାହୁଙ୍କୁ ପଚାରିବାରେ, ରାଜ୍ୟ ସରକାର ହସ୍ତଶିଳ୍ପ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ଏହା ତାଙ୍କ ନିକଟରେ ପହଞ୍ଚି ପାରୁନାହିଁ। ବିଶେଷକରି କାଠ କୋଇଲା ଅଭାବ ଯୋଗୁ ଶାଳ ବନ୍ଦ ହୋଇଗଲାଣି। ଅପରପକ୍ଷରେ କଂସାବାସନର ଦର ଅଧିକ ଥିବାରୁ ଲୋକେ ଷ୍ଟିଲ ଓ ସିଲଭର କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। କଞ୍ଚାମାଲର ଦର ବୃଦ୍ଧି, କୋଇଲା ଓ କାଠ ନ ମିଳିବା ଯୋଗୁ କଂସାରି ପରିବାର ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। କଂସାରି ବାବାଜୀ ଚରଣ ସାହୁ କୁହନ୍ତି, ପିତ୍ତଳ ଓ କଂସାବାସନ ଗଢିବା ତାଙ୍କ ବୃତ୍ତି। ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଗଢି ବିକ୍ରି କରୁଥିଲେ। ଆଗଭଳି ପିତ୍ତଳ ଓ କଂସାର ଚାହିଦା ନାହିଁ। ସରକାର କମ୍ ମୂଲ୍ୟରେ କଞ୍ଚାମାଲ୍ ଯୋଗାଇଦେଲେ ବୃତ୍ତି ବଞ୍ଚାଇପାରିବେ ବୋଲି କହିଥିଲେ। ପ୍ରଭାତ କୁମାର ସାହୁ କୁହନ୍ତି, ଏବେ ଷ୍ଟିଲ ଏବଂ ସିଲଭରର ଯୁଗ। କଂସା, ପିତ୍ତଳ କେବଳ ବିବାହ, ବ୍ରତ ଓ ଠାକୁରଙ୍କ କାମରେ ବ୍ୟବହୃତ ହେଉଛି। ସେଥିପାଇଁ ବେଉସା ବଞ୍ଚିରହିଛି। ଗୋପାଳ ଚରଣ ସାହୁ କୁହନ୍ତି, ତାଙ୍କ ପିଲାମାନେ କୌଳିକ ବୃତ୍ତିକୁ ପସନ୍ଦ କରୁନାହାନ୍ତି। ସେମାନେ ପାଠ ପଢି ବେକାର ହୋଇ ବସିଛନ୍ତି। ସରକାରଙ୍କ ପକ୍ଷରୁ ତାଲିମ୍ ମାଧ୍ୟମରେ ପ୍ରୋତ୍ସାହନ ଦିଆଗଲେ ଏହି ବୃତ୍ତି ବଞ୍ଚି ରହିପାରନ୍ତା।

## ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚଣ୍ଡିଖୋଲ ଛକ ପରିଦର୍ଶନ

**ଚଣ୍ଡିଖୋଲ,୧୪/୯(ଡି.ଏନ.ଏ.)**



ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଚଣ୍ଡିଖୋଲ ଛକ ପରିଦର୍ଶନ କରୁଛନ୍ତି।

୩ ଜାତୀୟ ରାଜପଥର ସଂଯୋଗସ୍ଥଳୀ ଚଣ୍ଡିଖୋଲ ଛକର ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଶିଶୁମୋହନ ଶୁକ୍ରବାର ଚଣ୍ଡିଖୋଲ ଛକ ପରିଦର୍ଶନ କରିଥିଲେ। ତାଙ୍କ ସହ ସି.ପ୍ରକାଶ ପଟ୍ଟନାୟକ, ସୁଧିର କୁମାର, ଅରୁପ କୁମାର ମିଶ୍ର ପ୍ରମୁଖ ବରିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ଖୁବଶୀଘ୍ର ଟ୍ରାଫିକ ନିୟନ୍ତ୍ରଣ ଓ ଦୁର୍ଘଟଣା ରୋକିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଯେ, ଗତ ୧୦ ତାରିଖରେ ଯାଜପୁର ଏସପିଙ୍କ ତତ୍ତ୍ୱାବଧାନରେ ଚଣ୍ଡିଖୋଲ ଟ୍ରାଫିକ ଥାନାରେ ଏକ ବୈଠକ ଡକାଯାଇଥିଲା। ବଡଚଣା ଥାନା ଅଧିକାରୀ ଓ ଟ୍ରାଫିକ ଥାନା ଅଧିକାରୀ ମିଳିତ ଭାବେ ଦେଇଥିବା ଅଭିଯୋଗଗୁଡିକୁ ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି ପ୍ରକାଶ କରିଥିଲେ। ଚଣ୍ଡିଖୋଲଠାରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ, ଡ୍ରେନେଜ ସିଷ୍ଟମର ଉନ୍ନତିକରଣ କରାଯାଇ ଜଳ ନିଷ୍କାସନ ନିମନ୍ତେ ବ୍ୟବସ୍ଥା କରିବା, ରାଜପଥ ଉଭୟ ପାର୍ଶ୍ୱରେ ରହିଥିବା ଖାଲ ପୋତାଯାଇ ତୁରନ୍ତ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ଅସ୍ଥାୟୀ ବ୍ୟବସାୟୀ ସଂଘର ସଭାପତି ମହେଶ୍ୱର ବଳ, ସମ୍ପାଦକ ସଞ୍ଜୟ ସ୍ୱାଇଁ, ବଣିକ ସଂଘ ସଭାପତି କ୍ଷୀରୋଦ ମାହାଲା, ମସୀର ଆଲାମ ପ୍ରମୁଖ ନିର୍ଦ୍ଦେଶକଙ୍କ ନିକଟରେ ପ୍ରସ୍ତାବ ରଖିବା ସହ ସମାଧାନ ନିମନ୍ତେ ଅନୁରୋଧ କରିଥିଲେ। ଡିଏସପି କେଦାରନାଥ ସାହୁ, ବଡଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଓ ଟ୍ରାଫିକ ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡି ପ୍ରମୁଖ ଆଇନ ଶୃଙ୍ଖଳା ଓ ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ।

## ବଜ୍ରପାତରେ ନାବାଳକଙ୍କ ମୃତ୍ୟୁ

**ଧର୍ମଶାଳା, ୧୪।୯(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନର୍ଗତ ଆରୁହା ନିକଟରେ ବଜ୍ରପାତରେ ଶୁକ୍ରବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣଙ୍କ ଢେଙ୍କାନାଳ ଜିଲା କାମାକ୍ଷାନଗର ଝାଟିକିପଟି ଗ୍ରାମର ଟୁକୁ ମହାରଣାଙ୍କ ପୁଅ ନାଣ୍ଟୁ ମହାରଣା(୧୨)। ଆରୁହାଠାରେ ଟୁକୁ ପରିବାର ସହ ରହୁଥିବା ବେଳେ ଶ୍ରମିକ ଭାବେ କାମ କରନ୍ତି। ଟୁକୁ ବିଲରେ କାମ କରୁଥିବା ବେଳେ ପୁଅ ୨ଟା ସମୟରେ ଖାଇବାକୁ ନେଇ ଯାଇଥିଲା । ଏହି ସମୟରେ ବଜ୍ରପାତ ହେବା ଫଳରେ ନାଣ୍ଟୁ ଗୁରୁତର ହୋଇପଡିଥିଲା। ବିଲରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ଧର୍ମଶାଳା ପୋଲିସ ଏକ ଅପମୃତ୍ୟୁ ମାମଲା (୨୬/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇ ଘଟଣାର ତଦନ୍ତ କରୁଛି।

## ଯୁବତୀଙ୍କଠାରୁ ଲୁଟ୍ ଅଭିଯୋଗରେ ୨ କୋର୍ଟଚାଲାଣ

**ଚଣ୍ଡିଖୋଲ,୧୪।୯(ଡି.ଏନ.ଏ)**



ଗିରଫ ୨ ଲୁଟେରା।

ଯୁବତୀଙ୍କଠାରୁ ଲୁଟ୍ ଅଭିଯୋଗରେ ବଡ଼ଚଣା ପୋଲିସ ଶୁକ୍ରବାର ୨ ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଭୁଷଣ୍ଡପୁର ଗ୍ରାମର ସୁନୀଲ ବେହେରା ଓ ସାଗର ବେହେରା। ଏ ନେଇ ପୋଲିସ ଏକ ମାମଲା(୨୧୬/୧୮) ରୁଜୁ କରିଛି। ପ୍ରକାଶ ଯେ, ବଡଚଣା ଥାନା ଅନ୍ତର୍ଗତ ପ୍ରସିଦ୍ଧ ମହାବିନାୟକ ପୀଠକୁ ବୁଲି ଆସିଥିବା କୁଆଖିଆ ଅଞ୍ଚଳର ୨ ଯୁବତୀଙ୍କଠାରୁ ୨ ଯୁବକ ଗୁରୁବାର ସୁନାଚେନ ଓ ଭ୍ୟାନିଟ ବ୍ୟାଗ ଛଡ଼ାଇ ନେଇଥିଲେ। ଏ ନେଇ ଯୁବତୀ ଦୁଇ ଜଣ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗୁରୁବାର ରାତିରେ ଉଭୟଙ୍କୁ ଗିରଫ କରିଥିଲା। ପୋଲିସ ସେମାନଙ୍କଠାରୁ ସୁନାଚେନ ସମେତ ନଗଦ ୫ଶହ ଟଙ୍କା, ଏଟିଏମ, ଆଧାର କାର୍ଡ ଓ ଭ୍ୟାନିଟ୍ ବ୍ୟାଗ୍ ଜବତ କରିଛି ।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ

**ଦଶରଥପୁର,୧୪।୯(ଡିଏନ୍ଏ)**

ଦଶରଥପୁର ବ୍ଲକ ଚଷାଖଣ୍ଡ ସରପଞ୍ଚ ମନୋରମା ମହାନ୍ତିଙ୍କ ସ୍ୱାମୀ ସୁବାସ ମହଲାଙ୍କୁ ଶୁକ୍ରବାର ଅପରାହ୍ନରେ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ସେ ଏବଂ ତାଙ୍କର ଅନ୍ୟ ୩ ସହଯୋଗୀ ଆହତ ହୋଇଥିବା ଜଣାଯାଇଛି। ସୂଚନା ଯେ, ସୁବାସ ତାଙ୍କର ୨ ସହଯୋଗୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ଅଭୟ କୁମାର ରାଉତଙ୍କୁ ସାଙ୍ଗରେ ଧରି କରିଅଙ୍ଗ ଗ୍ରାମକୁ ଯାଇ ବନ୍ୟା ପ୍ରଭାବିତ ପରିବାରଙ୍କୁ ଭେଟି ଫେରୁଥିଲେ। ଏହି ସମୟରେ ଅସନପୁର ପଞ୍ଚାୟତ କାଳିପଡିଆ ଛକଠାରେ ଏକ କାର୍ ସୁବାସଙ୍କ ବାଇକ୍‌କୁ ସାଇଡ୍ ମାରିଥିଲା। ଏ ନେଇ ସୁବାସ, ଗୋବିନ୍ଦ ଓ ଅଭୟ କାର୍‌କୁ ଅଟକାଇ ଥିବାବେଳେ ସୁବାସଙ୍କ ଅନ୍ୟଜଣେ ସହଯୋଗି କରିଅଙ୍ଗ ଗ୍ରାମର ବଂଶୀଧର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି କାର୍ ଡ୍ରାଇଭରଙ୍କ ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ ସୁବାସ କାର୍ ଡ୍ରାଇଭରଙ୍କୁ ଏକ ଚାପୁଡା ମାରିବାରୁ କାରରେ ବସିଥିବା ଅସନପୁର ପଞ୍ଚାୟତର ଚଗଲା ମଲ୍ଲିକ ଏବଂ ରାଘବ ମଲ୍ଲିକ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ଏ ନେଇ ଗ୍ରାମକୁ ଖବରଦେଇ କେତେଜଣ ଯୁବକଙ୍କୁ ଘଟଣାସ୍ଥଳକୁ ଡକାଇ ସୁବାସଙ୍କୁ ଠେଙ୍ଗା ଓ କିଳାରେ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ସାଙ୍ଗରେ ଥିବା ଗୋବିନ୍ଦ, ଅଭୟ ଏବଂ ବଂଶୀଧରଙ୍କୁ ମଧ ଆକ୍ରମଣ କରିଥିଲେ। ସୁବାସ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରେ ପଡିଥିବାବେଳେ ଆକ୍ରମଣକାରୀମାନେ ତାଙ୍କ ସୁନାଚେନ୍, ମୁଦି, ନଗଦ ୪ହଜାର ଟଙ୍କା ଓ ଏକ ଆଧାରକାର୍ଡ ନେଇ ପଳାଇଥିବା ସୁବାସଙ୍କ ପକ୍ଷରୁ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ଖବରପାଇ ଚଷାଖଣ୍ଡ ପଞ୍ଚାୟତର କେତେଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ସୁବାସ ଓ ଅନ୍ୟ ୩ସହଯୋଗୀଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସୁବାସଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ଜଣାଯାଇଛି। ଏନେଇ ଥାନାରେ ଏକ ମାମଲା (୨୧୫/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ବସ୍ ଧକ୍କାରେ ଟ୍ରଲି ଚାଳକ ମୃତ

**ରସୁଲପୁର,୧୪।୯(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଉପରେ ଶୁକ୍ରବାର ଭୋର ସମୟରେ ଏକ ବସ୍ ଧକ୍କାରେ ଜଣେ ଟ୍ରଲି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିଜଣକ ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ମାଣତୀର ଗ୍ରାମର କୀର୍ତ୍ତନ ମଳିକ(୭୨) ବୋଲି ଜଣାପଡିଛି। ପ୍ରକାଶ ଯେ, କୀର୍ତ୍ତନ ଟ୍ରଲିରେ ଲଙ୍କା ବୋଝେଇ କରି ଗଣେଶ ବଜାରସ୍ଥିତ ଓଡଙ୍ଗ ପରିବା ବଜାର ନିକଟରେ ରାସ୍ତା ପାର ହେଉଥିଲେ। କୁଆଖିଆରୁ ଜାରକା ଆଡକୁ ଆସୁଥିବା ଏକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ କୀର୍ତ୍ତନ ରାସ୍ତା ଉପରେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର କଟକ ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମେଡିକାଲ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ବସ୍‌ଟି ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଛି। ରାଜପଥ ଉପରେ ପରିବାହାଟ ବସୁଥିବାରୁ ପ୍ରତ୍ୟେକ ଦିନ ଏହିଭଳି ଛୋଟବଡ ଦୁର୍ଘଟଣା ଘଟୁଛି। ଏ ଦିଗରେ ପୋଲିସ ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଉଛି।

## ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଯାଇ ନିରାଶ ହୋଇ ଫେରିଲେ

**ବରୀ,୧୪।୯(ସ୍ୱ.ପ୍ର.)**

**ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣା**

ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣାରେ ଶୁକ୍ରବାର ବାପା ଅଭିରାମ ଧଳ ଓ ମା' ମମତା ଯାଜପୁର ଏସପିଙ୍କୁ ଭେଟିଥିଲେ। ହେଲେ ଏସ୍‌ପି ଅନୁପସ୍ଥିତ ଥିବାରୁ ନିରାଶ ହୋଇ ଫେରିଥିବା ପରିବାର ପକ୍ଷରୁ ଜଣାପଡିଛି। ମୃତ ଯୁବକଙ୍କ ଘର ବରୀ ଥାନା ଅଧୀନ ଡିଅପାଳ ହୋଇଥିଲାବେଳେ ସେ କଳାମାଟିଆ ପଞ୍ଚାୟତର ତଳକାଇପଡାସ୍ଥିତ ମାମୁଘରେ ପିଲାଦିନରୁ ରହିଆସୁଥିଲେ। ପ୍ରକାଶ ଯେ, ଗତ ୯ ତାରିଖ ରାତିରେ ରୌପ୍ୟକାନ୍ତ ୫ ଜଣ ସାଙ୍ଗଙ୍କ ସହ ନିକଟସ୍ଥ ଏକ କୁକୁଡା ଫାର୍ମ ନିକଟରେ ଭୋଜି କରିଥିଲେ। ହେଲେ ସେ ଘରକୁ ନ ଫେରିବାରୁ ମାମୁଘର ଲୋକେ ନିଖୋଜ ହୋଇଥିବା ନେଇ ବରୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(୧୨/୧୮) ରୁଜୁ କରିଥିଲା। ୧୧ ତାରିଖରେ ବରୀ ଥାନା ଅଧୀନ କଳାମାଟିଆ ଗ୍ରାମର ଏକ ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁନଶ୍ଚ ୧୨ ତାରିଖରେ ରୌପ୍ୟକାନ୍ତଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ନେଇ ବାପା ଅଭିରାମ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୋଗ ଗ୍ରହଣ କରି ନ ଥିବା ଅଭିରାମ କହିଥିଲେ। ତେଣୁ ୧୩ ତାରିଖରେ ବରୀ ମାଉଣ୍ଡସ୍ଥିତ ଜାଗୁଲାଈ ପୀଠରେ ଖବରଦାତା ସମ୍ମିଳନୀ ଡାକି ପୋଲିସ ଅଭିଯୋଗ ନ ରଖିବା ସମ୍ପର୍କରେ କହିଥିଲେ। ଅପରପକ୍ଷରେ ନ୍ୟାୟ ନ ମିଳିଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଆତ୍ମାହୁତି ଦେବେ ବୋଲି ପରିବାର ଲୋକେ ପ୍ରକାଶ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବରୀ ଥାନା ଅଧିକାରିଣୀ ରୋଜାଲିନ ପଟେଲଙ୍କୁ ପଚାରିବାରେ, ରୋପ୍ୟକାନ୍ତଙ୍କ ହତ୍ୟା ସନ୍ଦେହ ନେଇ ଅଭିଯୋଗ ହୋଇନାହିଁ। ନିଖୋଜ ବୋଲି ଅଭିଯୋଗ ଆସିଥିଲା। ଯଦି ହତ୍ୟା କରାଯାଇଥିବା ଅଭିଯୋଗ ଆସେ, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ୧୮ରୁ ସମୂହ ଛୁଟିରେ ଯିବେ ଡିପ୍ଲୋମା ଇଞ୍ଜିନିୟର୍ସ

**ରସୁଲପୁର,୧୪।୯(ଡିଏନଏ)**

ରାଜ୍ୟ ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ (ଓଡସା) ଡାକରା କ୍ରମେ ୧୮ରୁ ୫ଦଫା ଦାବିରେ ସମଗ୍ର ରାଜ୍ୟରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର୍ସମାନେ ସମୂହ ଛୁଟିରେ ଯିବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ସଂଘ ପକ୍ଷରୁ ଏହି ପ୍ରତିବାଦ ୪୦ଦିନ ବ୍ୟାପୀ (ଅକ୍ଟୋବର ୩୧ ପର୍ଯ୍ୟନ୍ତ) ଚାଲିବ। ଏଥିପାଇଁ ସଂଘ ପକ୍ଷରୁ ପତ୍ର ସଂଖ୍ୟା ୨୩୪/୮।୯।୨୦୧୮ରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ସଂଘର ନିର୍ଦ୍ଦେଶକ୍ରମେ ଗ୍ରାମପଞ୍ଚାୟତ ବୈଷୟିକ ସହାୟିକା ସହାୟକ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଗଣ ବ୍ୟକ୍ତିଗତ ଭାବେ ଛୁଟି ମଞ୍ଜୁର ପାଇଁ ଜିଲାପାଳଙ୍କ ଅନୁମତି ଲୋଡିଛନ୍ତି। ଡିପ୍ଲୋମା ଇଞ୍ଜିନିୟରଙ୍କ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟ ନିଷ୍ପତ୍ତିକୁ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟକାରୀ କରିବାରେ ଅହେତୁକ ବିଳମ୍ବ କରାଯାଉଛି। ଏହି ଅବହେଳାକୁ ସଂଘ ପକ୍ଷରୁ ଦୃଢ ପ୍ରତିବାଦ କରାଯାଉଛି । କ୍ୟାଡର ପୁର୍ନଗଠନରେ ଡୋପ୍ଲୋମା ଇଞ୍ଜିନିୟରଙ୍କୁ ନ୍ୟାୟ ନ ମିଳିବା, ପଦନ୍ନୋତି କ୍ଷେତ୍ରରେ ବାଛ ବିଚାରର ଶିକାର ହେବା, ଗ୍ରାମପଞ୍ଚାୟତ ବୈଷୟିକ ଅଧିକାରୀଙ୍କୁ କନିଷ୍ଠ ଯନ୍ତ୍ରୀ ମାନ୍ୟତା ପ୍ରଦାନ କରିବା, ଗ୍ରାମ୍ୟ ପାନୀୟ ଜଳଯୋଗାଣ ସେବାରତ ରାଜ୍ୟର ୩୧୪ ବ୍ଲକରେ କନିଷ୍ଠ ଯନ୍ତ୍ରୀ–୨କୁ ନିୟମିତ ପଦବୀରେ ଅବସ୍ଥାପିତ କରିବା, ନିୟମିତ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦନ୍ନୋତି କରିବା ଆଦି ଦିଗରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଡିଗ୍ରୀ ଇଞ୍ଜିନିୟରଙ୍କୁ ସବୁକ୍ଷେତ୍ରରେ ନ୍ୟାୟ ପ୍ରଦାନ କରାଯାଉଛି। ମାତ୍ର ଡିପ୍ଲୋମା ଇଞ୍ଜିନିୟରଙ୍କ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରାଯାଉଛି। ଏଭଳି ବାଛ ବିଚାରର ଶିକାର ହେଉଥିବା ଯନ୍ତ୍ରୀମାନେ ସୁସ୍ଥ ମାନସିକତାର ସହ କାର୍ଯ୍ୟ ନିର୍ବାହ କରିବାରେ ବିଫଳ ହେଉଛନ୍ତି । ସରକାରଙ୍କ ପକ୍ଷରୁ ଏସବୁ ଅନ୍ୟାୟ ଓ ଅନିୟମିତତାକୁ ବିରୋଧ କରି ଡିପ୍ଲୋମା ଇଞ୍ଜିନିୟର୍ସମାନେ ୪୦ଦିନ ସମୂହ ଛୁଟିରେ ଯିବେ। ଏହିକ୍ରମରେ ସମଗ୍ର ରାଜ୍ୟରେ ୧୦୮ଜଣ ଡିପ୍ଲୋମା ଇଞ୍ଜିନିୟର ଛୁଟିରେ ରହିବେ। ବିଭିନ୍ନ ବିଭାଗ, ବ୍ଲକ ଓ ପଞ୍ଚାୟତସ୍ତରରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଉପୁଜିବ ବୋଲି ଆଶଙ୍କା କରାଯାଉଛି। ଯେପରି କି ରାସ୍ତାଘାଟ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ଘରୋଇ ପାଇଖାନା, ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାରେ ପ୍ରଦତ୍ତ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେବାରେ ବାଧା ଉପୁଜିବ । ସରକାରଙ୍କର ଜନହିତକର କାର୍ଯ୍ୟରେ ବାଧା ଉପୁଜିଲେ ତାହା ଆସନ୍ତା ସାଧାରଣ ନିର୍ବାଚନର ଭୋଟ ଫଳାଫଳକୁ ପ୍ରଭାବିତ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

■ ଯୋକଡିଆ ପୋଲ, ଆପ୍ରୋଚ ରାସ୍ତା ମରଣଯନ୍ତା

# ମରାମତି ନ ହେଲେ ଆନ୍ଦୋଳନ

**ରସୁଲପୁର,୧୪।୯(ଡିଏନଏ)**

ରସୁଲପୁର ବ୍ଲକରୁ ଭାୟା ଶ୍ରୀବନ୍ତପୁର ଦେଇ ଯାଜପୁର ରୋଡ, କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାର ଖରସ୍ରୋତା ନଦୀ ଉପରେ ଥିବା ଯୋକଡିଆ ପୋଲ ଓ ଆପ୍ରୋଚ ରାସ୍ତା ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାର ମରାମତି ପାଇଁ ବିଭିନ୍ନ ସମୟରେ ଦାବି ହେଉଛି। ମାତ୍ର ଏହାର ପ୍ରତିକାର ପାଇଁ ବିଭାଗ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉ ନାହିଁ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ରାସ୍ତା ଅବସ୍ଥାରେ ସୁଧାର ନ ଆସିଲେ ସ୍ଥାନୀୟ ଯୋକଡିଆ ଅଞ୍ଚଳର ଯୁବକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଖରସ୍ରୋତା ନଦୀ ଉପରେ ଥିବା ଇଂରେଜ ଅମଳର ସେତୁ କ୍ରମଶଃ ଦୁର୍ବଳ ହୋଇଯାଇଥିଲା। ସେତେବେଳର ସ୍ଥିତିକୁ ଦେଖି ପୋଲ ନିର୍ମାଣ କରାଯାଇଥିଲା। ଜନସଂଖ୍ୟାରେ ଦ୍ରୁତ ଅଭିବୃଦ୍ଧି ଘଟିବା ସହ ଉକ୍ତ ପୋଲ ଦେଇ ଭାରିଯାନ ଯାତାୟାତ କରିବାରେ ଅସୁବିଧା ଉପୁଜିଲା। ଏହାର ବିକଳ୍ପ ସ୍ୱରୂପ ୧୨ବର୍ଷ ତଳେ ଆଉ ଏକ ପୋଲ ନିର୍ମାଣ କରାଯାଇଥିଲା। ଏହି ପୋଲ ନିର୍ମାଣ ଫଳରେ ରସୁଲପୁର ଓ ଧର୍ମଶାଳା ବ୍ଲକ ଅଞ୍ଚଳର ଲୋକଙ୍କୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାତାୟାତ କରିବାର ପ୍ରାୟତଃ ୧୦ କି.ମି. ଦୂରତା କମି ଯାଇଥିଲା। ଏହି ରାସ୍ତା ଦେଇ ୪ଚକିଆ ଯାନଠାରୁ ଆରମ୍ଭ କରି ସାଇକେଲ ଚାଳକ ପର୍ଯ୍ୟନ୍ତ ସମସ୍ତେ ଉକ୍ତ ରାସ୍ତାକୁ ବ୍ୟବହାର କରୁଛନ୍ତି। ବିଶେଷ କରି ବାଇକ୍ ଚାଳକମାନେ ଏହି ରାସ୍ତାକୁ ଅଧିକ ବ୍ୟବହାର କରୁଥିବା ଦେଖାଯାଉଛି। ୧୬ନଂ ଜାତୀୟ ରାଜପଥର ପାଣିକୋଇଲି ନିକଟରେ ଥିବା ଟୋଲଗେଟ୍ ଫିଂରୁ ଛାଡ ପାଇବା ପାଇଁ ଅଧିକାଂଶ ୪ଚକିଆ ଯାନ ବି ଏହି ରାସ୍ତାକୁ ବ୍ୟବହାର କରୁଛନ୍ତି। ଏବେ ପୋଲ ଅବସ୍ଥା ଖରାପ ହୋଇଯାଇଛି। ପୋଲର ଦୁଇମୁଣ୍ଡରେ ଆପ୍ରୋଚ ରାସ୍ତା ଦବି ଯାଇଛି। ଫଳରେ ଅନେକ ବାଇକ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଦୁଇ ପାର୍ଶ୍ୱରେ କଂକ୍ରିଟ ଓ ବାଲି ଗଦା ହୋଇଛି। ଏଥିଯୋଗୁ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ପୋଲର ଯୋଡେଇ ମୁଣ୍ଡଗୁଡିକରେ ଫାଟ ସୃଷ୍ଟି ହୋଇଛି। ପୋଲ ଉପର ରାସ୍ତାର ସ୍ଥିତି କ୍ରମଶଃ ବିଗିଡି ଯାଉଛି। ନିମ୍ନମାନର କାର୍ଯ୍ୟ ଯୋଗୁ ପୋଲ ବାଡଗୁଡିକ ଭାଙ୍ଗି ଗଲାଣି। ଉକ୍ତ ପୋଲ ଓ ଆପ୍ରୋଚ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଆପ୍ରୋଚ ରାସ୍ତାର କିଛି ଅଂଶ ଢଳେଇ ହୋଇଛି। ପୋଲର ଦୁଇମୁଣ୍ଡକୁ ସୁଦୃଢୀକରଣ କରାଯାଇ ନାହିଁ। ପୋଲ ଉପରୁ ବେଆଇନ ଜବରଦଖଲ ହଟାଯାଉ ନ ଥିବାରୁ ଦୁର୍ଘଟଣା ବଢୁଛି। ଏହି ରାସ୍ତା ମରାମତି କରିବା ଦିଗରେ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସ୍ଥାନୀୟ ଅଞ୍ଚଳର ଯୁବକମାନେ ଦାବି କରିଛନ୍ତି। ନଚେତ୍ ସେମାନେ ଏହି ରାସ୍ତାକୁ ଅବରୋଧ କରିବା ସହ ରାସ୍ତା ମରାମତି ନ ହେବା ପର୍ଯ୍ୟନ୍ତ ଯାତାୟାତ ବନ୍ଦ କରିଦେବେ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ କରାଯାଇଥିଲେ ହେଁ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।



ଯୋକଡିଆ ପୋଲ ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ସେପ୍ଟେମ୍ବର, ୨୦୧୮



ଆତଙ୍କବାଦୀ ସଙ୍ଗଠନ ସହିତ ଆଇଏସ୍‌ଆଇ ସମ୍ପୃକ୍ତ ଥିବା ନେଇ ଭାରତ ଦାବି କରିଆସୁଛି। କିନ୍ତୁ ଏହା ପାକିସ୍ତାନ ପ୍ରତିରକ୍ଷା ବିଭାଗର ମୁଖ୍ୟ ଆଧାର ବୋଲି ଦେଶର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କହିଛନ୍ତି। କେବଳ ପାକିସ୍ତାନ ନୁହେଁ ବିଶ୍ୱର ସବୁଠାରୁ ଭଲ ଗୋଇନ୍ଦା ଏଜେନ୍ସି ହେଉଛି ଆଇଏସ୍‌ଆଇ। ତାଙ୍କ ସରକାର ସବୁବେଳେ ଏହାକୁ ସହଯୋଗ କରିବ ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ୨ ଲୁଟେରା କୋର୍ଟ ଚାଲାଣ

କୋରେଇ,୧୪।୯(ସ୍ୱ.ପ୍ର.)- ପାଣିକୋଇଲି ପୋଲିସ ଶୁକ୍ରବାର ୨ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡେଇ ପଞ୍ଚାୟତ ନତମଗଡ଼ିଆ ଗ୍ରାମର ପପୁନ ମଳିକ(୧୯) ଏବଂ ମକୁନ୍ଦପୁର ପଞ୍ଚାୟତ ଜଳପତିପୁର ଗ୍ରାମର ରାକେଶ ମହାନ୍ତି(୧୯)। ଏ ନେଇ ପୋଲିସ ଏକ ମାମଲା(୧୪୧/୧୮) ରୁଜୁ କରିଛି। ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ପାଣିକୋଇଲି ଅମୃତିଆ ରାସ୍ତାର ଜବାହାର ନବୋଦୟ ବିଦ୍ୟାଳୟ ନିକଟରେ କରଦା ପଞ୍ଚାୟତ ଅନ୍ତର୍ଗତ ବର୍ତ୍ତମଣା ଗ୍ରାମର ନାରାୟଣ ମୁଦୁଲିଙ୍କ ଝିଅ ସ୍ମିତା ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇ ଯୁବକ ସ୍କୁଟିରେ ଆସି ସ୍ମିତାଙ୍କ ଭ୍ୟାନିଟବ୍ୟାଗ ଛଡ଼ାଇ ନେଇ ଅମୃତିଆ ଆଡେ ପଳାଉଥିଲେ। ଖବରପାଇ ସ୍ଥାନୀୟ ଯୁବକ ଲୁଟେରାଙ୍କ ପିଛା କରି ଅମୃତିଆ ଗ୍ରାମ ନିକଟରେ ତାଙ୍କୁ କାବୁ କରିଥିଲେ। ଥାନାଧିକାରୀ ଅଜୟ କୁମାର ଜେନା ପହଞ୍ଚି ତାଙ୍କୁ ଥାନାକୁ ଆଣିଥିଲେ।

### ରକ୍ତଦାନ ଶିବିର

ବିରଜାକ୍ଷେତ୍ର,୧୪।୯(ଡି.ଏନ୍.ଏ)- ଯାଜପୁର ବ୍ଲକ ବାସୁଦେବପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ବାବା ବଟେଶ୍ୱର ୟୁଥ୍ କ୍ଲବ୍ ପକ୍ଷରୁ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାସୁଦେବ ସାହୁଙ୍କ ଦ୍ୱାରା ଶିବିର ଆୟୋଜିତ ଶିବିରରେ କ୍ଲବ ସଭାପତି ରବିନାରାୟଣ ପଣ୍ଡା, ସମ୍ପାଦକ ଅନ୍ନଦା କୁମାର ବାରିକ, ଉପଦେଷ୍ଟା ଗୌରାଙ୍ଗ ଚରଣ ସାହୁ, ସଭ୍ୟ ସତ୍ୟବ୍ରତ ବାରିକ, ମହେଶ୍ୱର ପଣ୍ଡା, ସୁରେଶ ପଣ୍ଡା, ଯଯାତି କେଶରୀ ପରିଡ଼ା, ସତ୍ୟ ଶୁଭ୍ରଜିତ ପଣ୍ଡା, ପିନାକୀ କିଙ୍କର ବିଶ୍ୱାଳ, ବିକ୍ରମ କେଶରୀ ପଣ୍ଡା, ନାରଣ ଦେହୁରୀ, ବାଦଲ ବାରିକ, ରାଜକିଶୋର ପଣ୍ଡା, ସତ୍ୟାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ୩୧ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ୨୦୦୯ରେ ପ୍ରତିଷ୍ଠାଲାଭ କରିଥିବା ଏହି କ୍ଲବ୍ ପକ୍ଷରୁ ବିଭିନ୍ନ ସମୟରେ ଚାରାରୋପଣ, ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ କରିବା, ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

### ବିଜେଡିରେ ଯୋଗଦେଲେ ଶତାଧିକ କର୍ମୀ

ଧର୍ମଶାଳା, ୧୪।୯(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ସାହାଣୀଡିହ ଓ ପୁରୁଣାବଉଳମାଳ ପଞ୍ଚାୟତର ଶତାଧିକ କର୍ମୀ ଶୁକ୍ରବାର ଧର୍ମଶାଳା ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ନୀଳଚକ୍ର ନିର୍ମାଣ ଶ୍ରମିକ ସଂଘ ଟ୍ରେଡ୍ ୟୁନିୟନ୍ ରାଜ୍ୟ ସାଧାରଣ ସମ୍ପାଦକ ଧିରେନ୍ଦ୍ର ନାୟକ, ଜିଲା ସମ୍ପାଦକ ବିଶ୍ୱଜିତ୍ ନାୟକ, ଜିଲା ଉପଦେଷ୍ଟା ଲୋକନାଥ ପଲେଇ, ଉପସଭାପତି ଚନ୍ଦ୍ରମଣି ନାୟକ ଓ ସଂଯୋଜକ ବାବିନା ରାଉତଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଦଳରେ ସାମିଲ ହୋଇଛନ୍ତି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ନେତୃତ୍ୱ ଓ ଜନହିତକର କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗ ଦେଇଥିବା କହିଛନ୍ତି। ବିଧାୟକ ବଳବନ୍ତରାୟ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

### କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ

କାଳିଆପାଣି, ୧୪।୯(ଡି.ଏନ୍.ଏ.)- ସୁକିନ୍ଦା ଖଣି ଅଞ୍ଚଳର ବିଭିନ୍ନ ଗ୍ରାମରେ ଟାଟା କମ୍ପାନୀ ପକ୍ଷରୁ ପାନୀୟ ଜଳ ଯୋଗାଣରେ ବ୍ୟାପକ ଯୋଜନା କରାଯାଉଛି। ହେଲେ କାର୍ଯ୍ୟରେ ନିୟୋଜିତ ଟିଏସ୍‌ଆରଡିଏସ୍ (ଟାଟା ଷ୍ଟିଲ ରୁରାଲ ଡେଭଲପମେଣ୍ଟ ସୋସାଇଟି) ଏନ୍‌ଜିଓ ସଂସ୍ଥା ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ସଫଳରୂପାୟନ କରିବାରେ ବଫଳ ହେଉଥିବା ଅଭିଯୋଗ ହୋଇଛି। ଚଟକିପଶି ଗ୍ରାମର ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ୨୦୧୫ରେ ଟିଏସ୍‌ଆରଡିଏସ୍ ପକ୍ଷରୁ ଏକ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ପ୍ରକଳ୍ପଟି ପ୍ରଥମ ୬ ମାସ କାର୍ଯ୍ୟକାରୀ ହେବା ପରେ ବନ୍ଦ ହୋଇଯାଇ ପଡିରହିଛି। ସ୍କୁଲ ଛାତ୍ରୀଛାତ୍ର, ଅଙ୍ଗନୱାଡି ଶିଶୁ, ଗ୍ରାମର ମହାନ୍ତସାହି ଓ କେତେକ ଆଦିବାସୀ ପରିବାରପ୍ର କଳ୍ପରୁ ଉପକୃତ ହେଉଥିଲେ। ସମ୍ପୃକ୍ତ ସାହିରେ ୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ସମସ୍ତେ ଅନଗ୍ରସର ଜାତି ପରିସରଭୁକ୍ତ ହୋଇଥିବାରୁ ନଳକୂପଟିଏ ଖୋଳିବା ସମ୍ଭବ ହୋଇ ପାରୁନାହିଁ। ଅପରପଟେ ପାନୀୟ ଜଳ ପ୍ରକଳ୍ପଟି କାର୍ଯ୍ୟକାରୀ ନ ହେବାରୁ ଚଟକିପଶୀ ବାସିନ୍ଦା ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ସରପଞ୍ଚ, ୱାର୍ଡମେମ୍ବର ଓ ଟିଏସ୍‌ଆରଡିଏସ୍ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ଫଳ ମିଳିପାରୁ ନ ଥିବା ଜନାର୍ଦ୍ଦନ ମହାନ୍ତ, ସୁଧୀର ମୁଣ୍ଡା, ଶଙ୍କର ହେମ୍ବ୍ରମ ପ୍ରମୁଖ କହିଛନ୍ତି। ଟିଏସ୍‌ଆରଡ଼ିଏସ୍ ୟୁନିଟ ମୁଖ୍ୟ ରବିନ କୁମାର ସିଂଙ୍କୁ ପଚାରିବାରୁ ଏ ସମ୍ବନ୍ଧରେ କୌଣସି ତଥ୍ୟ ତାଙ୍କ ପାଖେ ନ ଥିବା କହିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନାଁରେ ଅର୍ଥ ଆତ୍ମସାତ୍

ଦଶରଥପୁର,୧୪।୯(ଡିଏନ୍‌ଏ)

**ଦଶରଥପୁର ବ୍ଲକ**
- ୨୧ ପଞ୍ଚାୟତରୁ ୧କୋଟି ୨୪ ଲକ୍ଷ ଲୁଟ ଅଭିଯୋଗ
- ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଂଗ୍ରେସ ଏବଂ ଭାଜପା

ଦଶରଥପୁର ବ୍ଲକରେ ୨୧ପଞ୍ଚାୟତରୁ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୨୦୧୭-୧୮ ଆର୍ଥିକ ବର୍ଷରେ ୧କୋଟି ୨୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି କଂଗ୍ରେସ ଓ ଭାଜପା। ସୂଚନା ଯେ, ଏହି ବ୍ଲକର ଯାଜପୁର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୨୦ ପଞ୍ଚାୟତରୁ ୧୧ ପଞ୍ଚାୟତରେ ୨୦୧୭-୧୮ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ନାମରେ ୨୯ଲକ୍ଷ ୭୦ହଜାର ୭ଶହ ୫୪ଟଙ୍କା ଲୁଟ୍ ହୋଇଥିବା ବେଳେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ୧୫ ପଞ୍ଚାୟତରୁ ୧୦ ପଞ୍ଚାୟତରେ ୯୪ଲକ୍ଷ ୫୧ହଜାର ୧୪୩ ଟଙ୍କା ଲୁଟ୍ ହୋଇଥିବା ନେଇ ବ୍ଲକ କଂଗ୍ରେସ ଏବଂ ଭାଜପା ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ପ୍ରକାଶ ଯେ, ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ ବର୍ଷରେ ୧୦୦ ଦିନର କାମ ଯୋଗାଇ ଦେବାକୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାବଦରେ କୋଟିକୋଟି ଟଙ୍କା ଯୋଗାଇ ଦେଉଥିବାବେଳେ ଦଶରଥପୁର ବ୍ଲକରେ ଏହି ଯୋଜନାରୁ ଶ୍ରମିକମାନେ ବଞ୍ଚିତ ହେଉଛନ୍ତି। ମାତ୍ର ବିଭାଗୀୟ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ, ରାଜନେତା ଓ କାମ କରୁଥିବା ଠିକାଦାର ମାଲାମାଲ ହେଉଛନ୍ତି ବୋଲି କଂଗ୍ରେସ ଏଆଇସିସି ସଭ୍ୟ ପୁଲିନ୍ ପୁହାଣ ଓ କଂଗ୍ରେସର ଯୁବନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା, ପୂର୍ବତନ ସରପଞ୍ଚ ରବିନାରାୟଣ ଯେନା, ଯୁବନେତା ଘନଶ୍ୟାମ ସାହୁ, ବିମଳ ମଲ୍ଲିକ୍, ଚନ୍ଦ୍ର ଶେଖର ସାହୁ, ସବ୍ୟସାଚୀ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି। ତେବେ ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ଲକର ୨୧ପଞ୍ଚାୟତରୁ କୌଣସି ଗୋଟିଏରେ ବି ଶ୍ରମିକଙ୍କ ଦ୍ୱାରା କାମ ନ ହୋଇ ମେଶିନ ଦ୍ୱାରା କାମ ହୋଇଥିବା ଭାଜପା ନେତା ସଞ୍ଜୟ ନାୟକ, ଶଶଧର ବେହୁରିଆ, ସରୋଜ ବିଶ୍ୱାଳ ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମମତା କୁଅଁର ଏବଂ ତରଣୀସେନ୍ ପତି ପ୍ରମୁଖ ଅଭିଯୋଗ କରିବା ସହ ଉକ୍ତ କାର୍ଯ୍ୟ ଉପରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ମଷ୍ଟରରୋଲ୍ ପ୍ରସ୍ତୁତିରେ ଜାଲିଆତି କରିବା ସହ ଜନପ୍ରତିନିଧି ଓ ଠିକାଦାରମାନେ ନିଜ ପଞ୍ଚାୟତରୁ ଜବ୍‌କାର୍ଡ ଯୋଗାଡ କରି ସେଥିରେ ଶ୍ରମିକମାନେ କାମ କରିଥିବା ଦର୍ଶାଇ ବ୍ଲକ ପ୍ରଶାସନର ପୂର୍ଣ୍ଣ ସହଯୋଗରେ ବିଲ ଉଠାଣ ହୋଇଥିବା କୁହାଯାଉଛି। ଅପରପକ୍ଷେ ଯେଉଁ ଜବ୍‌କାର୍ଡ ମାଧ୍ୟମରେ ଅର୍ଥ ଉଠାଯାଇଛି, ସେଥିମଧ୍ୟରୁ କେତେଜଣ ସରକାରୀ ଚାକିରିଆ, ବ୍ୟବସାୟୀଙ୍କ ନାମରେ ଜବକାର୍ଡ କରାଯାଇ ଅର୍ଥ ଉଠାଯାଇଛି ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା ସୂଚନା ଅଧିକାର ଆଇନ୍ ବଳରେ ମାଗିଥିବା ତଥ୍ୟରୁ ଜଣାଯାଇଛି। ୨୧ ପଞ୍ଚାୟତରେ ମୋଟ୍ ୧କୋଟି ୨୪ଲକ୍ଷ ୨୧ହଜାର ୮୯୭ ଟଙ୍କାର କାର୍ଯ୍ୟ ହୋଇଥିବାବେଳେ ଅଧିକାଂଶ ପଞ୍ଚାୟତରେ କାମ ସମ୍ପର୍କରେ ସୂଚନା ଫଳକ ଲାଗି ନ ଥିବା ଦେଖାଯାଇଛି। ବିଲ୍‌କୁଲ୍ କାମ ନ ହୋଇ କେତେକ ପ୍ରକଳ୍ପ ଉପରେ ବିଲ୍ ଉଠାଣ ହୋଇଥିବା ବେଳେ ଆଉ କେତେକ ପଞ୍ଚାୟତରେ ପଡ଼ିଆ, ଗାଡ଼ିଆ ଉନ୍ନତିକରଣ ନାମରେ ଘାସ ଚାଞ୍ଛି କିମ୍ବା କେଉଁଠି ଶ୍ମଶାନ ପୋତା ନାମରେ କାଁଭାଁ ୨/୪ ଟ୍ରିପ ମାଟି ପକାଇ ଲକ୍ଷ ଲକ୍ଷ ଟଙ୍କାର ବିଲ୍ କରାଯାଇଥିବା ଦେଖାଯାଇଛି। ତେବେ ଏହା ସବୁ ବ୍ଲକ ପ୍ରଶାସନର ଜାଣତରେ ହୋଇଛି ବୋଲି ଉଭୟ ରାଜନୈତିକ ଦଳ କହିବା ସହ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ବିଜେଡିର ଜଣେ ବରିଷ୍ଠ ନେତା ବ୍ଲକ ପ୍ରଶାସନକୁ ହାତବାରିଶି କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ୨୦୧୭-୧୮ରେ ଏହି ଯୋଜନାରୁ ଅଶନପୁର ପଞ୍ଚାୟତରେ ୧୦ଲକ୍ଷ ୯ ହଜାର ୨୦୦, ବିହାରିରେ ୪ ଲକ୍ଷ ୮୬ ହଜାର ୬୬୮, ବିରିପଟାରେ ୧ଲକ୍ଷ ୭୯ ହଜାର ୨୭୦, ବିରୁହାଁ ୨୫ ଲକ୍ଷ ୬୪ ହଜାର ୧୭, ଚମ୍ପେଇପାଳ ୪ଲକ୍ଷ ୨୦ ହଜାର ୫୬, ଚଷାଖଣ୍ଡ ୧୦ଲକ୍ଷ ୪୦ ହଜାର ୩୧୨, ଛଟିଣା ୯୨ ହଜାର ୮୧୦, ଚିତାଳୋ ୪ଲକ୍ଷ ୮୫ ହଜାର ୯ ଶହ ୪୦, ଡାହାଣହତାରେ ୪୯ ହଜାର ୫୦୪, ଦଶରଥପୁର ୨ଲକ୍ଷ ୭ ହଜାର ୬୪୦, ଗୋପାଳପୁର ୬୦ହଜାର ୬୦, ଗ୍ରାମନନ୍ଦିପୁରରେ ୩୫ ଲକ୍ଷ ୪୯ ହଜାର ୭୯୨ ଟଙ୍କାର ମିଥ୍ୟା ବିଲ୍ ହୋଇଥିବା ଜଣାପଡ଼ିଛି। ସେହିପରି ଜାଫରପୁରରେ ୩ଲକ୍ଷ ୧୮ ହଜାର ୧୩୬, ଜୟନ୍ତରା ୩ଲକ୍ଷ ୧୨ ହଜାର ୧୩୦, କଟିକଟା ୯୮ ହଜାର ୮୨୬, କୟାଁ ୭ଲକ୍ଷ ୮ହଜାର ୮୯୦, ଖଣ୍ଡରା ୪ଲକ୍ଷ ୨୭ହଜାର ୭୦୦, ନିଜାମପୁର ୪ଲକ୍ଷ ୧୬ ହଜାର ୭୮୦, ରାହାସୋଇ ୭୮ହଜାର ୭୮, ଶୁଶୁଆ ୯୫ ହଜାର ୩୬୮, ତରପଦାରେ ୭ଲକ୍ଷ ୨୦ହଜାର ୭୨୦ ଟଙ୍କାର କାର୍ଯ୍ୟ କରିଥିବା ନେଇ ବିଲ୍ ଉଠାଣ କରିସାରିଥିବା ବ୍ଲକ ରିପୋର୍ଟରୁ ଜଣାଯାଇଛି। ଏହି କାର୍ଯ୍ୟ ଉପରେ କେନ୍ଦ୍ରୀୟ ଟିମ୍ ତଦନ୍ତ କଲେ ବ୍ଲକରେ ଚାଲିଥିବା ମିଳିମିଶି ଖାଇବା ନୀତି ଲୋକଲୋଚନକୁ ଆସିବ ବୋଲି ଭାଜପା ଓ କଂଗ୍ରେସ ପକ୍ଷରୁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚରାଯାଇଥିଲେ ହେଁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

## ବ୍ୟାସନଗର ପ୍ରତିଭା ଅନ୍ୱେଷଣ ସମିତି ଗଠିତ

ଯାଜପୁରରୋଡ, ୧୪।୯ (ନି.ପ୍ର.)

ବ୍ୟାସନଗରର ବୁଦ୍ଧିଜୀବୀଙ୍କୁ ନେଇ ସ୍ଥାନୀୟ ଭୀମସେନ ପ୍ୟାଲେସଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ଏଥିରେ ପଦ୍ମନାଭ ମଲ୍ଲ ସଭାପତିତ୍ୱ କରିଥିଲେ। ସଭାର ନିଷ୍ପତ୍ତିକ୍ରମେ 'ବ୍ୟାସନଗର ପ୍ରତିଭା ଅନ୍ୱେଷଣ ସମିତି' ଭାବେ ଏକ ନୂତନ ଅନୁଷ୍ଠାନ ଗଠନ କରାଗଲା। ବ୍ୟାସନଗର ଓ ଏହାର ଆଖପାଖ ଅଞ୍ଚଳର ପ୍ରତିଭାବାନ୍ ବ୍ୟକ୍ତିଙ୍କ ଅବଦାନକୁ ଲୋକଲୋଚନକୁ ଆଣିବା, ସେମାନଙ୍କ ଜୟନ୍ତୀ ପାଳନ କରିବା ଓ କୀର୍ତ୍ତି, କୃତିକୁ ପତ୍ରିକା ମାଧ୍ୟମରେ ପ୍ରକାଶ କରିବା ଏହି ସମିତିର ଲକ୍ଷ୍ୟ। ମୁଖ୍ୟ ଉପଦେଷ୍ଟା ପଦ୍ମନାଭ ମଲ୍ଲ, ଉପଦେଷ୍ଟା ଆଇନଜୀବୀ ସୂର୍ଯ୍ୟମଣି ପାଢୀ, ସାମାଜିକ କର୍ମୀ ହୃଷୀକେଶ ସାହୁ ଓ ବରିଷ୍ଠ ଖବରଦାତା ଅଭିମନ୍ୟୁ ମିଶ୍ରଙ୍କୁ ସମିତି କର୍ମକର୍ତ୍ତା ଭାବେ ମନୋନୀତ କରାଯାଇଛି। କୁଶଚନ୍ଦ୍ର ପ୍ରଧାନ ସଭାପତି, ଜ୍ଞାନରଞ୍ଜନ ରାଉତ ସମ୍ପାଦକ, ଚନ୍ଦ୍ରମଣି ସାମଲ ଉପସଭାପତି, ଅଧ୍ୟାପକ ସନାତନ ଦାସ ସହସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଜ୍ଞାନରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ବନ ପ୍ରକଳ୍ପ ନିମନ୍ତେ ବୃକ୍ଷରୋପଣ

ସୁକିନ୍ଦା, ୧୪।୯(ଡି.ଏନ୍.ଏ.)



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଆମ୍ବୋଲବା ପଞ୍ଚାୟତ ଅନ୍ତର୍ଗତ ଯାମୁପଶିଠାରେ ଶୁକ୍ରବାର ବନ ବିଭାଗ ଏବଂ ସୁକିନ୍ଦା ପ୍ରେସ୍ କ୍ଲବର ମିଳିତ ସହଯୋଗରେ ଜଗନ୍ନାଥ ବନ ପ୍ରକଳ୍ପ ନିମନ୍ତେ ବୃକ୍ଷରୋପଣ ଆରମ୍ଭ ହୋଇଛି। ବନବିଭାଗ ସହକାରୀ ବନ ସଂରକ୍ଷକ ସୌଭାଗ୍ୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁକିନ୍ଦା ବିଧାୟକ ପ୍ରୀତି ରଞ୍ଜନ ଘଡାଇ ଓ ସମ୍ମାନିତ ଅତିଥି ଭାବେ ରାଜା ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ସୁକିନ୍ଦା ପ୍ରେସ୍ କ୍ଲବର ଏପରି ପଦକ୍ଷେପକୁ ସ୍ୱାଗତ କରିବା ସହିତ କ୍ଲବ ସହାୟତାରେ ସୁକିନ୍ଦାର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯାଇ ପରିବେଶ ସନ୍ତୁଳନ କରିବା ଦିଗରେ ଆଗେଇବା ପାଇଁ ଆହ୍ୱାନ ଦେଇଥିଲେ। ଏ ନେଇ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ସେ ଉପାଧ୍ୟକ୍ଷଙ୍କୁ ଦାୟିତ୍ୱ ପ୍ରଦାନ କରିଥିବା ଜଣାପଡିଛି। ସୁକିନ୍ଦାସ୍ଥିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରାରେ ପ୍ରତ୍ୟେକ ବର୍ଷ ରଥ ନିର୍ମାଣରେ ବ୍ୟବହୃତ କାଠ ନିମନ୍ତେ ଦେବୋତ୍ତର ଅଧିକାରୀ ତଥା ସମିତିର ସଦସ୍ୟମାନେ ବନ ବିଭାଗ ଉପରେ ନିର୍ଭର କରିଥାନ୍ତି। ଏ ନେଇ ଅନେକ ସମସ୍ୟାର ସମ୍ମୁଖୀନ ମଧ ହେବାକୁ ପଡିଥାଏ। ଏହାକୁ ଦୃଷ୍ଟିରେ ରଖି ସୁକିନ୍ଦା ପ୍ରେସ୍ କ୍ଲବ ତରଫରୁ ବନ ବିଭାଗ ଅଧିକାରୀଙ୍କ ସହିତ ଯୋଗାଯୋଗ କିରି ରଥଯାତ୍ରାରେ ଆବଶ୍ୟକ କାଠ ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନାମରେ ଏକ ବନ ପ୍ରକଳ୍ପ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରକଳ୍ପରେ ପ୍ରାଥମିକ ସ୍ତରରେ ୧୫ ହଜାର ବୃକ୍ଷ ରୋପଣ କରାଯିବା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଉପାଧ୍ୟକ୍ଷ ଦିବ୍ୟ ରଞ୍ଜନ ବରାଳ, ତହସିଲଦାର ତଥା ପୂର୍ବତନ ଦେବତ୍ତର ଅଧିକାରୀ ନବକୃଷ୍ଣ ଜେନା, ୩୯ନଂ ଜିଲା ପରିଷଦ ଜୋନ୍ ସଭ୍ୟା ସରୋଜିନୀ ରାଜ, ଆମ୍ବୋଲବା ସରପଞ୍ଚ ବବି ବେହେରା, ୱାର୍ଡସଭ୍ୟ ଲଛ୍ମନ ବାହାଦୁର ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ରହିବା ସହିତ ବୃକ୍ଷ ରୋପଣ କରିଥିଲେ। ସୁକିନ୍ଦା ପ୍ରେସ୍ କ୍ଲବର ସଭାପତି ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ପ୍ରେସକ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବନ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ନବ ନିଯୁକ୍ତ ଯୁବ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

ଚଣ୍ଡିଖୋଲ,୧୪।୯(ଡି.ଏନ.ଏ)

ବଡଚଣା ବ୍ଲକ ନବ ନିଯୁକ୍ତ ଯୁବ ବିଜେଡିସଭାପତି ଗଣେଶ୍ୱର ବରାଳଙ୍କୁ ଶୁକ୍ରବାର ଖଏରା ପଞ୍ଚାୟତ ଓ ବିଜୁ ଯୁବ ବାହିନୀ ପକ୍ଷରୁ ଖଏରା ପଞ୍ଚାୟତ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଯୁବନେତା ବିନୟ କୁମାର ପୃଷ୍ଟି ଅଧକ୍ଷତା କରିଥିଲେ। ଖଏରା ସରପଞ୍ଚ ହରପ୍ରିୟା ବରାଳ, ସମିତି ସଭ୍ୟ ସ୍ୱର୍ଣ୍ଣରେଖା ପୃଷ୍ଟି, ନାଏବ ସରପଞ୍ଚ ସୁଧିର ରଞ୍ଜନ ପୃଷ୍ଟି, ବଡଚଣା ବିଜୁ ଯୁବ ବାହିନୀ ସଭାପତି ଅମିତ କୁମାର ବରାଳ ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିଲେ। ସେହିପରିବାଲିଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଫନୀନ୍ଦ୍ରନାଥ ପଣ୍ଡାଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମିତିସଭ୍ୟ ଅମିୟ କୁମାର ବିଶ୍ୱାଳ, ସୁରେଶ ଚନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ନାୟକ, ଭାବଗ୍ରାହୀ ବିଶ୍ୱାଳ, ଅନନ୍ତ କୁମାର ସିଂ ପ୍ରମୁଖ ବହୁ ବ୍ୟକ୍ତି ସଭାପତି ବରାଳଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

## ୨ଟି ପ୍ରକଳ୍ପର ଶୁଭାରମ୍ଭ କଲେ ବିଧାୟକ

ସୁକିନ୍ଦା, ୧୪।୯(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ସୁକିନ୍ଦା ଗଡ ପଞ୍ଚାୟତର ଶୁକ୍ରବାର ୨ଟି ଭିନ୍ନ ଭିନ୍ନ ପ୍ରକଳ୍ପର ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ପ୍ରଥମେ ବିଧାୟକ ସୁକିନ୍ଦା ଟ୍ରକ୍ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଗୃହ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନା କାର୍ଯ୍ୟକ୍ରମରେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପରାମର୍ଶ ଦେବା ପୂର୍ବକ ସୁକିନ୍ଦା ଅଞ୍ଚଳର ଟ୍ରକ୍ ମାଲିକଙ୍କର କାର୍ଯ୍ୟାଳୟ ନ ଥିବା କାରଣରୁ ଉପୁଜୁଥିବା ଅସୁବିଧାର ସମାଧାନ କରିବାରେ ଗୃହର ଆବଶ୍ୟକତା ରହିଥିବା ନେଇ ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ସୁକିନ୍ଦା ଦଶ ଚକିଆ ଟ୍ରକ୍ ମାଲିକ ସଂଘ ପକ୍ଷରୁ ନାଦିର ମହମ୍ମଦ, ବିମଳେନ୍ଦୁ ବେହୁରା, ପ୍ରହ୍ଲାଦ ଷଣ୍ଡ, ଚନ୍ଦନ ମହାନ୍ତି, ବିଭୁ ପ୍ରସାଦ ଦାସଙ୍କ ସମେତ ଶତାଧିକ ମାଲିକ ଉପସ୍ଥିତ ଥିଲେ। ଏହାପରେ ସୁକିନ୍ଦାଗଡ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ମାଧପୁରସ୍ଥିତ ୨ ଲକ୍ଷ ଲିଟର ଜଳଧାରଣ କ୍ଷମତା ବିଶିଷ୍ଟ ଏକ ପାଣିଟାଙ୍କିର ଶୁଭାରମ୍ଭ କରିଥିଲେ। ସୁକିନ୍ଦା ପଞ୍ଚାୟତ ବିଜେଡି ସଭାପତି ବିଶ୍ୱଜିତ ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଦିବ୍ୟ ରଞ୍ଜନ ବରାଳ, ସରୋଜିନୀ ରାଜ, ଅମଳେନ୍ଦୁ ବେହୁରା, ବିବେକାନନ୍ଦ ବୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ଶଙ୍ଖଚିଲା ଶିଶୁ ମନ୍ଦିରରେ ଅଭିଭାବକ ସମ୍ମିଳନୀ



ଅଭିଭାବକ ସମ୍ମିଳନୀରେ ଉପସ୍ଥିତ ଅତିଥି।

କୋରେଇ,୧୪।୯(ସ୍ୱ.ପ୍ର.)

ଶଙ୍ଖଚିଲାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ସଭାପତି ମୋହନ ଚରଣ ଖୁଣ୍ଟିଆ ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୀନବନ୍ଧୁ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂସ୍କାରଧର୍ମୀ ପାଠ ପଢା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବ୍ୟାସନଗର ସଙ୍କୁଳ ପ୍ରମୁଖ ଗୋପାଳ ଚରଣ ସାହୁ ଯୋଗଦେଇ ଶିକ୍ଷା ବିକାଶ ସମିତିର ବିଭିନ୍ନ ବିଧି ବ୍ୟବସ୍ଥା ସମ୍ପର୍କରେ କହିଥିଲେ। କବି ବିନୋଦ ବିହାରୀ ସାହୁ, ଶିକ୍ଷାବିତ୍ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ଅଶୋକ କୁମାର ସାହୁ, ସହ ସମ୍ପାଦକ ନିରଞ୍ଜନ ସାହୁ, ପୁଷ୍ପାଞ୍ଜଳୀ ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁମାଗୁରୁଜୀ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜି ଜିଲା କଂଗ୍ରେସ କମିଟି ପକ୍ଷରୁ ଗଣବିକ୍ଷୋଭ

ବିରଜାକ୍ଷେତ୍ର,୧୪।୯(ଡି.ଏନ୍.ଏ.)

ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ସଭାପତିତ୍ୱ କରିବେ। ଏହି ବିଶାଳ ଗଣବିକ୍ଷୋଭରେ ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିବେ। କେନ୍ଦ୍ର ସରକାର ନିର୍ବାଚନ ଜିତିବା ପରେ ଶିଳ୍ପପତି ଓ ପୁଞ୍ଜିପତିଙ୍କୁ ସନ୍ତୁଷ୍ଟ କରିବା, ପେଟ୍ରୋଲ, ଡିଜେଲ, ଗ୍ୟାସର ଅହେତୁକ ଦର ବୃଦ୍ଧି ଯୋଗୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦରଦାମ ଆକାଶଛୁଆଁ ହେବା, ରାଫେଲ ଯୁଦ୍ଧ ବିମାନ କ୍ରୟରେ କୋଟି କୋଟି ଟଙ୍କାର ଦୁର୍ନୀତି ହେବାନେଇ ରାଜ୍ୟ ନେତୃବୃନ୍ଦମାନେ ଏହି ଗଣବିକ୍ଷୋଭରେ ଉଦ୍‌ବୋଧନ ଦେବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ନେଇ ରାଜ୍ୟ ନେତୃବୃନ୍ଦମାନେ ଗଣବିକ୍ଷୋଭରେ କର୍ମୀଙ୍କୁ ଉଦ୍‌ବୋଧନ ଦେବା ସହ ଆଗାମୀ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେବେ। ଜିଲାର ନେତୃବୃନ୍ଦମାନେ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବେ। ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ସୀତାକାନ୍ତ ମହାପାତ୍ର, କାଙ୍ଗାଳୀ ପଣ୍ଡା, ଶ୍ରୀନାଥ ମିଶ୍ର, କିଷାନ ପଣ୍ଡା, ସଞ୍ଜୟ ରାୟ, ମାନସ କର, ରାମଚନ୍ଦ୍ର ଖୁଣ୍ଟିଆ, ବନ୍ଦିତା ପରିଡ଼ା, ବିଦ୍ୟାଧର ମହାନ୍ତି, ହରେକୃଷ୍ଣ ସାହୁ, ରସାନନ୍ଦ ମହାନ୍ତି ପ୍ରମୁଖ ଯୋଗଦାନ କରି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ସଭାସ୍ଥଳକୁ ଅଣାଯିବା ପାଇଁ ସ୍ଥିର କରାଯାଇଛି।

## ପରୀ -୨ କାର୍ଯ୍ୟକ୍ରମ, ଜଣେ ଉଦ୍ଧାର

କାଳିଆପାଣି, ୧୪।୯(ଡି.ଏନ୍,ଏ.)

କାଳିଆପାଣି ପୋଲିସ ପକ୍ଷରୁ ପରୀ -୨ କାର୍ଯ୍ୟକ୍ରମ ମାଧ୍ୟମରେ ଶୁକ୍ରବାର ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏଏସ୍‌ଆଇ ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଦଳ କାଳିଆପାଣି ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଏହି ସମୟରେ ଟାଟା ବଜାରସ୍ଥିତ ଏକ ହୋଟେଲରେ କାର୍ଯ୍ୟ କରୁଥିବା ଜଣେ ଶିଶୁ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଥିଲା। ଶିଶୁଟିର ଡାକ୍ତରୀ ପରୀକ୍ଷା ପରେ ଯାଜପୁରସ୍ଥିତ ଶିଶୁ ଶୁରକ୍ଷା କମିଟିକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ

ବରୀ,୧୪।୯(ସ୍ୱ.ପ୍ର)

ଯାଜପୁର ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ବରୀ ଶିକ୍ଷାମଣ୍ଡଳ ଅଧୀନ ରତ୍ନଗିରି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଂଘର ମହାସଚିବ ଅମୀୟ କୁମାର ଦାସ, ରାଜ୍ୟ ଉପସଭାପତି ପ୍ରଶାନ୍ତ ଶର,ସମ୍ମାନିତ ଅତିଥିଭାବେ ଜିଲା କାର୍ଯ୍ୟକାରିଣୀର ଉପସଭାନେତ୍ରୀ ମଂଜୁଲତା ଦାସ, ଉପ ସଭାପତି ଦେବରାଜ ମିଶ୍ର, ଜିଲା ସମ୍ପାଦକ ଶୈଳେନ୍ଦ୍ର କୁମାର ସାମଲ, ସହସମ୍ପାଦକ ଯୁଗଳ କିଶୋର ନାୟକ, ସଂଜୟ କୁମାର ସିଂହ, ସଂଯୋଜକ ସୁରେଶ କୁମାର ପତି ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ୧।୭।୨୦୧୪ ପରେ ୨୦ବର୍ଷ ଚାକିରି ପୂରଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଗ୍ରେଡ ପେ ପାଇ ନ ଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ତୁରନ୍ତ ଏମାନଙ୍କ ସମସ୍ୟାକୁ ରାଜ୍ୟ ସରକାର ସମାଧାନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ସାମଲ ଅତିଥି ପରଚୟ ପ୍ରଦାନ କରିଥିଲେ। ଶିକ୍ଷକ ନେତା ଶିଶିର କୁମାର ରାୟ, ନରେନ୍ଦ୍ର କୁମାର ପଣ୍ଡା, ବରୀ ବ୍ଲକ ସମ୍ପାଦକ ସୁଶାନ୍ତ କୁମାର ବେଉରା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ଆଶାଲତା ସାମଲ ପ୍ରମୁଖ ଉପସ୍ଥିତ ରହି ବୈଠକ ପରିଚାଳନାରେ ସହଯୋଗ କରିଥିଲେ ବୋଲି ବେଉରା ଜଣାଇଛନ୍ତି।

## ଛାତ୍ର ସଂସଦ ନିର୍ବାଚନ ପାଇଁ କସରତ ଆରମ୍ଭ

ବିରଜାକ୍ଷେତ୍ର,୧୪।୯(ଡି.ଏନ୍.ଏ)




**ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**
- ସ୍ୱୟଂଶାସିତ ନବୀକରଣ ପାଇଁ ପରିଚାଳନା କମିଟି ଗଠିତ
- ଯୋଗାଡ଼ ସରିଛି ୩୦୦ ତଥ୍ୟ, ବାକି ରହିଛି ୫୦
- ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରଖିଛନ୍ତି ଜିଲାପାଳ

ଯାଜପୁରର ସର୍ବପୁରାତନ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ନେଇ ତତ୍ପରତା ଦେଖାଦେଇଛି। ଏ ନେଇ ବିଭିନ୍ନ ରାଜନୈତିକ ଦଳର ଜନପ୍ରତିନିଧି ମହାବିଦ୍ୟାଳୟରେ କ୍ଷେତ୍ର ପ୍ରସ୍ତୁତ କରୁଥିବାବେଳେ ଛାତ୍ର ଅଶାନ୍ତି ସୃଷ୍ଟି କରିବାକୁ ପରୋକ୍ଷରେ ପ୍ରୟାସ ଚଳାଇଥିବା ଶୁଣିବାକୁ ମିଳିଛି। ପୂର୍ବତନ ୪ ଅଧକ୍ଷଙ୍କ ସମୟରେ ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଥିବାରୁ ଛାତ୍ର ଅଶାନ୍ତି ଲାଗି ରହିଥିଲା। ବର୍ତ୍ତମାନ ଫକୀର ମୋହନ ମଲ୍ଲିକ ୨୦୧୭ ସେପ୍ଟେମ୍ବରରେ ଅଧକ୍ଷ ଦାୟିତ୍ୱ ନେବାପରେ ଧୀରେ ଧୀରେ ସମସ୍ୟାର ସମାଧାନ ହେବାରେ ଲାଗିଛି। ଛାତ୍ରୀଛାତ୍ରଙ୍କ ସହିତ ସିଧାସଳଖ ସମ୍ପର୍କ ରଖି ସେମାନଙ୍କ ସମସ୍ୟା ବୁଝିବା ସହ ସମାଧାନ କରିବା ପାଇଁ ବିହିତ ପଦକ୍ଷେପ ନେଉଛନ୍ତି। ଏପରି କି ସ୍ୱୟଂଶାସିତ ନବୀକରଣ ପାଇଁ ପରିଚାଳନା କମିଟି ଗଠନ କରିବା ସହିତ ୟୁଜିସି ନିକଟରେ ତଥ୍ୟ ପ୍ରଦାନ କରିବା ପାଇଁ ଲାଗିପଡ଼ିଛନ୍ତି। ପୂର୍ବତନ ଅଧକ୍ଷ ନବୀକରଣ ପାଇଁ ୟୁଜିସି ନିକଟରେ ତଥ୍ୟ ପ୍ରଦାନ କରି ନ ଥିବାରୁ ୟୁଜିସି ଅର୍ଥ ଆସିପାରୁନାହିଁ। ନବୀକରଣ ପାଇଁ ୟୁଜିସି ନିକଟରେ ୩୫୦ରୁ ଉର୍ଦ୍ଧ୍ୱ ତଥ୍ୟ ଦାଖଲ କରିବା ପାଇଁ ନିୟମ ଥିବାବେଳେ ବର୍ତ୍ତମାନ ୩୦୦ ତଥ୍ୟର ନଥିପତ୍ର ଯୋଗାଡ଼ ହୋଇସାରିଛି। ବାକି ୫୦ ତଥ୍ୟର ନଥିପତ୍ର ଯୋଗାଡ଼ କରିବା ପରେ ଆସନ୍ତା ୨ ମାସ ମଧ୍ୟରେ ମହାବିଦ୍ୟାଳୟର ନବୀକରଣ ହୋଇପାରିବ ବୋଲି ସୂଚନା ଦେଇଛନ୍ତି। ଜିଲାପାଳ ରଞ୍ଜନ କୁମାର ଦାସ ବାରମ୍ବାର ମହାବିଦ୍ୟାଳୟ ଗସ୍ତକରି ଛାତ୍ରୀଛାତ୍ରଙ୍କ ସହ ସଂଯୋଗ ସ୍ଥାପନ କରି ବିଭିନ୍ନ ସମସ୍ୟା ଦୂର କରିବାରେ ପ୍ରୟାସ ଜାରି ରଖିଛନ୍ତି। ଏପରି କି କଲେଜରେ ବିଭିନ୍ନ ବିଭାଗର ନୂତନ ଘର ମଧ ନିର୍ମାଣ ସରି ପାଠପଢା ଆରମ୍ଭ ହେଲାଣି। ଆଉ କିଛି ମାସ ପରେ ଛାତ୍ର ସଂସଦ ନିର୍ବାଚନ ହେବ। ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ମାତ୍ର ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ନିଜ ଦଳପ୍ରତି ଆକୃଷ୍ଟ କରିବା ଓ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତ ଜାରି ରଖିବାପାଇଁ ରାଜନୈତିକ ଦଳର ଜନପ୍ରତିନିଧି କ୍ଷେତ୍ର ପ୍ରସ୍ତୁତ କରିଥିବା ଶୁଣିବାକୁ ମିଳିଛି। ରଣନୀତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗତବର୍ଷ ଛାତ୍ର ଅଶାନ୍ତି ଲାଗି ରହିବା ଦ୍ୱାରା ନିର୍ବାଚନ ହୋଇପାରି ନ ଥିଲା।



ନିଜକୁ ଯିଏ ବିଶ୍ୱାସ କରେ ନାହିଁ, ସେ ପରମାତ୍ମାଙ୍କୁ ବା କିପରି ବିଶ୍ୱାସ କରିପାରିବ।
- ବ୍ୟାସଦେବ



## ସଂକ୍ଷେପରେ

### ଡ୍ରେନର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
## ୪ନଂ. ୱାର୍ଡକୁ ୩ ନଂ. ଦର୍ଶାଇ ଚାଲିଛି କାର୍ଯ୍ୟ

**ଖୋର୍ଦ୍ଧା ଅଫିସ,୧୪।୯:** ଖୋର୍ଦ୍ଧା ଜିଲା ବାଲୁଗାଁ ଏନଏସିର ୪ନଂ. ୱାର୍ଡରେ ଚାଲୁ ରହିଥିବା ୨ଟି ଡ୍ରେନ କାର୍ଯ୍ୟରେ ସରକାରୀ ନୀତି ନିୟମ ମୁତାବକ ନିର୍ମାଣ ଉପକରଣ ବ୍ୟବହାର କରାଯାଉ ନ ଥିବା ଅଭିଯୋଗ ହୋଇଛି। ଡ୍ରେନ ନିର୍ମାଣରେ କେସିପି ସିମେଣ୍ଟ ବ୍ୟବହାର ହେଉଛି। ବାଲି ବଦଳରେ ଡଷ୍ଟ ଗୁଣ୍ଡର ବ୍ୟବହାର କରାଯାଉଛି। ଲୁହା ରଡ ବି ଭଲ କମ୍ପାନୀର ନୁହେଁ ବୋଲି ଅଭିଯୋଗ ରହିଛି। ଡ୍ରେନର କାର୍ଯ୍ୟ ନିମ୍ନମାନର ହେଉଥିବାବେଳେ ଅଭିଯୋଗ କଲେ ସୁଫଳ ମିଳୁନି। ଏଣୁ ଡ୍ରେନର ସ୍ଥାୟିତ୍ୱ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ୪ନଂ. ୱାର୍ଡ ଗାନ୍ଧୀ ଛକଠାରୁ ଶଙ୍କର୍ଷଣ ରଥଙ୍କ ପର୍ଯ୍ୟନ୍ତ ଚିଲିକା ରୋଡ ମୁଖ୍ୟ ନାଳର ମରାମତି ଓ ପୁନରୁଦ୍ଧାର ପାଇଁ ୧୩ ଲକ୍ଷ ୫୦ ହଜାର ୧୧୦ଟଙ୍କା ମଞ୍ଜୁର ହୋଇଛି। ସେହିପରି ୪ନଂ. ୱାର୍ଡ ଶଙ୍କର୍ଷଣ ରଥଙ୍କ ଘରଠାରୁ କାଳିଜାଇ ମୋଟର ଆସୋସିଏଶନ ଅଫିସ ପର୍ଯ୍ୟନ୍ତ ୨୧ ଲକ୍ଷ ୨୭ ହଜାର ୬୩୩ ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ନାମଫଳକରେ ୨୧ ଲକ୍ଷ ୨୭, ୬୩୩ ଟଙ୍କାର କାର୍ଯ୍ୟକୁ ୱାର୍ଡ ନଂ. ୩ ଦର୍ଶାଯାଇଛି। ଲେଖାରେ ତ୍ରୁଟି ରହିଛି ନାଁ ଜାଣିଶୁଣି ତ୍ରୁଟି କରାଯାଇଛି ତହା ତଦନ୍ତ ସାପେକ୍ଷ।

### ଜଟଣୀ ଗଣେଶ ମହୋତ୍ସବ
## ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ମନ ମୋହିଲା

**ଜଟଣୀ,୧୪।୯(ଡି.ଏନ.ଏ):** ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉତ୍ସବର ଶୁକ୍ରବାର ଦ୍ୱିତୀୟ ଦିନରେ ବହୁ ଜନସମାଗମ ହୋଇଥିଲା। ବିଭିନ୍ନ ପୂଜା ପେଣ୍ଡାଲଗୁଡିକରେ ଗହଳି ପରିଲକ୍ଷିତ ହୋଇଥିଲା। ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡିୟମ ପରିସରରେ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଜଟଣୀ ଗଣେଶ ମହୋତ୍ସବ ପେଣ୍ଡାଲରେ ବିଭିନ୍ନ ପାରମ୍ପରିକ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ଦିନ ଉତ୍ସବରେ ମହିଳା ଶିଶୁକଲ୍ୟାଣ ବିଭାଗର ଜଏଣ୍ଟ ସେକ୍ରେଟାରୀ ଧରଣୀଧର ନନ୍ଦ, ହାସ୍ୟ ଅଭିନେତା ଜୀବନ ପଣ୍ଡା, ମଧୁଲିକା ପତ୍ରିକାର ସମ୍ପାଦିକା ମଧୁମିତା ପରିଡ଼ା, ସାମାଜିକ କର୍ମୀ ପ୍ରୀତିଛନ୍ଦା ଧଳ, ସୁରଜ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନୃତ୍ୟଶ୍ରୀ ଓ ବିଶ୍ୱରୂପା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଲୋକଙ୍କ ମନ ଛୁଇଁ ନେଇଥିଲା। ଏଠାରେ ହୋଇଥିବା ମିନାବଜାର, ସର୍କସ, ବିଭିନ୍ନ ମନୋରଞ୍ଜନ ଧର୍ମୀ ଖେଳ ନିକଟରେ ପ୍ରବଳ ଗହଳି ହୋଇଥିଲା। ସେହିପରି ଖୁଦୁପୁର ଛକରେ ହୋଇଥିବା ମହୋତ୍ସବ ପରିସରରେ ଅନେକ ଜନସମାଗମ ହୋଇଥିଲା। ପୋଲିସ କମିଶନର ସତ୍ୟଜିତ ମହାନ୍ତି ବିଭିନ୍ନ ପୂଜା ପେଣ୍ଡାଲ ବୁଲି ରାତିରେ ଶାନ୍ତି ଶୃଙ୍ଖଳା ପରିସ୍ଥିତିର ତଦାରଖ କରିଥିଲେ।

## ଗୋପୀନାଥ ମନ୍ଦିରରେ ଶ୍ରୀମଦ୍ ଭାଗବତ ସପ୍ତାହ ଆରମ୍ଭ

**ଜଟଣୀ,୧୪।୯(ଡି.ଏନ.ଏ.):** ଜଟଣୀସ୍ଥିତ ଗୋପୀନାଥ ମନ୍ଦିର ପରିସରରେ ଶୁକ୍ରବାରଠାରୁ ଶ୍ରୀମଦ୍ ଭାଗବତ ସପ୍ତାହ କଥା ଆରମ୍ଭ ହୋଇଛି। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଉତ୍ତରାୟଣୀ ମନ୍ଦିରରୁ ଏକ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ବୃନ୍ଦାବନରୁ ଆସିଥିବା ପଣ୍ଡିତ ସୁରେଶ ଚନ୍ଦ୍ର ଶାସ୍ତ୍ରୀ ଦୈନିକ ଭାଗବତ ଉପରେ ପ୍ରବଚନ ଦେଉଛନ୍ତି।

## ଜଙ୍କିଆ ପଲ୍ଲୀ ଉତ୍ସବ - ୨୦୧୮

**ନିରାକାରପୁର,୧୪।୯(ଡି.ଏନ.ଏ.):** ନିରାକାରପୁର ପଞ୍ଚାୟତସ୍ଥ ଜଙ୍କିଆ(ଖୋର୍ଦ୍ଧା), ବାଲିଗାଡ଼ିଆର ଓଁ ଶ୍ରୀ ଯୁବ ପରିଷଦ ପକ୍ଷରୁ ଜଙ୍କିଆ ପଲ୍ଲୀ ଉତ୍ସବ-୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲିଗାଡ଼ିଆର ବାସନ୍ତୀ କ୍ଲବ୍ ପଡିଆରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିନ୍ଦ୍ର ନାଥ ମିତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମଙ୍ଗୁଳୀ ଜେନା ଓ କେଳୁ ଚରଣ ଜଗଦେବ ମଞ୍ଚାସୀନ ହୋଇ ପଲ୍ଲୀ ଉତ୍ସବର ମହତ୍ୱ ସମ୍ବନ୍ଧରେ କହିଥିଲେ। ଏହା ଦ୍ୱାରା ସାହିତ୍ୟ, ସଂସ୍କୃତି ଓ ଲୋକକଳା ଉଜ୍ଜୀବିତ ହେବା ସହ କିପରି ମନୋରଞ୍ଜନ ଧର୍ମୀ ହୋଇଥାଏ ସେ ସମ୍ବନ୍ଧରେ ମତାମତ ପ୍ରକାଶ ପାଇଥିଲା। କୃଷ୍ଣଚନ୍ଦ୍ର ନରେନ୍ଦ୍ର ସଭାପତି, ବିଶ୍ୱଭୂଷଣ ଛୋଟରାୟ ସଂଯୋଜକ ଓ ସୌମେନ୍ଦ୍ର ସାମନ୍ତରାୟ ଉପସ୍ଥାପକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜମିବାଡ଼ିକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

- ମା’ ପୁଅ ଗୁରୁତର, ଦୁଇ ଯା’ ଆହତ
- ୪ ଜଣଙ୍କୁ ଗିରଫ କଲା ଇଟାମାଟି ପୋଲିସ

**ନୟାଗଡ଼ ଅଫିସ,୧୪।୯**

ଜମିବାଡ଼ିକୁ କେନ୍ଦ୍ର କରି ଶୁକ୍ରବାର ନୟାଗଡ଼ ଜିଲା ଇଟାମାଟି ଥାନା ବାଉଁଶିଆପଡ଼ା ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହି ଗଣ୍ଡଗୋଳରେ ଗୋଟିଏ ପରିବାରର ମା’ ପୁଅ ଗୁରୁତର ହୋଇଥିଲା ବେଳେ ଅନ୍ୟ ଗୋଟିଏ ପରିବାରର ଦୁଇ ଯା’ ଆହତ ହୋଇଛନ୍ତି। ଗୁରୁତର ଦୁଇଜଣ ହେଲେ ରାମଚନ୍ଦ୍ର ମହାନ୍ତିଙ୍କ ସ୍ତ୍ରୀ ଇକି ଓ ପୁଅ ପାଣ୍ଡବ ମହାନ୍ତି। ଆହତ ଦୁଇ ଯା’ ହେଲେ ଯୋଗେନ୍ଦ୍ର କଅଁରଙ୍କ ସ୍ତ୍ରୀ ଝୁନୁ ଓ ପ୍ରହ୍ଲାଦ କଅଁରଙ୍କ ସ୍ତ୍ରୀ ଗୋଲାପ। ସେହିଭଳି ରାମଚନ୍ଦ୍ରଙ୍କ ବଡ଼ ପୁଅ ଗେଣ୍ଡା ମଧ୍ୟ ଆହତ ହୋଇଛନ୍ତି। ଇକିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି। ପାଣ୍ଡବ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଗ୍ରାମର ରାମଚନ୍ଦ୍ର ମହାନ୍ତି ଓ ଯୋଗେନ୍ଦ୍ର କଅଁରଙ୍କ ପରିବାର ମଧ୍ୟରେ ଏକ ଜମିକୁ ନେଇ ବହୁ ଦିନରୁ ବିବାଦ ଲାଗିଥିଲା। ଉକ୍ତ ଜମିରେ କିଛି ମାସ ତଳେ ରାମଚନ୍ଦ୍ରଙ୍କ ପରିବାର ଲୋକେ ପଥର ପୋତି ଅକ୍ତିଆର କରିଥିଲେ। ଏହି ଘଟଣାକୁ ନେଇ ଗୁରୁବାର ଅପରାହ୍ନରେ ଦୁଇ ପରିବାର ମଧ୍ୟରେ ଗଣ୍ଡାଗୋଳ ହୋଇଥିଲା। ପରେ ରାମଚନ୍ଦ୍ର ଏ ନେଇ ଇଟାମାଟି ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ଗ୍ରାମରେ ଏହି ସମସ୍ୟା ସମାଧାନ ହୋଇପାରିବ ବୋଲି କୁହାଯିବା ପରେ ରାମଚନ୍ଦ୍ର ଘରକୁ ଫେରି ଆସିଥିଲେ। ଶୁକ୍ରବାର ସକାଳେ ଝୁନୁ ଓ ଗୋଲାପ କହଁର ବିଲକୁ ଯାଇ ଘରକୁ ଫେରୁଥିବା ବେଳେ ଦାଣ୍ଡରେ ରାମଚନ୍ଦ୍ରଙ୍କ ସ୍ତ୍ରୀ ଇକି ତାଙ୍କୁ ଗାଳି କରିଥିଲେ। ପରେ ଉଭୟ ୩ ଜଣଙ୍କ ମଧର ବଚସା ହୋଇଥିଲା। ପରେ ଦୁଇ ଯା’ ଘରକୁ ଯାଇ ପରିବାର ଲୋକଙ୍କୁ ଏ ବିଷୟରେ କହିଥିଲେ। ହାତରେ କଟୁରି ଧରି ଝୁନୁ , ଗୋଲାପଙ୍କ ପରିବାର ଲୋକ ରାମଚନ୍ଦ୍ରଙ୍କ ଘରକୁ ଆସିଥିଲେ। ରାମଚନ୍ଦ୍ର ଘରେ ନ ଥିବା ସମୟରେ ସେମାନଙ୍କ ପରିବାର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ଇକି, ପାଣ୍ଡବଙ୍କ ମୁଣ୍ଡରେ ଆକ୍ରମଣ ହେବାରୁ ସେଠାରେ ହିଁ ସେମାନେ ଅଚେତ ହୋଇ ପଡ଼ିଯାଇଥିଲେ। ସେହିଭଳି ଗେଣ୍ଡା, ଝୁନୁ ଓ ଗୋଲାପ ମଧ୍ୟ ଆକ୍ରମଣରେ ଆହତ ହୋଇଛନ୍ତି। ଇଟାମାଟି ପୋଲିସ ଘଟଣାସ୍ଥଳରେ ପହଞ୍ଚି କଟୁରି ଜବତ କରିଛି। ରାମଚନ୍ଦ୍ରଙ୍କ ଅଭିଯୋଗକୁ ଆଧାର କରି ଥାନାରେ ନଂ ୧୧୫/୧୮ରେ ଏକ ମାମଲା ରୁଜୁ କରି ଯୋଗେନ୍ଦ୍ର, ତାଙ୍କ ପୁଅ ଗଣେଶ, ଝୁନୁ , ଗୋଲାପ ପ୍ରମୁଖ ୪ ଜଣଙ୍କୁ ଗିରଫ କରିଛି। ରାମଚନ୍ଦ୍ରଙ୍କ ପରିବାର ମଧ୍ୟ ଆକ୍ରମଣ କରିଥିବାରୁ ଅଭିଯୋଗ ପରେ ସେମାନଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ଥାନା ଅଧିକାରୀ ସରୋଜ କୁମାର ସାହୁ ପ୍ରକାଶ କରିଛନ୍ତି।



ଗୁରୁତର ଇକି।

# ଶାଶୁ, ଶଶୁର ଓ ସ୍ୱାମୀଙ୍କ ନାମରେ ଯୌତୁକ ନିର୍ଯାତନା ଅଭିଯୋଗ

**ଭାପୁର,୧୪।୯(ଡି.ଏନ.ଏ.)**

ବିବାହର ୯ ବର୍ଷ ପରେ ୨ଟି ସନ୍ତାନର ଜନନୀ ଜଣେ ମହିଳା ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଧାନଘର ନୂଆଗାଁ ଗ୍ରାମର ସ୍ୱର୍ଗତ ଲିଙ୍ଗରାଜ ମଙ୍ଗରାଜଙ୍କ ଝିଅ ଲୈଳାସୁନ୍ଦରୀ ପ୍ରଧାନ(୩୭)୯ ବର୍ଷ ପୂର୍ବେ ନୟାଗଡ଼ ଜିଲା ଫତେଗଡ ଥାନା ତରବାଲୋ ଗ୍ରାମର ବିରଞ୍ଚି ପ୍ରଧାନଙ୍କୁ ବିବାହ କରିଥିଲେ। ଉଭୟଙ୍କର ୭ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛନ୍ତି। ଗୁରୁବାର ଅପରାହ୍ନରେ ଲୈଳାସୁନ୍ଦରୀ ଫତେଗଡ ଥାନାରେ ତାଙ୍କୁ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ଯୌତୁକ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ୧୭୫/୧୮ରେ ମାମଲା ରୁଜୁ ହୋଇଛି। ଅପରପକ୍ଷେ ଶ୍ୱଶୁର ଘରଲୋକେ ତାଙ୍କ ବୋହୂର ମାନସିକ ବିକୃତି ଥିବା କହିଛନ୍ତି। ଲୈଳାସୁନ୍ଦରୀ ବର୍ତ୍ତମାନ ତାଙ୍କ ୩ ବର୍ଷର ଝିଅକୁ ନେଇ ବାପଘରେ ରହୁଥିବା ବେଳେ ୭ ବର୍ଷର ପୁଅ ବାପାଙ୍କ ପାଖରେ ତରବାଲୋ ଗ୍ରାମରେ ରହୁଛନ୍ତି।

## ଭାଜପା ପକ୍ଷରୁ ଜରିପାଲ ବଣ୍ଟନ

**ନୟାଗଡ଼ ଅଫିସ,୧୪।୯**

କିଛିଦିନ ତଳେ ଲଗାଣ ବର୍ଷାରେ ନୟାଗଡ଼ ବ୍ଲକ ବାଉଁଶିଆପଡ଼ା ମହାପାତ୍ର ସାହିର ଦୁଃଶାସନ ମହାପାତ୍ରଙ୍କ ଘର ଭାଙ୍ଗି ଯାଇଥିଲା। ଫଳରେ ଦୁଃଶାସନ ଖୋଲା ଆକାଶ ତଳେ ରହୁଥିଲେ। ଏ ନେଇ ସେ ପ୍ରଶାସନିକ ଅଧିକାରୀଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶୁକ୍ରବାର ଭାଜପା କର୍ମୀ ପ୍ରଦୀପ୍ତ କୁମାର ପାତ୍ର, ଗୋକୁଳ ନାୟକଙ୍କ ତତ୍ତ୍ୱାବଧାନରେ ଦୁଃଶାସନଙ୍କ ପରିବାରକୁ ଜରିପାଲ ଦିଆଯାଇଥିଲା।

## ପ୍ଲାଷ୍ଟିକ ଫ୍ରି ଅଭିଯାନରେ ୧୦୦ ଛାତ୍ରୀଛାତ୍ର ସାମିଲ

**ଓଡ଼ଗାଁ,୧୪।୯(ସ୍ୱ.ପ୍ର.)**

ପ୍ଲାଷ୍ଟିକ ଓ ପଲିଥିନର ବହୁଳ ବ୍ୟବହାର ପରିବେଶକୁ ପ୍ରଦୂଷିତ କରିଛି । ସାରା ବିଶ୍ୱର କୋଣ ଅନୁକୋଣରେ ଚିନ୍ତାର କାରଣ ପାଲଟିଛି । ଏପରିସ୍ଥଳେ ବିଶ୍ୱକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବାକୁ ବ୍ୟାପକ ଜନ ସଚେତନତାର ଆବଶ୍ୟକତା ରହିଛି । ପ୍ରଥମେ ଓଡଗାଁସ୍ଥିତ ଏକ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଶୋଭାଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହିତ ଏହି ଅଭିଯାନରେ ସ୍ୱତଃ ସାମିଲ ହୋଇଥିଲେ । ପରବର୍ତ୍ତୀ ସମୟରେ ନିକଟସ୍ଥ ଏକ ହାଇସ୍କୁଲର ଛାତ୍ରୀଛାତ୍ର ,ଶିକ୍ଷକମାନେ କାଗଜ ଠୁଙ୍ଗା ପ୍ରସ୍ତୁତ କରି ଲୋକଙ୍କ ମଧରେ ବାଣ୍ଟିବା ସହିତ ଏହାର ପ୍ରସ୍ତୁତି କୌଶଳ ଶିକ୍ଷା ଦେଇଥିଲେ । ସେହିପରି ଶୁକ୍ରବାର ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ରଘୁନାଥ ଷ୍ଟଡିକେୟାର ତରଫରୁ ଆୟୋଜିତ ସ୍ୱାଗତ ସମାବେଶରେ ୧୦୦ ଛାତ୍ରୀଛାତ୍ର ପ୍ଲାଷ୍ଟିକ ଫ୍ରି-ଓଡ଼ଗାଁ ଅଭିଯାନରେ ସାମିଲ ହୋଇଛନ୍ତି । ଆୟୋଜିତ ସମାବେଶରେ ଧରିତ୍ରୀ ଦ୍ୱାରା ଅନୁପ୍ରାଣିତ ହୋଇ ସମସ୍ତେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ଏକ ସ୍ୱରରେ ନା ବୋଲି କହିଥିଲେ । ଯାହାକି ଉପସ୍ଥିତ ଅତିଥି, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବେଶ ଅଭିଭୂତ କରିଥିଲା । ତହସିଲଦାର ଦୟାନିଧି ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସାରସ କୁମାର ମିଶ୍ର ଓ ସନ୍ତୋଷ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁଇ ବର୍ଷ ହେଲା କାର୍ଯ୍ୟାଦେଶ ମିଳିଛି, କାମ ହେଉନି

**ଖୋର୍ଦ୍ଧା ଅଫିସ,୧୪।୯**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାଚୁଣୀ ପଞ୍ଚାୟତ ସୁନାଖଳା ଗ୍ରାମ୍ୟ ରାସ୍ତାଠାରୁ କଦମ୍ବ ଗଛ ପର୍ଯ୍ୟନ୍ତ ପଶ୍ଚିମ ପାର୍ଶ୍ୱ ବସ୍ତି ରାସ୍ତା ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ କଂକ୍ରିଟ ରାସ୍ତା ପାଇଁ ଅଢ଼େଇ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ମିଳିଛି। କାର୍ଯ୍ୟାଦେଶ ୨ ବର୍ଷ ହେଲା ମିଳିଥିଲେ ମଧ ଏଯାବତ କାମ ଆରମ୍ଭ ହୋଇପାରୁନି। ଏଭଳିସ୍ଥଳେ ବର୍ଷାଜଳ ରାସ୍ତାରେ ପ୍ରବାହିତ ହୋଇ ରାସ୍ତା ଖାଲଖମାରେ ପରିଣତ ହୋଇଛି। ଗାଁଲୋକ ରାସ୍ତା କାମ ପାଇଁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ ସୁଫଳ ମିଳୁନି।

# ଭାତଗଦା-ଭାଲିଆପଦର ରାସ୍ତା ଶୋଚନୀୟ

### ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାରେ ସାମିଲ ଦାବି

**ଦଶପଲ୍ଲା,୧୪।୯(ଡି.ଏନ.ଏ.)**

କୌଣସି ଗ୍ରାମ ରାସ୍ତା କଚ୍ଚା ରହିବ ନାହିଁ ବୋଲି ସରକାରଙ୍କ ତରଫରୁ କୋଟି କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ ରାସ୍ତା କାମ ହେଉଛି। ତେବେ ଏହି ସବୁ ଯୋଜନାରୁ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ବାଦ ପଡିଯାଉଛି । ପ୍ରଶାସନର ଅଣଦେଖା ଯୋଗୁ ଏହି ଉପାନ୍ତ ଅଞ୍ଚଳଗୁଡିକରେ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ କୌଣସି ଯୋଜନାରେ ମାଟି ମୁଠେ ମଧ ପଡିନାହିଁ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଦଶପଲ୍ଲା ବ୍ଲକ ଚଢେୟାପଲି ପଞ୍ଚାୟତରେ। ଏହି ପଞ୍ଚାୟତର ଭାତଗଦା ଠାରୁ ଭାଲିଆପଦର ୭ କିମି ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି । ଯାତାୟାତ ପାଇଁ ଦୁଇଟି ପଞ୍ଚାୟତର ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ ଆଣ୍ଠୁଏ କାଦୁଅରେ ଉକ୍ତ ଅଞ୍ଚଳର ଲୋକେ ଯାତାୟାତ କରିଥାନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ତରଫରୁ କୌଣସି ସୁଫଳ ମିଳୁନାହିଁ । ଆଦିମ ଶ୍ରମଜୀବୀ ମଞ୍ଚ ତରଫରୁ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାରେ ସାମିଲ କରି ନୂତନ ରାସ୍ତା ନିର୍ମାଣ ପାଇଁ ଦାବି ହେଉଛି।



ରାସ୍ତା କର୍ଦ୍ଦମାକ୍ତ।

### ରାଣୀଛେଲ୍ଲୀ ପଞ୍ଚାୟତରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ
# ୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଖଣ୍ଡପଡା,୧୪।୯(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଶୁକ୍ରବାର ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ ରାଣୀଛେଲ୍ଲୀ ପଞ୍ଚାୟତରେ ୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗତ ମାର୍ଚ୍ଚ ୫ ତାରିଖରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀରେ ‘ଆମ ଗାଁ ଆମ ବିକାଶ’ କାର୍ଯ୍ୟକ୍ରମ ଖଣ୍ଡପଡା ବ୍ଲକସ୍ତରରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ଗତ ମେ ମାସ ୨୫ ତାରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ଲକର ୨୨ ଗୋଟି ପଞ୍ଚାୟତରେ ୨୫୭ ପ୍ରକଳ୍ପ ଲାଗି ସର୍ବମୋଟ ୫ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିବା ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ ପଟ୍ଟନାୟକ ଶୁକ୍ରବାର ରାଣୀଛେଲ୍ଲୀ ପଞ୍ଚାୟତରେ ମୋଟ ୧୪ଲକ୍ଷ ଟଙ୍କାର ୭ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଗୁଡିକ ହେଲା ତୋଟାସାହି, ମା’ମଙ୍ଗଳା, ମଙ୍ଗଳପୁର ତ୍ରିନାଥ ଚଣ୍ଡୀ କମ୍ୟୁନିଟି ସେଣ୍ଟର, କଳପଙ୍ଗୀ ଗ୍ରାମସ୍ଥ ରଘୁନାଥ ଜୀଉ ଗୋଷ୍ଠୀକେନ୍ଦ୍ର, ଜୟବନ୍ଧ ଗୋଷ୍ଠୀକେନ୍ଦ୍ର, କଳପଙ୍ଗୀ ୟୁଜିଏମଇ ବିଦ୍ୟାଳୟ ପ୍ରାଚୀର। ପୃଥକ୍ ସ୍ଥାନରେ ଆୟୋଜିତ ଉତ୍ସବରେ ବିଧାୟକ ପଟ୍ଟନାୟକଙ୍କ ସହ ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାର ସିଂ, ରାଣୀଛେଲ୍ଲୀ ପଞ୍ଚାୟତ ବିଜେଡି ସଭାପତି ବିପିନ ବିହାରୀ ପ୍ରଧାନ, ଶ୍ୟାମଘନ ପ୍ରଧାନ, ଯୁବ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, ମାଟିଆ ନାୟକ, କପିଳ ମହାରଣାଙ୍କ ସମେତ ବହୁ ମହିଳାପୁରୁଷ ଉପସ୍ଥିତ ଥିଲେ ।



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକଙ୍କ ସହ ଅନ୍ୟମାନେ।

## ବିଜେଡି କର୍ମୀ ସମ୍ମିଳନୀ

**ଟାଙ୍ଗୀ(ଖୋର୍ଦ୍ଧା), ୧୪।୯(ଡି.ଏନ.ଏ.)**

ଚିଲିକା ନିର୍ବାଚନ ମଣ୍ଡଳୀର ଜରିପଡ଼ା ପଞ୍ଚାୟତସ୍ତରୀୟ ବିଜେଡି କର୍ମୀସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କାର୍ତ୍ତିକେଶ୍ୱର ବଜାର ନିକଟସ୍ଥ ପଡିଆରେ ଏହା ଆୟୋଜିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ଯୁବ ବିଜେଡି ସଭାପତି ମହେଶ ବିଶ୍ୱାଳ, ଏମ୍‌ପି ପ୍ରତିନିଧି ରମେଶ ମହାପାତ୍ର, ଜରିପଡ଼ା ପଞ୍ଚାୟତ ସଭାପତି ଦାମୋଦର ଜେନା, ବିଜୟ ବଳିୟାରସିଂହ, ବସନ୍ତ ପ୍ରଧାନ, ପଦ୍ମଚରଣ ବେହେରା, ଭିକାରୀ ବେହେରା ଓ ୫ ନଂ ଜୋନ୍ ଆବାହକ ଅର୍ଜୁନ ବିଶ୍ୱାଳ ପ୍ରମୁଖ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ମତାମତ ରଖିଥିଲେ। ଏହି ଅବସରରେ ରଘୁନାଥ ପ୍ରଧାନ, ମନୋରଞ୍ଜନ ବଳବନ୍ତରାୟ ଓ ଗଙ୍ଗାଧର ମାନସିଂହ ପ୍ରମୁଖ ୫୦ ଜଣ ଭାଜପା ଯୁବକର୍ମୀ ବିଜେଡିରେ ଯୋଗଦେଇଥିଲେ।

# ହିନ୍ଦୀ ଦିବସ ପାଳିତ



ମୁଖ୍ୟ ଅତିଥି ଜଣେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକଙ୍କୁ ସମ୍ମାନିତ କରୁଛନ୍ତି।

**ନୟାଗଡ଼ ଅଫିସ,୧୪।୯**

ନୟାଗଡ଼ ଜିଲା ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ସହରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଜୟକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ ମୁଖ୍ୟ ଅତିଥି ଓ ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ସୟଦ ଟି ରହମାନ୍, କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଏସ୍ ଶ୍ରୀନିବାସନ୍, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳିସାହୁ, ସାହିତ୍ୟିକା କାଞ୍ଚନ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ହିନ୍ଦୀ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅବସରଗ୍ରହଣ କରିଥିବା ଜିଲାର ୪ ଜଣ ହିନ୍ଦୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରବାସିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ସଭା ନ ହେଉଣୁ ମୁଣ୍ଡଟେକିଲାଣି ବିବାଦ

**ନୟାଗଡ଼ ଅଫିସ,୧୪।୯**

ଓଡ଼ିଶା ଶିଳ୍ପୀ ମହାସଂଘର ସ୍ୱର୍ଣ୍ଣରୌପ୍ୟ ଶିଳ୍ପୀ ସଂଘ ଶାଖା ନୟାଗଡ଼ ଜିଲା ପକ୍ଷରୁ ରବିବାର ଇଟାମାଟିଠାରେ ଏକ ସମାବେଶ ଅନୁଷ୍ଠିତ ହେବ। ତେବେ ଏହାକୁ ନେଇ ବିବାଦ ମୁଣ୍ଡଟେକିଲାଣି। କିଛି ଲୋକ ଏହାର ପ୍ରତିବାଦ କରିଛନ୍ତି। ସେହିଭଳି ଏଥିରେ ଯୋଗ ଦେବାକୁ ଥିବା ଅତିଥିମାନଙ୍କୁ ଭେଟି ଏଠାରେ ଯୋଗ ନ ଦେବାକୁ ମଧ ସେମାନେ ଅନୁରୋଧ କରିଛନ୍ତି। ଯାହାକୁ ନେଇ ଦ୍ୱନ୍ଦ ଦେଖାଦେଇଛି। ଓଡ଼ିଶା ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପର ନୟାଗଡ଼ ଜିଲା ସଭାପତି ସୋମନାଥ ସାଥୁଆ ଓ ବିଶ୍ୱନାଥ ମହାପାତ୍ରଙ୍କ ଅଭିଯୋଗ ଅନୁସାରେ ଆୟୋଜନ କରୁଥିବା ଲୋକମାନେ ସେମାନଙ୍କ ସଂଘରେ ନାହାନ୍ତି। କିଛି ଖଳ ପ୍ରକୃତିର ଲୋକ ଏଥିରେ ସାମିଲ ହୋଇ ଏହିଭଳି ସଭାର ଆୟୋଜନ କରୁଛନ୍ତି। ତେଣୁ ଏହି ସଭାରେ ରାଜ୍ୟ କମିଟିର ସଭାପତିମାନେ ଯାଉ ନ ଥିବାରୁ ଏଥିରେ ଯୋଗ ନ ଦେବାକୁ ଶିଳ୍ପୀମାନଙ୍କୁ ଅନୁରୋଧ କରିଛନ୍ତି। ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି ନୟାଗଡ଼ ଜିଲା ସ୍ୱର୍ଣ୍ଣରୌପ୍ୟ ଶିଳ୍ପୀ ସଂଘର ସଭାପତି ସନ୍ତୋଷ କୁମାର ସାଥୁଆ। କିଛି ବ୍ୟକ୍ତି ଅକ୍ରୋଶ ମନୋଭବ ରଖି ଏହିଭଳି ଅଭିଯୋଗ କରିଥିବା ସନ୍ତୋଷ ପ୍ରକାଶ କରିଛନ୍ତି।

ସ୍ୱର୍ଣ୍ଣରୌପ୍ୟ ଶିଳ୍ପୀସଂଘ




ଛପା ହୋଇଥିବା ନିମନ୍ତ୍ରଣପତ୍ର।

- ଜଙ୍ଗଲରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା

# ପୋଲିସ ରୁଜୁ କରୁନି ମାମଲା

**ଭାପୁର,୧୪।୯(ଡି.ଏନ.ଏ.)**

ନୟାଗଡ ଜିଲା ଫତେଗଡ ଥାନା ପିଠାଖାଇ ଜଙ୍ଗଲ ରାସ୍ତାରେ ଗତ ୧୦ ତାରିଖରେ ଦୁର୍ଘଟଣାର ଶିକାର ହୋଇ ଅଚେତ ଅବସ୍ଥାରେ ଉଦ୍ଧାର ହୋଇଥିବା ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ କିମ୍ବା ମାମଲା ରୁଜୁ କରାଯାଉନାହିଁ। ଏ ନେଇ ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟମାନେ ଶୁକ୍ରବାର ନାବାଳିକାଙ୍କ ଘରକୁ ଯାଇଥିଲେ ହେଁ ତାଙ୍କୁ ଭେଟି ପାରି ନ ଥିଲେ। ଘଟଣା ପରଠାରୁ ନାବାଳିକା ତାଙ୍କ ସମ୍ପର୍କୀୟ ଘରେ ରହୁଛନ୍ତି। ଏହି ଘଟଣାରେ ବିଜେଡ଼ି ସମର୍ଥିତ କିଛି ଯୁବକ ସାମିଲ ଥିବା ଓ ମାମଲାକୁ ଟଙ୍କା ଦେଇ ରଫାଦଫା କରାଯାଇଥିବା ଭାଜପା ପକ୍ଷରୁ ଗୁରୁତର ଅଭିଯୋଗ ହୋଇଛି। ଏନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଫତେଗଡ ଥାନା ଅଞ୍ଚଳର ଜଣେ ୯ମ ଶ୍ରେଣୀ ନାବାଳିକା ଛାତ୍ରୀ ସାଇକେଲ ଯୋଗେ ଭାପୁର ଆସୁଥିବା ବେଳେ ସୋମବାର ପିଠାଖାଇ ଜଙ୍ଗଲ ନିକଟ ଫତେଗଡ-ଭାପୁର ରାସ୍ତାରେ ଦୁର୍ଘଟଣାର ଶିକାର ହୋଇ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏ ନେଇ ପୀଡିତାଙ୍କ ସମ୍ପର୍କୀୟ ଫତେଗଡ ଥାନାରେ ତାଙ୍କ ନାବାଳିକା ଝିଅକୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ କରିଥିଲେ। ଡିଏସ୍‌ପି ଓ ଆଇଆଇସିଙ୍କ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ଓ ନିକଟସ୍ଥ ସ୍ଥାନ ପରୀକ୍ଷା ନିରୀକ୍ଷା କରି ଫେରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ କରାଯାଇ ନାହିଁ କି ଏହି ଘଟଣାରେ କାହାକୁ ଅଟକ କିମ୍ବା ଗିରଫ କରାଯାଇନାହିଁ। ଶୁକ୍ରବାର ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନୟାଗଡ ଜିଲା ମହିଳା ପ୍ରଭାରୀ ରଶ୍ମିମୟୀ ପଟ୍ଟନାୟକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନସୂୟା ସାହୁ, ଜିଲା ମହିଳା ମୋର୍ଚ୍ଚା ଉପସଭାପତି ଇଂ.ଅର୍ଚ୍ଚନା ଦାସ ପ୍ରମୁଖ ନାବାଳିକାଙ୍କ ଘରକୁ ଯାଇଥିଲେ ହେଁ ତାଙ୍କ ଘରେ ତାଲା ପଡିଥିବାରୁ ଫେରି ଆସିଥିଲେ। ଏ ନେଇ ସେମାନେ ଥାନା ଆଇଆଇସିଙ୍କୁ ଘଟଣାରେ ମାମଲା ରୁଜୁ କରିବା ପାଇଁ କହିଥିବା ଜଣାପଡିଛି।



ଗ୍ରାମର ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି ଜିଲା ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାମାନେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

ବୁଗୁଡ଼ା,୧୪ା୯(ଡି.ଏନ୍.ଏ.): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ମଙ୍ଗଳପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଗାଧୋଇ ଯାଇଥିବା ବେଳେ ପୋଖରୀରେ ବୁଡ଼ି ନାରାୟଣ ଖଟାଇ (୩୨) ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ଶୁକ୍ରବାର ସକାଳେ ପୋଖରୀରେ ନାରାୟଣଙ୍କ ମୃତ ଦେହ ଭାସୁଥିବା ଦେଖିଥିଲେ। ଖବର ପାଇ ଘଟଣା ସ୍ଥଳରେ ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇ କେସ୍ ନଂ. ୧୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

### ଅଣ୍ଡରାସିଂହରେ ଚାରାରୋପଣ

ଶେରଗଡ,୧୪ା୯(ଡି.ଏନ୍.ଏ.): ଶେରଗଡ ବ୍ଲକ ଅଣ୍ଡରାସିଂହ ଗ୍ରାମରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ସାନଖେମୁଣ୍ଡି ଓ ଶେରଗଡ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ସୁରଞ୍ଜନ କୁମାର ସାହୁ, ବିଜେଡି ନେତା ସମୀର ପ୍ରଧାନ ଓ ବନ ଅଧିକାରୀ ଶୁଭଶ୍ରୀ ଶତପଥୀ ଯୋଗଦେଇ ଚାରା ରୋପଣ କରିଥିଲେ। ଅଣ୍ଡରାସିଂହ ଗାୟତ୍ରୀ ପରିବାର ପକ୍ଷରୁ ଶିବାଜି ବିଷୋୟୀ, ହର୍ଷ ସାମଲ, କପିଳା ବିଷୋୟୀଙ୍କ ସମେତ ବହୁ ଗାୟତ୍ରୀ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

### ମା’ ବୁଢ଼ୀ ଠାକୁରାଣୀ ଯାତ୍ରା କମିଟି ଗଠିତ

ଦିଗପହଣ୍ଡି,୧୪ା୯(ଡି.ଏନ.ଏ.): ଦିଗପହଣ୍ଡି ସହରର ଆରାଧ ଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ପରିଚାଳନା କମିଟି ଗଠନ କରାଯାଇଛି। ମା’ଙ୍କ ମନ୍ଦିର ପରିସରରେ ଆୟୋଜିତ ଆଲୋଚନା ସଭାରେ ବହୁସଂଖ୍ୟକ ସହରବାସୀ ଉପସ୍ଥିତ ଥିଲେ। ଯାତ୍ରା ପରିଚାଳନା କମିଟି ସଭାପତି ଭାବେ କୁରେଶୁ ମହାରଣା, ଉପସଭାପତି ଦୁର୍ଗା ପ୍ରସାଦ ମେକାପ, ସମ୍ପାଦକ ଅର୍ଦ୍ଧୁ ଗୋବିନ୍ଦ, ସହ ସମ୍ପାଦକ କୁରେଶୁ ମେକାପ, କୋଷାଧକ୍ଷ ଶିବ ଶଙ୍କର ମହାଙ୍କୁଡ଼, ଉପଦେଷ୍ଟା ଭାବେ ପନାଡ଼ି କ୍ରିଷ୍ଣାମା, ପ୍ରଦୀପ ପଣ୍ଡା, ପ୍ରଭାକର ରେଡ୍ଡୀ, ପ୍ରଶାନ୍ତ ପୂଜାରୀ, ଦୀପକ ମିଶ୍ର, ବିକାଶ ପଶୁପାଳକ ସର୍ବସମ୍ମତକ୍ରମେ ମନୋନୀତ ହୋଇଥିଲେ। ଆସନ୍ତା ଅକ୍ଟୋବର ୧୬ରୁ ୮ ଦିନ ବ୍ୟାପି ଏହି ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ।

### ଘରପୋଡ଼ି ସହ ଗଣେଶ ମେଢ଼ରେ ଲାଗିଲା ନିଆଁ

ବୁଗୁଡ଼ା,୧୪ା୯(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ିରେ ଗୁରୁବାର ରାତି ପ୍ରାୟ ୧୧ଟାରେ କୌଣସି କାରଣରୁ ନିଆଁ ଲାଗି ସୁବାସ ବିଷୋୟୀଙ୍କ ଏକ ବଖରା ଘର ପୋଡ଼ିଯିବା ସହ ଆସବାବପତ୍ର, ଧାନ ଚାଉଳ ପୋଡ଼ି ଯାଇଛି। ଏଥିସହ ଉକ୍ତ ବ୍ଲକ ରାମଣ୍ଡା ଉପର ସାହିରେ ହୋଇଥିବା ଗଣେଶ ମେଢ଼ରେ ଜିଅନ୍ତା ମୂଷା ଦ୍ୱାରା ନିଆଁ ଲାଗି ମେଢ଼ଟି ରାତି ୨ଟାରେ ପୋଡ଼ି ଯାଇଥିଲା। ମେଢ଼ରେ ଧଳା ଜିଅନ୍ତା ମୂଷାକୁ ବାହନ ରୂପେ ରଖାଯାଇଥିଲା। ଖବର ପାଇ ବୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ।

# ଚାଷୀଙ୍କୁ ମିଳୁନି, ଜଙ୍ଗଲରେ ଫୋପଡ଼ା ଯାଇଛି ହଳଦୀ ବିହନ

- ଉଚ୍ଚସ୍ତରୀୟ ତଦନ୍ତ ଦାବି
- କନ୍ଧମାଳ ହଳଦୀର ରହିଛି ଚାହିଦା

ଦାରିଙ୍ଗବାଡ଼ି,୧୪ା୯(ଡି.ଏନ.ଏ.)



ବଙ୍ଗରଦୁଆ ଘାଟିରେ ପଡିଥିବା ହଳଦୀ ବିହନ ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ବଙ୍ଗରଦୁଆ ଘାଟିରେ ଲକ୍ଷାଧିକ ଟଙ୍କାର ହଳଦୀ ବିହନ କେହି ଫୋପାଡ଼ି ଥିବା ଦେଖିବାକୁ ମିଳିଛି । ଗୋଟିଏ ପଟେ ଅଞ୍ଚଳରେ ଚାଷୀଙ୍କୁ ଠିକ ସମୟରେ ହଳଦୀ ବିହନ ମିଳୁ ନ ଥିବା ବେଳେ ଅନ୍ୟପଟେ ଶହ ଶହ କୁଇଣ୍ଟାଲ ଫିଙ୍ଗାଯିବା ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି। କିଏ ଏବଂ କେଉଁ ପରିସ୍ଥିତିରେ ଲକ୍ଷାଧିକ ଟଙ୍କାର ହଳଦୀ ବିହନକୁ ଜଙ୍ଗଲରେ ଫୋପାଡ଼ିଲା ତାହାର ତଦନ୍ତ କରିବାକୁ ସରପଞ୍ଚ ରମେଶ ମାଝିଙ୍କ ସମେତ ସାମାଜିକ କର୍ମୀ ସୁରେଶ ବଳିଆର ସିଂ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷରେ ଉଦ୍ୟାନ ବିଭାଗ କସମ ମାଧ୍ୟମରେ ଚାଷୀଙ୍କୁ ବିହନ ଦେଇ ରିହାତି ପ୍ରଦାନ କରୁଛି। ଅନଲାଇନରେ ଏସବୁ କରାଯାଉଛି। ବ୍ରାହ୍ମଣୀଗାଁ ଅଞ୍ଚଳରେ ମଧ୍ୟ କସମ ମାଧ୍ୟମରେ ଚାଷୀଙ୍କୁ ବିହନ ଦିଆଯାଉଛି। ତେବେ କିଏ ଏହି ହଳଦୀ ଫୋପାଡ଼ିଛି ତାହା କହିବା ମୁସ୍କିଲ ବୋଲି ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ରମାକାନ୍ତ ଗିରି କହିଛନ୍ତି।

ସାରା ବିଶ୍ୱରେ କନ୍ଧମାଳ ଜିଲା ହଳଦୀର ଚାହିଦା ରହିଛି। ଜୈବିକ ପଦ୍ଧତିରେ ଏହି ଚାଷ କାହିଁ କେଉଁ ଅମଳରୁ ଜନଜାତି ସଂପ୍ରଦାୟ କରିଆସୁଥିଲେ। ଏବେ ସବୁ ସଂପ୍ରଦାୟର ଲୋକ ହଳଦୀ ଚାଷ କରି ଭଲ ରୋଜଗାର କରୁଛନ୍ତି। ଏହି ଚାଷକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ଚାଷୀଙ୍କୁ ରିହାତି ଦରରେ ହଳଦୀ ବିହନ ଯୋଗାଉଛି। ଚଳିତ ବର୍ଷ କସମ ( କନ୍ଧମାଳ ଆପେକ୍ସ ସ୍ପାଇସେସ୍ ଆସୋସିଏଶନ ଫର ମାର୍କେଟିଂ) ପକ୍ଷରୁ ପାରମ୍ପରିକ କୃଷି ବିକାଶ ଯୋଜନାରେ ବ୍ଲକ ଅଞ୍ଚଳରେ ପ୍ରାୟ ୬୩୫ ଚାଷୀଙ୍କୁ ୨ କୁଇଣ୍ଟାଲ ଲେଖାଏ ହଳଦୀ ବିହନ ରିହାତି ଦରରେ ଯୋଗାଇ ଦିଆଯାଇଥିବା କସମର ସମ୍ପାଦକ ସଞ୍ଜିତ ପଟ୍ଟନାୟକ କହିଛନ୍ତି। ବିହନ ଯୋଗାଣ ବେଳେ ଫଟୋ ଉଠାଯାଉଛି, ଚାଷୀଙ୍କୁ ସରକାର ରିହାତି ଦେଉଛନ୍ତି। ଫୋପଡ଼ା ଯାଇଥିବା ହଳଦୀ କସମର ନୁହେଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଘରୋଇ ବ୍ୟବସାୟୀମାନେ ମଧ୍ୟ ଏହି ହଳଦୀ ବିହନ ବ୍ୟବସାୟ କରୁଛନ୍ତି। ତେଣୁ କେହି ଘରୋଇ ଅନୁଷ୍ଠାନ ବିହନ ବିକ୍ରି କରି ନ ପାରି ନଷ୍ଟ ହେବାରୁ ଫିଙ୍ଗିଥିବା ଆଶଙ୍କା କରାଯାଉଛି।

## ସ୍ୱାସ୍ଥ୍ୟ ମିଶନ ପରିଚାଳନା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

# ୨୩୨ ଆଶାକର୍ମୀଙ୍କ ପ୍ରାପ୍ୟ ନୋହିଲା

ଦାରିଙ୍ଗବାଡ଼ି,୧୪ା୯(ଡି.ଏନ.ଏ.)

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା ସଂଘର ୬ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି । ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସମସ୍ୟା ଦେଖାଯାଇଛି । ଏଥିରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜରଙ୍କ ସମେତ ଆକାଉଣ୍ଟ ମ୍ୟାନେଜର, ମ୍ୟାଲେରିଆ ଟେକ୍ନିକାଲ ସୁପରଭାଇଜର, ଡାଟା ଅପରେଟର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଫଳରେ ଆମ୍ବୁଲାନ୍ସ ଚଳାଇବାକୁ ଡିଜେଲ ମିଳିବା ବନ୍ଦ ହୋଇଯାଇଥିବା ବେଳେ ବ୍ଲକ ଅଞ୍ଚଳରେ ଥିବା ୨୩୨ ଆଶାକର୍ମୀଙ୍କୁ ମାସିକ ପ୍ରାପ୍ୟ ମିଳିନାହିଁ । ଆଗାମି ଦିନରେ ପ୍ରାପ୍ୟ ମିଳିବାରେ ବିଳମ୍ବ ହେଲେ ଆଶା କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି । ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅମୂଲ୍ୟ ପାଣିଗ୍ରାହୀ କହିଛନ୍ତି, ସେମାନେ ସରକାରଙ୍କ ନିକଟରେ ୬ଦଫା ଦାବି ପୂର୍ବରୁ କରିଆସିଛନ୍ତି । ସରକାର ନ ଶୁଣିବାରୁ ସେମାନେ ଏବେ କାର୍ଯ୍ୟବନ୍ଦ କରି ସୋମବାରରୁ ଭୁବନେଶ୍ୱରରେ କରିଛନ୍ତି । ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରାଜ କିଶୋର ସାହୁ କହିଛନ୍ତି, ଜିଲାରେ ୧୫୩୦ ଜଣ ଆଶାକର୍ମୀଙ୍କୁ ତାଙ୍କ ପ୍ରାପ୍ୟ ମିଳି ନାହିଁ । ସେମାନଙ୍କ ଦାବି ମଧ୍ୟରେ ରହିଛି ଯେ ନନ୍ ମେଡିକୋ ପବ୍ଲିକ ହେଲ୍ଥ ମ୍ୟାନେଜେରିଆଲ କ୍ୟାଡର ସୃଷ୍ଟି କରି ଚାକିରି ନିୟମିତ କରାଯିବା ସହ ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ସର୍ବନିମ୍ନ ଦରମା ୧୮ ହଜାରରୁ ଅଧିକ ସହିତ ସରକାରୀ କର୍ମଚାରୀଙ୍କ ଭଳି ଭତ୍ତା ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା, ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ କର୍ମଚାରୀଙ୍କ ମଧ୍ୟରେ ଥିବା ଦରମା ଅସମାନତା ଦୁର କରିବା, ସମସ୍ତଙ୍କ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ) ବ୍ୟବସ୍ଥା ପ୍ରଦାନ କରିବା, ପରଫରମାନ୍ସ ଇନସେଣ୍ଟିଭ୍ ଉଚ୍ଛେଦ କରିବା, ଇଏସ୍ଆଇ ଏବଂ କ୍ୟାସଲେସ ହେଲ୍ଥ ଇନସ୍ୟୁରାନ୍ସ ପଲିସି ପ୍ରୟୋଗ କରିବା ଏବଂ ହାଉସ ରେଣ୍ଟ ସହିତ ଲୟାଲିଟି ବୋନସ ପ୍ରଦାନ କରିବା।

# ଡାକ୍ତରଖାନାରେ ଅବ୍ୟବସ୍ଥା, ଆନ୍ଦୋଳନ ଚେତାବନୀ

ଚନ୍ଦ୍ରଗିରି,୧୪ା୯(ଡି.ଏନ୍.ଏ.)

ଚନ୍ଦ୍ରଗିରି ମେଡିକାଲରେ ବିଭିନ୍ନ ଅବ୍ୟବସ୍ଥା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବଣିକ ସଂଘ ସଭାପତି ଜନରଞ୍ଜନ ପଟ୍ଟନାୟକ ଏବଂ କିଛି ସଚେତନ ନାଗରିକ ମେଡିକାଲ ପରିଦର୍ଶନ କରିଛନ୍ତି। ବିଭିନ୍ନ ଅବ୍ୟବସ୍ଥା ଓ ରୋଗୀଙ୍କ ସମସ୍ୟା ବୁଲି ଦେଖିବା ସହ ଯଦି ଏଭଳି ସମସ୍ୟା ଲାଗିରହେ ଚନ୍ଦ୍ରଗିରି ବଣିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ ପରେ ଚଳିତମାସ ଶେଷ ରବିବାର ସୁଦ୍ଧା ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ମେଡିକାଲ ଇନ୍‌ଚାର୍ଜ ତଥା ପ୍ରସୂତି ବିଶେଷଜ୍ଞ ବାଲ୍‌ଗୋପାଲ ବେହେରାଙ୍କୁ ଯୋଗାଯୋଗ କରିବାରୁ ମେଡିକାଲ ସମସ୍ୟା ସୁଧାରିବାକୁ ଚେଷ୍ଟା ଜାରି ରହିଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ।

# ବିଦ୍ୟାଳୟ ପାଇଁ ସହାୟତା ଦେଲେ ପୁରାତନ ଛାତ୍ର



ପୁରାତନ ଛାତ୍ରମାନେ ଚେକ୍ ପ୍ରଦାନ କରୁଛନ୍ତି।

ଭଞ୍ଜନଗର,୧୪ା୯(ଡି.ଏନ.ଏ)

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ତଳେ ବସିବାକୁ ନାଁ ଅଭିଯାନ ଆରମ୍ଭ ହୋଇଛି। ‘ମୋ ସ୍କୁଲ’ ଯୋଜନା ମାଧ୍ୟମରେ ଜିଲାର ସମସ୍ତ ବିଦ୍ୟାଳୟରେ ଯେପରି ବିଦ୍ୟାର୍ଥୀମାନେ ତଳେ ନ ବସିବେ ସେଥିପାଇଁ ଜିଲା ପ୍ରଶାସନ ତତ୍ପରତା ଦେଖାଇଛି। ଏହି ଯୋଜନା ମାଧ୍ୟମରେ ପୁରାତନ ଛାତ୍ର, ଅଭିଭାବକ, ଶିକ୍ଷକ ତଥା ସର୍ବସାଧାରଣ ସାମିଲ ହୋଇ ନିଜନିଜ ବିଦ୍ୟାଳୟର ସର୍ବାଙ୍ଗିନ୍ନ ଉନ୍ନତି ପାଇଁ ଆଗଭର ହୋଇଛନ୍ତି। ଏହି ଯୋଜନାରେ ସଂଗୃହିତ ଅର୍ଥର ଦୁଇଗୁଣା ସରକାର ଯୋଗାଇ ଦେଇଥାନ୍ତି। ଭଞ୍ଜନଗରସ୍ଥିତ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ୧୯୯୫ ବ୍ୟାଚ ହାଇସ୍କୁଲ ଛାତ୍ରମାନେ ନିଜ ବିଦ୍ୟାଳୟର ବିକାଶ ପାଇଁ ୪୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଗୁରୁବାର ଗଣେଶ ପୂଜା ଅବସରରେ ଉକ୍ତ ବ୍ୟାଚ୍‌ର ପ୍ରତିନିଧି ଜିତେନ୍ ଷଡ଼ଙ୍ଗୀ, ଏ.ବିଶ୍ୱନାଥ ପାତ୍ର ଓ ହେମନ୍ତ ମହାପାତ୍ର ଚେକ୍ ମାଧ୍ୟମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଏହା ହସ୍ତାନ୍ତର କରିଛନ୍ତି। ଏକ ଲକ୍ଷ କୋଡ଼ିଏ ହଜାର ଟଙ୍କା ବ୍ୟୟରେ ତଳେ ବସିବାକୁ ନାଁ ପ୍ରକଳ୍ପ ପାଇଁ ପ୍ରସ୍ତାବ ରଖାଯାଇଛି।

ସେହିଭଳି ଏହାପୂର୍ବରୁ ବାହାଡ଼ାପଦର ହାଇସ୍କୁଲରେ ମଧ୍ୟ ତଳେ ବସିବାକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଓ ଏସ୍ .ଧନଞ୍ଜୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା, ସନ୍ତୋଷ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱର୍ଣ୍ଣିମ ଭାରତ ବସକୁ ସମ୍ବର୍ଦ୍ଧନା

ପୋଲସରା, ୧୪ା୯ (ଡି.ଏନ.ଏ.)

ପୋଲସରା ସହର ରାଣୀପଡ଼ାସ୍ଥିତ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓଁ ଶାନ୍ତି ଆଶ୍ରମରେ ଗୁରୁବାର ସ୍ୱର୍ଣ୍ଣିମ ଭାରତ ବସକୁ ସମ୍ବର୍ଦ୍ଧନା ଦେଇ ସ୍ୱାଗତ କରାଯାଇଥିଲା । ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପରେ ଆଶ୍ରମ ପକ୍ଷରୁ ଗୁରୁଭଉଣୀ ଓ ଭାଇମାନେ ସହର ଭ୍ରମଣ କରିବା ସହ ଅଖିଳ ଭାରତୀୟ ପ୍ରଦର୍ଶନୀ ବସ ମେରା ଭାରତ ସ୍ୱର୍ଣ୍ଣିମ ଭାରତ ଭ୍ରମଣ କରିଥିଲା। ବ୍ରହ୍ମକୁମାରୀସ୍ ମୁଖ୍ୟ କାର୍ଯ୍ୟାଳୟ ମାଉଣ୍ଟଆବୁରୁ ୧୨ ଅଗଷ୍ଟ ୨୦୧୭ରୁ ଭାରତ ପରିକ୍ରମା କରୁଥିବା ବସ ଗୁରୁବାର ପୋଲସରାରେ ପହଞ୍ଚିଥିଲା। ନଗର ଭ୍ରମଣ ପରେ ରାଣୀପଡ଼ାସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆଶୀର୍ବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଦିବାସୀ ଗ୍ରାମରେ ସଚେତନତା

ବୁଗୁଡ଼ା,୧୪ା୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ କିରିଆମ୍ବା ଆଦିବାସୀ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ପ୍ରବର୍ତ୍ତକ ନୃସିଂହ ଚରଣ ଦାଶ ଯୋଗଦେଇ ଶୌଚାଳୟ ନିର୍ମାଣ କରି ବ୍ୟବହାର କରିବାକୁ ଲୋକଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ପ୍ରସନ୍ନ ପଲାଇ, ୱାର୍ଡସଭ୍ୟ ବାସୁଦେବ ନାୟକ, ସ୍ୱଚ୍ଛତା ଗ୍ରାହୀ ଚଞ୍ଚଳା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମକୁ ସଫା ରଖିବା ସହ ଏହାକୁ ବାହ୍ୟ ମଳମୁକ୍ତ କରିବା ପାଇଁ ସଂକଳ୍ପ ନେଇଥିଲେ । ଏହି ଆଦିବାସୀ ଗ୍ରାମରେ ମୋଟ ପରିବାର ସଂଖ୍ୟା ୫୬ । ତେବେ ଗ୍ରାମକୁ ଯିବା ଆସିବା ପାଇଁ ରାସ୍ତା ବହୁତ ଖରାପ ଥିବାରୁ ପାଇଖାନା ତିଆରି ପାଇଁ ଆବଶ୍ୟକୀୟ ସାମଗ୍ରୀ ନେବାରେ ବହୁତ ଅସୁବିଧା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିପ୍ରତି ଦୃଷ୍ଟି ଦିଆଗଲେ ଗ୍ରାମଟି ବାହ୍ୟମଳମୁକ୍ତ ହୋଇପାରିବ ବୋଲି ଉପସ୍ଥିତ ଗ୍ରାମବାସୀ କହିଥିଲେ ।

- ପ୍ରଦୂଷଣ ରୋକିବାକୁ ଛାତ୍ରୀଛାତ୍ରଙ୍କ ପ୍ରୟାସ

# ସ୍ୱତନ୍ତ୍ର କୁଣ୍ଡରେ ହେବ ଗଣେଶ ମୂର୍ତ୍ତି ବିସର୍ଜନ

ବ୍ରହ୍ମପୁର ଅଫିସ୍,୧୪ା୯

ଗଣେଶ ପୂଜାରୁ ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଆଗାମୀ କିଛି ମାସ ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ପୂଜା ଚାଲିବ। ଗାଁରୁ ସହର ସବୁଠି ଆୟୋଜନ ହେବ ପୂଜା। ନିର୍ମାଣ ହେବ ମୂର୍ତ୍ତି ଓ ସୁଉଚ୍ଚ ତୋରଣ। ତେବେ ପାର୍ବଣର ଆଗମନ ଯେତିକି ଖୁସି ଆଣିଥାଏ, ପ୍ରଦୂଷଣ ମାତ୍ରା ତାହାଠାରୁ ବଳି ଯାଇଥାଏ। ଏହାକୁ ନେଇ ବିଭିନ୍ନ ସମୟରେ ପରିବେଶବିତ୍‌ମାନେ ଚିନ୍ତା ପ୍ରକାଶ କରିଛନ୍ତି । ବିଶ୍ୱରେ ପ୍ରଦୂଷଣର ସ୍ତର ବୃଦ୍ଧି ପାଉଥିବା ବେଳେ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି ଗଞ୍ଜାମ ଜିଲା ଭଞ୍ଜନଗର ଏବଂ ଜଗନ୍ନାଥପ୍ରସାଦର ବ୍ଲକର ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ । ଯାହାକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା ଚାଲିଛି ।

କିଛି ମାସ ହେଲା ଗଞ୍ଜାମ ଜିଲା ଗଣଶିକ୍ଷା ବିଭାଗ ପକ୍ଷରୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଜିରୋ ପିରିୟଡ଼ କାର୍ଯ୍ୟକାରୀ ହେଉଛି । ପିଲାମାନେ ଏହି ପିରିୟଡ଼ରେ ଇଚ୍ଛା ମୁତାବକ କାର୍ଯ୍ୟ କରନ୍ତି। ମୂର୍ତ୍ତି ନିର୍ମାଣ କରିବା, କାଗଜରେ ବିଭିନ୍ନ ପ୍ରକାର ଆକୃତି ବନାଇବା, ଚିତ୍ରାଙ୍କନ, ସଂଗୀତ ପରିବେଷଣ, ବାଦ୍ୟଯନ୍ତ୍ର ବଜାଇବା ସହ କବିତା ଲେଖିବା ଭଳି ନିଜ ରୁଚି ଅନୁଯାୟୀ କାର୍ଯ୍ୟ କରନ୍ତି ଛାତ୍ରୀଛାତ୍ର। ସୃଜନଶୀଳତା ଏବଂ ରଚନାତ୍ମକ(କ୍ରିଏଟିଭିଟି)ର ବୃଦ୍ଧି ଦିଗରେ ଏହି ଜିରୋ ପିରିୟଡ଼ ବେଶ୍ ସହାୟକ ହେଉଛି। ଏହାର ସୁଫଳ ଭଞ୍ଜନଗର ଏବଂ ଜଗନ୍ନାଥପ୍ରସାଦ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ଗଣେଶ ପୂଜାରେ ଦେଖିବାକୁ ମିଳିଛି । ଗଣେଶଙ୍କୁ ପୂଜା କଲେ ବିଦ୍ୟା, ବୁଦ୍ଧିପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ସାଧାରଣତଃ ବଜାରରୁ ଗଣେଶଙ୍କ ମୂର୍ତ୍ତି କିଣି ବିଦ୍ୟାଳୟରେ ପୂଜା କରାଯାଇଥାଏ । କିନ୍ତୁ ଚଳିତ ବର୍ଷ ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ବ୍ଲକରେ ଭିନ୍ନ ଏକ ପଦକ୍ଷେପ ନିଆଯାଇଥିଲା। ବଜାରରୁ ଗଣେଶଙ୍କ ମୂର୍ତ୍ତି କିଣା ନ ଯାଇ ଛାତ୍ରୀଛାତ୍ରମାନେ ନିର୍ମାଣ କରିଥିବା ମୂର୍ତ୍ତି ପୂଜା କରାଯାଇଛି। ଗଣେଶଙ୍କ ମୂର୍ତ୍ତି ଗଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ସେମାନେ ଦଳ ଗଠନ କରି ମାଟି ସଂଗ୍ରହ କରିଥିଲେ । ପୁଣି ଦଳ ଦଳ ହୋଇ ମୂର୍ତ୍ତି ଗଢ଼ିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କୁ ସହଯୋଗ କରିବା ସହ ମାର୍ଗଦର୍ଶନ ଦେଇଥିଲେ। ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇଥିଲା । ଗୁରୁବାର ଛାତ୍ରୀଛାତ୍ରମାନେ ସ୍ୱନିର୍ମିତ ମୂର୍ତ୍ତିକୁ ପୂଜା କରିଥିଲେ । ଭଞ୍ଜନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନଞ୍ଜୟ ରାଓ କହିଛନ୍ତି ଯେ, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସୃଜନଶୀଳତା ଏବଂ ରଚନାତ୍ମକ ପ୍ରତିଭାର ବିକାଶ ପାଇଁ ଏହି ପଦକ୍ଷେପ ନିଆଯାଇଛି । ଯାହାର ନାମ ୪ଜି(ଗୋ ଫର୍ ଗଣେଶ ଟୁ ମେକ୍ ଗ୍ରିନ୍ ଗଞ୍ଜାମ) ଦିଆଯାଇଛି। ପୂଜା ସରିବା ପରେ ମୂର୍ତ୍ତିକୁ କୌଣସି କେନାଲ୍ କିମ୍ବା ଜଳଉତ୍ସରେ ବିସର୍ଜନ କରାଯିବ ନାହିଁ । ବିଦ୍ୟାଳୟ ପରିସରରେ ଏକ କୁଣ୍ଡରେ ପାଣି ଭର୍ତ୍ତି କରି ସେଥିରେ ବିସର୍ଜନ କରାଯିବ। ପାଣି ଶୁଖିବା ପରେ କୁଣ୍ଡରେ ଯେଉଁ ମାଟି ରହିବ, ସେଥିରେ ଗଛ ଲଗାଯିବ। ଉକ୍ତ ଗଛକୁ ଦେଖିଲେ ପିଲାମାନେ ପରିବେଶ ପ୍ରତି ଥିବା ନିଜ ଦାୟିତ୍ୱକୁ ହୃଦୟଙ୍ଗମ କରିପାରିବେ।



ପ୍ରାକୃତିକ ରଙ୍ଗ ଦେଇ ପିଲାମାନେ ଗଢ଼ିଥିବା ଗଣେଶଙ୍କ ମୂର୍ତ୍ତି ।

# ବ୍ରାହ୍ମଣ ମହାସଂଘର ବୈଠକ

ଆସିକା,୧୪ା୯(ଡି.ଏନ୍.ଏ.)

ଆସିକା ବ୍ଲକ ନଳବଣ୍ଟାଠାରେ ବୁଧବାର ବ୍ରାହ୍ମଣ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରାହ୍ମଣ ମହାସଂଘ ଗଠନର ଆବଶ୍ୟକତା, ବ୍ରାହ୍ମଣମାନଙ୍କ ବର୍ତ୍ତମାନର ସ୍ଥିତି ଓ ଏହା ପରିବର୍ତ୍ତନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସାମ୍ପ୍ରତିକ ସ୍ଥିତିରେ ବ୍ରାହ୍ମଣମାନଙ୍କ ଅବସ୍ଥା ଦୁର୍ଦ୍ଦଶାଗ୍ରସ୍ତ ବୋଲି ଅଭିଯୋଗ କରାଯାଇଥିଲା। ଏହାର ପରିବର୍ତ୍ତନ ଲାଗି ବ୍ରାହ୍ମଣମାନେ ସଂଗଠିତ ହୋଇ ସେମାନଙ୍କ ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅଧିକାର ଲାଗି ଆଗେଇ ଆସିବା ଲାଗି ଆହ୍ୱାନ କରାଯାଇଥିଲା। ଅର୍ଥନୈତିକ ସ୍ଥିତି ଆଧାରରେ ସଂରକ୍ଷଣ, ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଯୋଗ୍ୟତାକୁ ଗୁରୁତ୍ୱ ଦେବା ନେଇ ବୈଠକରେ ଦୃଢ଼ ଦାବି କରାଯାଇଥିଲା। ନଳବଣ୍ଟା ରଘୁନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଉଦୟନାଥ ପାଢୀ ଅଧ୍ୟକ୍ଷତା କରିଥିଲେ। ଅରବିନ୍ଦ ପାଢୀ ବେଦପାଠ କରିଥିବାବେଳେ ମହାସଂଘର ସଂଯୋଜକ ସୁରେନ୍ଦ୍ରନାଥ ମିଶ୍ର, ସଭାପତି ଗଙ୍ଗାଧର ଶତପଥୀ, ବନମାଳି ସାମନ୍ତର, ନିରଞ୍ଜନ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହିଅବସରରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ କମିଟିରେ ଉଦୟନାଥ ପାଢୀ ସଭାପତି, ରଘୁନାଥ ଦାସ ସମ୍ପାଦକ ଭାବେ ଓ କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ଅରବିନ୍ଦ ପାଢୀ, ସନ୍ତୋଷ କୁମାର ପାଢୀ, ତାରିଣୀ ଦାସ, ପରିକ୍ଷୀତ ଦାସ, ଅରବିନ୍ଦ ପଣ୍ଡାଙ୍କୁ ସଭାରେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଅରବିନ୍ଦ ପାଢୀ ସଭା ପରିଚାଳନା କରିଥିବା ବେଳେ ଅରବିନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସଘନ ଆଖୁଚାଷ କ୍ଷେତ୍ର ଦିବସ ପାଳିତ

ବୁଗୁଡ଼ା,୧୪ା୯(ଡି.ଏନ.ଏ.)



ଉପସ୍ଥିତ ଅତିଥିବୃନ୍ଦ ।

ରାଜ୍ୟ ଯୋଜନା ଆନୁକୂଲ୍ୟରେ କୃଷି ବିଭାଗ ପକ୍ଷରୁ ବୁଗୁଡ଼ା ବ୍ଲକ କରସିଙ୍ଗିରେ ସଘନ ଆଖୁଚାଷ ସମ୍ବନ୍ଧୀୟ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲା କୃଷି ଅଧିକାରି ଅର୍ଜୁନ ବିଷୋୟୀ, କ୍ଷେତ୍ର ବିଶେଷଜ୍ଞ କୁମୁଦ ଚନ୍ଦ୍ର ପାଢ଼ୀ, ସହକାରୀ କୃଷି ଅଧିକାରୀ ନୀହାର ରଞ୍ଜନ ପୃଷ୍ଟି, ବାଲିପଦର ସହ କୃଷି ଅଧିକାରୀ ସ୍ୱାଗତିକା ପତି ଓ ହରିହର ସାହୁ ପ୍ରମୁଖ ଯୋଗଦେଇ ସଘନ ଆଖୁଚାଷ ପ୍ରଣାଳୀର ବିଶେଷତ୍ୱ ଏବଂ ଏହାଦ୍ୱାରା କିପରି ଆଖୁ ଚାଷରେ ଅଧିକ ଅମଳ କରିହେବ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସଫଳ ଚାଷୀ ନିଶାକର ପ୍ରଧାନଙ୍କ ଆଖୁକ୍ଷେତ୍ର ପରିଦର୍ଶନ କରାଯାଇଥିଲା। ଗ୍ରାମ୍ୟ କୃଷି କର୍ମଚାରୀ ଅଶୋକ କୁମାର ସେଠୀ ସହଯୋଗ କରିଥିଲେ।

# ଆଶାକର୍ମୀଙ୍କ ଦାବିପତ୍ର ପ୍ରଦାନ, ଆନ୍ଦୋଳନ ଧମକ

କୋଦଳା, ୧୪ା୯ (ଡି.ଏନ୍.ଏ.)




ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଆଶାକର୍ମୀମାନେ ।

କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସମସ୍ତ ଆଶା କର୍ମୀ ବିଭିନ୍ନ ଦାବିନେଇ ଗଞ୍ଜାମ ଜିଲା ମୁଖ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନିଖିଳ ଓଡ଼ିଶା ବେଗୁନିଆ ପଡ଼ା ବ୍ଲକ ସଂଘର ସଭାପତି ବବିତା ରାଉତ ଓ ସମ୍ପାଦକ ସୁଦେଷ୍ଣା ଖୁଣ୍ଟିଆଙ୍କ ନେତୃତ୍ୱରେ ଅଞ୍ଚଳର ୧୧୯ ଜଣ ଆଶାକର୍ମୀ ସ୍ଥାନୀୟ ଦଣ୍ଡୀଶ୍ୱରଙ୍କ ପୀଠରୁ ଏକ ଶୋଭାଯାତ୍ରା କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟିତ୍ୱରେ ଥିବା ଡାକ୍ତର ସୀମାଞ୍ଚଳ ଡାକୁଆଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ହେଲା ଗତ ଅଗଷ୍ଟ ମାସରେ କାର୍ଯ୍ୟରତ ଆଶାକର୍ମୀ ସମସ୍ତ ରିପୋର୍ଟ ପ୍ରଦାନ କରିବେ, ଏ ଯାଏ ତାଙ୍କର ପ୍ରାପ୍ୟ ପାଇନଥିବା, ଗତ ୩ ମାସରୁ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ସରକାର ୧୦ ହଜାର ଟଙ୍କା ଲେଖାଏ ଘୋଷଣା କରିଥିବାବେଳେ ତାହା ଏଯାଏ ନ ପାଇବା ଓ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ରହ୍ମପୁର ବଡ଼ ଡାକ୍ତର ଖାନାରେ କାର୍ଯ୍ୟରତ କର୍ମଚାରୀମାନେ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର ଦେଖାଉଥିବା ଅଭିଯୋଗ କରିଥିଲେ। ତେଣୁ ଏ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଧମକ ଦେଇଥିଲେ।

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୪ା୯:** ଖୋର୍ଦ୍ଧା ଟାଉନ ଥାନା ଜାଗୁଲେଇପାଟଣାରେ ଗୁରୁବାର ରାତିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ଦୁର୍ଗାମାଧବ ପ୍ରଧାନ(୨୮) ନାମକ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଦୁର୍ଗାମାଧବ ଖୋର୍ଦ୍ଧା ସବ ଜେଲକୁ ଯାଇଛନ୍ତି। ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଗୋଷ୍ଠୀ ସଂଘର୍ଷ ଘଟି ଉଭୟ ଦଳର ୧୦ଜଣ ଆହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଗାଁର ମହେନ୍ଦ୍ର ପାଲଟାସିଂଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୪୧, ୩୨୩, ୩୨୪, ୫୦୬, ୩୦୭, ୩୯୪, ୩୪ ଆଇପିସିରେ ନଂ. ୩୫୬/୧୮ରେ ୧୪ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଦୁର୍ଗାମାଧବ ଗିରଫ ହୋଇଛନ୍ତି। ତେବେ ଗୁନ ପ୍ରଧାନଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ ନଂ. ୩୫୭/୧୮ରେ ୧୭ ଜଣଙ୍କ ନାଁରେ ମାମଲା ରୁଜୁ କରିଛି।

### ଟାଙ୍ଗେଣୀ ପାହାଡରେ ସିରିଜ ବୋମାମାଡ
### ବର୍ତ୍ତିଗଲେ ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ଗ୍ରାମବାସୀ

**ଖୋର୍ଦ୍ଧା ଅଫିସ,୧୪ା୯:** ଖୋର୍ଦ୍ଧା ତହସିଲ ଟାଙ୍ଗେଣୀ ପାହାଡରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟାରେ ସିରିଜ ବୋମାମାଡ ହୋଇଛି। ଗ୍ରାମବାସୀଙ୍କ ଉପରକୁ ଫୋପଡା ଯାଇଥିବା ଏହି ବୋମାରେ କାଇପଦର ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୧୫ଜଣ ଅଳ୍ପକେ ରକ୍ଷା ପାଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଟାଙ୍ଗେଣୀ ପାହାଡରେ ବେଆଇନ ବିସ୍ଫୋରଣକୁ ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ଏ ନେଇ ଗ୍ରାମସଭାର ନିଷ୍ପତ୍ତି ମୁତାବକ ଗାଁଲୋକ ପାହାଡକୁ ସୁରକ୍ଷା ଦେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବିସ୍ଫୋରଣ କରାଯିବାର ପ୍ରସ୍ତୁତି ଚାଲିଥିଲା। ଖବରପାଇ ସରପଞ୍ଚ ରାଜଶ୍ରୀ ଚମ୍ପତିରାୟଙ୍କ ସ୍ୱାମୀ ସୁଧାଂଶୁଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଦଳ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ। ଏଭଳିସ୍ଥଳେ ମାଫିଆମାନେ ଗ୍ରାମବାସୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସିରିଜ ବୋମାମାଡ କରିଥିଲେ।

### ଆଶାକର୍ମୀଙ୍କ ଦାବିପତ୍ର ପ୍ରଦାନ

**କୁକୁଡ଼ାଖଣ୍ଡି,୧୪ା୯(ଡି.ଏନ.ଏ.):** କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨୦ ଜଣ ଆଶାକର୍ମୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ କେ. କ୍ରିଷ୍ଣା କୁମାରୀଙ୍କ ଆହ୍ୱାନକ୍ରମେ ଏକତ୍ରିତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡ.ମନମୋହନ ବିଶୋୟୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଡ୍ୟୁଟି ସମୟରେ ଷ୍ଟାଫ ନର୍ସ ଏବଂ ସିକ୍ୟୁରିଟିଗାର୍ଡ ଦୁର୍ବ୍ୟବହାର କରୁଛନ୍ତି, ଏନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ।

# ପୁରୀ ରେଳଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଆରମ୍ଭ

## ୧୨ ଯୋଡ଼ା ଏକ୍ସପ୍ରେସ ଓ ୪ ଯୋଡ଼ା ପାସେଞ୍ଜର ଟ୍ରେନ ବାତିଲ


ପୁରୀ ରେଳଷ୍ଟେଶନ୍‌ର ସମ୍ପ୍ରସାରଣ ନିମନ୍ତେ କାର୍ଯ୍ୟ ଆରମ୍ଭ।


ଯାତ୍ରୀଙ୍କୁ ମାଗଣାରେ ବସ୍‌ସେବାର ଶୁଭାରମ୍ଭ।

**ପୁରୀ ଅଫିସ, ୧୪ା୯**

ପୁରୀ ରେଳଷ୍ଟେଶନର ଆଧୁନିକୀକରଣ ଉଦ୍ଦେଶ୍ୟରେ ନବୀକରଣ ଓ ପୁନଃନିର୍ମାଣ କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ୟାର୍ଡସମ୍ପ୍ରସାରଣ ମଧ୍ୟ କରାଯାଉଛି। ୧୧ଦିନ ଧରି ଅର୍ଥାତ୍ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲିବ। ଅତ୍ୟାଧୁନିକ ମେଶିନ ସହାୟତାରେ ୟାର୍ଡକୁ ସମ୍ପ୍ରସାରଣ କରାଯାଉଛି। ରେଲୱେର ଦୁଇଜଣ ବରିଷ୍ଠ ଇଞ୍ଜିନିୟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯାଉଛି। ଏହି ଆଧୁନିକୀକରଣ ଫଳରେ ପୁରୀ ରେଳଷ୍ଟେଶନରେ ଟ୍ରେନ ରହଣି କ୍ଷମତା ବୃଦ୍ଧି ପାଇବ। ପୂର୍ବରୁ ୨୭ ଯୋଡ଼ା ଅର୍ଥାତ୍ ୫୪ଟି ଟ୍ରେନ ଦୈନନ୍ଦିନ ଚଳାଚଳ କରୁଥିବା ବେଳେ ୧୦ହଜାର ଯାତ୍ରୀ ଯାତାୟାତ କରିଥାନ୍ତି। ଷ୍ଟେଶନରେ ୮ଟି ପ୍ଲାଟଫର୍ମ ଏବଂ ୨୬ଟି ରେଳ ଟ୍ରାକ ରହିଛି। ଏହି ଆଧୁନିକୀକରଣ ଫଳରେ ଟ୍ରାକ ସଂଖ୍ୟା ବଢିବା ସହିତ ପ୍ଲାଟଫର୍ମର ଲମ୍ବା ମଧ୍ୟ ବଢିବ। ବିଶେଷ ଭାବେ ୭ ଏବଂ ୮ ନମ୍ବର ପ୍ଲାଟଫର୍ମରେ ଆଗରୁ ୧୮ରୁ ୨୨ଟି କୋଚ ରହିବାର ବ୍ୟବସ୍ଥା ଥିଲା। ଏହି ସମ୍ପ୍ରସାରଣ ଫଳରେ ୨୬ଟି କୋଚ ରହିପାରିବ। ଇଞ୍ଜିନଗୁଡିକୁ ସହଜରେ ଟ୍ରେନରେ ସଂଯୋଗ କରାଯାଇପାରିବ। ଯାହାଫଳରେ ସମୟ ଅପଚୟକୁ ରୋକାଯାଇପାରିବ। ପୂର୍ବରୁ ୪ଟି ପିଟ୍ ଲାଇନ ରହିଥିବା ବେଳେ ବର୍ତ୍ତମାନ ୫ ପିଟ୍ ଲାଇନ କରାଯିବ। ଯେଉଁଥିରେ ଟ୍ରେନଗୁଡିକ ଠିକ୍‌ଭାବେ ଶଣ୍ଟିଂ ହୋଇପାରିବ। ଶଣ୍ଟିଂ ନେକ୍ ନିର୍ମାଣ କରାଯିବ। ଏହାଦ୍ୱାରା ସିଦ୍ଧ ମହାବୀର ଲେଭଲ କ୍ରସିଂ ପର୍ଯ୍ୟନ୍ତ ଟ୍ରେନକୁ ନେବାକୁ ପଡିବ ନାହିଁ। ତେଣୁ ଆଉ ଅଧିକ ସମୟ ଲେଭଲ କ୍ରସିଂ ଗେଟ ପକାଇବାକୁ ପଡିବ ନାହିଁ। ଅତ୍ୟାଧୁନିକ ସିଗ୍ନାଲ କଣ୍ଟ୍ରୋଲ ବ୍ୟବସ୍ଥା କରାଯିବାର ଯୋଜନା ମଧ୍ୟ ରହିଛି। ଏହି ଆଧୁନିକୀକରଣ ବ୍ୟବସ୍ଥା ହେଲେ ଅଧିକ ୮ଟି ଟ୍ରେନ ପୁରୀ ରେଳଷ୍ଟେଶନରେ ରହିପାରିବ। ଆଧୁନିକୀକରଣ କାର୍ଯ୍ୟ ଲାଗି ୧୨ ଯୋଡ଼ା ଏକ୍ସପ୍ରେସ ଟ୍ରେନ ଓ ୪ ଯୋଡ଼ା ଲୋକାଲ ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇଛି। ସେହିପରି ୭ ଯୋଡ଼ା ଏକ୍ସପ୍ରେସ ଟ୍ରେନକୁ ଆଂଶିକ ବାତିଲ କରାଯାଇଛି। ଉକ୍ତ ଟ୍ରେନ ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଷ୍ଟେଶନରୁ ଛାଡିବ ବୋଲି ଜଣାପଡିଛି।

### ଆରମ୍ଭ ହେଲା ମାଗଣା ବସ୍ ସେବା

ପୁରୀ ରେଳଷ୍ଟେଶନର ମରାମତି କାର୍ଯ୍ୟ ଯୋଗୁ ଭୁବନେଶ୍ୱର-ପୁରୀ ଏବଂ ଖୋର୍ଦ୍ଧା-ପୁରୀ ରେଳସେବା ଏକରକମ ବ୍ୟାହତ ହୋଇଛି। ପୂର୍ବତଟ ରେଳପଥ ପକ୍ଷରୁ ରେଳଯାତ୍ରୀଙ୍କ ସୁବିଧା ପାଇଁ ମାଗଣା ବସ ସେବା ବ୍ୟବସ୍ଥା କରାଯାଇଛି। ପୁରୀ ରେଳଷ୍ଟେଶନରୁ ଭୁବନେଶ୍ୱର ରେଳଷ୍ଟେଶନ ମଧ୍ୟରେ ୮ଟି ବସ ଏବଂ ପୁରୀ ଷ୍ଟେଶନରୁ ଖୋର୍ଦ୍ଧା ରୋଡ ୨ଟି ବସ ଚଳାଚଳ ଆରମ୍ଭ କରିଛି। ଏହି ମାଗଣା ସେବା ୨୫ତାରିଖ ଯାଏ ଚାଲିବ। ପୁରୀ-ହାଓଡା-ପୁରୀ ଧଉଳି ଏକ୍ସପ୍ରେସ, ପୁରୀ-ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ, ପୁରୀ-ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ, ପୁରୀ-ତିରୁପତି-ପୁରୀ ଏକ୍ସପ୍ରେସ ଯାତ୍ରୀଙ୍କ ଲାଗି ଏହି ବସ ସେବା ଉଦ୍ଦିଷ୍ଟ ରହିଛି। ପୁରୀ ରେଳଷ୍ଟେଶନରେ ଯାତ୍ରୀଙ୍କ ପାଇଁ ସହାୟତା କେନ୍ଦ୍ର ମଧ୍ୟ ଖୋଲାଯାଇଛି।

### ଶ୍ରୀମନ୍ଦିରରେ ଦାହଲୀଳା
### ଅଗ୍ନିଙ୍କୁ ଶାନ୍ତ କରି ଗାଇପଲଙ୍କୁ ଉଦ୍ଧାର କଲେ ଶ୍ରୀକୃଷ୍ଣ

**ପୁରୀ ଅଫିସ,୧୪ା୯**

ଶୁକ୍ରବାର ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ବଢିବା ପରେ ଦକ୍ଷିଣୀ ଘରୁ ମଦନମୋହନ ବିଜେ ହୋଇ ଆଜ୍ଞାମାଳ ପାଇ ନାଟପା ମଣ୍ଡପ ଖଟ ଉପରେ ବିଜେ ହୋଇଥିଲେ। ସେଠାରେ ଦାହଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ବାହୁଡ଼ା ବିଜେ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପାଳ ବାଳକମାନଙ୍କ ସହିତ ଗୋଚାରଣ କରୁଥିବା ବେଳେ ଏକଦା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହୋଇଥିଲା। ଏହି ସମୟରେ ଗାଇପଲ ନିକଟରେ ଥିବା ସର (ଏକ ପ୍ରକାର ଗୁଳ୍ମ) ବନ ମଧ୍ୟକୁ ପ୍ରବେଶ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହିତ ଗାଇପଲଙ୍କୁ ଆଣିବାକୁ ଯିବା ସମୟରେ ହଠାତ୍ ପ୍ରଚଣ୍ଡ ବେଗରେ ବନରେ ନିଆଁ ଲାଗି ଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ, ସେ ସମୟରେ ଗାଇପଲଙ୍କୁ ଉଦ୍ଧାର କରିବା ଅସମ୍ଭବ ହୋଇପଡିଥିଲା। ଗୋପାଳ ପିଲାମାନେ ଗାଇପଲଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀକୃଷ୍ଣ କହିଲେ ତୁମ୍ଭେମାନେ ଆଖି ବନ୍ଦ କର, ମୁଁ ଅଗ୍ନିଜ୍ୱାଳାକୁ ଶାନ୍ତ କରିଦେବି। ଗୋପାଳ ବାଳକମାନେ ଆଖି ବନ୍ଦ କରିବା ପରେ ଶ୍ରୀକୃଷ୍ଣ ସମସ୍ତ ଅଗ୍ନିଙ୍କୁ ଶାନ୍ତ କରିଦେଇଥିଲେ। ଏହାକୁ ଦାହଲୀଳା କୁହାଯାଏ।

## ପଲିଥିନ୍ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

**ଆସିକା,୧୪ା୯(ଡି.ଏନ୍.ଏ.)**

ଆସିକା ଜେସିସ୍ ପକ୍ଷରୁ ଶୁକ୍ରବାର ପଲିଥିନ୍ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ଲବର ସଦସ୍ୟମାନଙ୍କ ଏକ ସାଇକେଲ ରାଲି ସହର ପରିକ୍ରମା କରି ପଲିଥିନ ବ୍ୟବହାରର ଭୟାବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଆସିକା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ଆସିକା ବସଷ୍ଟାଣ୍ଡ ଠାରେ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପଲିଥିନ୍‌ର କୁପ୍ରଭାବରେ ଜଳବାୟୁ ପ୍ରଦୂଷିତ ହେବା ସହ ପରିବେଶ ଉପରେ କୁପ୍ରଭାବ ପଡୁଥିବାରୁ ଏହାକୁ ବର୍ଜନ କରିବା ଲାଗି ସଦସ୍ୟମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କ୍ଲବର ସଭାପତି ରାଜା ପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ଅନିଲ କୁମାର ପୃଷ୍ଟି, ସୁନିଲ କୁମାର ପାତ୍ର, କିରଣ ପାଢୀ, ଉମେଶ ପାତ୍ର, କିରଣ କୁମାର ପାତ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।



ପଲିଥିନ ମୁକ୍ତ ଅଭିଯାନକୁ ଥାନାଧିକାରୀ ଉଦ୍‌ଘାଟନ କରୁଛନ୍ତି।

### ରାସ୍ତା ନିର୍ମାଣକୁ ବିରୋଧ କରି ୮ ଗିରଫ

**ଖୋର୍ଦ୍ଧା ଅଫିସ,୧୪ା୯**

ସାରୁଅ ଶିଳ୍ପାଞ୍ଚଳରୁ ଜୟମଙ୍ଗଳ ଶିଳ୍ପାଞ୍ଚଳକୁ ନିର୍ମାଣ ହେବାକୁ ଥିବା ରାସ୍ତା କାର୍ଯ୍ୟକୁ ବିରୋଧ କରି ସାରୁଅ ଗାଁର ୮ଜଣ ଗିରଫ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଜୟମଙ୍ଗଳ ଗ୍ରାମବାସୀ ସରକାରୀ ଜମିକୁ ଶିଳ୍ପାଞ୍ଚଳ ରାସ୍ତା କାର୍ଯ୍ୟରେ ବ୍ୟବହାର କରିବାକୁ ବିରୋଧ କରୁଛନ୍ତି। ତେବେ ପୋଲିସ ଉପସ୍ଥିତିରେ ଶୁକ୍ରବାର ରାସ୍ତା ନିର୍ମାଣ ହେବାକୁ ଜମି ଚିହ୍ନଟ ହୋଇଥିଲା। ଗ୍ରାମବାସୀ ବିରୋଧ କରିବାରୁ ଜୟମଙ୍ଗଳ ଗାଁର ବାଇନ ମହାପାତ୍ର, ଲକ୍ଷ୍ମଣ ବଡଜେନା, ରାଜା ହରିଚନ୍ଦନ, ବିଜୟ ଜେନା, ରମେଶ ହରିଚନ୍ଦନ, ଗଙ୍ଗାଧର ବରାଳ, ବ୍ରଜ ମହାପାତ୍ର, ରଣଜିତ କର ପ୍ରମୁଖ ଗିରଫ ହୋଇଛନ୍ତି। ଏହି ଘଟଣାରେ ଇଫ୍‌କୋ ପକ୍ଷରୁ ଅଭିଯୋଗ ହେବା ପରେ ଦଫା ୩୯୪, ୩୫୩, ୫୦୬, ୩୪ ଆଇପିସିରେ ନଂ. ୩୫୮/୧୮ରେ ୧୪ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

## ଏଏସ୍‌ଆଇ କାର୍ଯ୍ୟାଳୟ ଆଗରେ ଧାରଣା

**ପୁରୀ ଅଫିସ, ୧୪ା୯**



ଶ୍ରୀମନ୍ଦିର ମରାମତି କାମରେ ନିୟୋଜିତ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ।

ଶ୍ରୀମନ୍ଦିର ମରାମତି କାମରେ ନିୟୋଜିତ ଶ୍ରମିକମାନେ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସ୍ଥାୟୀ ନିଯୁକ୍ତି ଏବଂ ସେମାନଙ୍କୁ ଏଏସ୍‌ଆଇ କାର୍ଯ୍ୟରେ ନିୟୋଜିତ କରୁ ବୋଲି ଦାବି କରି ଶ୍ରମିକମାନେ ସ୍ଥାନୀୟ ଏଏସ୍‌ଆଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ଏଏସ୍‌ଆଇ କର୍ମଚାରୀ ଓ ଶ୍ରମିକ ସଂଘ ପୁରୀ ଉପମଣ୍ଡଳ ଉପସଭାପତି ସନ୍ତୋଷ ପଟ୍ଟନାୟକ କହିଛନ୍ତି ଯେ, ଏଏସ୍‌ଆଇ ଅଧୀନରେ ଶ୍ରମିକମାନେ ୧୦ରୁ ୧୫ ବର୍ଷ ହେଲା କାମ କରିଆସୁଛନ୍ତି। କିନ୍ତୁ ବିନା କାରଣରେ ଏବଂ ନୋଟିସ ନ ଦେଇ ଗତ ୧ ତାରିଖରୁ ଶ୍ରମିକଙ୍କୁ ଛଟେଇ କରାଯାଇଛି। ଶ୍ରୀମନ୍ଦିରର ମରାମତି ଓ ରକ୍ଷଣାବେକ୍ଷଣ ଠିକା ସଂସ୍ଥା ଦ୍ୱାରା ସମ୍ପାଦନ କରିବା ଏବଂ ଏହି ସଂସ୍ଥା ଅଧୀନରେ କାମ କରିବାକୁ ଶ୍ରମିକମାନଙ୍କୁ ଏଏସ୍‌ଆଇ ବାଧ୍ୟ କରୁଛି। ଆଉଟ୍‌ସୋର୍ସିଂ ଆଳ ଦେଖାଇ ଶ୍ରୀମନ୍ଦିର ମରାମତି କାମରେ ନିୟୋଜିତ ପ୍ରାୟ ୩୮ ଜଣଙ୍କୁ ଛଟେଇ କରାଯାଇଛି। ଗତ ଅଗଷ୍ଟ ୪ରେ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁବାସ ନାୟକ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ସାକ୍ଷାତ କରି ଏ ବିଷୟରେ ଅବଗତ କରାଇଥିଲେ। ଏହାର ସ୍ଥାୟୀ ପ୍ରତିକାର କରିବା ଲାଗି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ କେତେଜଣ ଅଫିସର କେତେଜଣ ଠିକାଦାରଙ୍କ ସହ ମିଶି ଏହାକୁ ଘରୋଇକରଣ କରିବା ପାଇଁ ମସୁଧା ଚଳାଇଛନ୍ତି, ଯେଉଁଥିପାଇଁ ଆମ୍ଭମାନଙ୍କ ଜୀବିକା ବିପଦକୁ ଠେଲି ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଦୀର୍ଘ ୧୫ ବର୍ଷ ଧରି କାମ କରୁଥିବା ଅସ୍ଥାୟୀ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ଠିକା ସଂସ୍ଥା ବଦଳରେ ଶ୍ରମିକଙ୍କୁ ଏଏସ୍‌ଆଇ ପୂର୍ବଭଳି କାମରେ ନିୟୋଜିତ କରିବାକୁ ପଟ୍ଟନାୟକ ଦାବି କରିଛନ୍ତି।

## ମହାଲକ୍ଷ୍ମୀ ପାଳିଲେ ଋଷି ପଞ୍ଚମୀ ବ୍ରତ

**ପୁରୀ ଅଫିସ, ୧୪ା୯**

ଶୁକ୍ରବାର ଭାଦ୍ରବ ଶୁକ୍ଳ ପଞ୍ଚମୀ ତଥା ଋଷି ପଞ୍ଚମୀ। ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷି ପଞ୍ଚମୀ ବ୍ରତ ପାଳନ କରିଛନ୍ତି। ସକାଳ ଧୂପ ବଢିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚଠାରେ ଥିବା ପାଲଙ୍କିରେ ବିଜେ ହୋଇଥିଲେ। ବିମାନ ବଡୁମାନେ ତାଙ୍କୁ ପାଲଙ୍କିରେ ନେଇ ମାର୍କଣ୍ଡଙ୍କ ଭିତର ଗମ୍ଭୀରାରେ ବିଜେ କରାଇଥିଲେ। ସେଠାରେ ମାଜଣା, ବନକଲାଗି ସରିବା ପରେ ପୂଜାପଣ୍ଡାମାନେ ଋଷି ପଞ୍ଚମୀ ବ୍ରତ କଥା ପାଠ କରିଥିଲେ। ଏହାପରେ ଶୀତଳ ଭୋଗ ବନ୍ଦାପନା ବଢି ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ଏ ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ରଜସ୍ୱଳା ସମୟରେ ନାରୀମାନେ ସ୍ୱତନ୍ତ୍ର ନିୟମରେ ରହିଥାନ୍ତି। କିନ୍ତୁ ଏହି ସମୟରେ ଅଜ୍ଞାତରେ ହୋଇଥିବା ଦୋଷରୁ ମୁକ୍ତି ଲାଗି ସପ୍ତଋଷିଙ୍କୁ ଆରାଧନା କରିବାର ପରମ୍ପରା ରହିଛି। ତାହାକୁ ଋଷି ପଞ୍ଚମୀ ବ୍ରତ କୁହାଯାଏ। ସେହି ପରମ୍ପରା ଆଧାରରେ ମହାଲକ୍ଷ୍ମୀ ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷି ପଞ୍ଚମୀ ବ୍ରତ ପାଳନ କରିଥାନ୍ତି। ଏହି ଦିନ ସ୍ୱୟଂ ମହାଲକ୍ଷ୍ମୀ ଠାକୁରାଣୀ ମାନବୀୟ ଲୀଳାକ୍ରମେ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି।


ଋଷି ପଞ୍ଚମୀ ବ୍ରତ ପାଳନ କରି ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରୁଛନ୍ତି।

## ■ ନାବାଳକ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ଲାଞ୍ଚ ପାଇଁ ୧୨ଘଣ୍ଟା ପଡ଼ିରହିଲା ମୃତଦେହ

**ବେଗୁନିଆ,୧୪ା୯ (ଡି.ଏନ.ଏ.)**


ପୋଲିସ ଗାଡିକୁ ଭାଙ୍ଗି ଦେଇଥିବାର ଦୃଶ୍ୟ।


ଟାୟାର ଜାଳି ଡାଳତୋଳା-ପରିଛଳ ରାସ୍ତାରୋକୋ।

- ■ବାପା ଆଣିଲେ ହତ୍ୟା ଅଭିଯୋଗ
- ■ପୋଲିସ ନାଁରେ ଲାଞ୍ଚ ମାଗିବା ଅଭିଯୋଗ
- ■ସବ୍‌ଇନ୍ସପେକ୍ଟରଙ୍କୁ ଅଟକ ରଖି ମାଡ଼, ଜିପ୍ ଭଙ୍ଗାରୁଜା
- ■ଟାୟାର ଜାଳି ରାସ୍ତାରୋକୋ

ପୋଲିସ ଲାଞ୍ଚ ପାଇଁ ନିଜର ମାନବିକତାକୁ ଜଳାଞ୍ଜଳି ଦେବାକୁ ପଛାଉ ନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ। ଥାନା ଅଞ୍ଚଳ ପରିଛଳ ଗ୍ରାମରୁ ଜଣେ ନାବାଳକ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ଶୁକ୍ରବାର ପୋଲିସ ଲାଞ୍ଚ ପାଇଁ ୧୨ ଘଣ୍ଟା ପକାଇ ରଖିବା ପରେ ଉଦ୍ଧାର କରିଛି। ନାବାଳକଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଯାହା ଜଣାପଡୁଛି ତାଙ୍କୁ ହତ୍ୟା କରାଯାଇ ଝୁଲାଇ ଦିଆଯାଇଛି। ମୃତ ନାବାଳକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାବେଳେ ତାଙ୍କ ଗୋଡ ତଳେ ଲାଗିଥିଲା। ଜମିବାଡି ମାମଲାକୁ ନେଇ ପୂର୍ବରୁ ଶତ୍ରୁତା ଥିବା ଲୋକେ ମୋ ପୁଅକୁ ମାରି ଦେଇଛନ୍ତି ବୋଲି ନାବାଳକଙ୍କ ବାପା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ ତାହାକୁ ଗୁରୁତର ଭାବେ ଗ୍ରହଣ କରି ନ ଥିଲା। ଯଦି ଏହି ଘଟଣାକୁ ପୋଲିସ ପ୍ରାଧାନ୍ୟ ଦେବ ତାହା ହେଲେ ୧୫ ହଜାର ଟଙ୍କା ଲାଞ୍ଚ ଦେବାକୁ ପଡିବ ବୋଲି ମୃତକଙ୍କ ମାଆଙ୍କୁ ଲାଞ୍ଚ ମଗାଯାଇଥିଲା। ଲାଞ୍ଚ କାରବାର ଲୋକଲୋଚନକୁ ଆସିଥିଲା। ଫଳରେ ଘଟଣାସ୍ଥଳରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏପରି କି ଉତ୍ତେଜିତ ଲୋକେ ଘଟଣାସ୍ଥଳରେ ପୋଲିସକୁ ଠେଲାପେଲା, ଗାଡି ଭଙ୍ଗାରୁଜା କରିବା ସହ ସବ୍‌ଇନ୍ସପେକ୍ଟରଙ୍କୁ ଅଟକ ରଖିଥିଲେ। ଏଥିସହ ପରିଛଳରୁ ଭାୟା ଡାଳତୋଳା ଦେଇ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ଆରଡି ରାସ୍ତାକୁ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏପରି କି ଭିଡିଓ ରେକର୍ଡିଂ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଉ, ସାଇଣ୍ଟିଫିକ୍ ଟିମ ଦ୍ୱାରା ଘଟଣାର ତଦନ୍ତ କରାଯାଉ, ପ୍ରକୃତ ଦୋଷୀକୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ, ଲାଞ୍ଚ ମାଗୁଥିବା ସବଇନ୍ସପେକ୍ଟରଙ୍କୁ ତୁରନ୍ତ ନିଲମ୍ବନ କରାଯାଉ ଆଦି ବିଭିନ୍ନ ଦାବି ଗ୍ରାମବାସୀ କରିଥିଲେ। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିବା ସହ ଅଟକ ସବ୍‌ଇନ୍ସପେକ୍ଟରଙ୍କୁ ଉଦ୍ଧାର କରିବାକୁ ଘଟଣାସ୍ଥଳରେ ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ କିଶୋର ଦାସ ଏବଂ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପହଞ୍ଚିଥିଲେ। ସେମାନେ ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ସମସ୍ତ ଦାବିକୁ ଆଇନତଃ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ପ୍ରକାଶଥାଉ କି ପରିଛଳ ଗ୍ରାମର ସାରଙ୍ଗଧର ସାହୁଙ୍କ ପରିବାର ଲୋକେ ଭୁବନେଶ୍ୱରରେ ରହି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ମାତ୍ର ତାଙ୍କ ପୁଅ ସରୋଜ(୧୬) ଗଣେଶ ପୂଜା ପାଳନ କରିବାକୁ ନିଜ ଗ୍ରାମକୁ ବୁଧବାରଠାରୁ ଆସିଥିଲେ। ମାତ୍ର ଗୁରୁବାର ସାଙ୍ଗମାନଙ୍କ ସହିତ ପୂଜା ପାଳନ କରିଥିଲେ। ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ସେ ଘରକୁ ଆସି ତାଙ୍କ ଖୁଡୀଙ୍କ ଘରେ ଖାଇ ପିଇ ପୁଣି ପୂଜା ପେଣ୍ଡାଲ ଆଡକୁ ଯାଇଥିଲେ। ମାତ୍ର ଶୁକ୍ରବାର ଭୋରରୁ ସରୋଜ ତାଙ୍କ ବାସଗୃହ ପରିସରରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ମାତ୍ର ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ପରେ ଲାଞ୍ଚ ମନବୃତ୍ତି ନେଇ ଦିନତମାମ ଥରକୁଥର ପୋଲିସ ଯାଇ ଘଟଣାସ୍ଥଳରେ ପଇଁତରା ମାରି ଫେରି ଆସୁଥିଲା। ହେଲେ ଝୁଲନ୍ତା ଶବକୁ କାଢି ନ ଥିଲା। ପୋଲିସ ନିଜର ମାନବିକତା ହଜାଇ ଦେଇଥିଲା। ଲାଞ୍ଚ ନେବ ବୋଲି ପୋଲିସ ସୁଯୋଗ ଖୋଜୁଥିଲା। ପ୍ରାୟ ୧୨ ଘଣ୍ଟା ପରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଉଥିଲା। ଡାଳତୋଳା ଓ ପରିଛଳ ରାସ୍ତାର ନିଛାଟିଆ ସ୍ଥାନରେ ଶବ ନେଇ ଯାଉଥିବା ଗାଡିରେ ମୃତ ସରୋଜଙ୍କ ମାଆ ବିଦ୍ୟୁଲତାଙ୍କୁ ୧୫ ହଜାର ଟଙ୍କା ସବ୍‌ଇନ୍ସପେକ୍ଟର ଲାଞ୍ଚ ମାଗିଥିଲେ। ହେଲେ ବିଦ୍ୟୁଲତା ଗ୍ରାମର ଲୋକଙ୍କୁ ଫୋନ ଯୋଗେ ଏହା ଜଣାଇଥିଲେ। ଘଟଣାସ୍ଥଳରେ ଲୋକେ ପହଞ୍ଚି ତଦନ୍ତ କରୁଥିବା ସବଇନ୍ସପେକ୍ଟରଙ୍କୁ ପଚରାଉଚୁରା କରିବା ସହ ଠେଲାପେଲା, ଗାଡି ଭଙ୍ଗାରୁଜା ଆଦି କରିଥିଲେ। ସୂଚନାଥାଉ କି ସରୋଜ ବୋଲଗଡ ବ୍ଲକ ଅଧୀନ ଦେଉଳୀ ମହାବିଦ୍ୟାଳୟରେ ଯୁକ୍ତ ୨ର ପ୍ରଥମବର୍ଷର ଛାତ୍ର ଥିଲେ।